# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୨/୨୦୨୨ (୧୮ ପୃଷ୍ଠା) | Bhubaneswar, Tuesday, March 22/2022 | Page 18 | ₹ 7.00 | ★★★★★★

୪୮ଶ ଭାଗ ୧୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



ବିଜୁ ଜନତା ଦଳ

## ସହରର ଉନ୍ନତି
## ଶଙ୍ଖ ଚିହ୍ନରେ ସମ୍ମତି

**ଜାଗା ମିଶନ**
ଭାରତବର୍ଷରେ ପ୍ରଥମ ରାଜ୍ୟ ଭାବେ
ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ

**ମିଶନ ଶକ୍ତି**
୭୦ ଲକ୍ଷ ସଶକ୍ତ ମହିଳା

**କୋଭିଡ୍-୧୯ର ପରିଚାଳନା**
ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପ୍ରଶଂସିତ

ବିଜୁ ଜନତା ଦଳ

ବିଜେଡି ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ 'ଶଙ୍ଖ' ଚିହ୍ନରେ
ଭୋଟ ଦେଇ ଜୟଯୁକ୍ତ କରାନ୍ତୁ ।

ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ବଳ



*Courtesy: Shri Pranab Prakash Das, Organisational Secretary, Biju Janata Dal, Odisha*

ଧରିତ୍ରୀ | OrissaPOST

# BUSINESS EMINENCE AWARDS

2nd April, 2022

Venue: Swosti Premium, Bhubaneswar

Main Sponsors : vedanta transforming for good, MGM MINERALS LTD.

Associate Sponsors : AM/NS INDIA, JSW, MCL

Co-sponsors : PPL Paradeep Phosphates Limited, imfa 60 years, ADITYA BIRLA UTKAL ALUMINA, SNM

TEAM Outdoor Partner

# ପ୍ରସ୍ତୁତି ଶେଷ: ନିୟୋଜିତ ହେବେ ୨୨ ହଜାର ପୋଲିଂ କର୍ମଚାରୀ

■ ୬୧ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ
■ ମଇଦାନରେ ୫୬୯ ମେୟର/ଅଧ୍ୟକ୍ଷ, ୫୮୪୨ କର୍ପୋରେଟର/କାଉନସିଲର ପ୍ରାର୍ଥୀ

ଭୁବନେଶ୍ୱର,୨୧ା୩(ବ୍ୟୁରୋ)

ଆସନ୍ତା ୨୪ ତାରିଖରେ ୧୦୬ ପୌରସଂସ୍ଥା ଓ ୩ ମହାନଗର ନିଗମରେ ନିର୍ବାଚନ ଅନୁଷ୍ଠିତ ହେବ। ସକାଳ ୮ଟାରୁ ଅପରାହ୍ନ ୫ଟା ମଧ୍ୟରେ ଭୋଟଗ୍ରହଣ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ସୋମବାର ଖବରଦାତା ସମ୍ମିଳନୀରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। କମିଶନର କହିଛନ୍ତି, ନିର୍ବାଚନକୁ ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ୧୯୫ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଭୁବନେଶ୍ୱର ମହାନଗର ନିଗମ ପାଇଁ ୩୦ ପ୍ଲାଟୁନ୍ ଫୋର୍ସ, କଟକ ମହାନଗର ନିଗମ ପାଇଁ ୨୦ ପ୍ଲାଟୁନ୍ ଫୋର୍ସ ଓ ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନ ପାଇଁ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଏହାଛଡ଼ା ୩୦୦ ମୋବାଇଲ ପାର୍ଟି ରହିବେ। ସେଥିମଧ୍ୟରୁ ୧୦୯ ମୋବାଇଲ ପାର୍ଟି ୩ଟି ମହାନଗର ନିଗମ ପାଇଁ ନିୟୋଜିତ ହେବେ। ପ୍ରତି ବୁଥ୍‌ରେ ଜଣେ ଲେଖାଏ ହାବିଲଦାର କିମ୍ବା କନଷ୍ଟେବଲ କିମ୍ବା ସଶସ୍ତ୍ର ପୋଲିସ ମୁତୟନ ରହିବେ। ଅତି ସମ୍ବେଦନଶୀଳ ବୁଥ୍‌ରେ ଜଣେ ହାବିଲଦାର କିମ୍ବା କନଷ୍ଟେବଲ ସହ ଆଉ ଜଣେ ସଶସ୍ତ୍ର ପୋଲିସ ରହିବେ। ନିର୍ବାଚନ ହେଉଥିବା ପ୍ରତ୍ୟେକ ପୌରାଞ୍ଚଳ ଥାନାରେ ଗୋଟିଏ କିମ୍ବା ଦୁଇଟି ଷ୍ଟ୍ରାଇକିଂ ଫୋର୍ସ ରହିବେ। ଏହାଛଡ଼ା ପ୍ରତି ଜିଲା ସଦରମହକୁମାରେ ଗୋଟିଏ କିମ୍ବା ଦୁଇ ପ୍ଲାଟୁନ୍ ଫୋର୍ସ ଜରୁରୀ ପରିସ୍ଥିତି ପାଇଁ ନିୟୋଜିତ ହେବେ। ଏହି ନିର୍ବାଚନରେ ମେୟର ଓ ଅଧ୍ୟକ୍ଷ ପଦବୀ ପାଇଁ ୫୬୯, କର୍ପୋରେଟର ଓ କାଉନସିଲର ପଦବୀ ପାଇଁ ୫,୮୪୨ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମ୍ୟୁନିସିପାଲିଟି ଓ ଏନ୍‌ଏସିର ୧୬୭୨ ୱାର୍ଡ ଓ ୩ କର୍ପୋରେଶନର ୧୬୫ ୱାର୍ଡରେ ନିର୍ବାଚନ ହେବ। କଟକ ମହାନଗର ନିଗମ ଏବଂ ବାରିପଦା ମ୍ୟୁନିସିପାଲିଟିରେ ଅଧ୍ୟକ୍ଷ ପଦ ପାଇଁ ମୋଟ ୧୬ ଜଣ ପ୍ରାର୍ଥୀ ଥିବା ବେଳେ କୋରାପୁଟ ଜିଲା ଜୟପୁର ମ୍ୟୁନିସିପାଲିଟିରେ ଅଧ୍ୟକ୍ଷ ପଦବୀ ପାଇଁ ମୋଟ ୧୮ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମ୍ୟୁନିସିପାଲିଟି ଓ ଏନ୍‌ଏସିର ୨,୯୮୯ ବୁଥ୍ ଏବଂ ୩ଟି କର୍ପୋରେଶନର ୧୩୮୪ ବୁଥ୍‌ରେ ୪୦ ଲକ୍ଷ ୫୫ ହଜାର ଭୋଟରଙ୍କ ପାଇଁ ମତଦାନ ବ୍ୟବସ୍ଥା କରାଯାଇଛି। ଭୋଟ ଗ୍ରହଣ ପାଇଁ ମୋଟ ୨୨ ହଜାର ପୋଲିଂ କର୍ମଚାରୀ ରହିବେ। ମାର୍ଚ୍ଚ ୨୨ ଅପରାହ୍ନ ୫ଟା ସୁଦ୍ଧା ପ୍ରଚାର କାର୍ଯ୍ୟ ସରିବ। ୨୩ ଅପରାହ୍ନ ସୁଦ୍ଧା ସବୁ ପୋଲିଂ ଷ୍ଟାଫ୍ ନିଜ ନିଜ ବୁଥ୍‌ରେ ପହଞ୍ଚିବେ। ୨୪ ତାରିଖରେ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ନିର୍ଦ୍ଦିଷ୍ଟ ମତଦାନ କେନ୍ଦ୍ରରେ ସମସ୍ତ ପୌର ଭୋଟର ୨୪ ତାରିଖ ସକାଳ ୮ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ନିଜ ମତାଧିକାର ସାବ୍ୟସ୍ତ କରିବାକୁ ମତଦାତାଙ୍କୁ ନିର୍ବାଚନ କମିଶନର ଅନୁରୋଧ କରିଛନ୍ତି। ଏଥିସହ ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନର ୩ଟି ୱାର୍ଡ ସମେତ ଅନ୍ୟ ମ୍ୟୁନିସିପାଲ କର୍ପୋରେଶନର ୫୮ଟି ୱାର୍ଡରେ ମନୋନୟନ ଦାଖଲ କରିଥିବା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି, କାମାକ୍ଷାନଗର ଏନ୍‌ଏସି ଓ ପୁରୁଷୋତ୍ତମପୁର ଏନ୍‌ଏସିର ଗୋଟିଏ ଲେଖାଏ ୱାର୍ଡରେ କେହି ପ୍ରାର୍ଥୀପତ୍ର ଦାଖଲ କରିନାହାନ୍ତି। ୨୬ ତାରିଖ ସକାଳ ୮ଟାରୁ ଭୋଟ ଗଣତି ଚାଲିବ।



















# ୪ ନମ୍ବର ୱାର୍ଡର ବିକାଶ ପ୍ରାଥମିକତା ରହିବ: ସୁଶାନ୍ତ



୪ ନମ୍ବର ୱାର୍ଡରେ ବିଜେଡି ମେୟର ପ୍ରାର୍ଥିନୀ ଓ ବିଧାୟକ ପ୍ରଚାର କରୁଛନ୍ତି।

ଭୁବନେଶ୍ୱର, ୨୧ା୩(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରରେ ସାରା ରାଜ୍ୟରେ ବହୁ କାମ କରାଯାଉଛି। ଆହୁରି ମଧ୍ୟ ଅନେକ ନୂଆ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଚେଷ୍ଟା ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ରହି ଆଗକୁ ଯେମିତି ଆହୁରି ଅଧିକ କାମ କରାଯାଇପାରିବ ସେଥିଲାଗି ରାଜ୍ୟବାସୀଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ସେହିପରି ୱାର୍ଡ ନମ୍ବର ୪ରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ବିଧାୟକ ପାଣ୍ଠିରୁ ଉନ୍ନୟନମୂଳକ କାର୍ଯ୍ୟ ସକାଶେ ମଧ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହି ୱାର୍ଡର କର୍ପୋରେଟର ପ୍ରାର୍ଥୀ ଅକ୍ଷୟ କୁମାର ଲେଙ୍କାଙ୍କ ପାଇଁ ପ୍ରଚାର କରିବା ଅବସରରେ ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତ ଏହା କହିଛନ୍ତି।

ରୋଡ୍ ଶୋ' କରୁଥିବା ବେଳେ କିଛି ଲୋକଙ୍କ ସହ ଆଲୋଚନା କରି ସୁଶାନ୍ତ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଏବଂ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପଡ଼ିବ। ଏହି ୱାର୍ଡ ପାଇଁ ବହୁତ କାମ ହୋଇଥିବା ବେଳେ ଯାହାସବୁ ବାକି ରହିଯାଇଛି ସେସବୁ ସେ ନିଜେ ଦାୟିତ୍ୱ ନେଇ ତୁଲାଇବେ ବୋଲି କହିଛନ୍ତି। ସେହିପରି କିଛି ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ବିଧାୟକ କହିଛନ୍ତି, ଏହି ୱାର୍ଡ ପାଇଁ ପୁରୀ କେନାଲ୍ ରୋଡ୍‌ଠାରୁ ଜାତୀୟ ରାଜପଥ-୧୬ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଡ୍ରେନ୍ ହୋଇଛି। ଅନେକ ସ୍ଥାନକୁ ରାସ୍ତା ନିର୍ମାଣ କରାଯିବା ସହ ବହୁସ୍ଥାନରେ ପିଇବା ପାଣିର ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସେ କହିଛନ୍ତି। କର୍ପୋରେଟର ପ୍ରାର୍ଥୀ ଅକ୍ଷୟ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେଇଛନ୍ତି ତୃଣମୂଳସ୍ତରରେ ତାହାକୁ ଠିକ୍ ଭାବେ ରୂପାୟନ କରିବା ଲାଗି ଯଦି ଜନସାଧାରଣ ଦାୟିତ୍ୱ ଦିଅନ୍ତି ତେବେ ସେସବୁ ପ୍ରତି ପ୍ରଥମେ ଧ୍ୟାନ ଦେବେ ବୋଲି ସେ କହିଛନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୨/୨୦୨୨ (୧୮ ପୃଷ୍ଠା) | Bhubaneswar, Tuesday, March 22/2022 | ପୃଷ୍ଠା-୧




**ଅଲିମ୍ପିକ ପଦକ ହରାଇବେ ଲାଶମାନୋଭା**

ଡୋପିଂ ପାଇଁ ଦୁଇବର୍ଷ ବାସନ୍ଦ ହେବାସହ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ହରାଇବେ ରୁଷୀୟ ରେସ୍ ୱାକର ୟେଲେନା ଲାଶମାନୋଭା।

୧୪

୧୩

**ଗୁଡ୍ ନ୍ୟୁଜ୍ ଦେଲେ ସୋନମ**

ବଲିଉଡ୍‌ର ମୋଷ୍ଟ ଷ୍ଟାଇଲିଶ୍ ନାୟିକା ଭାବେ ଜଣାଶୁଣା ସୋନମ କପୁର ମା' ହେବାକୁ ଯାଉଛନ୍ତି।





# ଚାଇନା ବିମାନ ଦୁର୍ଘଟଣା

## ୧୩୨ ମୃତ ଆଶଙ୍କା

## ତଦନ୍ତ ନିର୍ଦ୍ଦେଶ ଦେଲେ ଜିନ୍‌ପିଙ୍ଗ୍

ବେଜିଂ,୨୧।୩

ଚାଇନା ଇଷ୍ଟର୍ନ ଏୟାରଲାଇନ୍ସର ବୋଇଂ ୭୩୭-୮୦୦ ବିମାନ ସୋମବାର ଦକ୍ଷିଣ ଚାଇନା ପାର୍ବତ୍ୟାଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନରେ ଥିବା ସମସ୍ତ ୧୩୨ ଜଣଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। କେହି ବଞ୍ଚିଥିବାର ସୂଚନା ନ ଥିବା ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ କହିଛନ୍ତି। ବିମାନଟି ୟୁନାନ ପ୍ରଦେଶ ରାଜଧାନୀ କୁନ୍‌ମିଙ୍ଗ୍‌ରୁ ଗୁଆଙ୍ଗଡୋଙ୍ଗ୍ ରାଜଧାନୀ ଗୁଆଙ୍ଗଝୋଉ ଯାଉଥିବାବେଳେ ପାହାଡ଼ରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ହେଲେ ଏହା କିପରି ନିୟନ୍ତ୍ରଣ ହରାଇଲା, ତାହାର କାରଣ ଜଣାପଡ଼ି ନାହିଁ।ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ବିମାନ ଦୁର୍ଘଟଣାରେ ମର୍ମାହତ ହେବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଦୁର୍ଘଟଣାରେ ବିମାନଟି ଖଣ୍ଡ ଖଣ୍ଡ ହୋଇଯିବା ସହ ପର୍ବତରେ ନିଆଁ ଲାଗିଯାଇଥିଲା। ଏଥିରେ ଅନେକ ଗଛ ଜଳିଯାଇଥିବା ଉଦ୍ଧାରକାରୀ କର୍ମଚାରୀ ସୂଚନା ଦେଇଛନ୍ତି। ବିମାନରେ ୧୨୩ ଯାତ୍ରୀ ଏବଂ ୯ ଜଣ କର୍ମଚାରୀ ଥିଲେ। କୁନ୍‌ମିଙ୍ଗରୁ ଏହା ସ୍ଥାନୀୟ ସମୟ ଅପରାହ୍ନ ୧ଟା ୧୧ରେ ଛାଡ଼ିଥିଲା ଏବଂ ଗୁଆଙ୍ଗଝୋଉରେ ୩ଟା ୫ରେ ପହଞ୍ଚିବା କଥା। ତେବେ ୨ଟା ୨୨ ମିନିଟ ସମୟରେ ୱୁଝୋଉ ସହର ଉପରେ ବିମାନ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା ବୋଲି ☞ପୃଷ୍ଠା-୨

# ନିରଞ୍ଜନ ସେଠୀ ଷଡ଼ଯନ୍ତ୍ରକାରୀ

## ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଥିଲେ

**କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟାକାଣ୍ଡ**

- ୱେବ୍ ନ୍ୟୁଜ୍ ପୋର୍ଟାଲ ମାଲିକାଣୀ ଫେରାର
- ୫ ଗିରଫ ହେଲେଣି

ଭୁବନେଶ୍ୱର (ବ୍ୟୁରୋ)/ ଚାନ୍ଦବାଲି (ଡି.ଏନ.ଏ.)/ ରଣପୁର (ସ୍ୱ.ପ୍ର.), ୨୧।୩

କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟାକାଣ୍ଡ ଏବେ ରାଜ୍ୟରେ ଚାଞ୍ଚଲ୍ୟକର ଘଟଣା ପାଲଟିଛି। ଏହି ମାମଲାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ(୬୦) ଓ ତାଙ୍କ ସହଯୋଗୀ ତଥା ଖଣ୍ଡଗିରିସ୍ଥିତ ରାଜ କମ୍ୟୁନିକେଶନର ମାଲିକ ରଞ୍ଜନ ନାୟକ (୪୯)ଙ୍କୁ ଗିରଫ କରାଯାଇଛି। ମାମଲାର ତଦନ୍ତ କରୁଥିବା ଭଦ୍ରକ ଜିଲା ପୋଲିସ ନିରଞ୍ଜନଙ୍କୁ ରବିବାର ବିଳମ୍ବିତ ରାତିରେ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରୁ ଉଠାଇ ନେଇ ପଚରାଉଚରା କରିବା ପରେ ସୋମବାର ଚାନ୍ଦବାଲି ଜେଏମ୍ଏଫ୍‌ସି କୋର୍ଟକୁ ଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନ ପାଇଁ ଭଦ୍ରକ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ୱେବ୍ ନ୍ୟୁଜ୍ ପୋର୍ଟାଲ 'ସମ୍ପୂର୍ଣ୍ଣା'ର ମାଲିକାଣୀ ତଥା ଖବରଦାତା ଶର୍ମିଷ୍ଠା ରାଉତ ଫେରାର ହୋଇଯାଇଛନ୍ତି। ତାଙ୍କୁ ଖୋଜା ଚାଲିଛି। ପୂର୍ବରୁ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କୁ ଜେରାବେଳେ ମିଳିଥିବା ତଥ୍ୟରୁ ନିରଞ୍ଜନ ଓ ଶର୍ମିଷ୍ଠାଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା। ଉଭୟଙ୍କ ବିରୋଧରେ ଆମ ପାଖରେ ଯଥେଷ୍ଟ ପ୍ରମାଣ ରହିଛି ବୋଲି ଭଦ୍ରକ ଅତିରିକ୍ତ ଏସ୍‌ପି ଯତୀନ ପଣ୍ଡା ଚାନ୍ଦବାଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅନ୍ୟପକ୍ଷରେ କୋର୍ଟଚାଲାଣ ବେଳେ ନିରଞ୍ଜନ ଗଣମାଧ୍ୟମକୁ କହିଥିଲେ ଯେ 'ଆଇ ଆମ୍ ନଟ୍ କିଲର, ମାଇଣ୍ଡ ଇଟ୍'। ସେହିପରି ଜେଲ ଯିବା ବେଳେ ସେ କହିଥଲେ ଯେ 'ସମୟ ସବୁ ସତ କହିବ'। ☞ପୃଷ୍ଠା-୭

## ଶର୍ମିଷ୍ଠାଙ୍କ ସହ ସମ୍ପର୍କକୁ ନେଇ ଚର୍ଚ୍ଚା



ଶର୍ମିଷ୍ଠା ରାଉତ



ନିରଞ୍ଜନ ସେଠୀ

- ଅବସର ଦିନ 'ସମ୍ପୂର୍ଣ୍ଣା' ପାକ୍ଷିକ ଖବରକାଗଜକୁ ଏମ୍ପାନେଲ୍ କରିଥିଲେ

ଭୁବନେଶ୍ୱର,୨୧।୩(ବ୍ୟୁରୋ)

କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ ଗିରଫ ହେବା ପରେ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ୱେବ୍ ନ୍ୟୁଜ୍ ପୋର୍ଟାଲ 'ସମ୍ପୂର୍ଣ୍ଣା'ର ମାଲିକାଣୀ ଶର୍ମିଷ୍ଠା ରାଉତ ଏବଂ ଷଡ଼ଯନ୍ତ୍ରକାରୀ ନିରଞ୍ଜନଙ୍କ ମଧ୍ୟରେ କ'ଣ ସମ୍ପର୍କ ରହିଛି ତାହା ଏବେ ଆଲୋଚନାର ବିଷୟ ହୋଇଛି। କାରଣ ଶର୍ମିଷ୍ଠାଙ୍କ ପାକ୍ଷିକ ଖବରକାଗଜ 'ସମ୍ପୂର୍ଣ୍ଣା'କୁ ନିରଞ୍ଜନ ତାଙ୍କ ଚାକିରିର ଶେଷଦିନ ଅର୍ଥାତ୍ ଗତ ଫେବୃୟାରୀ ୨୮ରେ ସରକାରୀ ବିଜ୍ଞାପନ ପାଇଁ ଏମ୍ପାନେଲ କରିଥିଲେ। ସୂଚନାଥାଉ କି, ରାଜ୍ୟର କେଉଁ ଖବରକାଗଜ ଓ ପତ୍ରିକାକୁ ସରକାରୀ ବିଜ୍ଞାପନ ଦିଆଯିବ, ସେହି କାର୍ଯ୍ୟରେ ନିରଞ୍ଜନଙ୍କ ପ୍ରମୁଖ ଭୂମିକା ଥିଲା। ସରକାରୀ ବିଜ୍ଞାପନ ପାଇଁ ଏମ୍ପାନେଲ ନିମନ୍ତେ ଶର୍ମିଷ୍ଠା ୨୦୧୭ରେ ଆବେଦନ କରିଥିବାବେଳେ ତାହା ଅଟକି ରହିଥିଲା। କିନ୍ତୁ ନିରଞ୍ଜନ ତାଙ୍କ ଅବସରଦିନ ଶର୍ମିଷ୍ଠାଙ୍କ ☞ପୃଷ୍ଠା-୭




# ଆନ୍ଧ୍ର ଆବେଦନକାରୀଙ୍କ ପିଟିଶନ ଖାରଜ

**ସୁପ୍ରିମକୋର୍ଟରେ କୋଟିଆ ପ୍ରସଙ୍ଗ**




ନୂଆଦିଲ୍ଲୀ, ୨୧।୩

କୋରାପୁଟ ଜିଲାର ବିବାଦୀୟ କୋଟିଆର ୨୧ଟି ଗ୍ରାମକୁ ଆନ୍ଧ୍ରପ୍ରଦେଶର ବୋଲି ଘୋଷଣା କରିବା ସହ ସେଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ କରାଯାଇଥିବା ପଞ୍ଚାୟତ ନିର୍ବାଚନକୁ ଅସିଦ୍ଧ ଘୋଷଣା ସକାଶେ ଆନ୍ଧ୍ର ସମର୍ଥିତ ୫ ସରପଞ୍ଚ ଦାୟର କରିଥିବା ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ ଓ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ପୀଠ ଓଡ଼ିଶା ଓକିଲଙ୍କ ଯୁକ୍ତି ଶୁଣିବା ପରେ ଆନ୍ଧ୍ର ପକ୍ଷରୁ କରାଯାଇଥିବା ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।

ଶୁଣାଣି ବେଳେ ଓଡ଼ିଶା ପକ୍ଷରୁ ଓକିଲ ଶିବଶଙ୍କର ମିଶ୍ର କହିଥିଲେ ଯେ, ସମ୍ବିଧାନର ଅନୁଚ୍ଛେଦ ୧୩୧ ଅନୁଯାୟୀ ମୂଳ ମକଦ୍ଦମା ଏବଂ ଅଦାଲତ ଅବମାନନା ମାମଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ବିଚାରାଧୀନ ରହିଛି। ଚଳିତ ବର୍ଷ ଓଡ଼ିଶା ସରକାର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଏଜେଣ୍ଟ ପାର୍ଟି

# ପ୍ରତିଶୋଧ ପାଇଁ ଗୁଳି

**କୃଷ୍ଣ ପ୍ରତିହାରୀ ହତ୍ୟା ମାମଲା**

- ବାପ, ପୁଅଙ୍କ ସମେତ ୬ ଗିରଫ
- ୩ ଅଭିଯୁକ୍ତ ଫେରାର, ପିସ୍ତଲ ମିଳୁନି
- ସିନ୍ ରିକ୍ରିଏଶନ୍ ପାଇଁ ରିମାଣ୍ଡରେ ଅଣାଯିବ



ପୁରୀ ଅଫିସ,୨୧।୩

ଶ୍ରୀମନ୍ଦିର ସେବାୟତ ତଥା ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କୁ ଗୁଳି କରି ହତ୍ୟା କରାଯିବା ମାମଲାରେ ସୋମବାର ପୁରୀ ପୋଲିସ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ତଲୁଛ ସାହିର ତଲୁଛ ନିତ୍ୟାନନ୍ଦ ମହାପାତ୍ର ଓରଫ କାଳିଆ ସିଂହାରୀ, ତଲୁଛ ଆଶିଷ ମହାପାତ୍ର ଓରଫ ଦୋଳଗୋବିନ୍ଦ ସିଂହାରୀ, ମଣିକର୍ଣ୍ଣିକା ସାହିର ସତ୍ୟନାରାୟଣ ପାଣିଗ୍ରାହୀ ଓରଫ କାଲୁ ପାଣିଗ୍ରାହୀ, ହରଚଣ୍ଡୀ ସାହିର ଆଶିଷ ମହାପାତ୍ର ଓରଫ ବାବା ମହାପାତ୍ର, ବ୍ରହ୍ମଗିରି ବ୍ଲକ ରେଣ୍ଡା ଅଞ୍ଚଳର ରଶ୍ମିରଞ୍ଜନ ପାତ୍ର ଏବଂ ଆଲୁପାଟଣାର ସନ୍ଦୀପ ଜେନା। ଏମାନଙ୍କ ମଧ୍ୟରୁ ☞ପୃଷ୍ଠା-୨

# ଡ୍ରୋନ୍‌ରେ ପଠାଗଲା ୧୫ ରକ୍ତନମୁନା

କେସିଙ୍ଗା,୨୧।୩(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହର ବିଦ୍ୟାପୀଠ ଖେଳପଡ଼ିଆରୁ ସୋମବାର ୧୫ଜଣ ରୋଗୀଙ୍କ ରକ୍ତନମୁନା ଡ୍ରୋନ୍ ଯୋଗେ ପରୀକ୍ଷା ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ଡ୍ରୋନ ଯୋଗେ ରକ୍ତ ନମୁନା ଗୋଟିଏ ସ୍ଥାନରୁ ଅନ୍ୟ ହସ୍ପିଟାଲକୁ ପଠାଯିବା ରାଜ୍ୟ ତଥା ଜିଲାରେ ପ୍ରଥମ ବୋଲି କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡ.ସୁଭାଷ ଚନ୍ଦ୍ର ବେହେରା କହିଛନ୍ତି। ଆଦିବାସୀ ବହୁଳ ଅଞ୍ଚଳରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେବା ସହ ଯକ୍ଷ୍ମା ରୋଗର ନିରାକରଣ ପାଇଁ ଡ୍ରୋନ ସେବାର ଶୁଭାରମ୍ଭ କରିଛନ୍ତି। ଡ୍ରୋନ ସେବା ମାଧ୍ୟମରେ ରୋଗୀଙ୍କ ରକ୍ତସମୁନା କମ ସମୟ ମଧ୍ୟରେ ପରୀକ୍ଷା କେନ୍ଦ୍ରକୁ ପହଞ୍ଚି ପାରିବ ବୋଲି କେସିଙ୍ଗା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।



ଡ୍ରୋନ ଦ୍ୱାରା ରକ୍ତନମୁନା ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଉଛି।

**କଳାହାଣ୍ଡିରୁ ନୂଆ ବ୍ୟବସ୍ଥା**

**ଯକ୍ଷ୍ମା ସାମ୍ପୁଲ ସଂଗ୍ରହ, ଟେଷ୍ଟିଂର ଶୁଭାରମ୍ଭ**

ଡ୍ରୋନ ସାହାଯ୍ୟରେ ରୋଗୀଙ୍କ ପାଇଁ ଜରୁରୀ ସମୟରେ ରକ୍ତ, ଭାକ୍ସିନ ଆଦି ନିଆଯିବ ଏବଂ ଏହା ଦ୍ୱାରା ରୋଗୀଙ୍କ ଜୀବନ ବଞ୍ଚାଯାଇପାରିବ। ଏ ସଂକ୍ରାନ୍ତରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡ.ସୁଭାଷ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ଏହା ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ତଥା କଳାହାଣ୍ଡି ଜିଲା କେସିଙ୍ଗାରେ ଉଦ୍‌ଘାଟନ କରାଯାଇଛି ବୋଲି ପ୍ରକାଶ କରିଥିଲେ।




**ଆଜିର ମନ୍ତବ୍ୟ**

"ଜଣେ ବ୍ୟକ୍ତିଙ୍କ କାର୍ଯ୍ୟକୁ ଦେଶ କିମ୍ବା ସରକାର ସ୍ୱୀକୃତି ପ୍ରଦାନ କଲେ, ତାହା ସୁନ୍ଦର ଅନୁଭୂତି ପ୍ରଦାନ କରେ।
-ଗୁଲାମ ନବି ଆଜାଦ, ବରିଷ୍ଠ କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହା କରିବାକୁ ସାହା କେହି ନାହିଁ
କା ଆଗେ କହିବି ଦୁଃଖ
ବାହା କରିବାକୁ ଯାହାକୁ ଡାକିଲି
ତାକୁ ନ ଲାଗିଲା ସୁଖ ।**

ଜୀବନରେ ଦୁଃଖ ଶୁଣିବାକୁ ଯେମିତି କେହି ନାହିଁ, ସୁଖର ମର୍ମ ବୁଝିବାକୁ ବି କାହାର ସ୍ପୃହା ନାହିଁ। ନିଃସଙ୍ଗ ନିଃସ୍ୱ ବ୍ୟକ୍ତି ସବୁକ୍ଷେତ୍ରରେ ନିଜକୁ ଅସହାୟ ମଣିବା ସହ ନିରାଶା ଭୋଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଲୋ ସଖୀ,
ଆପଣା ମହତ ଆପେ ରଖି।**

ବ୍ୟକ୍ତି ନିଜର ଆଚରଣ, ଉଚ୍ଚାରଣ ଓ ଚାଲିଚଳନରେ ଶାଳୀନତା ରକ୍ଷାକରିବା ଉଚିତ। ଅନ୍ୟଥା ସମ୍ମାନରେ ହାନି ଘଟିବାର ସମ୍ଭାବନା ରହିଥାଏ। ମାନ ସମ୍ମାନ ଥରେ ଚାଲିଗଲେ ଆଉ ମିଳି ନ ଥାଏ ବା ଫେରି ନ ଥାଏ। ତେଣୁ ନିଜ ମର୍ଯ୍ୟାଦା ବା ସମ୍ମାନ ନିଜେ ରକ୍ଷା କରିବା ଉଚିତ ବୋଲି ଏଠାରେ ଉପଦେଶ ଦିଆଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

# ଏପ୍ରିଲରୁ ସ୍କୁଲ୍‌ରେ ମଧ୍ୟାହ୍ନଭୋଜନ

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

ରାଜ୍ୟର ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ (ଏମ୍‌ଡିଏମ୍) ଦିଆଯିବ। ଏପ୍ରିଲରୁ ଏମ୍‌ଡିଏମ୍ ଆରମ୍ଭ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କରୋନା ଯୋଗୁ ସ୍କୁଲଗୁଡ଼ିକ ବନ୍ଦ ରହିଥିଲା। ତେଣୁ ୨୦୨୦ ମାର୍ଚ୍ଚରୁ ସ୍କୁଲରେ ଏମ୍‌ଡିଏମ୍ ଦିଆଯାଉ ନ ଥିଲା। ହେଲେ ଚାଉଳ, ଡାଲି, ଅଣ୍ଡା ଆଦି ଏମ୍‌ଡିଏମ୍ ସାମଗ୍ରୀ ପିଲାଙ୍କ ଘରକୁ ପଠାଯିବା ସହ ରୋଷେଇ ପାଇଁ ଟଙ୍କା ଡିବିଟି ମୋଡ୍‌ରେ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପଠାଯାଉଥିଲା। ତେବେ ଏବେ କରୋନା ସଂକ୍ରମଣ ହ୍ରାସ ପାଇବା ସହିତ ସ୍କୁଲଗୁଡ଼ିକ ଖୋଲିଛି। ଏପ୍ରିଲରୁ ପିଲାମାନେ ସ୍କୁଲରେ ମଧ୍ୟାହ୍ନଭୋଜନ ଖାଇବେ। ଏଥିପାଇଁ ବିଭାଗ ପକ୍ଷରୁ ଏକ ଏସ୍‌ଓପି ଜାରି କରାଯାଇଛି। କରୋନା କଟକଣା ସହିତ ଏହାକୁ ଲାଗୁ କରିବା ପାଇଁ କୁହାଯାଇଛି। ପିଲାଙ୍କୁ ଯେପରି ସ୍ୱାସ୍ଥ୍ୟକର ଖାଦ୍ୟ ଦିଆଯିବ ସ୍କୁଲ ମ୍ୟାନେଜମେଣ୍ଟ ଅଥରିଟି/ସେଣ୍ଟ୍ରାଲ କିଚେନ୍ ଏଜେନ୍ସିଗୁଡ଼ିକ ଏପ୍ରିଲ ପୂର୍ବରୁ ସେଥିପ୍ରତି ନିଶ୍ଚିତ ହୋଇ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି।

# ୨୫ରୁ ଆହୁରି ବଢ଼ିବ ତାତି ୪୪ ଡିଗ୍ରୀକୁ ଛୁଇଁବ ପାରଦ

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଛି। ପାରଦ ୪୦ ଡିଗ୍ରୀ ସେଲସିୟସକୁ ଟପିଗଲାଣି। ଆସନ୍ତା ୨୫ ତାରିଖରୁ ସମଗ୍ର ରାଜ୍ୟ ଆହୁରି ଉତ୍ତପ୍ତ ହେବ। ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀକୁ ଛୁଇଁବ। ଉପକୂଳରୁ ଉପାନ୍ତ ସବୁଠି ତାତିର ପ୍ରକୋପ ବୃଦ୍ଧି ପାଇବ। ଦିନରେ ଝାଞ୍ଜି ପବନ ସାଙ୍ଗକୁ ତତଲା ହାଓ୍ୱା ବହିବ। ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ୨୪ ତାରିଖରେ ବାଂଲାଦେଶ ଅତିକ୍ରମ କରିବା ପରେ ରାଜ୍ୟକୁ ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହ ହେବ । ଫଳରେ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୪ରୁ ୫ ଡିଗ୍ରୀ ଯାଏ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି। ଭୁବନେଶ୍ୱରରେ ମଧ୍ୟ ତାପମାତ୍ରା ୪୦ ଡିଗ୍ରୀକୁ ଅତିକ୍ରମ କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ଶରତ ଚନ୍ଦ୍ର ସାହୁ କହିଛନ୍ତି।

ଗତ କିଛି ଦିନ ହେବ ରାଜ୍ୟରେ ତାତି ବଢ଼ିବାରେ ଲାଗିଛି। ସୋମବାର ୪ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସକୁ ଛୁଇଁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡ଼ାରେ ସର୍ବାଧିକ ୪୦.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ବଲାଙ୍ଗୀର ୪୦, ଟିଟିଲାଗଡ଼ ୪୦, ବୌଦ୍ଧ ୪୦, ବାରିପଦା ୩୯, ସମ୍ବଲପୁର ୩୮.୯, ସୁନ୍ଦରଗଡ଼ ୩୮, ହୀରାକୁଦ ୩୮, ଭଦ୍ରକ ୩୮.୨, ଭବାନୀପାଟଣା ୩୭.୬, ଚାନ୍ଦବାଲି ୩୭ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨/୩ ଦିନ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

# ନ୍ୟାୟ ଦାବିରେ ଥାନା ଘେରାଉ



## ବିକାଶ ନାୟକ ହତ୍ୟା ଘଟଣା

ଢେଙ୍କାନାଳ ଅଫିସ, ୨୧।୩

ବହୁଚର୍ଚ୍ଚିତ ବିକାଶ ନାୟକ (୪୦) ହତ୍ୟାକାଣ୍ଡ ଘଟଣାକୁ ନେଇ ଅଶାନ୍ତ ହୋଇଉଠିଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ମୋଟଙ୍ଗା। ଏଭଳି ଜଘନ୍ୟ ନାରକୀୟ କାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ଏଥିରେ ସାମିଲ ଥିବା ଅନ୍ୟମାନଙ୍କୁ ଗିରଫ କରିବା ଦାବିରେ ସୋମବାର ଗ୍ରାମବାସୀ ଥାନା ଘେରାଉ କରିଛନ୍ତି। ଏହା ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନ ତୀବ୍ରତର କରିବେ ବୋଲି ଚେତାବନୀ ଦେଇଛନ୍ତି। ମୋଟଙ୍ଗା ପଞ୍ଚାୟତର ବିଜୟୀ ସରପଞ୍ଚଙ୍କ ଅତି ଘନିଷ୍ଠ ତଥା ମଙ୍ଗିଲାଲ ରୁଙ୍ଗ୍‌ଟା କମ୍ପାନୀ ପ୍ରଜାସଂଘର ସଭାପତି ବିକାଶଙ୍କୁ ଶନିବାର ରାତି ପ୍ରାୟ ସାଢ଼େ ୯ଟାରେ ହତ୍ୟା କରାଯାଇଥିଲା। ଗ୍ରାମର ଦୋଳମଣ୍ଡପ ନିକଟରେ ଅଭିଯୁକ୍ତମାନେ ତାଙ୍କୁ ଅତି ନିର୍ମମ ଭାବେ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିଲେ। ରାଜନୈତିକ ଶତ୍ରୁତା ଏବଂ କମ୍ପାନୀ ଗଣ୍ଡଗୋଳକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଥିବାବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରକାଶ ପ୍ରଧାନଙ୍କୁ ରବିବାର ପରଜଙ୍ଗ ଅଞ୍ଚଳରୁ ପୋଲିସ ଗିରଫ କରିଥିଲା। ସେହିପରି ଅନ୍ୟ ୬ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରହିଛି। ପ୍ରକାଶଙ୍କ ବ୍ୟତୀତ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ସହିତ କଠୋର ଦଣ୍ଡରେ ଦଣ୍ଡିତ କରିବାକ ମୃତକ ବିକାଶଙ୍କ ସମ୍ପର୍କୀୟ ଏବଂ ଗ୍ରାମବାସୀ ମୋଟଙ୍ଗା ଥାନା ଘେରାଉ କରିଥିଲେ। ଏ ସଂକ୍ରାନ୍ତରେ ଏକ ଲିଖିତ ଦାବିପତ୍ର ସେମାନେ ଥାନାଧିକାରୀ ନିରଞ୍ଜନ ସେଠୀଙ୍କୁ ପ୍ରଦାନ କରିଛନ୍ତି। ଏ ନେଇ ଥାନାଧିକାରୀ କୁହନ୍ତି, ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରକାଶ ପ୍ରଧାନ ଗିରଫ ହୋଇଛନ୍ତି। ଅନ୍ୟ ୬ଜଣଙ୍କୁ ଅଟକ ରଖାଯାଇଛି। ଏକ ହତ୍ୟା ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ କରୁଛି।

**ପ୍ରଥମ ପୃଷ୍ଠାରୁ...**

## ଚାଇନା ବିମାନ...

ଚାଇନା ବେସାମରିକ ବିମାନ ଚଳାଚଳ ପ୍ରଶାସନ ପକ୍ଷରୁ କୁହାଯାଇଛି। ୬ ବର୍ଷର ପୁରୁଣା ଏହି ବୋଇଂ ମାକ୍ସ ଜେଟ୍‌ଟି ୩,୨୨୫ ଫୁଟ ଉଚ୍ଚରେ ୩୭୬ ନଟ୍ ବେଗରେ ଉଡୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାସ୍ଥଳକୁ ୟୁଝୋଉ ଫାୟାର ବ୍ରିଗେଡ୍ ୧୧୭ ଅଗ୍ନିଶମ କର୍ମଚାରୀ ଏବଂ ୨୩ ଦମକଳ ପଠାଇଛି। ଉଦ୍ଧାର କାର୍ଯ୍ୟରେ ଅନ୍ୟ ୫୩୮ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଛନ୍ତି। ନିଆଁକୁ ଆୟତ୍ତ କରାଯାଇଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତକଙ୍କ ପରିବାରକୁ ଚାଇନା ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ ସମବେଦନା ଜଣାଇବା ସହ ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାର ଏକାଧିକ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବାବେଳେ ବେସାମରିକ ବିମାନ ସେବା ନିରାପତ୍ତାକୁ ସୁଦୃଢ଼ କରିବା ଲାଗି ପଦକ୍ଷେପ ନେବାକୁ କେକିଆଙ୍ଗ କହିଛନ୍ତି। ଦୁର୍ଘଟଣା ପରେ ଚାଇନା ଇଷ୍ଟର୍ନ ଏୟାରଲାଇନ୍ସ ଏହାର ସମସ୍ତ ବୋଇଂ ୭୩୭-୮୦୦ ବିମାନକୁ ଅବତରଣ କରାଇବା ସହ ଏହାର ୱେବ୍‌ସାଇଟ୍ ହୋମ୍ ପେଜ୍‌କୁ କଳାଧଳା କରିଛି।

## ପ୍ରତିଶୋଧ ପାଇଁ...

ତଲ୍ଲୁଛ ନିତ୍ୟାନନ୍ଦ ମହାପାତ୍ର ଓରଫ୍ କାଳିଆ ସିଂହାରୀ ଏବଂ ତାଙ୍କ ପୁଅ ଆଶିଷ ଓରଫ୍ ଦୋଳଗୋବିନ୍ଦ ମୁଖ୍ୟ ଷଡ଼ଯନ୍ତ୍ରକାରୀ ହୋଇଥିବାବେଳେ ଅନ୍ୟମାନେ ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ। ଏମାନଙ୍କ ବିରୋଧରେ ୩୦୨, ୧୨୦(ବି), ୩୪ ଆଇପିସି ଏବଂ ଆର୍ମ୍ସ ଆକ୍ଟର ୨୫ ଓ ୨୭ ଦଫାରେ ପୁରୀ ଟାଉନ ଥାନାରେ ଏକ ମାମଲା (ନଂ. ୯୦/୨୦୨୨) ରୁଜୁ କରାଯାଇଛି। ଦଶବର୍ଷ ତଳର ସେବାୟତ ଭଗବାନ ମହାପାତ୍ର ଓରଫ ଗୁନ ସିଂହାରୀ ହତ୍ୟା ଘଟଣାର ପ୍ରତିଶୋଧ ନେବା ପାଇଁ ଏହି ହତ୍ୟାକାଣ୍ଡ ଘଟାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ପି କନଓ୍ୱର ବିଶାଲ ସିଂ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ସମ୍ପୂର୍ଣ୍ଣ ହତ୍ୟାକାଣ୍ଡ ଯୋଜନାବଦ୍ଧ ଭାବେ କରାଯାଇଛି। କୃଷ୍ଣଚନ୍ଦ୍ରଙ୍କୁ ହତ୍ୟା ପାଇଁ କାଳିଆ ସିଂହାରୀ ଓ ତାଙ୍କ ପୁଅ ଦୋଳଗୋବିନ୍ଦ ମୁଖ୍ୟତଃ ଷଡ଼ଯନ୍ତ୍ର ରଚିଥିଲେ। ଏଥିଲାଗି ସେମାନେ ନିଜ ହୋଟେଲ ମ୍ୟାନେଜର ସତ୍ୟନାରାୟଣ ପାଣିଗ୍ରାହୀ ଓରଫ କାଲୁଙ୍କର ସହଯୋଗ ନେଇଥିଲେ। ପୁରୀ ସହରସ୍ଥିତ ଏକ ଘରୋଇ ଲଜ୍‌ରେ ହତ୍ୟା ଯୋଜନା ସମ୍ପର୍କରେ ଦୁଇଥର ବୈଠକ ହୋଇଥିଲା। କାଲୁଙ୍କ ମାଧ୍ୟମରେ କଥାବାର୍ତ୍ତା କରାଯିବା ସହ ଟଙ୍କା ଦିଆଯାଉଥିଲା। ବଡଧରଣର ଡିଲ୍ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ କାଲୁଙ୍କୁ ୨ଲକ୍ଷ ଟଙ୍କା ସୁପାରି ଦିଆଯାଇଥିଲା। ସେଥିମଧ୍ୟରୁ ଦେଢ଼ଲକ୍ଷ ଟଙ୍କାକୁ ପୋଲିସ ଜବତ କରିଛି। ସେହିପରି ୧୬ତାରିଖ ହତ୍ୟାକାଣ୍ଡ ପୂର୍ବରୁ କୃଷ୍ଣଚନ୍ଦ୍ରଙ୍କୁ ହତ୍ୟା ପାଇଁ ଥରେ ଉଦ୍ୟମ କରାଯାଇଥିଲା। ମାତ୍ର ଅଭିଯୁକ୍ତମାନେ ସଫଳ ହୋଇ ନ ଥିଲେ। ତେବେ କୃଷ୍ଣଚନ୍ଦ୍ରଙ୍କୁ ହତ୍ୟା ପରେ ଅଭିଯୁକ୍ତମାନଙ୍କୁ ଫେରାର କରାଇବାରେ ସନ୍ଦୀପ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ସେମାନଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରିଥିଲେ। ରଶ୍ମିରଞ୍ଜନ ଅଭିଯୁକ୍ତମାନଙ୍କୁ ପିସ୍ତଲ ଯୋଗାଇଥିଲେ। ସେହିଭଳି ଘଟଣାସ୍ଥଳରେ ଥିବା ୪ଜଣଙ୍କ ମଧ୍ୟରୁ କେବଳ ବାବା ମହାପାତ୍ରଙ୍କୁ ପୋଲିସ ଗିରଫ କରିଛି। କୃଷ୍ଣଚନ୍ଦ୍ରଙ୍କ ଭାଇ ନରସିଂହ ପ୍ରତିହାରୀ ଏତଲାରେ ଯେଉଁ ୬ଜଣଙ୍କ ନାମ ଉଲ୍ଲେଖ କରିଥିଲେ, ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୩ ଅଭିଯୁକ୍ତ ଏବେ ବି ଫେରାର୍ ଅଛନ୍ତି। ଫେରାର ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବା ପାଇଁ ପୁରୀ ଜିଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏଥିସହ ଦୁଇ ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ରିମାଣ୍ଡରେ ଅଣାଯାଇ କ୍ରାଇମ ସିନ୍ ରିକ୍ରିଏସନ୍ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ଆପରାଧିକ ମାମଲା ରହିଛି। ସେହିପରି ଗୁନ ହତ୍ୟାକାଣ୍ଡର ପ୍ରତିଶୋଧ ନେବାକୁ ଏହି ହତ୍ୟାକାଣ୍ଡ ଘଟାଯାଇଥିବା ପ୍ରାଥମିକ ତଦନ୍ତ ଓ ପଚରାଉଚରାରୁ ଜଣାପଡ଼ିଛି। ମାତ୍ର ହତ୍ୟାର ଏକ ନିର୍ଦ୍ଦିଷ୍ଟ କାରଣ ସ୍ପଷ୍ଟ ହୋଇପାରିନାହିଁ। କାରଣ, କେତେଜଣ ଅଭିଯୁକ୍ତ ଜମି ବିକ୍ରିବଟା ସମ୍ପର୍କରେ ଖୁଲାସା କରିଛନ୍ତି। ତେଣୁ ଜମିଜମାକୁ ନେଇ ମଧ୍ୟ ବିବାଦ ଥିବା ସୂଚନା ମିଳୁଛି। ତଦନ୍ତ ଶେଷ ହେବା ପରେ ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଏସ୍‌ପି ସିଂ କହିଛନ୍ତି। ଅନ୍ୟପକ୍ଷରେ ହତ୍ୟା ପାଇଁ ୩୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିବାବେଳେ ପୋଲିସ ଏପର୍ଯ୍ୟନ୍ତ ସମ୍ପୃକ୍ତ ପିସ୍ତଲକୁ ଜବତ କରିପାରିନାହିଁ। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପିସ୍ତଲ ନେଇ ଫେରାର୍ ହୋଇଯାଇଥିବା କୁହାଯାଉଛି।

ସୂଚନାଯୋଗ୍ୟ, ଗତ ୧୬ ତାରିଖ ପୂର୍ବାହ୍ନରେ କୃଷ୍ଣଚନ୍ଦ୍ର ବାରବାଟୀ ଜାଗାଘର ନିକଟ ନୃସିଂହ ଠାକୁରଙ୍କୁ ଦର୍ଶନ କରିବାକୁ ଯାଇଥିଲେ। ଏହି ସମୟରେ ଦୁଇଜଣ ବ୍ୟକ୍ତି ଏକ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ସେ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁନ ସିଂହାରୀ ହତ୍ୟା ଘଟଣା ସହ ଏହି ଗୁଳିକାଣ୍ଡର ଲିଙ୍କ୍ ଥିବା ଚର୍ଚ୍ଚା ହୋଇଥିଲା।

## ଆନ୍ଧ୍ର ଆବେଦନକାରୀଙ୍କ...

କୋଟିଆର ସମ୍ପୃକ୍ତ ଅଞ୍ଚଳରେ ପଞ୍ଚାୟତ ନିର୍ବାଚନ କରିବା ଓ ସେଥିରେ ୭୫ ପ୍ରତିଶତ ମତଦାନ ହୋଇଥିବା ସଂକ୍ରାନ୍ତ ତଥ୍ୟ ମଧ୍ୟ ମିଶ୍ର କୋର୍ଟରେ ଉପସ୍ଥାପନ କରିଥିଲେ। ଏଥିସହିତ ସେ ଯୁକ୍ତି ବାଢ଼ିଥିଲେ ଯେ, ସେହିସବୁ ଗ୍ରାମରେ ଆନ୍ଧ୍ର କେବେହେଲେ ନିର୍ବାଚନ କରିନାହିଁ ଓ କେବଳ ପଞ୍ଚାୟତ ପ୍ରତିନିଧି ବାଛିଛି।

ତେବେ ବିବାଦୀୟ ଅଞ୍ଚଳର ସରପଞ୍ଚ ବୋଲି ନିଜକୁ ଦାବି କରୁଥିବା ଆନ୍ଧ୍ରପ୍ରଦେଶର ୫ ଜଣ ବ୍ୟକ୍ତି ସୁପ୍ରିମକୋର୍ଟରେ କରିଥିବା ଆବେଦନରେ ଦର୍ଶାଇଛନ୍ତି ଯେ, ଓଡ଼ିଶା ସରକାର ସେଠାରେ କରିଥିବା ପଞ୍ଚାୟତ ନିର୍ବାଚନକୁ ସର୍ବୋଚ୍ଚ ଅଦାଲତ ଅସିଦ୍ଧ ଘୋଷଣା କରନ୍ତୁ। ଯେଉଁଭଳି ଭାବେ ଓଡ଼ିଶା ସରକାର ବିବାଦୀୟ ଅଞ୍ଚଳରେ ପଞ୍ଚାୟତ ସମିତି ନିର୍ବାଚନ ପରିଚାଳନା ସକାଶେ ବିଜ୍ଞପ୍ତି ଜାରି କରିଥିଲେ, ତାହା ସେମାନଙ୍କୁ ବ୍ୟଥିତ କରିଛି ବୋଲି ଆବେଦନକାରୀ କହିଛନ୍ତି। ସେମାନେ ଆବେଦନରେ ଦର୍ଶାଇଛନ୍ତି ଯେ, ୨୧ଟି ଗ୍ରାମରେ ୫ ହଜାରରୁ ଅଧିକ ଲୋକ ରହିଛନ୍ତି ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ ତେଲୁଗୁ ଭାଷା କହିବା ସହ ଆନ୍ଧ୍ରପ୍ରଦେଶର ପରମ୍ପରା ଓ ସଂସ୍କୃତିକୁ ଅନୁସରଣ କରୁଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ସୁପ୍ରିମକୋର୍ଟ ମାର୍ଚ୍ଚ ୧୬ରେ କହିଥିଲେ କୋଟିଆ ସୀମା ବିବାଦ ନେଇ ସମ୍ବିଧାନର ଅନୁଚ୍ଛେଦ ୧୩୧ ଅନୁଯାୟୀ ଓଡ଼ିଶା ସରକାରଙ୍କ ପକ୍ଷରୁ ଆନ୍ଧ୍ରପ୍ରଦେଶ ବିରୋଧରେ କରାଯାଇଥିବା ମୂଳ ମକଦ୍ଦମାକୁ ପ୍ରଥମେ ବିଚାରକୁ ନେବେ। ୨୦୨୦ରେ ଓଡ଼ିଶା ପକ୍ଷରୁ ଆନ୍ଧ୍ର ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ସଂକ୍ରାନ୍ତୀୟ ମାମଲାରେ ନିଜର ଯୁକ୍ତି ଉପସ୍ଥାପନ କରିବାକୁ ଉଭୟ ପକ୍ଷଙ୍କୁ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଓ ସିଟି ରବିକୁମାରଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟର ପୀଠ ଅନୁମତି ଦେଇଥିଲେ।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଚଳିତବର୍ଷ ଜାନୁଆରୀରେ ଓଡ଼ିଶା ତରଫରୁ ସୀମା ବିବାଦ ନେଇ ପୁନଶ୍ଚ ଏକ ମକଦ୍ଦମା ସର୍ବୋଚ୍ଚ ଅଦାଲତରେ କରାଯାଇଥିଲା। ଏଥିରେ କୋଟିଆ ଗ୍ରାମପୁଞ୍ଜ ଉପରେ ଓଡ଼ିଶାର ସମ୍ପୂର୍ଣ୍ଣ ପ୍ରଶାସନିକ ଅଧିକାର ରହିଛି ବୋଲି ସୁପ୍ରିମକୋର୍ଟ ଘୋଷଣା କରନ୍ତୁ ବୋଲି ଓଡ଼ିଶା ପକ୍ଷରୁ କୁହାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କର ପ୍ରତ୍ୟେକ କାମରେ କିଛିଟା ଦ୍ୱନ୍ଦ୍ୱ ଓ ଆଶା ଆଶଙ୍କା ମଧ୍ୟରେ ମନ ହଲ୍‌ଚଲ୍ ହୋଇପାରେ। ସେହି କାମଟି ବାଧହୋଇ କରିବେ, କିନ୍ତୁ ବିଳମ୍ବରେ ଓ ସମସ୍ୟା ମଧ୍ୟରେ ହିଁ ସମ୍ପନ୍ନ ହେବ। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର କଥା ହେଉ ସବୁ କାମ ଗୋଳିଆ। ନିଜ ଲୋକମାନେ ଅସୁବିଧାରେ ପକାଇପାରନ୍ତି, ଏଣୁ ସତର୍କ ରହିବା ଭଲ।

**ବୃଷ** ସାଧାରଣ ବଚସାରୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନାହିଁ। ସଭାସମିତି ଏପରିକି କହିବା ଲେଖିବାର ସମ୍ପର୍କ ଯେଉଁଠାରେ ରହିଛି ସେହିସବୁ ପ୍ରତ୍ୟେକ ଦିଗ ଅନୁକୂଳ ରହିବ।

**ମିଥୁନ** ଆଜି କର୍ମକ୍ଷେତ୍ରରେ ଅଧୈର୍ଯ୍ୟ ନ ହୋଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପାରିବାରିକ ସ୍ତରରେ ସନ୍ତାନହେତୁକ ମାନସିକ ଆଘାତ ପାଇ ପାରନ୍ତି। ଅବଶ୍ୟ ବିଭିନ୍ନ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ବ୍ୟବସାୟ, ସଭାସମିତି,ଜମିଜମା ବିଷୟରେ ଉନ୍ନତ ମାନର ଫଳ ପାଇବେ।

**କର୍କଟ** ଯେକୌଣସି କ୍ଷେତ୍ରରେ ହେଉନା କାହିଁକି ଆପଣ ଠିକ୍ ନିଷ୍ପତ୍ତି ଆପଣ ନେଇପାରିବେ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିବାର ଲୋକଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଅବଶ୍ୟ ବହୁଦିଗରୁ ନିକଟ ସମ୍ପର୍କୀୟମାନଙ୍କ ସହଯୋଗ,ସୁଖ, ସମ୍ମାନ ପାଇ ଖୁସି ହେବେ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଆହୁରି ବହୁ ସମୟ ଲାଗିପାରେ।

**ସିଂହ** ଆଜିର ପରିସ୍ଥିତି ଓ ରହୁଥିବା ପରିବେଶ ତାହା ସହଜରେ କରାଇଦେବ ନାହିଁ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇଯିବେ। କର୍ମକ୍ଷେତ୍ରରେ ବାଧା ଉପୁଜିବ, ତଥାପି ବ୍ୟସ୍ତ ହୁଅନ୍ତୁ ନାହିଁ। ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହି ନ ପାରେ।

**କନ୍ୟା** କୌଣସି ପରିସ୍ଥିତିରେ ମଧ୍ୟ ଯାହା କହିବେ କିମ୍ବା କରିବେ ସେସବୁ ଭାବିଚିନ୍ତି କରିବା ଭଲ ହେବ। ଅଭାବ ପୂରଣ ସକାଶେ ବହୁ ଚେଷ୍ଟା କରିବା ପରେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଅପରାହ୍ନେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ତୁଳା** ବିଭିନ୍ନ ବିଷୟରେ ତର୍କ ଓ ବିବାଦ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିବ। ପ୍ରତ୍ୟେକ କ୍ଷେତ୍ରରେ ଆଳସ୍ୟ ଓ ଅବହେଳା ସାଙ୍ଗକୁ କାଳ କ୍ଷେପଣ ନୀତି ହେତୁ ମନରେ ସରସତା ରହିବ ନାହିଁ। ଆଜି ନିଜ କାମରେ ମନଦେଇ କାମଟିକୁ ପୂରା ନ କରିବା ଯାଏଁ ଛାଡ଼ିବେ ନାହିଁ। ନିଜ ଲୋକମାନେ ଈର୍ଷା କରିବେ।

**ବିଛା** ଆଜି ଆପଣ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ବିଜୟୀ ହେବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କ୍ରୀଡ଼ା, କଳା ସାହିତ୍ୟ, ସଙ୍ଗୀତ,ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ଧନୁ** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହି ନ ପାରେ। ଅଫିସ୍ ଭିତରେ କିଛି ବିଚାର ନ କରି ଅନ୍ୟକୁ ବିଶ୍ୱାସକରି ହଇରାଣରେ ପଡ଼ିପାରନ୍ତି। ପିଲାମାନଙ୍କ ବିବାହ ସମ୍ପର୍କୀୟ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ନିଜ ଲୋକମାନଙ୍କ ଅସହଯୋଗ କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ମକର** ପରିବାରରେ ଭୁଲ୍ ବୁଝାମଣା ନେଇ ବନ୍ଧୁ କିମ୍ବା ସହକର୍ମୀମାନଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ,ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ।

**କୁମ୍ଭ** କାର୍ଯ୍ୟବ୍ୟସ୍ତତାଜନିତ ମାନସିକ ଚାପ ବୃଦ୍ଧି ହେତୁ ସ୍ୱାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବ। ନିଜ ଲୋକମାନଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ସମ୍ମାନିତ ମଧ୍ୟ ହୋଇପାରନ୍ତି।

**ମୀନ** ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଆସିବ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। କ୍ରନିକ୍ ରୋଗ ଓ ସ୍ୱଜନ ଶତ୍ରୁତା କାରଣରୁ ଚିନ୍ତିତ ରହିବେ।


# classifieds Everyday
0674-2580101, 2549302




**SALE**

Plot for Sale at Chhatabar per sqft. @99/-. 9937816565, 9583295832 D-23401

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71871

Private plot for sale Patrapada & Khandagiri near DN Regalia Mall 999/- Price. 9437335686, 7008487006. D-23418

ପାହାଳରେ NHରୁ 300ମି. ଦୂରତାରେ ସମସ୍ତ ସୁବିଧା ଥାଇ Under BMC residential zone ଜାଗା 29,40,000/ରେ ବିକ୍ରି କରାଯାଉଅଛି। ଯୋଗାଯୋଗ- 6370469894. D-23450

ସୁନ୍ଦରପଦା ଏବଂ ବାଲିଅନ୍ତାରେ developed, demarcated, gharabari, electricity plot କିଣନ୍ତୁ। 7008492511. D-23375

4500sqft. plot sale infrontof ASBM, Chandaka, At-Bhola. Contact: 9338572999. D-23424

**Plot for sale gharabari 30ft. road 4km. from NH Retang road near Polytechnic College. 9777345831.** D-71020

Ready 4BHK Duplex at Balianta. Land-1400 and Construction-2200 @85Lakh. Land Balianta @900, Pahala @1500, Patrapada @2000. 8984071303. D-23449

**Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258.** D-71962

ମହାରାଜା କଲେଜ ପାଖରେ (Gangapada Bhubaneswar) 30ft. ରାସ୍ତା ଥାଇ 60 plot ବିକ୍ରିହେବ। loan available. 9938016295. D-73212

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

**60ft. ପିଚୁ ରୋଡ୍‌କୁ ଲାଗି commercial/ residential ଘରବାରି, ପଟ୍ଟା, ପାଚେରି, ଇଲେକ୍ଟ୍ରିସିଟି ସୁବିଧା ଥାଇ ଭୁବନେଶ୍ୱର GIFT College ପାଖରେ @25,00,000/- ବିକ୍ରିହେବ। Owner- 9437033320.** D-73213

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest commercial hub "Grand Bazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 6371200121. D-73205

**ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9438122777, 9556622939.** D-71799

Ready to move flat 3BHK 58lakh and 2BHK 48lakh available near V2 Showroom Patrapada, Bhubaneswar. 9861037729/ 9040337729. D-71481

**ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765.** D-73209




House at Nayapalli near DAV/ Stewart School for Family. 9438490107. D-71880




**Relax, Refresh your body, Mind at Saikrupa Spa with best therapies. 8984068077.** D-23343

Ayurvedic full body massage by experienced male/ female therapist. 7381172169. D-71480

Newly open SPA positively health benifit with expert. Contact: 7749976301. D-71960

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Refreshing your mind and body with the best therapy, 7873794731. D-23292

Newly open full body massage ladies and gents. 8327740003. D-71879

Newly opening SPA positively health benefits with expert therapist. 8917332216. D-71959




Channel Partner for FMCG Products, Monthly income upto 130000/-, +919938710216, info@highqmart.com. D-23397

**AFFIDAVIT**

By virtue of an affidavit sworn before the Notary public, Bargarh, I Sailaja Mishra, D/o. Prem Swarup Mishra, R/o. Budharaja, Po/Ps/ Dist. Sambalpur do hereby declare that my actual name is Sailaja Mishra. But in educational record my name is mentioned as Sailaza Mishra. That the Sailaja Mishra and Sailaza Mishra both name are one and same person. D-23447

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୭,୧୬,୫୬,୫୭୨ | ୬୧,୦୨,୮୬୪ | ୪୦,୭୮,୦୩,୯୯୦ |
| ଭାରତ | ୪,୩୦,୦୯,୩୯୦ | ୫,୧୬,୫୧୬ | ୪,୨୪,୬୭,୭୭୪ |
| ଓଡ଼ିଶା | ୧୨,୮୭,୧୯୩ | ୯୧୧୬(+୫୩) | ୧୨,୭୭,୪୯୭ |

ସୋମବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଗୋଟିଏ ଛାତ ତଳେ ବହୁବିଧ ବ୍ରାଣ୍ଡ୍

**ବାଣିଜ୍ୟରେ ସ୍ନାତକ ପାସ୍ ପରେ ଚାକିରି ନ ଖୋଜି ପାରିବାରିକ ବ୍ୟବସାୟରେ ହାତ ଦେଇଥିଲେ। ଓଡ଼ିଶାରେ ବ୍ରାଣ୍ଡେଡ୍ ପୋଷାକର ଚାହିଦା ବଢ଼ୁଥିବାବେଳେ ପ୍ରତିଯୋଗିତା ମୂଳକ ବଜାରରେ କିପରି ସଫଳ ହେଲେ ସେନେଇ ଧରିତ୍ରୀକୁ ସାକ୍ଷାତ୍କାର ବେଳେ କହିଛନ୍ତି ଜିଆର୍‌ସି ଗାର୍ମେଣ୍ଟ୍‌ସ ପ୍ରା.ଲିଃ. ପରିଚାଳନା ନିର୍ଦ୍ଦେଶକ ଅବିନାଶ ଛାପୋଲିଆ।**



**ଅବିନାଶ ଛାପୋଲିଆ**
**ଏମ୍‌ଡି, ଜିଆର୍‌ସି ଗାର୍ମେଣ୍ଟ୍‌ସ ପ୍ରା.ଲିଃ**

**❖ ଆପଣଙ୍କ ବ୍ୟବସାୟିକ ଜୀବନ କିପରି ଆରମ୍ଭ ହୋଇଥିଲା?**

ବି.କମ୍. ପାସ୍ ପରେ ବ୍ୟବସାୟରେ ପାଦ ଦେଇଥିଲି। ମୋ ଜେଜେବାପା ଗଙ୍ଗାରାମ ଛାପୋଲିଆ ସୁଟିଂଶାର୍ଟିଂ ବ୍ୟବସାୟ ଆରମ୍ଭ କରିଥିଲେ। ସ୍ୱାଧୀନତା ପୂର୍ବରୁ କଟକରେ ଆମର ଏହି ବ୍ୟବସାୟ ଚାଲିଆସୁଛି, ଯାହାକି ତାଙ୍କ ନାମ ଅନୁସାରେ ଜିଆରସି ଗାର୍ମେଣ୍ଟସ ଭାବରେ ସ୍ଥାପିତ।

**❖ ଓଡ଼ିଶାରେ ବ୍ରାଣ୍ଡ ପୋଷାକପତ୍ର ଚାହିଦା କେମିତି ରହିଛି?**

ଜିଆର୍‌ସି ଗାର୍ମେଣ୍ଟସ ପକ୍ଷରୁ ୨୦୦୧ରୁ କିଲର, ବ୍ଲାକବେରି, ମଣ୍ଟେକାର୍ଲୋ, ଟୁଇଲସ, ବିଂହୁମାନ, ଜକି ଭଳି ପ୍ରତିଷ୍ଠିତ ବ୍ରାଣ୍ଡେଡ୍ ପୁରୁଷ ପୋଷାକ ଉପଲବ୍ଧ କରାଯାଉଥିବାବେଳେ ଡବ୍ଲ୍ୟୁ, ଅରେଲିୟା, ବିବା, ଡିଲ୍ ଆଦି ମହିଳା ବ୍ରାଣ୍ଡ ପାଇକାରି ଭାବରେ ମିଳୁଛି। ପଡ଼ୋଶୀ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ବ୍ରାଣ୍ଡ ପୋଷାକ ଚାହିଦା ବେଶ୍ ଭଲ ଅଛି। ଏପରି କି ୪ରୁ ୫ ବର୍ଷ ହେବ ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡ଼ିକ ମଧ୍ୟ ବ୍ୟବସାୟରେ ଆସିଗଲାଣି।

**❖ ମାନ୍ଦାବସ୍ଥା ପରେ କୋଭିଡ୍ କଟକଣାଜନିତ ସମସ୍ୟାର ସମାଧାନ କିପରି କରିଥିଲେ?**

ଧୀରେ ଧୀରେ ମାନ୍ଦାବସ୍ଥା ସୁଧୁରିବା ବେଳକୁ କୋଭିଡ୍ ପ୍ରବେଶ ହେଲା। ପର୍ବପର୍ବାଣି ପାଳନ ଉପରେ କଟକଣା ଜାରି ହେତୁ ସାଧାରଣତଃ ପୋଷାକ କିଣାକିଣିରେ ଗ୍ରାହକଙ୍କ ଆଗ୍ରହ କମିଗଲା। ଏଥିରୁ ବ୍ରାଣ୍ଡ ପୋଷାକ କିପରି ବାଦ୍ ପଡିବ। ସେହି ସମୟରେ ପାଇକାରି ବଜାର ଓଭରଷ୍ଟକ ହୋଇଗଲା। ମାତ୍ର ପରେ କାରଖାନାଗୁଡ଼ିକ ବନ୍ଦ ରହିବାରୁ କମ୍ ସପ୍ଲାଏ ରହିଲା। ୱାର୍କ ଫ୍ରମ୍ ହୋମ୍ ଯୋଗୁଁ ଲୋକେ ନିଯୁକ୍ତି ସ୍ଥାନରୁ ଘରକୁ ପଳାଇଆସିଲେ। ଫଳରେ ବ୍ରାଣ୍ଡ ପୋଷାକର ବ୍ୟବସାୟ କ୍ରମଶଃ ପୁଣି ଚାଲିଲା।

**❖ ଆରମ୍ଭରୁ କପଡ଼ା ପାଇକାରି ବ୍ୟବସାୟ କଟକରେ ଥିଲା। ଏବେ ଭୁବନେଶ୍ୱରରେ ପାଇକାରି ବ୍ୟବସାୟ ଆରମ୍ଭ ହେଲାଣି। ଏହାକୁ ଆପଣ କିପରି ଦେଖନ୍ତି?**

କଟକ ଏବେ ବି ପାଇକାରି ବ୍ୟବସାୟର ରାଜଧାନୀ ହୋଇରହିଛି। ଯଦିଓ ଭୁବନେଶ୍ୱରରେ କିଛି ମାତ୍ରାରେ ଏହି ବ୍ୟବସାୟ ଖୋଲିଲାଣି କଟକରୁ ସାରା ଓଡ଼ିଶାରେ ବ୍ୟବସାୟ କରିବା ସୁବିଧା। ଖୁଚୁରା ବ୍ୟବସାୟୀଙ୍କ ନିକଟରେ ଉତ୍ପାଦଗୁଡ଼ିକ ପହଞ୍ଚାଇବା ପାଇକାରିଙ୍କ କର୍ତ୍ତବ୍ୟ।

**❖ ଏକାଧିକ ନାମୀଦାମୀ ବ୍ରାଣ୍ଡକୁ ନେଇ ବ୍ୟବସାୟ କରିବାର ତରିକା କ'ଣ?**

ଭିନ୍ନ ବ୍ରାଣ୍ଡକୁ ନେଇ ବ୍ୟବସାୟ କରିବାର ମଜା ଅଲଗା। କମ୍ପାନୀଗୁଡ଼ିକଠାରୁ ପାଉଥିବା ବ୍ୟବସାୟ କୌଶଳ ଅନେକ ସାହାଯ୍ୟ କରିଥାଏ। ଏହାବ୍ୟତୀତ କିଛିମାତ୍ରାରେ ଆର୍ଥିକ ଓ ପରିଚାଳନାଗତ ସୁବିଧା ମଧ୍ୟ ରହିଛି। ଏଥିସହ ଖୁଚୁରା ବ୍ୟବସାୟୀଙ୍କୁ ବାନ୍ଧି ରଖିବା ପାଇଁ ଗୋଟିଏ ଛାତ ତଳେ ବହୁବିଧ ବ୍ରାଣ୍ଡର ବ୍ୟବସାୟ ସାହାଯ୍ୟ କରିଥାଏ।

**❖ ଆପଣଙ୍କ ଆଗାମୀ ଲକ୍ଷ୍ୟ କ'ଣ ରହିଛି?**

ଆଗାମୀ ଦିନରେ ଜିଆରସି ଗାର୍ମେଣ୍ଟସରେ ଆଉ କିଛି ନୂଆ ଅନ୍ତର୍ଜାତୀୟ ବ୍ରାଣ୍ଡର ପାଇକାରି ବ୍ୟବସାୟ ସାମିଲ ହେବ। କିଛି ବ୍ରାଣ୍ଡର ମେଗା ଷ୍ଟୋର ଖୋଲାଯିବା ପାଇଁ ମଧ୍ୟ ଯୋଜନା ରହିଛି। ଛୋଟସହର ଓ ଗ୍ରାମାଞ୍ଚଳକୁ ଅଧିକ ଧ୍ୟାନ ଦିଆଯିବ।

**❖ ଗ୍ରାମାଞ୍ଚଳରେ ବ୍ରାଣ୍ଡ ପୋଷାକ ବ୍ୟବସାୟର ଚାହିଦା କିପରି ରହିଛି?**

ଗ୍ରାମୀଣ ଅଞ୍ଚଳରେ କୋଭିଡ୍‌ର ଗତ ଲହରଠାରୁ ବ୍ୟବସାୟରେ ସୁଧାର ଆସିଛି। ପ୍ରାୟ ମଲ୍ଟି ବ୍ରାଣ୍ଡ ଆଉଟ୍‌ଲେଟରେ ଚାହିଦା ପରିଲକ୍ଷିତ ହୋଇଛି। ଏପରି କି ବିବାହ ଓ ଋତୁକାଳୀନ ଚାହିଦା ମଧ୍ୟ ବୃଦ୍ଧି ପାଉଛି।

**❖ ବଢ଼ୁଥିବା ମଲ୍ ସଂଖ୍ୟା ଏହି ବ୍ୟବସାୟରେ କିଛି ପ୍ରଭାବ ପକାଇବ କି?**

ମଲ୍ ହେବା ଦ୍ୱାରା ଛୋଟ ବ୍ୟବସାୟୀଙ୍କ ଉପରେ ଏହାର ଯଥେଷ୍ଟ ପ୍ରଭାବ ପଡିବ। ବ୍ୟବସାୟ ମାତ୍ର କେତେ ଜଣଙ୍କ ହାତରେ ରହିବ ଏବଂ ଏହା ମନମୁଖି ହୋଇଯିବା ଆଶଙ୍କା ରହିଛି। ଖାଉଟିମାନେ ମଧ୍ୟ ଆର୍ଥିକ ସ୍ତରରେ ପ୍ରଭାବିତ ହେବେ। ମଲ୍ ସ୍ଥାପନ ପୂର୍ବରୁ ପରିବେଶ ଓ ପାରିପାର୍ଶ୍ୱିକ ସ୍ଥିତି ପ୍ରତି ଯଥେଷ୍ଟ ଧ୍ୟାନଦେବା ଆବଶ୍ୟକ।

# ୫ ଓଡ଼ିଆଙ୍କୁ ପଦ୍ମଶ୍ରୀ



ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ପଦ୍ମ ପୁରସ୍କାର ଗ୍ରହଣ କରୁଛନ୍ତି ବାମରୁ ଡ. ଆଦିତ୍ୟ ପ୍ରସାଦ ଦାଶ, ଶ୍ରୀମଦ୍ ବାବା ବଳିଆ, ସାହିତ୍ୟିକ ନରସିଂହ ପ୍ରସାଦ ଗୁରୁ, ସ୍ୱର୍ଗତ ଗୁରୁ ପ୍ରସାଦ ମହାପାତ୍ରଙ୍କ ପାଇଁ ତାଙ୍କ ସ୍ତ୍ରୀ ଅଞ୍ଜଳି ମହାପାତ୍ର ଓ ଡ. ଶ୍ୟାମାମଣି ଦେବୀ।

## ୨୦୨୨ ପ୍ରଥମ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ

■ ୬୪ ଜଣଙ୍କୁ ସମ୍ମାନିତ କଲେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୫ଜଣ ଓଡ଼ିଆଙ୍କୁ ଦେଶରେ ମର୍ଯ୍ୟାଦାଜନକ ପଦ୍ମଶ୍ରୀ ମିଳିଛି। ସମାଜସେବା କ୍ଷେତ୍ରରେ ସମାଜ ସଂସ୍କାରକ ତଥା ବିଶିଷ୍ଟ ପ୍ରବଚକ ଶ୍ରୀମଦ୍ ବାବା ବଳିଆ, ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ପ୍ରଫେସର ଡ. ଆଦିତ୍ୟ ପ୍ରସାଦ ଦାଶ, କଳା କ୍ଷେତ୍ରରେ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ଶ୍ୟାମାମଣି ଦେବୀ, ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ସାହିତ୍ୟିକ ନରସିଂହ ପ୍ରସାଦ ଗୁରୁ ଏବଂ ପ୍ରଶାସନିକ ସେବା କ୍ଷେତ୍ରରେ ବରିଷ୍ଠ ଆଇଏଏସ୍ ଅଫିସର ସ୍ୱର୍ଗତ ଗୁରୁ ପ୍ରସାଦ ମହାପାତ୍ରଙ୍କୁ ଏହି ସମ୍ମାନ ମିଳିଛି। ସୋମବାର ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ଆୟୋଜିତ ୨୦୨୨ର ପ୍ରଥମ ପର୍ଯ୍ୟାୟ ପଦ୍ମ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏମାନଙ୍କ ସହ ମୋଟ ୬୪ଜଣଙ୍କୁ ପଦ୍ମ ସମ୍ମାନ ପ୍ରଦାନ କରିଛନ୍ତି। ୨ ଜଣଙ୍କୁ ପଦ୍ମ ବିଭୂଷଣ, ୮ଜଣଙ୍କୁ ପଦ୍ମଭୂଷଣ ଓ ୫୪ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଛି। ତେବେ ସ୍ୱର୍ଗତ ଗୁରୁ ପ୍ରସାଦ ମହାପାତ୍ରଙ୍କୁ ମରଣୋତ୍ତର ଭାବେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ସ୍ତ୍ରୀ ଅଞ୍ଜଳି ମହାପାତ୍ର ରାଷ୍ଟ୍ରପତିଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି।

ପଦ୍ମ ପୁରସ୍କାର ବିତରଣ ଉତ୍ସବରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରୀ ଅମିତ ଶାହା, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ପଦ୍ମ ପୁରସ୍କାରର ଦ୍ୱିତୀୟ ପର୍ଯ୍ୟାୟ ବିତରଣ କାର୍ଯ୍ୟକ୍ରମ ଆସନ୍ତା ୨୮ ତାରିଖରେ ଆୟୋଜନ କରାଯିବ। ଉକ୍ତ ପୁରସ୍କାର ବିତରଣ ସମାରୋହରେ ଖ୍ୟାତନାମା ଲେଖିକା ପ୍ରତିଭା ରାୟଙ୍କୁ ପଦ୍ମ ଭୂଷଣ ଓ ପାରା ଅଲିମ୍ପିକରେ ବ୍ୟାଡ଼ମିଣ୍ଟନରେ ସ୍ୱର୍ଣ୍ଣ ପୁରସ୍କାର ବିଜେତା ପ୍ରମୋଦ ଭଗତଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି।






> ବାହ୍ୟ ଘଟଣାଗୁଡିକୁ ଆଧାରକରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ–ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କ'ଣ ପ୍ରଥମ ସର୍ତ୍ତ ନୁହେଁ? ଘଟଣାଗୁଡିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ। –ଶ୍ରୀମା

# ଏଜେଣ୍ଟ ପାର୍ଟି

ଅଲ୍ଇଣ୍ଡିଆ ମଜ୍‌ଲିସ–ଇ–ଇତେହାଦୁଲ ମୁସଲିମିନ୍ (ଏଆଇଏମ୍ଆଇଏମ୍)ର ଭୂମିକା ବିହାର ବିଧାନସଭା ନିର୍ବାଚନରୁ ସ୍ପଷ୍ଟ ଜଣାପଡ଼ିଯାଇଛି। ଭାଜପାର ହିନ୍ଦୁତ୍ୱ ଡାକରା ଫଳରେ ମୁସଲମାନ ଭୋଟଦାତା ଏକଜୁଟ୍ ହେବେ ବୋଲି ଭାବି ଭାଜପାର ନେତୃତ୍ୱ ଏକ ଅଭିନବ କିନ୍ତୁ ବୁଝିହେଉଥିବା ଖେଳ ଖେଳିଛନ୍ତି। ବିହାର ପରେ ପଶ୍ଚିମବଙ୍ଗ ଓ ନିକଟରେ ଶେଷ ହୋଇଥିବା ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଏଆଇଏମ୍ଆଇଏମ୍ ଦଳ ସବୁଠାରେ ନିଜର ପ୍ରାର୍ଥୀ ଛିଡ଼ା କରାଇ ଅଣ–କଂଗ୍ରେସ ଦଳଗୁଡ଼ିକଠାରୁ ମୁସଲମାନ ଭୋଟକୁ ଦୂରେଇ ରଖିବା ପାଇଁ ପ୍ରାଣପଣେ ଉଦ୍ୟମ କରିଆସିଛି। ଉତ୍ତରପ୍ରଦେଶ ନିର୍ବାଚନର ଅଳ୍ପ ଦିନ ପୂର୍ବରୁ ଏଆଇଏମ୍ଆଇଏମ୍‌ର ନେତା ଅସାଦୁଦ୍ଦିନ ଓ୍ୱାଇସିଙ୍କ ଗାଡ଼ି ଉପରେ ଆକ୍ରମଣ ହେଲା ବୋଲି ଦେଶବ୍ୟାପୀ ଗଣମାଧ୍ୟମରେ ପ୍ରଚାର କରାଗଲା। ଓ୍ୱାଇସିଙ୍କୁ ଜେଡ୍ କ୍ଲାସ ସୁରକ୍ଷା ପ୍ରଦାନ କରିବାକୁ କେନ୍ଦ୍ର ସରକାର ପ୍ରସ୍ତାବ ଦେବା ମାତ୍ରକେ ପ୍ରତିକ୍ରିୟା ପ୍ରକାଶ କରି ଓ୍ୱାଇସି କହିଲେ ଯେ, ତାଙ୍କୁ ସେହି ଉଚ୍ଚମାନର ସୁରକ୍ଷା ଦେବା ପରିବର୍ତ୍ତେ ଆକ୍ରମଣକାରୀଙ୍କ ବିରୋଧରେ କଠୋରତମ ଆତଙ୍କବାଦୀ ନିରୋଧୀ ଆଇନ ବଳରେ ଗିରଫ କରାଯାଉ। ଏହାପରେ ନାଟକର ସମାପ୍ତି ଘଟିଲା ବୋଲି ଯେଉଁମାନେ ଭାବିଥିଲେ ସେମାନେ ଆଉଥରେ ଭାବିବା ପାଇଁ ବାଧ୍ୟ ହେଲେଣି। ଅସାଦୁଦ୍ଦିନ ଓ୍ୱାଇସିଙ୍କ ଭଳି କଠୋରବାଦୀ ମୁସଲ୍‌ମାନ ଭାବମୂର୍ତ୍ତି ରଖିଥିବା ଅନ୍ୟ କୌଣସି ଦ୍ୱିତୀୟ ନେତା ନାହାନ୍ତି। ହାଇଦ୍ରାବାଦରୁ ବାରମ୍ବାର ଜିତୁଥିବା ଓ୍ୱାଇସି ଜଣେ ବିଦେଶ ଫେରନ୍ତା ଉଚ୍ଚଶିକ୍ଷିତ ନେତା ହୋଇଥାଇ ପାରନ୍ତି, କିନ୍ତୁ ତାଙ୍କର ପ୍ରତ୍ୟେକ କାର୍ଯ୍ୟ ମୁସଲମାନ ସମ୍ପ୍ରଦାୟକୁ ଗଭୀର କ୍ଷତି ଘଟାଉଛି। ନିଜର ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ସବୁ କାର୍ଯ୍ୟ କରୁଥିବା ହେତୁ ତାଙ୍କର ଦୃଷ୍ଟି ଦେଶ ଓ ନିଜ ସମ୍ପ୍ରଦାୟର ହିତଠାରୁ ଦୂରେଇ ଯାଇଛି। ନିଜ ପୋଷାକଠାରୁ ବ୍ୟବହାର କରୁଥିବା ଭାଷା ପର୍ଯ୍ୟନ୍ତ ଓ୍ୱାଇସିଙ୍କଠାରେ ସୁନ୍ନି ମୁସଲମାନ ଛାପ ରହିଥିବା ବେଳେ ତାଙ୍କର ଭିତିରି ଭାଜପା ସହିତ ବୁଝାମଣା ଅତି ସହଜରେ ବୁଝି ହୁଏ। ତାଙ୍କ ସମ୍ପର୍କରେ ପ୍ରଚାର କରୁଥିବା ଗଣମାଧ୍ୟମଗୁଡ଼ିକୁ ଦେଖିଲେ ସେଥିରେ ଉଦ୍ଦେଶ୍ୟ ବାରି ହୋଇଯିବା କଷ୍ଟକର ନୁହେଁ।

> **ଏହି ଖେଳ ବୁଝି ଉଦ୍ଧବ ଠାକ୍‌ରେ ସେହି ପ୍ରସ୍ତାବକୁ ତୁରନ୍ତ ଅଗ୍ରାହ୍ୟ କରିଦେବା ଫଳରେ ଏଆଇଏମ୍ଆଇଏମ୍‌କୁ ଶକ୍ତ ଝଟ୍‌କା ହେବା କଥା। କିନ୍ତୁ ଏଜେଣ୍ଟ ପାର୍ଟି ପାଇଁ ଏଭଳି ପଦାରେ ପଡ଼ିବା ବାଧି ନ ପାରେ।**

କୌତୂହଳର ବିଷୟ ହେଲା ଯେ ଅସାଦୁଦ୍ଦିନ ଓ୍ୱାଇସିଙ୍କ ଏଆଇଏମ୍ଆଇଏମ୍ ପ୍ରଥମ ଥର ପାଇଁ ବିହାରରେ ବିଧାନସଭା ନିର୍ବାଚନ ଲଢ଼ି ୫ଟି ଆସନ ହାସଲ କରିପାରିଥିଲା। ପରବର୍ତ୍ତୀ ସମୟରେ ପଶ୍ଚିମବଙ୍ଗ ଏବଂ ନିକଟ ଅତୀତରେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ସେହି ଦଳ ଗୋଟିଏ ହେଲେ ଆସନ ଜିତିପାରି ନ ଥିଲା। ଏଥିରୁ ବୁଝିବାକୁ ହେବ ଯେ ସେହିସବୁ ରାଜ୍ୟରେ ସାଧାରଣ ଭୋଟର ଓ୍ୱାଇସିଙ୍କ ଚତୁରତାକୁ ବୁଝି ତାଙ୍କ ଉପରେ ହସିଥିଲେ। କିନ୍ତୁ ରାଜନୀତିରେ ଅଷ୍ଟ୍ରିଚ୍ ଚଢ଼େଇ ଭଳି ଚକ୍ଷୁ ବନ୍ଦ କରି କେତେକ ନେତା ଭାବନ୍ତି ଯେ ତାଙ୍କୁ କେହି ବୁଝିପାରୁ ନାହାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଶ୍ମୀରରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଗୃହବନ୍ଦୀ ରହିଥିବା ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସପକ୍ଷରେ ଓ୍ୱାଇସି କୌଣସି ମନ୍ତବ୍ୟ ଦେଇଥିବା କେହି ଶୁଣି ନ ଥିବେ।

ଏବେ ସେହି ପିଲାଳିଆମି ପ୍ରଦର୍ଶନ କରି ଓ୍ୱାଇସିଙ୍କ ଏଆଇଏମ୍ଆଇଏମ୍ ଦଳର ସାଂସଦ ଇମ୍‌ତିୟାଜ୍ ଜଲିଲ୍ ଗଣମାଧ୍ୟମକୁ କହିଛନ୍ତି ଯେ ଭାଜପାକୁ କ୍ଷମତାଠାରୁ ଦୂରେଇ ରଖିବା ସକାଶେ ଏଆଇଏମ୍ଆଇଏମ୍ ତାହାର ସହଯୋଗ ଶିବସେନାକୁ ଦେବା ପାଇଁ ପ୍ରସ୍ତୁତ ଅଛି। ସ୍ୱାଭାବିକ ଭାବେ, ଶିବସେନାର ସୁପ୍ରିମୋ ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଏଆଇଏମ୍ଆଇଏମ୍ ଏକ ଭାଜପାର ଚେଲା ଦଳ ବୋଲି ଅଭିହିତ କରିଛନ୍ତି। ଉଦ୍ଧବଙ୍କ କହିବା ଅନୁଯାୟୀ ଏହି ଚାଲ୍ ପଛରେ ଭାଜପାର ହାତ ରହିଛି। ଶିବସେନା ନେତାଙ୍କ ମତ ସାଧାରଣରେ ବୁଝାପଡୁଛି। ଏଆଇଏମ୍ଆଇଏମ୍ ସହିତ ହାତ ମିଶାଇଥିବାର କୌଣସି ପ୍ରକାର ଗୁଜବ କରାଇପାରିଲେ ମହାରାଷ୍ଟ୍ରରେ ହିନ୍ଦୁତ୍ୱ ଶକ୍ତିକୁ ନିଜଆଡ଼କୁ ଟାଣିନେବା ପାଇଁ ଭାଜପା ସଫଳ ହେବ ବୋଲି ଭାବୁଛି। ଏହି ଖେଳ ବୁଝି ଉଦ୍ଧବ ଠାକ୍‌ରେ ସେହି ପ୍ରସ୍ତାବକୁ ତୁରନ୍ତ ଅଗ୍ରାହ୍ୟ କରିଦେବା ଫଳରେ ଏଆଇଏମ୍ଆଇଏମ୍‌କୁ ଶକ୍ତ ଝଟ୍‌କା ହେବା କଥା। କିନ୍ତୁ ଏଜେଣ୍ଟ ପାର୍ଟି ପାଇଁ ଏଭଳି ପଦାରେ ପଡ଼ିବା ବାଧି ନ ପାରେ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | 9 | | 3 | | 5 |
| | | | 8 | | | | | |
| 9 | 7 | | | | 1 | | | 8 |
| 4 | | | | 2 | | | | |
| | | | | | | | | 6 |
| 5 | | | 9 | | 7 | 2 | | |
| 2 | 1 | | | | | | | |
| | | | | | 4 | 5 | | |
| | | 5 | | 8 | | 9 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 5 | 2 | 1 | 8 | 3 | 6 | 9 |
| 1 | 3 | 8 | 4 | 6 | 9 | 7 | 5 | 2 |
| 2 | 9 | 6 | 7 | 3 | 5 | 8 | 4 | 1 |
| 4 | 5 | 2 | 3 | 8 | 1 | 6 | 9 | 7 |
| 3 | 8 | 7 | 6 | 9 | 2 | 4 | 1 | 5 |
| 9 | 6 | 1 | 5 | 4 | 7 | 2 | 8 | 3 |
| 6 | 1 | 4 | 9 | 2 | 3 | 5 | 7 | 8 |
| 8 | 7 | 3 | 1 | 5 | 6 | 9 | 2 | 4 |
| 5 | 2 | 9 | 8 | 7 | 4 | 1 | 3 | 6 |

ଗତକାଲିର ଉତ୍ତର

# ଭୂତଳ ଜଳ ହ୍ରାସ ବିପଦ



ଡ. ପ୍ରମୋଦ କୁମାର ପଣ୍ଡା

ମାର୍ଚ୍ଚ ୨୨କୁ ପ୍ରତିବର୍ଷ ବିଶ୍ୱ ଜଳ ଦିବସ ରୂପେ ପାଳନ କରାଯାଏ। ଏ ବର୍ଷ ବିଶ୍ୱ ଜଳ ଦିବସର ବାର୍ତ୍ତା ହେଉଛି – ଭୂତଳ ଜଳ: ଅଦୃଶ୍ୟରୁ ଦୃଶ୍ୟ। ଅର୍ଥାତ୍ ଭୂତଳ ଜଳ ଅଦୃଶ୍ୟ ହେଲେ ମଧ୍ୟ ତା'ର ଅଭାବ ପରିବେଶରେ ଦୃଶ୍ୟମାନ ପ୍ରଭାବ ଦେଖାଇଥାଏ। ଏବେ ସହରଗୁଡ଼ିକରେ ଭୂତଳ ଜଳ ସମସ୍ୟା ଗ୍ରାମାଞ୍ଚଳଠୁ ଅତି ଉତ୍କଟ ରୂପ ଧାରଣ କଲାଣି।

ଜଳ ହିଁ ପ୍ରକୃତ ଜୀବନ। ଏହା ବୃକ୍ଷ, ପଶୁପକ୍ଷୀ ଓ ମନୁଷ୍ୟଙ୍କ ପାଇଁ ଅପରିହାର୍ଯ୍ୟ। ପୂର୍ବେ ଭୂଗର୍ଭରେ ପ୍ରଚୁର ଜଳ ଥିଲା। ପ୍ରଚୁର ପରିମାଣର ବର୍ଷାଜଳ ଭୂଗର୍ଭକୁ ପଶୁଥିଲା। ଡିଜେଲ, ପେଟ୍ରୋଲ କିମ୍ବା ବିଦ୍ୟୁତ୍‌ଚାଳିତ ପମ୍ପ ଉଦ୍ଭାବିତ ହୋଇ ନ ଥିବାରୁ ସେତେବେଳେ ଚାଷୀମାନେ କେବଳ କୂଅ କିମ୍ବା ତେଣ୍ଡାରୁ ପାଣି କାଢି ନିତ୍ୟ ବ୍ୟବହାର ଓ ଜଳସେଚନ ପାଇଁ ବିନିଯୋଗ କରୁଥିଲେ। ହେଲେ ଉପରୋକ୍ତ ବର୍ଣ୍ଣିତ ପମ୍ପଗୁଡ଼ିକର ଉଦ୍ଭାବନ ଫଳରେ ଖୁବ୍ କମ୍ ସମୟରେ ଆମେ ବହୁ ପରିମାଣର ଭୂତଳ ଜଳ ଉତ୍ତୋଳନ କରିବାରେ ସକ୍ଷମ ହେଲୁ। ଫଳରେ ଭୂତଳ ଜଳ ହ୍ରାସ ପାଇବାରେ ଲାଗିଲା।

ସାଧୀନତା ପୂର୍ବବର୍ତ୍ତୀ ସମୟରେ ଆମେ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭର ନ ଥିଲୁ। ଆମେରିକା ପ୍ରଭୃତି ଦେଶରୁ ଖାଦ୍ୟ ଆମଦାନୀ କରିବାକୁ ପଡୁଥିଲା। ଧୀରେ ଧୀରେ ଆମେ ରବି ଓ ଗ୍ରୀଷ୍ମ ଋତୁରେ ଭୂତଳ ଜଳ ବ୍ୟବହାର ବୃଦ୍ଧିକରି ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭର ହେଲୁ। ଏବେ ଆମେ ପ୍ରଚୁର ମାତ୍ରାରେ ଖାଦ୍ୟ ରପ୍ତାନି ଆରମ୍ଭ କରିଛୁ। ତେଣୁ ଆମ ଭୂତଳ ଜଳ ଉପଯୋଗିତା ଆଶାତୀତ ଭାବେ ବୃଦ୍ଧି ପାଇଛି। ଅବଶ୍ୟ ଏହି ସମୟ ମଧ୍ୟରେ ଆମେ ବର୍ଷାଜଳ ସଂରକ୍ଷଣ ଓ ତା'ର ସଦୁପଯୋଗ ଉପରେ ଧ୍ୟାନ କେନ୍ଦ୍ରୀତ କରିଥିଲେ ମଧ୍ୟ ଭୂତଳ ଜଳ ସ୍ତର ହ୍ରାସକୁ ରୋକିବାରେ ସକ୍ଷମ ହୋଇପାରିନାହୁଁ। ଆମ ଦେଶର ପଞ୍ଜାବ, ହରିୟାଣା, ରାଜସ୍ଥାନ, ଦିଲ୍ଲୀ, ମଧ୍ୟପ୍ରଦେଶ, ପଶ୍ଚିମ ଉତ୍ତର ପ୍ରଦେଶ, ବୁନ୍ଦେଲଖଣ୍ଡ, ତାମିଲନାଡୁ, ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳ, ତେଲଙ୍ଗାନାରେ ଭୂତଳ ଜଳ ସ୍ତରର ଦ୍ରୁତ ହ୍ରାସ ସମସ୍ତଙ୍କୁ ଚିନ୍ତାଗ୍ରସ୍ତ କରିଛି। ଏକ ଗବେଷଣାରୁ ଜଣାଯାଏ ଯେ ଆଗ୍ରା ଆଖପାଖ ଅଞ୍ଚଳରେ ବାର୍ଷିକ ଭୂତଳ ଜଳ ସ୍ତର ହ୍ରାସ ପ୍ରାୟ ୬୧ରୁ ୧୧୦ ସେଣ୍ଟିମିଟର ରହିଛି। ଗ୍ରାମାଞ୍ଚଳରେ ଏ ସମସ୍ୟା ସେତେଟା ଉତ୍କଟ ନ ହେଲେ ବି, ସହରାଞ୍ଚଳରେ ଏହା ଏକ ମାରାତ୍ମକ ରୂପ ଧାରଣ କରିସାରିଲାଣି।

ଭାରତର ବିଭିନ୍ନ ସହରରେ ଭୂତଳ ଜଳ ହ୍ରାସ ଘଟୁଛି। ସେଥିମଧ୍ୟରୁ ହାଇଦ୍ରାବାଦ, ବେଙ୍ଗାଲୁରୁ ଓ ଚେନ୍ନାଇରେ ଏହାର ଦ୍ରୁତ ହ୍ରାସ ଭବିଷ୍ୟତ ଜଳ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଠିଆ କରିଛି। ଓଡ଼ିଶାର ସହରଗୁଡ଼ିକରେ ମଧ୍ୟ ଭୂତଳ ଜଳ ହ୍ରାସ ପରିଲକ୍ଷିତ ହେଲାଣି। ଭୁବନେଶ୍ୱରର ଶହୀଦନଗର, ଚନ୍ଦ୍ରଶେଖରପୁର, ଖଣ୍ଡଗିରି, ପାତ୍ରପଡ଼ା ପ୍ରଭୃତି ଅଞ୍ଚଳରେ ଭୂତଳ ଜଳ ପ୍ରାୟ ପାଖାପାଖି ୧୫୦–

## ବିଶ୍ୱ ଜଳ ଦିବସ ଉପଲକ୍ଷେ

୨୨୫ ଫୁଟ୍‌ରେ ଉପଲବ୍ଧ ହେଉଛି। କିଛି ଅଞ୍ଚଳରେ ୨୫୦–୩୦୦ ଫୁଟ୍ ତଳକୁ ପାଣି ଚାଲିଗଲାଣି। ଏହି ଜଳ ସମସ୍ୟାର ସମାଧାନ ପାଇଁ ପ୍ରାୟ ସବୁ ବଡ଼ ସହରକୁ ଦୂରରେ ଥିବା ନଦୀ, ନାଳ ବା ହ୍ରଦ କିମ୍ବା ନଦୀବନ୍ଧ ଯୋଜନାରୁ ଜଳ ଆଣି ପାଇପ ସାହାଯ୍ୟରେ ଯୋଗାଣ କରାଯାଉଛି। ପୂର୍ବେ ସହରଗୁଡ଼ିକର ତଳି ଅଞ୍ଚଳରେ ବହୁତ ଖାଲୁଆ ସ୍ଥାନ, ନୟନଯୋଡି ପ୍ରଭୃତି ଥିଲା, ଯାହାକି ବର୍ଷସାରା ବର୍ଷା ଜଳକୁ ଧରିରଖୁଥିଲା ଓ ଭୂତଳ ଜଳ ଭରଣା କରୁଥିଲା। ତେଣୁ ସହରଗୁଡ଼ିକରେ ଥିବା କୂଅରୁ ବର୍ଷସାରା ପାଣି ବାହାରୁଥିଲା। ମାତ୍ର ବର୍ତ୍ତମାନ ସହରଗୁଡ଼ିକରେ କୂଅ ଖୋଳି ପାଣି ବାହାର କରିବା ଅସମ୍ଭବ। କେବଳ ସବ୍‌ମର୍ସିବଲ ପମ୍ପ ସାହାଯ୍ୟରେ ପାଣି ଉତ୍ତୋଳନ ସମ୍ଭବ ହୋଇପାରୁଛି। ପୂର୍ବେ ସହରଗୁଡ଼ିକରେ ଅସଂଖ୍ୟ ଗାଡିଆ ଓ ପୋଖରୀ ଥିଲା। ଓଡ଼ିଶାର ବିଭିନ୍ନ ସହରରେ ବି କୃତ୍ରିମ ହ୍ରଦ ଭଳି ପୋଖରୀଗୁଡ଼ିକ ଥିଲା। ବିଶେଷ କରି ମନ୍ଦିର ପାଖରେ ଛୋଟ ବଡ଼ ପୋଖରୀ ଖୋଳାଯାଉଥିଲା। ଏହି ପୋଖରୀଗୁଡ଼ିକ ବର୍ଷାଜଳ ସଂରକ୍ଷଣ କରି ଭୂତଳ ଜଳ ଭରଣା ପାଇଁ ତାକୁ ମାଟି ତଳକୁ ପଠାଉ ଥିଲେ। ହେଲେ ସହରରେ ଜମି ଦାମ୍ ବଢିଯିବା ପରେ ଜନସାଧାରଣ ଖାଲୁଆ ଜାଗା, ଗାଡିଆ, ପୋଖରୀ ପ୍ରଭୃତିରେ ବାଲି ଭର୍ତ୍ତି କରି ସେଠାରେ ସୁଉଚ୍ଚ ଅଟ୍ଟାଳିକା ମାନ ନିର୍ମାଣ କରାଗଲା। ଏହାଯୋଗୁ ବର୍ଷାଦିନେ ଜଳ ରହିବା ପାଇଁ ଜାଗା ନ ପାଇବାରୁ, ରାସ୍ତାରେ ଲହଡି ମାରୁଛି ଓ ଚେନ୍ନାଇ ଏବଂ ମୁମ୍ବାଇ ସହର ଭଳି ମହାନଗରରେ ପ୍ରତିବର୍ଷ କୃତ୍ରିମ ବନ୍ୟା ସୃଷ୍ଟି କରୁଛି। ଏହା ଭିତରେ ଆଉ ଏକ ଦୁର୍ବୁଦ୍ଧି ଆମ ମୁଣ୍ଡକୁ ଜୁଟିଛି। ତାହା ହେଉଛି ସ୍ମାର୍ଟ ସହର ନାମରେ କଂକ୍ରିଟ ଜଙ୍ଗଲ ସୃଷ୍ଟି। ସୌନ୍ଦର୍ଯ୍ୟକରଣ ନାମରେ ସବୁ ସ୍ଥାନରେ ପକ୍କା ବା କଂକ୍ରିଟକୁ ପ୍ରାଧାନ୍ୟ ଦିଆଯାଉଛି। ଯଦି ଏକ ବଡ଼ ସହରର ସିଂହଭାଗ ଅଞ୍ଚଳ କଂକ୍ରିଟ ବା ପିଚୁ ଦ୍ୱାରା ଆଚ୍ଛାଦିତ ହୁଏ, ଭୂତଳ ଜଳ ଭରଣା ହେବ କିପରି? ସହରରେ ହେଉଥିବା ବର୍ଷାଜଳ କଂକ୍ରିଟ ଯୋଗୁ ମାଟି ଭିତରକୁ ନ ଯାଇ ପକ୍କା ନାଳ ଦେଇ ନଦୀ ଓ ସମୁଦ୍ରକୁ ଚାଲିଯାଉଛି। ଯେଉଁ ସହରରେ ଜଳ ସୁରକ୍ଷା ନାହିଁ, ତାକୁ ଆମେ ସ୍ମାର୍ଟ ସହର କହିବା କିପରି?

ଭୂତଳ ଜଳର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ସବୁଦିନିଆ ବୃକ୍ଷକୁ ବଞ୍ଚାଇଥାଏ। ଯଦି କୌଣସି ଅଞ୍ଚଳରେ ଭୂତଳ ଜଳ ଶେଷ ହୋଇଯିବ, ସେଠାରେ ଥିବା ସବୁଦିନିଆ ବଡ଼ ଗଛଗୁଡ଼ିକ ବର୍ଷାଦିନକୁ ଛାଡିଦେଲେ ଶୀତ ଓ ଗ୍ରୀଷ୍ମ ଋତୁରେ ଜଳ ଅଭାବରୁ ମରିଯିବେ। ବୃକ୍ଷରାଜି ମରିଗଲେ, ସେ ଅଞ୍ଚଳର ଭୂପୃଷ୍ଠ ତାପମାତ୍ରା ବୃଦ୍ଧି ପାଇବ। ତାପମାତ୍ରା ବୃଦ୍ଧି ହେଲେ ମାଟିରେ ଥିବା ଜୈବିକ ଅଙ୍ଗାରକ ଗ୍ୟାସୀୟ ଅଙ୍ଗାରକ ହୋଇ ବାୟୁମଣ୍ଡଳକୁ ଚାଲିଯିବ। ମୃତ୍ତିକାରେ ଜୈବିକ ଅଙ୍ଗାରକ କମିଗଲେ, ମୃତ୍ତିକା ତା'ର ବାନ୍ଧିରଖିବା ଗୁଣ ହରାଇବ ଓ ମାଟିକଣା ସବୁ ଅଲଗା ଅଲଗା ହୋଇ ମୃତ୍ତିକା କ୍ଷୟରେ ନଷ୍ଟ ହୋଇଯିବେ। ଧୀରେ ଧୀରେ ସେ ଅଞ୍ଚଳ ମରୁଭୂମିରେ ପରିଣତ ହେବ। ସହରରୁ ସବୁଦିନିଆ ଗଛ ଲୋପ ପାଇଲେ, ଖାଦ୍ୟ ଓ ବାସଗୃହ ଅଭାବରୁ ସହରରେ ଆଉ ପକ୍ଷୀ ଓ କୀଟ ପତଙ୍ଗ ଦେଖାଦେବେ ନାହିଁ। ଉତ୍ତାପ ବଢ଼ିଲେ ସହରର ବିଭିନ୍ନ ପଶୁ ପକ୍ଷୀ ଯଥା ନେଉଳ, ଗୁଣ୍ଡୁଚିମୂଷା, ଅଣୁଜୀବ, ପ୍ରଜାପତି, ବିଭିନ୍ନ ପ୍ରକାର ପକ୍ଷୀ ଇତ୍ୟାଦି ଲୋପ ପାଇଯିବେ ଓ ଜୈବବିବିଧତା ନଷ୍ଟ ହୋଇଯିବ। ତେଣୁ ଆମକୁ ସହରର ଭୂତଳ ଜଳ ଭରଣା ପାଇଁ ପଦକ୍ଷେପ ନେବାକୁ ପଡିବ। ବୃହତ୍ ସହରର ଜଳ ଆବଶ୍ୟକତାକୁ ଦେଖି ଭୂତଳ ଜଳ ଭରଣା ପାଇଁ ବଡ଼ ବଡ଼ ପୋଖରୀ ଖୋଳାଯିବା ଦରକାର। ଯେତେ ନାଳ, ଯୋର ପ୍ରଭୃତି ପ୍ରାକୃତିକ ଜଳଉତ୍ସ ଅଛି, ସେଗୁଡ଼ିକର ସଂରକ୍ଷଣ ପାଇଁ ଦୃଢ଼ ଆଇନ ଆଣିବାକୁ ପଡ଼ିବ ଏବଂ ସେଗୁଡ଼ିକର କିସମ ପରିବର୍ତ୍ତନ ବନ୍ଦ କରାଯିବା ଉଚିତ। ସେଥିରେ ଆମକୁ ଜଳ ସଂରକ୍ଷଣ ଓ ଭୂତଳ ଜଳ ଭରଣା ପାଇଁ ବହୁ ସଂଖ୍ୟାରେ ଚେକ୍‌ଡ୍ୟାମ ନିର୍ମାଣ କରିବାକୁ ପଡିବ। କୃତ୍ରିମ ଭୂତଳ ଜଳ ଭରଣା ୟୁନିଟ୍ ସହରରେ ବିଭିନ୍ନ ସ୍ଥାନରେ ଲଗାଇବାକୁ ହେବ। ପ୍ରତି ଘରୁ ବର୍ଷାଜଳ ସଂଗ୍ରହ କରି କିଛି ଅଂଶ ବ୍ୟବହାର କରିବା, ଆଉ କିଛି ଭୂତଳ ଜଳ ଭରଣା ପାଇଁ ଛାଡ଼ିବା ଉଚିତ। ମୋଟାମୋଟି କହିବାକୁ ଗଲେ ସହରରେ ହେଉଥିବା ବୃଷ୍ଟିପାତର ସିଂହ ଭାଗ କିପରି ସହରରେ ସଂରକ୍ଷିତ ହେବ ଓ ଭୂତଳ ଜଳ ଭରଣାରେ ସାହାଯ୍ୟ କରିବ ତା' ପାଇଁ ବ୍ୟବସ୍ଥା କରାଯିବା ଉଚିତ। ଏ କାର୍ଯ୍ୟ କେବଳ ସରକାରଙ୍କ ଉପରେ ଛାଡିଲେ ହେବ ନାହିଁ, ଜନସାଧାରଣଙ୍କ ସହଭାଗିତା ମଧ୍ୟ ଆବଶ୍ୟକ। ସମସ୍ତେ ମିଶି ଦ୍ରୁତ ହ୍ରାସ ପାଉଥିବା ଭୂତଳ ଜଳ ସ୍ତର ରୋକିବା ଓ ତା'ର ପୁନଃଭରଣା ପାଇଁ ଆବଶ୍ୟକ ପଦକ୍ଷେପ ନେଲେ ସମସ୍ତଙ୍କ ପାଇଁ ଜଳ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ।

**ପ୍ରଧାନ ବୈଜ୍ଞାନିକ**
**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ**
**(ଭାରତ ସରକାର), ଭୁବନେଶ୍ୱର**
**ମୋ: ୮୯୧୭୪୨୬୪୪୦**

# ମୁଣ୍ଡର ମୂଲ୍ୟ



ହରେକୃଷ୍ଣ ଦାସ

ସେଦିନ ପ୍ରାତଃ ଭ୍ରମଣରୁ ଫେରିବା ବେଳେ ରଥ ମଉସାଙ୍କୁ ତାଙ୍କ ଘର ଗେଟ୍ ପାଖରେ ଦେଖି ଅଟକିଯିବା ମାତ୍ରେ ସେ ମୋ ସହ ଗପସପ ହେବା ଉଦ୍ଦେଶ୍ୟରେ ଭିତରକୁ ଡାକିଲେ। ତାଙ୍କ ଦେହ ମୁହଁରୁ ଗମ୍‌ଗମ୍ ଝାଳ ବାହାରୁଥାଏ। 'ଆପଣ ଏତେ ବଡ଼ ଲୋକ, ପୁଣି ବୟସ ହୋଇଗଲାଣି। ଏମିତିଆ ପରିଶ୍ରମ କରି ବାଡ଼ି ସଫା କରି ଧଇଁସଇଁ ହୋଇଯାଉଛନ୍ତି– ଦେଖିବାକୁ ଭଲ ଲାଗୁନି ମଉସା।' ମଉସା କହିଲେ, ବଡ଼ ଲୋକ କ'ଣ। ତା' ଛଡ଼ା ନିଜ ବାଡ଼ି ସଫା କରିବାରେ ଖରାପ ଲାଗିବାର କ'ଣ ଅଛି? ଏମିତିଆ ସମୟ ବିତେଇଲେ ଟିକିଏ ଭଲ ଲାଗୁଛି। ପୁଅଟା ଘରେ ଅଛି ଯେ, ହେଲେ ତାକୁ ଏସବୁ କିଛି କହିବାକୁ ଭଲ ଲାଗୁନି। ଠିକ୍ କଥା, ପିଲାଏ ନିଜ ଆଡୁ ମା'ବାପାଙ୍କ ବୋଝ ହାଲୁକା ନ କଲେ ସେମାନଙ୍କୁ ଏ ବୟସରେ କହିବାକୁ ଭଲ ଲାଗିବନି। ଏମିତିରେ ବି ଆପଣ ଖୁବ୍ ସ୍ୱାଭିମାନୀ ମଣିଷ...।

ଆମ ଗପସପର ଶବ୍ଦ ଶୁଣି ଘର ଭିତରୁ ମାଉସୀ ବାହାରି ଆସିଲେ। ସେ ମତେ କହିଲେ 'ବୁଝିଲ ବାପା, ତୁମ ମଉସା ଜମା ବୁଝିଲା ଲୋକ ନୁହଁ। ଯେତେ ମନାକଲେ ସେ ଏ କାମ କରୁଛନ୍ତି।' 'ହଁ, ବାଡ଼ିଟା ଅରମା ହୋଇପଡିଥିବାରୁ ମଉସାଙ୍କୁ ଭଲ ଲାଗୁନି। ତେଣୁ କଷ୍ଟ ଲାଗୁ ପଛେ ତାକୁ ସଫା କରୁଛନ୍ତି। ପୁଅ ତ ଏବେ ଘରେ ଅଛି, ଟିକିଏ ମିଶି ଯାଇଥିଲେ...'। ମୋ ପାଟିରୁ କଥା ସରିଛି କି ନାହିଁ ମାଉସୀ କହିଲେ 'ସେ କଥା କୁହନି ବାପା! ମୋ ପୁଅ କାଲି ସନ୍ଧ୍ୟା ବେଳେ ବାଡିରୁ କ'ଣ ଦିଇଟା ଲଟା ସଫା କଲା ଯେ ହାଲିଆ ହୋଇ ଏଯାଏ ଶୋଇଛି। କାଲି ମୁଁ ତାକୁ ପାଟି କଲି; ହଇରେ, ତୋର ଦି' ଲକ୍ଷଟଙ୍କିଆ ମୁଣ୍ଡ। ତୁ ଯାଇ ଏଇ ଧୂଳିଧୂସର କାମ କରିବୁ!'

ଦି' ଲକ୍ଷଟଙ୍କିଆ ମୁଣ୍ଡ କଥା ଶୁଣି ମୁଁ ଚମକି ପଡ଼ିଲି, ରାଗରେ ଜଳିଗଲି। କହିଲି, ଆଚ୍ଛା, ମଉସାଙ୍କ ଭଳିଆ ଜଣେ ବିଦ୍ୱାନ, ଦେଶରେ ବିଖ୍ୟାତ ଜଣେ ଯଶବାନ୍ ମଣିଷ କେତେ ଲକ୍ଷଟଙ୍କିଆ ମୁଣ୍ଡ ହେବେ, ସେକଥା କେବେ ହିସାବ କରିଛନ୍ତି ମାଉସୀ? ମଉସାଙ୍କ ମୁଣ୍ଡ ପାଖରେ ଆପଣଙ୍କ ପୁଅ ମୁଣ୍ଡର ମୂଲ୍ୟ କ'ଣ?' ମାଉସୀ ଜବାବ ଦେଲେ, 'ତୁମ ମଉସା ଯେତେ ନାଁ କମେଇଲେ ବି କେତେ ଟଙ୍କା ରୋଜଗାର କଲେ? କ'ଣଟା କରିପାରିଲେ? ଭଲ ଘର ଖଣ୍ଡେ ତ ଦୂରର କଥା, ସେଇ ଖଣ୍ଡିଆ ସାଇକେଲରେ ଜୀବନ ବିତିଲା। ମୋ ପୁଅ ହେଇଟି ବଡ଼ ଘରଟେ କିଣିଛି। ଗାଡ଼ିଟେ କିଣିବ ଯେ ତାକୁ ମଣିଷ ଚଲେଇବା ଦରକାର ନାହିଁ, ସୁଇଚ ଟିପିଲେ କାଳେ ସେ ମନକୁ ମନ ଚାଲିବ। ଅଟୋମେଟିକ ଗାଡ଼ି ବିଷୟରେ ତାଙ୍କ ମୂର୍ଖତା ଦେଖି ତାଙ୍କ ପ୍ରଶ୍ନର ଉତ୍ତର ନ ଦେଇ କହିଲି, ଆଚ୍ଛା ମାଉସୀ, ତା' ହେଲେ ଆପଣ ଭାବୁଛନ୍ତି ଯେ ଜଣକର ମୁଣ୍ଡର ମୂଲ୍ୟ ତା'ର ଟଙ୍କା ରୋଜଗାର କରିବା ଅନୁସାରେ ହିଁ ବେଶି କିମ୍ବା କମ୍ ହୁଏ? ଠିକ୍ ବୁଝିଲ। ଏଇଟା ନିରାଟ ସତ କଥା। ଯଥେଷ୍ଟ ରୋଜଗାର ନ ଥାଇ ଶସ୍ତା ଫୁଟାଣି ଦେଖେଇ ଖାଲି ଯଶ ଅର୍ଜନ କଲେ ତା'ର କିଛି ମୂଲ୍ୟ ନାହିଁ। ତାଙ୍କ କଥା ଶୁଣି ଭୀଷଣ ବିରକ୍ତ ଏବଂ ଅପମାନିତ ଲାଗୁଥାଏ। କିନ୍ତୁ ନିଲଠା ହସଟେ ଦେଖେଇ କହିଲି, ଜାଣିଛନ୍ତି, ମୁକେଶ ଅମ୍ବାନୀଙ୍କ ଡ୍ରାଇଭରର ଦରମା ମାସକୁ ଦି' ଲକ୍ଷରୁ ବେଶି। ପୁଣି ରହିବା ମାଗଣା। ତା' ହେଲେ ଗୋଟେ ଡ୍ରାଇଭରର ମୁଣ୍ଡର ମୂଲ୍ୟ ଆପଣଙ୍କ ପୁଅର ମୁଣ୍ଡର ମୂଲ୍ୟଠାରୁ ବି ବେଶି! ଆମ ଗାଁର ସନା ରାଉତ, ସପ୍ତମ ଫେଲ୍। ତା' ବାପା ଅର୍ଜିଥିବା ସମ୍ପତ୍ତିର ବାରଣା ଭାଗ ବିଲ୍‌ଡରକୁ ଦେଇ ଏତିକି ଟଙ୍କା ଆଉ ଶେୟାରିଂରେ ଏତିକି ଘର ପାଇଛି ଯେ, ସେ ଏଇନେ ଘରେ ବସି କାଳେ ମାସକୁ ତିନି ଚାରି ଲକ୍ଷ ଟଙ୍କା ପାଉଛି। ତା' ହେଲେ ସନା ମୁଣ୍ଡର ମୂଲ୍ୟଠୁ ମଧ୍ୟ ଆପଣଙ୍କ ପୁଅ ମୁଣ୍ଡର ମୂଲ୍ୟ କମ୍! ଚୋର, ଡକାୟତ, ସ୍ମଗ୍‌ଲରଗୁଡ଼ାକ ମାସକୁ ଲକ୍ଷ ଲକ୍ଷ କ'ଣ କୋଟି କୋଟି ଟଙ୍କା କମଉଛନ୍ତି। ଆପଣ କହିଲା ଭଳିଆ ସୁଇଚ ଟିପିଲେ ଚାଲୁଥିବା ବହୁତ ଦାମୀ ଗାଡି ଚଢୁଛନ୍ତି। ସେମାନଙ୍କ ମୁଣ୍ଡର ମୂଲ୍ୟ ପାଖରେ ଆପଣଙ୍କ ପୁଅ ମୁଣ୍ଡର ମୂଲ୍ୟ କ'ଣ? ବୁଝିଲେ ମାଉସୀ, ମଉସା ଯେତିକି ଯଶ କୀର୍ତ୍ତି ସମ୍ମାନର ଅଧିକାରୀ ତାଙ୍କ ମୁଣ୍ଡର ମୂଲ୍ୟ ସହିତ କାହାକୁ ତୁଳନା କରିବା ଉଚିତ ନୁହେଁ। ଦୁନିଆରେ ଅନେକ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ଗବେଷକ, ପ୍ରଶାସକ ଅଛନ୍ତି ଯେଉଁମାନେ ମାସକୁ ଦି' ଲକ୍ଷ ଟଙ୍କା ରୋଜଗାର କରୁନାହାନ୍ତି। ସେମାନଙ୍କ ମୁଣ୍ଡର ମୂଲ୍ୟକୁ କେବେ ଟଙ୍କାରେ କଳି ହେବନି। ସେମାନେ ସମାଜର ପ୍ରଗତି ପାଇଁ, ଦେଶର ନିର୍ମାଣ ପାଇଁ ଜୀବନ ଉତ୍ସର୍ଗ କରିଦେଇଛନ୍ତି। ଜଣେ ଚେଷ୍ଟା କରି ବହୁତ ଟଙ୍କା ରୋଜଗାର କରିପାରେ, କିନ୍ତୁ ଚେଷ୍ଟା କରି ଯଶ କୀର୍ତ୍ତି ହାସଲ କରିହେବନି। ଯାହାର ସମାଜ ପାଇଁ କିଛି ଅବଦାନ ନାହିଁ ସେ ଯେତେ ଟଙ୍କା ରୋଜଗାର କଲେ ବି ତା' ମୁଣ୍ଡର କିଛି ମୂଲ୍ୟ ନ ଥାଏ।

ଏତିକି ବେଳେ ଆମ କଥାବାର୍ତ୍ତା ଶବ୍ଦରେ ନିଦ ଭାଙ୍ଗିଯିବାରୁ ମଉସାଙ୍କ ପୁଅ ଉଠି ବାହାରକୁ ଆସି ଆମ ସମସ୍ତଙ୍କୁ ଟିକେ ଚାହିଁଲା। କ'ଣ ଗୋଟେ କହିବାକୁ ଚେଷ୍ଟା କରୁକରୁ ମଉସାଙ୍କ ତଣ୍ଟିରେ କିଛି ଲାଗିଗଲା କି କ'ଣ ସେ କାଶି କାଶି ଅଣନିଃଶ୍ୱାସୀ ହୋଇଗଲେ। ମୁଁ ଧାଇଁଯାଇ ତାଙ୍କ ପିଠି ଆଉଁଶି ଦେଉଥାଏ। ସେ ହଠାତ୍ ବାନ୍ତି କରିପକେଇଲେ, ତାଙ୍କ ଶାର୍ଟ ଲୁଙ୍ଗି ଯେମିତି ପୂରା ବୁଡ଼ିଗଲା। ଦୂରରୁ ଥାଇ ଏ ଦୃଶ୍ୟ ଦେଖୁଥିବା ପୁଅକୁ ଚାହିଁ ମାଉସୀ କହିଲେ, ବାପାରେ, ଏ ଅସନା ଶାର୍ଟଟା ଖୋଲି ନେଇ ତୋ ନନାଙ୍କ ଦେହ ପୋଛି ଦେ। ଭଲ ଗାମୁଛାଟେ ଆଣି ଏଇଟା ବଦଳେଇଦେ। ଏତକ ଶୁଣିବା ମାତ୍ରେ ପୁଅ ମାଉସୀଙ୍କୁ ଚାହିଁ କହିଲା, ହେଃ, ମତେ କ'ଣ ଭାବିଲୁ କି! ଏମିତିଆ ଅସନା କାମ ମୋ ଭଳିଆ ପିଲା କରିବ ବୋଲି କହିବାକୁ ତୁ ସାହସ କେମିତି କଲୁ! ହୁଃ'। ଫଣଫଣ ହୋଇ ପୁଅ ମୁହଁ ବୁଲେଇ ଘର ଭିତରକୁ ପଶିଗଲା। ମଉସା ତ ନିସ୍ତେଜ ହୋଇପଡିଥିଲେ, ଏବେ ମାଉସୀ ଲଜ୍ଜା ଓ ଦୁଃଖରେ ମୁହଁ ତଳକୁ କରି ବସି ଥରୁଥାଆନ୍ତି। ଉଭୟଙ୍କର ଏ ଅବସ୍ଥା ଦେଖି ମୋ ଭିତରର ସବୁ କ୍ରୋଧ ପାଣି ପରି ତରଳି ଯାଇଥିଲେ ବି ମାଉସୀଙ୍କୁ କହିଲି, ବ୍ୟସ୍ତ ହୁଅନ୍ତୁନି। ଆପଣ ଯାଇ ଭଲ କପଡ଼ା ଆଣନ୍ତୁ। ଏ ଶାର୍ଟ ଲୁଙ୍ଗି ମୁଁ ବଦଳେଇ ଦଉଛି। ମାଉସୀ ସେଠୁ ଉଠି ଘରକୁ ଗଲା ବେଳକୁ ତାଙ୍କୁ ନ ଶୁଭିଲା ଭଳି ଅନୁଚ୍ଚ ସ୍ୱରରେ ମୋ ପାଟିରୁ ବାହାରି ପଡିଲା, ବାପର ସେବା କରିବାକୁ ହେଲେ ପୁଅ ଦି' ଲକ୍ଷଟଙ୍କିଆ ମୁଣ୍ଡ ହେବା ଉଚିତ ନ ଥିଲା।

**ଅଧ୍ୟାପକ, ଇଂଲିଶ ବିଭାଗ**
**ନିଆଳି କଲେଜ, କଟକ**
**ମୋ:୯୮୬୧୩୪୫୬୫୮**

## ଏଇ ଭାରତରେ

ଆନ୍ଧ୍ରପ୍ରଦେଶର ଦୁଇ ଯୁବ ଇଞ୍ଜିନିୟରଙ୍କ ବର୍ଜ୍ୟ ପରିଚାଳନା ପଦ୍ଧତି ଏକ ଉଦାହରଣ ସୃଷ୍ଟି କରିଛି। ତିରୁପତିର ଦର୍ଶନ ଚାଲୁର ଏବଂ ଚନ୍ଦନ କଙ୍ଗନାପଲ୍ଲୀ 'ଇକୋଫିନିକ୍ସ' ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ସେମାନେ ତିରୁପତି ସହରରୁ ସଂଗୃହୀତ ବର୍ଜ୍ୟରୁ ଖତ ପ୍ରସ୍ତୁତକରି କୃଷକମାନଙ୍କୁ ଶସ୍ତାରେ ବିକ୍ରି କରୁଛନ୍ତି। ମନ୍ଦିର ସହର ତିରୁପତିକୁ ପ୍ରତିବର୍ଷ ପ୍ରାୟ ୪ କୋଟି ଶ୍ରଦ୍ଧାଳୁ ଆସନ୍ତି ଓ ସହରରେ ପ୍ରତିଦିନ ୪ଟନ୍ ବର୍ଜ୍ୟ ଠୁଳ ହୁଏ। ଏହା ଯୋଗୁ ପରିବେଶ ପ୍ରଦୂଷଣ ବଢ଼ିଯାଏ। ଏଭଳି ସ୍ଥିତି ଟାଳିବାକୁ ଦର୍ଶନ ଓ ଚନ୍ଦନ ବର୍ଜ୍ୟରୁ ଖତ ତିଆରି କରିବା ଆରମ୍ଭକରି ଏବେ ସଫଳତା ପାଇଛନ୍ତି। ବର୍ତ୍ତମାନ ଦିନକୁ ୧ଲକ୍ଷ କେ.ଜି. ଖତ ପ୍ରସ୍ତୁତ କରାଯାଉଛି। ପ୍ରତି ମାସରେ ଖତ ବିକ୍ରି କରି ସେମାନେ ୧୦ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। କେ.ଜି. ପ୍ରତି ଖତ ଦର ରଖାଯାଇଛି ମାତ୍ର ୪ ଟଙ୍କା। ଏହା କୃଷକମାନଙ୍କ ପାଇଁ ବେଶ୍ ସହାୟକ ହୋଇପାରୁଛି ବୋଲି କହନ୍ତି ଚନ୍ଦନ।

## ୨୫ ବର୍ଷ ତଳର ଧରିତ୍ରୀ

**୨୨ ମାର୍ଚ୍ଚ ୧୯୯୭**

- ପେରୁର ରାଜଧାନୀ ଲିମାଠାରେ ଥିବା ବିଦ୍ରୋହୀମାନଙ୍କୁ ଜେଲରୁ ଖଲାସ କରିଦେବାର ସମ୍ଭାବନାକୁ ପେରୁର ରାଷ୍ଟ୍ରପତି ଆଲବର୍ଟୋ ଫୁଜିମୋରା ଅଗ୍ରାହ କରିଦେଇଛନ୍ତି।
- ହରିୟାଣା ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଧୀନ କୋଟାରୁ ମଞ୍ଜୁର ହୋଇଥିବା ସମସ୍ତ ଜମିର ପଟ୍ଟା ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ଦ୍ୱାରା ରଦ୍ଦ।
- ୨.୫ କୋଟି ଟଙ୍କାର ପାମୋଲିନ ଆମଦାନୀ ଦୁର୍ନୀତି ମାମଲାରେ କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା କେ. କରୁଣାକରନ୍‌ଙ୍କ ସମେତ ୪ ପୂର୍ବତନ ମନ୍ତ୍ରୀଙ୍କ ବିରୋଧରେ ମକଦ୍ଦମା ରୁଜୁ।
- ୧୧ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେବା ନିମନ୍ତେ ବିଧାନସଭା ସମ୍ମୁଖକୁ ଆସିଥିବା ବେଳେ ଅଙ୍ଗନୱାଡ଼ି କର୍ମଚାରୀଙ୍କ ସହ ପୋଲିସ ମଧ୍ୟରେ ଖଣ୍ଡଯୁଦ୍ଧ ଘଟି ୪୦୦୦ ମହିଳା କର୍ମୀ ଗିରଫ।

# ପାଠକ ଶ୍ରେଷ୍ଠ ବିଚାରକ

## ଡ୍ରାଇଭିଂ ଟ୍ରେନିଂ ଡାକୁଛି ଦୁର୍ଘଟଣା

ମହାଶୟ,

ହଜାର ବର୍ଷର ସହର କଟକରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ତେବେ ଏହି ଦୁର୍ଘଟଣାର ଅନେକ କାରଣ ମଧ୍ୟରୁ ଚାରିଚକିଆ ଯାନ ଡ୍ରାଇଭିଂ ଶିଖିବା ଅନ୍ୟତମ କାରଣ। ଏଥିପାଇଁ ନିୟମକାନୁନ ଥିବାବେଳେ ଏହାକୁ ପ୍ରାୟ ସଂସ୍ଥା ଲାଗୁ କରୁନାହାନ୍ତି। ଏଥିପ୍ରତି ପରିବହନ ବିଭାଗର ବି ନଜର ନାହିଁ। ଟ୍ରେନିଂ ଦେଉଥିବା ସଂସ୍ଥା ଆର୍‌ଟିଓ ଅଫିସରୁ ୧୦ ହଜାର ଟଙ୍କାରେ ୫ ବର୍ଷ ପାଇଁ ଲାଇସେନ୍ସ ପାଇସାରିବା ପରେ ଡ୍ରାଇଭିଂ ଶିଖିବାକୁ ଆସୁଥିବା ଲୋକଙ୍କୁ ପ୍ରଥମେ ନିଜ ସଂସ୍ଥାରେ ଥିଓରି ତାଲିମ ଦେଇଥା'ନ୍ତି। ପ୍ରାକ୍ଟିକାଲ ତାଲିମ ପାଇଁ ସଂସ୍ଥା ନିଜର ବିସ୍ତୀର୍ଣ୍ଣ ପଡ଼ିଆରେ ଟ୍ରାକ୍ ତିଆରି କରି ତାଲିମ ଦେବା କଥା। ମାତ୍ର ଅଧିକାଂଶ ସଂସ୍ଥାର ପଡ଼ିଆ ନାହିଁ। ତାଲିମର ଅବଧି ମଧ୍ୟ ଏକ ମାସ ରହୁଛି। ଏହି ସଂସ୍ଥାଗୁଡ଼ିକ ବିପୁଳ ପରିମାଣରେ ଟଙ୍କା ଲୋକଙ୍କଠାରୁ ନେଇ ଜନଗହଳିପୂର୍ଣ୍ଣ ରାସ୍ତାରେ ତାଲିମ ଦେଉଛନ୍ତି। ଏହାଦ୍ୱାରା ପଥଚାରୀ ତଥା ସ୍କୁଲ, କଲେଜ ପିଲାମାନଙ୍କ ପାଇଁ ଅସୁବିଧା ହେଉଛି। ଏହି ସଂସ୍ଥାଗୁଡ଼ିକ ଡ୍ରାଇଭିଂ ଶିଖୁଥିବା ଲୋକଙ୍କ ଘରକୁ ଯାଉଛନ୍ତି। ସେଠାରୁ ସେମାନଙ୍କୁ ଆଣି ଗାଡ଼ି ଶିଖିବା ପାଇଁ ଷ୍ଟିୟରିଂ ଛାଡ଼ି ଦେଉଛନ୍ତି। ଯଦିଓ ଏହି ଗାଡ଼ିରେ ତାଲିମଦାତା ଏବଂ ଶିଖୁଥିବା ବ୍ୟକ୍ତିଙ୍କ ପାଖରେ ଦୁଇଟି ବ୍ରେକ୍ ରହିବା କଥା, କିନ୍ତୁ ଅଧିକାଂଶ ଗାଡ଼ିରେ ଏ ପ୍ରକାରର ବ୍ୟବସ୍ଥା ନ ଥିବାରୁ ଗାଡ଼ି ଚଳାଇବା ବେଳେ ଏହି ଅନଭିଜ୍ଞ ଚାଳକମାନେ ହଠାତ୍ ବ୍ରେକ ମାରିବା ଫଳରେ ଦୁର୍ଘଟଣା ଘଟୁଛି। ସେହିପରି ରାସ୍ତାରେ ଯାଉଥିବା ଲୋକେ ଏହି ବେପରୁଆ ଗାଡ଼ି ଚାଳକଙ୍କୁ ଦେଖି ହଡ଼ବଡ଼େଇ ଯାଉଛନ୍ତି। ବିଶେଷକରି ସକାଳେ ଓ ସନ୍ଧ୍ୟାରେ ଏହି ସଂସ୍ଥାଗୁଡ଼ିକ ଗାଡ଼ିଚାଳନା ଶିଖାଉଥିବାରୁ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଡ୍ରାଇଭିଂ ସଂସ୍ଥାଗୁଡ଼ିକ ତାଲିମ ଦେବା ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିସାରିବା ପରେ ହିଁ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ଯଦି ଲାଇସେନ୍ସ ନେଇ ଗହଳି ସ୍ଥାନରେ କେହି ତାଲିମ ଦେଉଛନ୍ତି, ତେବେ ସେମାନଙ୍କ ନାମରେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବା ଜରୁରୀ।

**–ସତ୍ୟ ମହାପାତ୍ର, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବରଷୁ ତପତ କଣା ପଛେ ମାରତଣ୍ଡ
ଆସୁ ପଛେ ଗରଜନ ବଜ୍ର ପରଚଣ୍ଡ
ଗହନ ଝଞ୍ଜା ବତାସି
ଆସୁ ପଛେ ବେଗେ ଭାସି
ସେ ରାଇଜେ ନାହିଁ ତାର ପଥ
ଗୋଟିଏ ଆଶ୍ଳେଷେ ଯହିଁ ପୂରେ ମନୋରଥ।
–(ଆଶ୍ଳେଷ ସ୍ୱର୍ଗ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଲୋକ ସଭାର ସହାୟତା ଲୋଡ଼ିଲେ ମନ୍ତ୍ରୀ

ନୂଆଦିଲ୍ଲୀ,୨୧।୩ : ଭିନ୍ନକ୍ଷମ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରୁଥିବା ବିଦ୍ୟାଳୟଗୁଡ଼ିକୁ ସ୍ୱତନ୍ତ୍ର ସ୍ୱୀକୃତି ପ୍ରସଙ୍ଗ ଉପରେ ସୋମବାର ଲୋକ ସଭାରେ ଆଲୋଚନା ହୋଇଥିଲା। ଭିନ୍ନକ୍ଷମଙ୍କୁ ଶିକ୍ଷାଦାନ କରୁଥିବା ସ୍ୱତନ୍ତ୍ର ଶିକ୍ଷକମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ଶିକ୍ଷା ମନ୍ତ୍ରଣାଳୟ ଏବଂ ଭାରତର ପୁନର୍ବାସ ପରିଷଦ ଅଧିକ ସଂଖ୍ୟାରେ ଏଭଳି ସ୍କୁଲ୍‌କୁ ସ୍ୱୀକୃତି ଦେବା ପାଇଁ କୌଣସି ନୀତି ବିଷୟରେ ବିଚାର କରୁଛନ୍ତି କି ବୋଲି ଭୁବନେଶ୍ୱରର ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରଶ୍ନ କରିଥିଲେ। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉକ୍ତ ପ୍ରଶ୍ନର ପ୍ରଶଂସା କରିବା ସହ ଏହାର ପରିଚାଳନା ଏକ ଚ୍ୟାଲେଞ୍ଜ ବୋଲି କହିଥିଲେ। ଦେଶରେ ଦିବ୍ୟାଙ୍ଗଙ୍କ ସଂଖ୍ୟା ୧୦ ପ୍ରତିଶତ। ଏଥିପାଇଁ ଆମ ସମସ୍ତଙ୍କୁ ଏକାଠି କାର୍ଯ୍ୟ କରିବାକୁ ହେବ। ନୀତି ନିର୍ଦ୍ଧାରଣରେ ଗୃହ ସହାୟତା କରିବାକୁ ଧର୍ମେନ୍ଦ୍ର ଅନୁରୋଧ କରିଥିଲେ। କିପରି ଅଧିକ ଭିନ୍ନକ୍ଷମ ସ୍କୁଲ ଓ ଶିକ୍ଷକ ସୃଷ୍ଟି ହେବେ ସେ ଦିଗରେ ବିଶେଷଜ୍ଞମାନେ କାର୍ଯ୍ୟ କରୁଛନ୍ତି। ଜାତୀୟ ଶିକ୍ଷାନୀତି ଅଧୀନରେ ନୀତି ନିର୍ଦ୍ଧାରଣରେ ସହାୟତା ଲାଗି ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପ୍ରତିନିଧିଙ୍କୁ ସାମିଲ କରିବାକୁ କଂଗ୍ରେସ ଏମ୍‌ପି ତରୁଣ ଗୋଗୋଇ ପ୍ରସ୍ତାବ ଦେଇଥିଲେ। ସେହିପରି ଦିବ୍ୟାଙ୍ଗଙ୍କ ପାଇଁ ଦେଶରେ ସାଙ୍କେତିକ ଭାଷାର ବିକାଶ ଲାଗି ସ୍ୱତନ୍ତ୍ର ଉଦ୍ୟମ ହେଉଛି କି ବୋଲି କେରଳ ଏମ୍‌ପି ଇ.ଟି. ମହମ୍ମଦ ବଶୀର ପ୍ରଶ୍ନ କରିଥିଲେ। ଉଭୟ ପରାମର୍ଶ ଉପରେ ସରକାର କାର୍ଯ୍ୟ କରୁଥିବା ଧର୍ମେନ୍ଦ୍ର ଗୃହକୁ କହିଥିଲେ।

**ଭିନ୍ନକ୍ଷମଙ୍କ ସ୍କୁଲ୍‌କୁ ସ୍ୱତନ୍ତ୍ର ସ୍ୱୀକୃତି ପ୍ରସଙ୍ଗ**

### ଉଡାନ୍ ସ୍କିମ୍‌ରେ ଓଡ଼ିଶାରେ ୬୦ ରୁଟ୍ ଚିହ୍ନଟ, ୧୮ କାର୍ଯ୍ୟକ୍ଷମ

ଭୁବନେଶ୍ୱର, ୨୧।୩(ବ୍ୟୁରୋ)- କେନ୍ଦ୍ର ସରକାରଙ୍କ ଉଡାନ୍ ସ୍କିମ୍‌ରେ ବିମାନ ଚଳାଚଳ ପାଇଁ ଓଡ଼ିଶାରେ ମୋଟ ୬୦ଟି ରୁଟ୍ ଚିହ୍ନଟ ହୋଇଛି। ସେଗୁଡ଼ିକ ମଧ୍ୟରୁ ଗତ ମାର୍ଚ୍ଚ ୧୬ ସୁଦ୍ଧା ୧୮ଟି ରୁଟ୍ କାର୍ଯ୍ୟକ୍ଷମ ହୋଇଛି। ସେହିପରି ଏହି ସ୍କିମ ଅଧୀନରେ ଝାରସୁଗୁଡ଼ା, ରାଉରକେଲା, ଉତ୍କେଲା, ଜୟପୁର ଓ ରଙ୍ଗେଇଲୁଣ୍ଡା ଏୟାରପୋର୍ଟ ଚିହ୍ନଟ ହେବା ସହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଜ୍ୟମନ୍ତ୍ରୀ ଜେନେରାଲ ଭି.କେ. ସିଂ କହିଛନ୍ତି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ସେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ସିଂ କହିଛନ୍ତି, ଉଡ଼ାନ ସ୍କିମ ଅଧୀନରେ ଏସବୁ ଏୟାରପୋର୍ଟର ବିକାଶ ପାଇଁ ୨୦୨୧ ଡିସେମ୍ବର ସୁଦ୍ଧା ମୋଟ୍ ୨୫୫.୭୧ କୋଟି ଟଙ୍କା ବ୍ୟୟ କରାଯାଇଛି। ତେବେ ରାଜ୍ୟରେ ଆଉ କେତେକ ସମ୍ଭାବ୍ୟ ଏୟାରପୋର୍ଟ ପ୍ରକଳ୍ପ ଚିହ୍ନଟ ହୋଇଥିଲେ ବି ସେଥିପାଇଁ କୌଣସି ବିଡ୍ ମିଳିପାରିନାହିଁ। ସେସବୁ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅମର୍ଦ୍ଦା ରୋଡ୍, ଅନୁଗୋଳ, ବଡ଼ବିଲ, ବିରାଶାଳ, ଗୁଡ଼ାରି, ହୀରାକୁଦ, ଲାଞ୍ଜିଗଡ଼, ନୂଆପଡ଼ା, ପଦମପୁର, ରାଇରଙ୍ଗପୁର, ସୁକିନ୍ଦା, ରାଇସୁଆଁ, ଥେରୁବାଲି, ଉତ୍କେଲା ଆଦି ରହିଛି। ଉଡ଼ାନ ସ୍କିମ୍‌ର ୪.୧ ରାଉଣ୍ଡ ବିଡିଂ ଶେଷ ସୁଦ୍ଧା ଏସବୁ ଏୟାରପୋର୍ଟରୁ ଉଡ଼ାଣ ଆରମ୍ଭ ପାଇଁ କୌଣସି ବୈଧ ବିଡ୍ ମିଳି ନ ଥିବା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

### ଇତିହାସକୁ ସୁରକ୍ଷା ଦେବା ଆମର ପ୍ରମୁଖ କର୍ତ୍ତବ୍ୟ: ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର, ୨୧।୩(ବ୍ୟୁରୋ): ଇତିହାସକୁ ସୁରକ୍ଷା ଦେବା ଆମର ପ୍ରମୁଖ କର୍ତ୍ତବ୍ୟ। ଓଡ଼ିଶା ବିଧାନସଭାର ବହୁ ମୂଲ୍ୟବାନ ବିବରଣୀ, ତଥ୍ୟ, ଦସ୍ତାବିଜ, ନଥିପତ୍ର ଓ ଗ୍ରନ୍ଥଗୁଡ଼ିକର ଡିଜିଟାଇଜେଶନ୍ କାର୍ଯ୍ୟର ସୋମବାର ଶୁଭାରମ୍ଭ କରି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏହା କହିଛନ୍ତି। ସେ କହିଛନ୍ତି, ପୁରୁଣା ବିବରଣୀ, ତଥ୍ୟ, ଦସ୍ତାବିଜ୍, ନଥିପତ୍ର ଓ ଗ୍ରନ୍ଥଗୁଡ଼ିକୁ ଡିଜିଟାଇଜେଶନ୍ ମାଧ୍ୟମରେ ସୁରକ୍ଷିତ ରଖାଯାଇପାରିବ। ଏଗୁଡ଼ିକ ପିଡିଏଫ୍ ଆକାରରେ ଗୋଟିଏ ପ୍ଲାଟଫର୍ମରେ ମିଳିପାରିବ, ଯାହା ଆଗାମୀ ପିଢ଼ି ପାଇଁ ସହାୟକ ହେବ। ବାଚସ୍ପତିଙ୍କ ନିରନ୍ତର ପ୍ରଚେଷ୍ଟା ଓ ପ୍ରୋତ୍ସାହନ ଏବଂ ରାଷ୍ଟ୍ରୀୟ ସୂଚନା କେନ୍ଦ୍ରର ବୈଷୟିକ ସହାୟତାରେ ଡିଜିଟାଇଜେଶନ୍ ସମ୍ଭବ ହେବ ବୋଲି ବରିଷ୍ଠ ବିଧାୟକ ତଥା ବିଧାନସଭା ପୁସ୍ତକ ଚୟନ ଉପକମିଟିର ଅଧ୍ୟକ୍ଷ ପ୍ରଫୁଲ୍ଲ ସାମଲ ପ୍ରକାଶ କରିଛନ୍ତି। ଓଡ଼ିଶା ବିଧାନସଭା ଟିଭି ପ୍ରସ୍ତୁତ କରାଯାଉଛି। ଏହାର ୪ଟି ଅଙ୍ଗ ରହିବ। ଯଥା ବିଧାନସଭା ସମାଚାର, ସଂସ୍କୃତିର ଆଇନା, ପ୍ରଗତିର ପ୍ରତିଫଳନ ଏବଂ ପ୍ରଜ୍ଞା ପରିଚୟ ବୋଲି ସାମଲ ସୂଚନା ଦେଇଛନ୍ତି। ରାଷ୍ଟ୍ରୀୟ ସୂଚନା କେନ୍ଦ୍ରର ଓଡ଼ିଶା ମୁଖ୍ୟ କବିତା ରୟ ଦାସ, ବିଧାନସଭା ସଚିବ ଦାଶରଥି ଶତପଥୀ ଏବଂ ବିଧାନସଭା ଉପନିର୍ଦ୍ଦେଶିକା (ଗ୍ରନ୍ଥାଗାର) ଆରତି ମିଶ୍ର ପ୍ରମୁଖ ଶୁଭାରମ୍ଭ ସମୟରେ ଉପସ୍ଥିତ ଥିଲେ।

# ବୃହତ୍ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ କ୍ଷେତ୍ରରେ ଓଡ଼ିଶା ଚତୁର୍ଥ

**ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ**

- ୨ ବନାଞ୍ଚଳ ଅଧିକାରୀ, ୬ ବନପାଳ, ୧୨ ବନରକ୍ଷୀଙ୍କୁ 'ରାଜ୍ୟ ବନ ପୁରସ୍କାର'

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

ଦେଶର ସମଗ୍ର ଭୌଗୋଳିକ ଅଞ୍ଚଳର ମୋଟ ଜଙ୍ଗଲ ଆଚ୍ଛାଦିତ ହାର ୨୪ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୩୩ ପ୍ରତିଶତରୁ ଅଧିକ ରହିଛି। ବୃହତ୍ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ କ୍ଷେତ୍ରରେ ମଧ୍ୟପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ଛତିଶଗଡ଼ ପରେ ଓଡ଼ିଶାର ସ୍ଥାନ ଚତୁର୍ଥ ରହିଛି। ଓଡ଼ିଶାର ହେନ୍ତାଳବନ ଜୈବ ବିବିଧତାରେ ପରିପୂର୍ଣ୍ଣ ରହିଥିବାବେଳେ ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ରାଜ୍ୟର ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ ସମଗ୍ର ଦେଶରେ ପଥପ୍ରଦର୍ଶକ ହୋଇଛି। ଏହା ଆମ ପାଇଁ ଖୁସି ଓ ଗୌରବର ବିଷୟ। ରାଜ୍ୟ ସରକାରଙ୍କ ୫–'ଟି' ଉପକ୍ରମରେ ଏହାର ପରିସରକୁ ଦ୍ୱିଗୁଣିତ କରାଯିବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଛନ୍ତି। ସୋମବାର ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶର୍ମା କହିଛନ୍ତି, ଲୋକଙ୍କ ଜୀବନଜୀବିକା ପାଇଁ ଅଧିକ ସୁଯୋଗ ସୃଷ୍ଟି କଲେ ଜଙ୍ଗଲ କ୍ଷୟକ୍ଷତି ମଧ୍ୟ କମିଯିବ। ଏଥିପାଇଁ ଆମକୁ ସ୍ଥାନୀୟ ଅଧିବାସୀଙ୍କ ଜୀବନଜୀବିକା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ହେବ। ଏ ଦିଗରେ ମିଶନ ଶକ୍ତି ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ସହ ସମନ୍ୱୟ ରକ୍ଷା କରି ଲଘୁ ବନଜାତ ଦ୍ରବ୍ୟ ଯେଭଳି ଅଧିକରୁ ଅଧିକ ଉତ୍ପାଦନ ହୋଇପାରିବ, ସେଥିପ୍ରତି ଯତ୍ନବାନ ହେବାକୁ ପଡ଼ିବ। ଜଙ୍ଗଲରେ ନିଆଁ ରୋକିବାକୁ ସଜାଗ ରହିବା ସହ ସମୟୋଚିତ ପଦକ୍ଷେପ ନେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଶିଶିର କୁମାର ରଥ କହିଲେ, ୨୦୦୭ରୁ ୧୫ ବର୍ଷ ଧରି ଆମ ଜଙ୍ଗଲ ବୃଦ୍ଧି ହୋଇ ଚାଲିଛି। ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥାର ଦ୍ୱିବାର୍ଷିକ ଆକଳନ ଅନୁଯାୟୀ, ଆମ ରାଜ୍ୟରେ ୨୦୧୯ ରୁ ୨୦୨୧ ବର୍ଷ ମଧ୍ୟରେ ୮୯୩ ବର୍ଗକିମି ଜଙ୍ଗଲ ଅଞ୍ଚଳ ବଢ଼ିଛି। ରାଜ୍ୟରେ ୩୩%ରୁ ଅଧିକ ଜଙ୍ଗଲ ଅଭିବୃଦ୍ଧି ସହ ଘଞ୍ଚ ଜଙ୍ଗଲ ମଧ୍ୟ ବଢ଼ିଛି। ଦେଶରେ ଓଡ଼ିଶାର ହେନ୍ତାଳ ବନ ବୃଦ୍ଧିରେ ପ୍ରଥମ, ଜଙ୍ଗଲ ଅଞ୍ଚଳ ବୃଦ୍ଧିରେ ତୃତୀୟ ଏବଂ ଜଙ୍ଗଲ ଅଞ୍ଚଳ ବାହାରେ ଥିବା ବୃକ୍ଷ ଆଚ୍ଛାଦନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଚଳିତ ବର୍ଷର ବିଷୟବସ୍ତୁ 'ଜଙ୍ଗଲରୁ ସ୍ଥାୟୀ ଉତ୍ପାଦନ ଏବଂ ଏହାର ବ୍ୟବହାର' ରଖାଯାଇଥିବାବେଳେ ଖୁବ୍‌ଶୀଘ୍ର ରାଜ୍ୟର ସମସ୍ତ ବନଖଣ୍ଡରେ ସ୍ଥାୟୀ ଉତ୍ପାଦନ ନିମନ୍ତେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପି ସି ସି ଏଫ୍ (ୱା।ଇଲ୍ଡଲା।ଇଫ୍) ଶଶି ପଲ୍ ଯୋଗଦେଇ ସମସ୍ତଙ୍କ ସହଯୋଗରେ ଗୁଣାତ୍ମକ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ।

ଏହି ଅବସରରେ ବିଭାଗର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ବିବରଣୀ ସମ୍ୱଳିତ ଏକ ସ୍ମରଣିକା ଏବଂ ଅନ୍ୟ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ଏକ ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ଜଙ୍ଗଲ ଓ ପରିବେଶ ସୁରକ୍ଷା ଏବଂ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତବର୍ଷ ୨ଜଣ ବନାଞ୍ଚଳ ଅଧିକାରୀ, ୬ଜଣ ବନପାଳ ଏବଂ ୧୨ଜଣ ବନରକ୍ଷୀଙ୍କୁ 'ରାଜ୍ୟ ବନ ପୁରସ୍କାର ୨୦୨୨' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ମାନପତ୍ର, ଫଳକ ସହ ୧୦ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦିଆଯାଇଥିଲା। ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓମ୍‌ପ୍ରକାଶ ସିଂ ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱର ସୂଚନା ଭବନଠାରେ ସୋମବାର ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ଏବଂ ଅନ୍ୟ ଅତିଥିଙ୍କ ଗହଣରେ ପୁରସ୍କୃତ ବନ ଅଧିକାରୀ ଓ କର୍ମଚାରୀ।

# ଆତ୍ମସମର୍ପଣର ପ୍ରଶ୍ନ ଉଠୁନି

- ମାରିଉପୋଲରେ ଅସ୍ତ୍ର ଛାଡ଼ିବାକୁ ମନା କଲା ୟୁକ୍ରେନ
- ଯୁଦ୍ଧ ରୋକିବାକୁ ବୁଝାମଣା ଏକମାତ୍ର ବାଟ: ଜେଲେନ୍‌ସ୍କି

କିଭ୍, ୨୧।୩

ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣକୁ ସୋମବାର ୨୬ ଦିନ ପୂରିଥିବାବେଳେ ପ୍ରମୁଖ ବନ୍ଦର ସହର ମାରିଉପୋଲ କବ୍‌ଜା କରିବାକୁ ଆକ୍ରମଣ ଜୋରଦାର କରିଛନ୍ତି ରୁଷୀୟ ସୈନ୍ୟ। ଘନଘନ ମିଶାଇଲ, ବୋମା ମାଡ଼ରେ ପୂର୍ବ ୟୁକ୍ରେନ୍‌ର ଏହି ସହର ଧ୍ୱଂସସ୍ତୂପ ପାଲଟିଛି। ପ୍ରାୟ ୮୦ ପ୍ରତିଶତ କୋଠା, ବିଭିନ୍ନ ପ୍ରତିଷ୍ଠାନ ନଷ୍ଟ ହୋଇଯାଇଛି। ହଜାର ହଜାର ଲୋକ ଦୟନୀୟ ଅବସ୍ଥାରେ ସେଠାରେ ଫସି ରହିଛନ୍ତି। ଆକ୍ରମଣରେ ମାରିଉପୋଲର ୨,୫୦୦ରୁ ଊର୍ଦ୍ଧ୍ୱ ନାଗରିକଙ୍କ ମୃତ୍ୟୁ ଘଟିସାରିଲାଣି। ଏପରି ସ୍ଥିତିରେ ୟୁକ୍ରେନ୍ ସୈନ୍ୟ ସେମାନଙ୍କ ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କରିବାକୁ ରୁଷିଆ ସୋମବାର ଡେଡ୍‌ଲାଇନ ଦେଇଥିବାବେଳେ ତାହାକୁ କିଭ୍ ପ୍ରତ୍ୟାଖ୍ୟାନ କରିଛି। ରୁଷିଆ ଆଗରେ ଆତ୍ମସମର୍ପଣ କରିବାର ପ୍ରଶ୍ନ ଉଠୁନି ଏବଂ ସୈନ୍ୟମାନେ ଅସ୍ତ୍ର ଛାଡ଼ିବେ ନାହିଁ ବୋଲି ୟୁକ୍ରେନ୍ ଉପପ୍ରଧାନମନ୍ତ୍ରୀ ଇର୍‌ୟାନା ଭେରେଶଚୁକ୍ କହିଛନ୍ତି। ଏ ନେଇ ରୁଷିଆକୁ ଜଣାଇଦିଆଯାଇଥିବା ସେ ପ୍ରକାଶ କରିଛନ୍ତି।

ରଣନୈତିକ ଦୃଷ୍ଟିରୁ ୟୁକ୍ରେନ୍‌ର ଗୁରୁତ୍ୱପୂର୍ଣ୍ଣ ସହର ମାରିଉପୋଲକୁ ଅକ୍ତିଆର କରିବାକୁ ରୁଷିଆ ୩ ସପ୍ତାହ ହେଲା ସେଠାରେ ଆକ୍ରମଣ ତୀବ୍ର କରିଛି। ରେସିଡେନ୍ସିଆଲ ବିଲ୍ଡିଂ ସହ ଜନସାଧାରଣଙ୍କୁ ମଧ୍ୟ ରୁଷୀୟ ସୈନ୍ୟ ଟାର୍ଗେଟ କରିଛନ୍ତି। ଗତ ସପ୍ତାହରେ ଆଜୋଭ ସାଗର କୂଳରେ ଥିବା ମାରିଉପୋଲର ଏକ ଥିଏଟରରେ ୧୪ ଶହ ଲୋକ ଆଶ୍ରୟ ନେଇଥିବାବେଳେ ସେଠାରେ ରୁଷିଆ ବୋମାବର୍ଷା କରିଥିଲା। ସେହିପରି ୪୦୦ ୟୁକ୍ରେନ୍ ନାଗରିକ ରହିଥିବା ଏକ ଆର୍ଟସ୍କୁଲକୁ ମଧ୍ୟ ରୁଷିଆ ଟାର୍ଗେଟ କରି ନଷ୍ଟ କରିଛି। ପ୍ରାୟ ୪ ଲକ୍ଷ ଲୋକଙ୍କ ସହର ମାରିଉପୋଲରେ ବହୁ ସଂଖ୍ୟାରେ ରୁଷୀୟ ସୈନ୍ୟଙ୍କ ଉପସ୍ଥିତି ଯୋଗୁ ସେଠାକୁ ଖାଦ୍ୟ, ପାନୀୟ ଭଳି ମୌଳିକ ଆବଶ୍ୟକତା ପହଞ୍ଚାଇବା ଏକ ପ୍ରକାର ବନ୍ଦ ରହିଛି। ଏପରିକି ସେଠାରୁ ହଜାର ହଜାର ସଂଖ୍ୟାରେ ଲୋକଙ୍କୁ ଜବରଦସ୍ତି ରୁଷିଆ ପଠାଯାଉଥିବା ମାରିଉପୋଲ ନଗର ପରିଷଦ ପକ୍ଷରୁ ଅଭିଯୋଗ ଆସିଛି। ମାରିଉପୋଲ ବ୍ୟତୀତ ପୂର୍ବ ୟୁକ୍ରେନ୍‌ର ଖର୍କିଭ, ସୁମି, ଚେର୍ନିହିଭ୍ ମଧ୍ୟ ରୁଷିଆ ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ ହୋଇଛି। ୟୁକ୍ରେନ୍‌ର ଦ୍ୱିତୀୟ ବୃହତ୍ତମ ସହର ଖର୍କିଭରେ ଶତାଧିକ ବିଲ୍ଡିଂ ନଷ୍ଟ ହୋଇଯାଇଛି। ରାତିସାରା ସେଠାରେ ବୋମା ବର୍ଷା ହେଉଥିବା ଖର୍କିଭ ମେୟର ଆଇଗୋର ତେରେଖୋଭ୍ କହିଛନ୍ତି। ରାଜଧାନୀ କିଭ୍‌ରେ ସୋମବାର ରାତିରୁ କର୍ଫ୍ୟୁ ଜାରି ହୋଇଛି। କିଭ୍‌ରେ ମଧ୍ୟ ରୁଷୀୟ ସୈନ୍ୟ ଘନଘନ ଆକ୍ରମଣ ଜାରି ରଖିଛନ୍ତି। ସେଲ୍ ମାଡ଼ରେ ସୋମବାର ସେଠାରେ ଏକ ଶପିଂ ମଲ୍ ଜଳିଯାଇଛି। ଏଥିରେ ପ୍ରାୟ ୮ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଇଛି।

ଅପରପକ୍ଷେ ଯୁଦ୍ଧ ରୋକିବାକୁ ବୁଝାମଣା ଏକମାତ୍ର ବାଟ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ସେ ତାଙ୍କ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ସହ କଥା ହେବାକୁ ପ୍ରସ୍ତୁତ ବୋଲି ଏକ ଗଣମାଧ୍ୟମକୁ କହିଛନ୍ତି। ଆକ୍ରମଣ ରୋକିବା ସମ୍ଭାବନା ଏକ ପ୍ରତିଶତ ବି ଥାଏ ତେବେ ସେ ଏହି ସୁଯୋଗକୁ ବ୍ୟବହାର କରି ବୁଝାମଣା ନିମନ୍ତେ ପୁଟିନ୍‌ଙ୍କ ସହ ଆଲୋଚନା କରିବେ। ଯଦି ରୁଷିଆ ଏଥିରେ ରାଜି ନ ହୁଏ, ତେବେ ଏହା ତୃତୀୟ ବିଶ୍ୱଯୁଦ୍ଧ ବୋଲି ଜେଲେନ୍‌ସ୍କି କହିଛନ୍ତି।

# ସମଲେଇ ଯୋଜନାର ସମୀକ୍ଷା

**ସଚିବସ୍ତରୀୟ ଟିମ୍‌ର ପରିଦର୍ଶନ**

ସମ୍ବଲପୁର,୨୧।୩(ବ୍ୟୁରୋ)

ସମ୍ବଲପୁର ସମଲେଶ୍ୱରୀ ମନ୍ଦିରକୁ ସୋମବାର ଉଚ୍ଚ ସଚିବସ୍ତରୀୟ ପ୍ରତିନିଧି ଦଳ ପରିଦର୍ଶନ କରି ମନ୍ଦିର ବିକାଶ ପାଇଁ ହାତକୁ ନିଆଯାଇଥିବା ସମଲେଇ ଯୋଜନାର ସମୀକ୍ଷା କରିଛନ୍ତି। ଏହାସହ ବିସ୍ଥାପିତଙ୍କ ପୁନର୍ବାସ କଲୋନୀ, ମହାନଦୀ ରିଭର ଫ୍ରଣ୍ଟ ବୁଲି ଏହାର ସ୍ଥିତି ଓ ଆବଶ୍ୟକତା ଉପରେ ପଚାରି ବୁଝିଛନ୍ତି। ଏହି ଟିମ୍‌ରେ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫–ଟି ସଚିବ ଭି.କେ. ପାଣ୍ଡିୟାନ, ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ବି.ଭି. ଯାଦବ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ।

ଅଧିକାରୀମାନେ ଜମାଦାର ପାଲି ଏୟାରଷ୍ଟ୍ରିପରୁ ଓହ୍ଲାଇ ସିଧାସଳଖ ସମଲେଇ ମନ୍ଦିରରେ ପହଞ୍ଚିଥିଲେ। ମା'ଙ୍କୁ ଦର୍ଶନ କରିବା ପରେ ଯୋଜନାର ସମୀକ୍ଷା କରିଥିଲେ। ଦାୟିତ୍ୱରେ ଥିବା ଓଡ଼ିଶା ବ୍ରିଜ ଆଣ୍ଡ କନ୍‌ଷ୍ଟ୍ରକଶନ କର୍ପୋରେଶନ ଏମ୍‌ଡି ଜେ.କେ. ଦାସ ଯୋଜନାର ଅଗ୍ରଗତି ନେଇ ବିସ୍ତାର ରୂପେ କହିଥିଲେ। ଜମି ଅଧିଗ୍ରହଣ ସରି ଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟ କାମ ଆରମ୍ଭ ହୋଇଥିବା ସୂଚନା ଦେଇଥିଲେ। ପରେ ଦୁର୍ଗାପାଲିରେ ନିର୍ମାଣ ହେବାକୁ ଥିବା ପୁନର୍ବାସ କଲୋନୀ ସ୍ଥାନ ବୁଲି ଦେଖିଥିଲେ। ସେଠାରେ ବିଜୁଳି, ପାଣି, ରାସ୍ତା, ଡ୍ରେନ ନିର୍ମାଣ ଶୀଘ୍ର ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିସ୍ଥାପିତ ପରିବାରବର୍ଗଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ କହିଥିଲେ। ପ୍ରକଳ୍ପ ଶେଷ ପାଇଁ ଦେଢ଼ବର୍ଷ ସମୟ ଅବଧି ରହିଥିବାବେଳେ ଏକବର୍ଷ ଭିତରେ ସମ୍ପୂର୍ଣ୍ଣ କରିବାକୁ ତାଗିଦ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଏସ୍‌ପି ବାତୁଲା ଗଙ୍ଗାଧର ଓ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଗସ୍ତରେ ଆସି ସମଲେଇଙ୍କୁ ଦର୍ଶନ କରିବା ସମୟରେ ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ କାମ କରିବାକୁ ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨ ଶହ କୋଟି ଟଙ୍କା ମଞ୍ଜୁର କରିଥିଲେ। ପରେ ଯୋଜନା ରୂପରେଖ କରାଯାଇଥିଲା।


ସମଲେଇ ଯୋଜନା କାମ ବୁଲିଦେଖୁଛନ୍ତି ସଚିବସ୍ତରୀୟ ଟିମ୍।

# ହରଭଜନ, ରାଘବ ଚଢ଼ା ଏଏପି ରାଜ୍ୟ ସଭା ପ୍ରାର୍ଥୀ

ନୂଆଦିଲ୍ଲୀ,୨୧।୩

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସୋମବାର ପଞ୍ଜାବରୁ ରାଜ୍ୟ ସଭା ପାଇଁ ୫ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଭାରତର ପୂର୍ବତନ କ୍ରିକେଟର ହରଭଜନ ସିଂ, ଦିଲ୍ଲୀ ଏଏପି ବିଧାୟକ ରାଘବ ଚଢ଼ା, ଆଇଆଇଟି ଦିଲ୍ଲୀର ପ୍ରଫେସର ସନ୍ଦିପ ପାଠକ ଏବଂ ଅନ୍ୟ ୨ ଜଣଙ୍କୁ ପ୍ରାର୍ଥୀ ମନୋନୀତ କରାଯିବା ପରେ ସେମାନେ ବିଧାନସଭା କମ୍ପ୍ଲେକ୍ସକୁ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏପ୍ରିଲ ୯ରେ ପଞ୍ଜାବରୁ ରାଜ୍ୟ ସଭା ସଦସ୍ୟ ଥିବା ଶିରୋମଣି ଅକାଳୀ ଦଳର ସୁଖଦେବ ସିଂ ଧିଣ୍ଡସା, ନରେଶ ଗୁଜରାଲ, କଂଗ୍ରେସର ପ୍ରତାପ ସିଂ ବାଜୱା, ଶାମଶେର ସିଂ ଡୁଲ୍ଲୋ ଏବଂ ଭାଜପାର ସ୍ୱଏତ୍ ମଲିକଙ୍କ କାର୍ଯ୍ୟକାଳ ପୂରଣ ହେଉଛି। ସୋମବାର ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଥିଲା। ପ୍ରାର୍ଥୀ ଚାହିଁଲେ ମାର୍ଚ୍ଚ ୨୪ରେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିପାରିବେ। ୬ ରାଜ୍ୟର ମୋଟ ୧୩ ରାଜ୍ୟ ସଭା ଆସନ ଲାଗି ମାର୍ଚ୍ଚ ୩୧ରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ନିକଟରେ ଶେଷ ହୋଇଥିବା ୧୧୭ ଆସନ ବିଶିଷ୍ଟ ପଞ୍ଜାବ ବିଧାନସଭା ନିର୍ବାଚନରେ ଏଏପି ୯୨ ଆସନ ଜିତି ସରକାର ଗଠନ କରିଛି।


ହରଭଜନ ସିଂ


ରାଘବ ଚଢ଼ା

୪୧ ବର୍ଷୀୟ ହରଭଜନ ହଳଦିଆ ପଗଡ଼ି ପିନ୍ଧି ନାମାଙ୍କନପତ୍ର ଦାଖଲ କରିବାକୁ ଆସିଥିଲେ। ତାଙ୍କ ପାଖରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ବସିଥିବା ଦେଖାଯାଇଥିଲା। ନିଜର ଦକ୍ଷ ବୋଲିଂ ବଳରେ ଭାରତକୁ ଗର୍ବିତ କରିଥିବା ହରଭଜନ ଏବେ ପଞ୍ଜାବ ଜନସାଧାରଣଙ୍କ ପାଇଁ ପାର୍ଲାମେଣ୍ଟରେ ସ୍ୱର ଉତ୍ତୋଳନ କରିବେ ବୋଲି ଏଏପି ଟୁଇଟ୍ କରିଛି।

ପଞ୍ଜାବରେ ଏଏପିର ଶକ୍ତି ବୃଦ୍ଧି ଓ ବିଜୟରେ ଆଇଆଇଟି ପ୍ରଫେସର ସନ୍ଦିପ୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ନିର୍ବାଚନ ପ୍ରସ୍ତୁତି ଓ ଏଏପି ସଂଗଠନକୁ ବୁଥ୍ ସ୍ତରରେ ମଜଭୂତ କରିବା ଲାଗି ସନ୍ଦିପ୍ ପଞ୍ଜାବରେ ୩ ବର୍ଷ ହେଲା ରହିଥିଲେ। ସେହିପରି ରାଜ୍ୟ ସଭା ପାଇଁ ପ୍ରାର୍ଥୀ ହୋଇଥିବା ବିଧାୟକ ରାଘବ ଚଢ଼ା ଏଏପିର ଜଣେ ଶୀର୍ଷ ନେତା। ୩୩ ବର୍ଷ ବୟସରେ ସେ ସର୍ବକନିଷ୍ଠ ରାଜ୍ୟ ସଭା ସଦସ୍ୟ ହେବାକୁ ଯାଉଛନ୍ତି। ସେହିପରି ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟିର ପ୍ରତିଷ୍ଠାତା ଅଶୋକ କୁମାର ମିତ୍ତଲ ଏବଂ ଲୁଧିଆନା ବ୍ୟବସାୟୀ ସଞ୍ଜୀବ ଆରୋରାଙ୍କୁ ଏଏପି ରାଜ୍ୟ ସଭା ପ୍ରାର୍ଥୀ ଭାବେ ମନୋନୀତ କରିଛି।

# ପେଟ୍ରୋଲ୍ ପକାଇବା ବାହାନାରେ ଲୁଟିନେଲେ ୨୦ଲକ୍ଷ

କେନ୍ଦୁଝର, ୨୧।୩(ସ୍ୱ.ପ୍ର)

କେନ୍ଦୁଝର ସଦର ବ୍ଲକ ପଦ୍ମପୁର ନିକଟସ୍ଥ ଜଡିଚାତର ଆଲିଆନ୍ସ ମେଣ୍ଟାଲ ପ୍ରା ଲିଃ ରିଲାଏନ୍ସ ପେଟ୍ରୋଲ ପମ୍ପରୁ ସୋମବାର ଭୋର ସମୟରେ ବଡ଼ଧରଣର ଲୁଟ୍ ହୋଇଛି। ୬ଜଣ ଦୁର୍ବୃତ୍ତ ତେଲ ପକାଇବା ବାହାନାରେ ଆସି କର୍ମଚାରୀଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ୨୦ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ତେବେ ପେଟ୍ରୋଲ ପମ୍ପରେ ଲାଗିଥିବା ସିସିଟିଭି ୧୦ଦିନ ହେବ ଖରାପ ଥିବାରୁ ଲୁଟେରାଙ୍କ ସମ୍ପର୍କରେ କିଛି ସୁରାକ ମିଳିପାରିନି। ସଦର ଥାନା ଅଧିକାରୀ ଜୟନାରାୟଣ ଖଣ୍ଡାଇ, ଏସ୍‌ଆଇ ସୂର୍ଯ୍ୟକୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଉପସ୍ଥିତ କର୍ମଚାରୀଙ୍କୁ ଥାନାକୁ ନେଇ ଜେରା କରୁଛି।

ପଦ୍ମପୁର ପଟୁ ଏକ ପଲସର୍ ଏବଂ କେଟିଏମ ବାଇକ୍‌ରେ ଏହି ଲୁଟେରାମାନେ ମୁଖାପିନ୍ଧି ପ୍ରଥମେ ପେଟ୍ରୋଲ ପମ୍ପରେ ପ୍ରବେଶ କରିଥିଲେ। ଡ୍ୟୁଟିରେ ଥିବା ଜୟ ପ୍ରକାଶ ଦେହୁରୀ, ତପନ ଖଟୁଆ ସେମାନଙ୍କ ଗାଡିରେ ପେଟ୍ରୋଲ ପକାଇଥିଲେ। ପରେ ଲୁଟେରାମାନେ ହଠାତ୍ ସୁରକ୍ଷା କର୍ମୀ ମଧୁସୂଦନ ଆପଟ୍ଟ ଓ ଦୁଇ କର୍ମଚାରୀଙ୍କୁ ବନ୍ଧୁକ, ଭୁଜାଲି ଦେଖାଇ ପେଟ୍ରୋଲ ପମ୍ପ କାର୍ଯ୍ୟାଳୟ ମ୍ୟାନେଜରଙ୍କ ପାଖକୁ ଆଣିଥିଲେ। ମ୍ୟାନେଜର ଶୈଳେଶ ମହାନ୍ତିଙ୍କୁ ମଧ୍ୟ ମାରଣାସ୍ତ୍ର ଦେଖାଇ ଟଙ୍କା ମାଗି ଧରିବା ପରେ ଲୁଟେରାମାନେ ବଡ଼ବିଲ ଅଭିମୁଖେ ଚମ୍ପଟ ମାରିଥିଲେ ବୋଲି ପେଟ୍ରୋଲ ପମ୍ପ କର୍ମଚାରୀମାନେ କହିଛନ୍ତି। ପେଟ୍ରୋଲ ପମ୍ପ ମାଲିକ ଘଟଣା ବିଷୟରେ ଜାଣିବା ପରେ ସଦର ଥାନାରେ ଅଭିଯୋଗ କରିଥିଲେ।



# ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ନିର୍ବାଚନକୁ ଗୁରୁତ୍ୱ

**କୋରାପୁଟ, ନବରଙ୍ଗପୁର, ରାୟଗଡ଼ାରେ ଡିଜିପିଙ୍କ ସମୀକ୍ଷା**

କୋରାପୁଟ/ନବରଙ୍ଗପୁର/ ରାୟଗଡ଼ା ଅଫିସ,୨୧।୩(ସ୍ୱ.ପ୍ର./ବି.ପ୍ର.)

ପୋଲିସ ଡିଜି ସୁନୀଲ ବଂଶଲ ସୋମବାର ମାଓବାଦୀ ଉପଦ୍ରୁତ କୋରାପୁଟ, ନବରଙ୍ଗପୁର ଏବଂ ରାୟଗଡ଼ା ଜିଲା ଗସ୍ତରେ ଆସି ମାଓବାଦୀ ଦମନ ରଣନୀତି ବିଷୟରେ ସମୀକ୍ଷା କରିବା ସହ ପୌର ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାରେ ପରିଚାଳନା କରାଯାଇପାରିବ ସେ ନେଇ ଆଲୋଚନା କରିଛନ୍ତି।

ପୂର୍ବାହ୍ନରେ ଓଏମ୍‌ପିସ୍ଥିତ ବିଏସ୍‌ଏଫ୍ ହେଲିପ୍ୟାଡରେ ପହଞ୍ଚି ସେଠାରୁ କୋରାପୁଟ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ପରେ କୋରାପୁଟସ୍ଥିତ ଓଏସ୍‌ଏପି ତୃତୀୟ ବାଟାଲିୟନ ପରିଦର୍ଶନ କରିଥିଲେ। କୋରାପୁଟ ଜିଲା ରିଜର୍ଭ ପୋଲିସ କାର୍ଯ୍ୟାଳୟ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ସେଠାରୁ ଡିଜିପି ନବରଙ୍ଗପୁର ଯାଇ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆଇନ ଶୃଙ୍ଖଳା ସ୍ଥିତି ସମୀକ୍ଷା କରିଛନ୍ତି।



କୋରାପୁଟରେ ସମୀକ୍ଷା ବୈଠକରେ ଡିଜିପି ପଦସ୍ଥ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଆତ୍ମସମର୍ପଣ କରିଥିବା ମାଓବାଦୀ କ୍ୟାଡର କମଳେଶ୍ୱରୀ ମରେଇ ତାଙ୍କର ୩ ମାସିଆ କମ୍ପ୍ୟୁଟର ଟ୍ରେନିଂ ସାରିଛନ୍ତି। ଡିଜିପି ତାଙ୍କୁ ଉକ୍ତ ଟ୍ରେନିଂର ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ପୁନର୍ବାସ ଓ ଥଇଥାନ କରାଯିବା ନେଇ ସେ ପ୍ରତିଶ୍ରୁତି ଦେଇଛନ୍ତି। ମାଓବାଦୀମାନେ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିବେଦନ କରିଛନ୍ତି। ସେହିପରି ନବରଙ୍ଗପୁର ସହରରେ ୧୦୧ ସିସିଟିଭି କ୍ୟାମେରା ଲାଗିଛି। ଆହୁରି ୧୦ ସ୍ଥାନରେ ସିସି କ୍ୟାମେରା ଲାଗିବ। ୮ ସ୍ଥାନରେ ଏଏନ୍‌ପିଆର୍, ଗୋଟିଏ ମୁଭିଂ କ୍ୟାମେରା ଓ ୯୩ ଆଇପି କ୍ୟାମେରା ସହରର ୪୦ଟି ଛକ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲାଗିଛି। ଏସ୍‌ପି ଅଫିସରେ ଥିବା କଣ୍ଟ୍ରୋଲ ରୁମ୍‌କୁ ଡିଜି ବୁଲି ଦେଖିବା ସହ ଏହାର କାର୍ଯ୍ୟକାରିତା ସମ୍ପର୍କରେ ବୁଝିଥିଲେ।

ପରେ ରାୟଗଡ଼ା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲାରେ ମାଓବାଦୀଙ୍କ ଉପସ୍ଥିତି ଜାରି ରହିଥିବାରୁ ଦମନ କାର୍ଯ୍ୟକ୍ରମକୁ ଅଧିକ ଜୋରଦାର କରାଯିବ ବୋଲି ସେ କହିଥିଲେ। ପୌର ନିର୍ବାଚନରେ ଶାନ୍ତିଶୃଙ୍ଖଳା ପାଇଁ ସେ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ଡିଜିପିଙ୍କ ଗସ୍ତବେଳେ ସ୍ପେଶାଲ ଡିଜିପି ଏସ୍‌ଏପି ମନୋଜ କୁମାର ଛାବ୍ରା, ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାସ, ଆଇନ ଶୃଙ୍ଖଳା ବିଭାଗ ଏଡିଜି ଆର୍. କେ. ଶର୍ମା, ଆଇଜି ଅପରେଶନ୍‌ସ ଅମିତାଭ ଠାକୁର, ବିଏସ୍‌ଏଫ୍ ଆଇଜି ଏସ୍. ସି. ବୁଦ୍ଧକୋଟି, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ, ଏସ୍‌ଆଇଡବ୍ଲ୍ୟୁ ଆଇଜି ଅନିରୁଦ୍ଧ ସିଂ, ବିଏସ୍‌ଏଫ୍ ଡିଆଇଜି ମଦନ ଲାଲଙ୍କ ସମେତ କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲି, ନବରଙ୍ଗପୁର ଏସ୍‌ପି ପି.ଏସ୍. ପରଷୋତ୍ତମ ଦାସ, ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

**୧୮ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ବୁଷ୍ଟର ଡୋଜ୍ ପ୍ରସ୍ତାବ ବିଚାରାଧୀନ**

ବିଭିନ୍ନ ଦେଶରେ ପୁଣିଥରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ କେନ୍ଦ୍ର ସରକାର ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ କୋଭିଡ୍ ଟିକାର ବୁଷ୍ଟର ଡୋଜ୍ ଦେବା ପାଇଁ ବିଚାର କରୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ବର୍ତ୍ତମାନ ସ୍ୱାସ୍ଥ୍ୟସେବା କର୍ମଚାରୀ, ସମ୍ମୁଖ ଯୋଦ୍ଧା ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ପ୍ରିକଶନ ଡୋଜ୍ ଦିଆଯାଉଛି। ଦ୍ୱିତୀୟ ଡୋଜ୍ ନେବାର ୯ ମାସରୁ ୩୯ ସପ୍ତାହ ମଧ୍ୟରେ ଜଣେ ପ୍ରିକଶନ ଡୋଜ୍ ନେଇପାରିବେ।

## ସଂକ୍ଷେପରେ

### ରାଜସ୍ଥାନ ହାଇକୋର୍ଟ ଗଲା ସଲମାନଙ୍କ ମୃଗ ଶିକାର ମାମଲା



**ଯୋଧପୁର,୨୧।୩ :** ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କ କୃଷ୍ଣସାର ମୃଗ ଶିକାର ମାମଲା ରାଜସ୍ଥାନ ହାଇକୋର୍ଟକୁ ସ୍ଥାନାନ୍ତର କରିବା ଲାଗି ଅନୁମତି ମିଳିଛି। ଫଳରେ ୧୯୯୮ର ଏହି ମାମଲାରେ ଅଭିନେତାଙ୍କୁ ଆଶ୍ୱସ୍ତି ମିଳିଛି। ଏଣିକି ମାମଲା ସମ୍ପର୍କିତ ସମସ୍ତ ଆବେଦନର ଶୁଣାଣି ହାଇକୋର୍ଟରେ ହେବ। ସୂଚନାଯୋଗ୍ୟ, ୧୯୯୮ରେ 'ହମ୍ ସାଥ୍ ସାଥ୍ ହେଁ' ଚଳଚ୍ଚିତ୍ର ଶୁଟିଂ ପାଇଁ ସଲ୍‌ମାନ ଖାନ୍‌ଙ୍କ ସହ ସୈଫ ଅଲି ଖାନ୍, ସୋନାଲି ବେନ୍ଦ୍ରେ, ନୀଲମ ଓ ତବୁ ରାଜସ୍ଥାନ ଯାଇଥିବାବେଳେ କଙ୍କଣିଠାରେ ଦୁଇଟି କୃଷ୍ଣସାର ମୃଗ ଶିକାର କରିଥିବା ଅଭିଯୋଗ ହୋଇଥିଲା। ସଲମାନଙ୍କ ବିରୋଧରେ ଭାରତୀୟ ବନ୍ୟପ୍ରାଣୀ ଆଇନର ଧାରା ୯/୫୧ ଏବଂ ଅସ୍ତ୍ରଶସ୍ତ୍ର ଆଇନର ଧାରା ୩/୨୫ ଏବଂ ୩/୨୭ରେ ମାମଲା ରୁଜୁ ହୋଇଥିଲା। ୨୦୧୮ରେ ଯୋଧପୁର କୋର୍ଟ ତାଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲଦଣ୍ଡାଦେଶ ଦେଇଥିଲେ। ପରେ ତାଙ୍କୁ ଜାମିନ ମିଳିଥିଲା।

### ଶପଥ ନେଲେ ବୀରେନ୍ ସିଂ



**ଇମ୍ଫାଲ,୨୧।୩ :** ଭାଜପା ନେତା ଏନ୍. ବୀରେନ୍ ସିଂ କ୍ରମାଗତ ଦ୍ୱିତୀୟ ଥର ଲାଗି ମଣିପୁର ମୁଖ୍ୟମନ୍ତ୍ରୀ ଭାବେ ସୋମବାର ଶପଥ ଗ୍ରହଣ କରିଛନ୍ତି। ରାଜ୍ୟକୁ ଦୁର୍ନୀତିମୁକ୍ତ କରିବା ତାଙ୍କ ସରକାରର ପ୍ରଥମ ପଦକ୍ଷେପ ହେବ ବୋଲି ଶପଥ ଗ୍ରହଣ ପରେ ବୀରେନ୍ ଗଣମାଧ୍ୟମକୁ କହିଛନ୍ତି। ସେ ଏଥିପାଇଁ ଦିନ ରାତି କାମ କରିବେ। ଏଥିସହିତ ରାଜ୍ୟକୁ ନିଶାଦ୍ରବ୍ୟ ମୁକ୍ତ କରିବା ଏବଂ ଉଗ୍ରପନ୍ଥୀମାନଙ୍କୁ ଆଲୋଚନା ଟେବୁଲ୍‌କୁ ଡାକି ବୁଝାମଣା କରିବା ଉପରେ ପ୍ରାଥମିକତା ଦେବେ ବୋଲି ବୀରେନ୍ କହିଛନ୍ତି। ବୀରେନ୍‌ଙ୍କ କ୍ୟାବିନେଟର ୫ ମନ୍ତ୍ରୀ ମଧ୍ୟ ସୋମବାର ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରେ ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍)ର ଜଣେ ମନ୍ତ୍ରୀ ଅଛନ୍ତି। ରାଜଭବନରେ ରାଜ୍ୟପାଳ ଲା ଗଣେଶନ ସମସ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଶପଥ ନେଇଥିବା ମନ୍ତ୍ରୀମାନେ ହେଲେ ବିଶ୍ୱଜିତ ସିଂ, ୱାଇ. ଖେମ୍‌ଚାନ୍ଦ, କେ. ଗୋବିନ୍ଦଦାସ, ନେମ୍‌ଚା କିପଗେନ୍ ଏବଂ ଏନ୍‌ପିଏଫ୍‌ର ଅୱାଙ୍ଗବୁ ନିଉମାଇ। ଶପଥ ଉତ୍ସବରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ନବନିର୍ବାଚିତ ଭାଜପା ବିଧାୟକ ଦଳ ବୈଠକ ବସି ବୀରେନ୍‌ଙ୍କୁ ନେତା ନିର୍ବାଚନ କରାଯାଇଥିଲା।

### କୃଷି ଆଇନକୁ ଅଧିକାଂଶ ଚାଷୀ ସଂଗଠନର ସମର୍ଥନ ଥିଲା

**ସୁପ୍ରିମକୋର୍ଟ ନିଯୁକ୍ତ କମିଟି ରିପୋର୍ଟ**

**ନୂଆଦିଲ୍ଲୀ,୨୧।୩ :** ଅଧିକାଂଶ କୃଷକ ସଂଗଠନ କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ସମର୍ଥନ କରୁଥିଲେ। ଏବେ ଉକ୍ତ ଆଇନକୁ ପ୍ରତ୍ୟାହାର କରିନିଆଯାଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟି ବିଭିନ୍ନ ସଂଗଠନ ସହ ଆଲୋଚନା କରିବା ପରେ ଉପରୋକ୍ତ ତଥ୍ୟ ଜାଣିବାକୁ ପାଇଛନ୍ତି। ସୋମବାର ଚାଷୀ ନେତା ତଥା କମିଟି ସଦସ୍ୟ ଅନିଲ ଘନୱତ୍ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ୨୦୨୦ରେ ୩ କୃଷି ଆଇନ ଆଣିଥିଲେ। ଏହାକୁ କେତେକ କୃଷକ ସଂଗଠନ ବିରୋଧ କରି ଆନ୍ଦୋଳନ ଜାରି ରଖିବା ଫଳରେ ସରକାର ଉକ୍ତ ଆଇନକୁ ଗତବର୍ଷ ନଭେମ୍ବରରେ ପ୍ରତ୍ୟାହାର କରିନେଇଥିଲେ। ଉକ୍ତ ଆଇନ ବିରୋଧରେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିବାବେଳେ ଆଇନ ଉପରେ ତର୍ଜମା କରିବା ସହ ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା ପାଇଁ କୋର୍ଟ ୩ ଜଣିଆ କମିଟି ଗଠନ କରିଥିଲେ। କମିଟି ମୋଟ ୨୬୬ ଚାଷୀ ସଂଗଠନ ସହ ଆଲୋଚନା କରିଥିଲା।

# କେମିକାଲ ପ୍ଲାଣ୍ଟକୁ ଟାର୍ଗେଟ୍

**ସୁମିରେ ଆମୋନିଆ ଲିକ୍**

- ସୁରକ୍ଷିତ ସ୍ଥାନକୁ ଯିବାକୁ ଲୋକଙ୍କୁ ପରାମର୍ଶ
- ଶପିଂ ମଲ୍ ଉପରେ ବୋମା, ୮ ମୃତ

**କ୍ୱିଭ୍, ୨୧।୩**

ରୁଷିଆର ଘନଘନ ଆକ୍ରମଣରେ ଧ୍ୱଂସସ୍ତୂପ ପାଲଟିବାରେ ଲାଗିଛି ୟୁକ୍ରେନ୍। ୨୬ ଦିନର ଯୁଦ୍ଧରେ ଏହି ପୂର୍ବ ୟୁରୋପୀୟ ଦେଶର ପ୍ରମୁଖ ସହର ଯଥା ରାଜଧାନୀ କ୍ୱିଭ୍, ମାରିଉପୋଲ, ଓଡେଶା ଆଦି ରୁଷୀୟ ସୈନ୍ୟଙ୍କ କ୍ଷେପଣାସ୍ତ୍ର, ବୋମାମାଡ଼ରେ ଥରି ଉଠୁଛି। ଜନବସତି ଅଞ୍ଚଳକୁ ରୁଷିଆ ଟାର୍ଗେଟ କରୁଥିବାରୁ ହଜାର ହଜାର ସଂଖ୍ୟାରେ ନାଗରିକଙ୍କ ମୃତ୍ୟୁ ଘଟିଲାଣି। ସୋମବାର ମଧ୍ୟ ତୀବ୍ର ଆକ୍ରମଣ ଜାରି ରଖି ରୁଷିଆ କ୍ୱିଭ୍‌ର ଏକ ଶପିଂମଲ୍‌କୁ ଟାର୍ଗେଟ କରିଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଇଛି। ତେବେ ଉକ୍ତ ମଲ୍‌ରେ ରକେଟ୍ ଗଚ୍ଛିତ କରାଯାଇଥିବାରୁ ତାହାକୁ ନଷ୍ଟ କରାଯାଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ଆଇଗୋର କୋନାଶେଙ୍କୋଭ୍ କହିଛନ୍ତି। ସୁମି ଖିମପ୍ରୋମ୍ କେମିକାଲ ପ୍ଲାଣ୍ଟକୁ ଆକ୍ରମଣ କରିବାରୁ ସେଥିରୁ ବିଷାକ୍ତ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିବା ସୁମିର ଗଭର୍ନର ଡିମିଟ୍ରୋ ଜିଭିତ୍‌ସ୍କି କହିଛନ୍ତି। ପ୍ରାୟ ୫୦ ଟନ୍ ବିଶିଷ୍ଟ ଆମୋନିଆ ଗ୍ୟାସ୍ ଟାଙ୍କି ରୁଷିଆ ଏୟାର ଷ୍ଟ୍ରାଇକ୍‌ରେ ନଷ୍ଟ ହୋଇଛି। ସେହି ସାଇଟ୍‌ରୁ ପ୍ରାୟ ଅଢ଼େଇ କିଲୋମିଟର ପର୍ଯ୍ୟନ୍ତ ଏହି ଗ୍ୟାସ୍ ବ୍ୟାପିଛି। ସେଥିମଧ୍ୟରେ ଦୁଇଟି ଗ୍ରାମ ମଧ୍ୟ ପ୍ରଭାବିତ ହୋଇଛି। ସେଠାକାର ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ କୁହାଯାଇଛି। ଏହା ପୂର୍ବରୁ ରୁଷିଆ ଜାପୋରିଝିଆ ନ୍ୟୁକ୍ଲିୟର ପ୍ଲାଣ୍ଟ ଉପରେ ଆକ୍ରମଣ କରିବାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତେବେ ରୁଷିଆ ଏହି ଆକ୍ରମଣ କରି ନ ଥିବା କହିଥିଲା।



ରୁଷିଆ ଆକ୍ରମଣରେ ନଷ୍ଟ ହୋଇଯାଇଥିବା କ୍ୱିଭ୍‌ର ଏକ ଶପିଂ ମଲ୍।

## ଆଲୋଚନାରେ ଅଗ୍ରଗତି ହୋଇନି: କ୍ରେମଲିନ୍

**ମସ୍କୋ, ୨୧।୩**

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ହୋଇଥିବା ଶାନ୍ତି ଆଲୋଚନାରେ କୌଣସି ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇନାହିଁ ବୋଲି କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି। ରୁଷିଆ ଗ୍ରହଣ କରି ନ ପାରିବା ଭଳି ସର୍ତ୍ତ ରଖି ୟୁକ୍ରେନ୍ ଆଲୋଚନା ବାଟ ବନ୍ଦ କରୁଛି। ଅନ୍ୟପଟେ ବୁଝାମଣାରେ ହିଁ ଯୁଦ୍ଧ ରୋକାଯାଇପାରିବ ଏବଂ ଏ ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ କଥା ହେବାକୁ ସେ ରାଜି ବୋଲି ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି।

କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ ସୋମବାର ଏକ କନ୍‌ଫରେନ୍ସରେ କହିଛନ୍ତି, ପୁଟିନ୍ ଓ ଜେଲେନ୍‌ସ୍କିଙ୍କ ମଧ୍ୟରେ ବୈଠକ କରିବାକୁ ଏ ପର୍ଯ୍ୟନ୍ତ ହୋଇଥିବା ଆଲୋଚନାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହେବାର ଥିଲା। ଦୁଇ ରାଷ୍ଟ୍ରପତି ଭେଟିବା ପୂର୍ବରୁ ହୋମୱର୍କ ଶେଷ ହେବା ଜରୁରୀ। କିନ୍ତୁ ପ୍ରତିନିଧିସ୍ତରୀୟ ବୈଠକରେ କୌଣସି ନିଷ୍କର୍ଷ ବାହାରି ନାହିଁ। ବୁଝାମଣା ପାଇଁ ୟୁକ୍ରେନ୍ ଅପେକ୍ଷା ରୁଷିଆ ଅଧିକ ଆଗ୍ରହ ଦେଖାଇଥିଲା ବୋଲି ପେସ୍‌କୋଭ୍ ପ୍ରକାଶ କରିଛନ୍ତି।

## ରୁଷିଆ ସହ କାରବାର ବନ୍ଦ କର

**ୟୁରୋପୀୟ ଦେଶକୁ ଜେଲେନ୍‌ସ୍କିଙ୍କ ଆହ୍ୱାନ**

କ୍ୱିଭ୍: ୟୁରୋପୀୟ ଦେଶଗୁଡ଼ିକ ତୁରନ୍ତ ରୁଷିଆ ସହ ସବୁ କାରବାର ବନ୍ଦ କରି ମସ୍କୋ ଉପରେ ଅଧିକ ଚାପ ପକାଇବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଆହ୍ୱାନ ଦେଇଛନ୍ତି। ୟୁକ୍ରେନ୍ ବିରୋଧରେ ପ୍ରୟୋଗ ହେଉଥିବା ରୁଷିଆ ଅସ୍ତ୍ରକୁ ପ୍ରାୟୋଜିତ କରା ନ ଯାଉ। ଆକ୍ରମଣକାରୀଙ୍କୁ କୌଣସି ଦିଗରୁ ଅର୍ଥ ନ ମିଳୁ। ସେମାନଙ୍କୁ ସାମଗ୍ରୀ ଦିଆ ନ ଯାଉ କିମ୍ବା ଜିନିଷ ଅଣା ନ ଯାଉ। ୟୁକ୍ରେନ୍ ଛାଡ଼ିବାକୁ ରୁଷିଆକୁ ବାଧ୍ୟ କରାଯାଉ ବୋଲି ୟୁରୋପୀୟ ନେତାଙ୍କୁ ଜେଲେନ୍‌ସ୍କି ନିବେଦନ କରିଛନ୍ତି। ଅପରପକ୍ଷେ ୟୁରୋପୀୟ ଦେଶ ରୁଷିଆ ତୈଳ, ଗ୍ୟାସ୍ ଉପରେ କଟକଣା ଲଗାଇଲେ ବ୍ୟାପକ କ୍ଷତି ସହିବେ ବୋଲି କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ କହିଛନ୍ତି। ତେବେ ରୁଷିଆର ତୈଳ ସେକ୍ଟରରେ କଟକଣା ଲଗାଇବାକୁ ୟୁରୋପିଆନ୍ ୟୁନିୟନ (ଇୟୁ)ର ବୈଦେଶିକ ନୀତି ମୁଖ୍ୟ ଜୋସେପ୍ ବୋରେଲ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି।

## ଭାରତ ଫେରିଲା ଛାତ୍ରଙ୍କ ମରଶରୀର

**ରୁଷିଆ ଆକ୍ରମଣରେ ପ୍ରାଣ ହରାଇଥିଲେ**

**ବେଙ୍ଗାଲୁରୁ, ୨୧।୩**

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟ ଡାକ୍ତରୀ ଛାତ୍ର ନବୀନ ଶେଖରପ୍ପା ଜ୍ଞାନଗୌଦରଙ୍କ ମରଶରୀର ରବିବାର ବିଳମ୍ବିତ ରାତିରେ ବେଙ୍ଗାଲୁରୁରେ ପହଞ୍ଚିଛି। ନ୍ୟାଶନାଲ ମେଡିକାଲ ୟୁନିଭର୍ସିଟି, ଖର୍କିଭରେ ପାଠ ପଢୁଥିବା କର୍ନାଟକର ନବୀନ ଶେଖରପ୍ପା ୟୁକ୍ରେନ୍‌ରେ ଗତ ମାର୍ଚ୍ଚ ୧ରେ ପ୍ରାଣ ହରାଇଥିଲେ। ବେଙ୍ଗାଲୁରୁ ବିମାନବନ୍ଦରରେ ନବୀନଙ୍କ ପରିବାର ସଦସ୍ୟଙ୍କ ସମେତ କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ମରଶରୀର ଗ୍ରହଣ କରିବାକୁ ଉପସ୍ଥିତ ଥିଲେ। ସେଲ ମାଡ଼ରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିବା ଦୁର୍ଭାଗ୍ୟଜନକ ବୋଲି ବୋମାଇ କହିବା ସହ ନବୀନଙ୍କ ମରଶରୀର ଭାରତକୁ ଫେରାଇ ଆଣିଥିବାରୁ ସେ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ବୋମାଇ ନବୀନଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶିର ଚେକ୍ ପ୍ରଦାନ କରିବା ସହ ଜଣେ ସଦସ୍ୟଙ୍କୁ ଚାକିରି ପ୍ରତିଶ୍ରୁତି ଦେଇଥିଲେ। ମେଡିକାଲ ରିସର୍ଚ୍ଚ ପାଇଁ ନବୀନଙ୍କ ଅଙ୍ଗଦାନ କରିବାକୁ ତାଙ୍କ ପରିବାର ଲୋକେ ନିଷ୍ପତ୍ତି ନେଇଥିବା ଶନିବାର କହିଥିଲେ।



ନବୀନ ଶେଖରପ୍ପା

## ୟୁକ୍ରେନ୍‌ରୁ କ୍ୟାଶ୍ ନେଇ ପଳାଉଥିଲେ

**ଧରାପଡ଼ିଲେ ପୂର୍ବତନ ଏମ୍‌ପିଙ୍କ ସ୍ତ୍ରୀ**

**ବୁଦାପେଷ୍ଟ, ୨୧।୩**

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରୁ ପ୍ରାୟ ୨୮ ମିଲିୟନ ଡଲାର ଏବଂ ୧.୩ ମିଲିୟନ ୟୁରୋ ନେଇ ପଳାଉଥିବାବେଳେ ହଙ୍ଗେରୀ ସୀମାରେ ଧରା ପଡ଼ିଛନ୍ତି ୟୁକ୍ରେନ୍‌ର ପୂର୍ବତନ ଏମ୍‌ପି କୋତ୍‌ଭିତ୍‌ସ୍କିଙ୍କ ସ୍ତ୍ରୀ। ସେ ଦେଶ ଛାଡ଼ି ଜାକରପଟିଆ ପ୍ରଦେଶ ଦେଇ ହଙ୍ଗେରୀରେ ପ୍ରବେଶ କଲାବେଳେ ସେଠାରେ ତାଙ୍କୁ ସୀମା ସୁରକ୍ଷା ବଳ ଅଟକାଇଥିଲେ। ତାଙ୍କ ହାତରେ ଥିବା ସୁଟ୍‌କେସ୍ ଖୋଲିବା ପରେ ସେଥିରେ ବିପୁଳ ଟଙ୍କା ଥିବା ଦେଖାଯାଇଥିଲା। ପରେ ସେଥିରେ ଥିବା ଅର୍ଥର ପରିମାଣ ସମ୍ପୃକ୍ତ ଏମ୍‌ପିଙ୍କ ସ୍ତ୍ରୀ ଜଣାଇଥିଲେ। ଏହି ଘଟଣାକୁ ନେଇ ଅନେକେ ତାଙ୍କୁ ସମାଲୋଚନା କରିଛନ୍ତି।



## ଭାରତର ଆଭିମୁଖ୍ୟ ଗ୍ରହଣ କରିଛି କ୍ୱାଡ୍

- ମୋଦି-ମୋରିସନ୍ ଆଲୋଚନା
- ବୈଶ୍ୱିକ ସ୍ଥିରତା ପାଇଁ କ୍ୱାଡ୍ ଗୁରୁତ୍ୱପୂର୍ଣ୍ଣ

**ନୂଆଦିଲ୍ଲୀ, ୨୧।୩**

ୟୁକ୍ରେନ୍-ରୁଷିଆ ପ୍ରସଙ୍ଗରେ ଭାରତର ନିରପେକ୍ଷ ଆଭିମୁଖ୍ୟକୁ କ୍ୱାଡ୍ ଦେଶ ଗ୍ରହଣ କରିଛନ୍ତି ବୋଲି ଅଷ୍ଟ୍ରେଲିଆ କହିଛି। ୟୁକ୍ରେନ୍‌ରେ ଯୁଦ୍ଧ ରୋକିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ସମସ୍ତ ସମ୍ପର୍କକୁ ବ୍ୟବହାର କରୁଥିବା ନୂଆଦିଲ୍ଲୀରେ ଅବସ୍ଥାପିତ ଅଷ୍ଟ୍ରେଲିଆ ଉଚ୍ଚାୟୁକ୍ତ ବ୍ୟାରି ଓ'ଫାରେଲ୍ କହିଛନ୍ତି। ଏଥିସହ ନରେନ୍ଦ୍ର ମୋଦି ଓ ତାଙ୍କ ଅଷ୍ଟ୍ରେଲିଆ ପ୍ରତିପକ୍ଷ ସ୍କଟ୍ ମୋରିସନ୍ ସୋମବାର ଭର୍ଚୁଆଲ ସମିଟ୍‌ରେ ୟୁରୋପ ସ୍ଥିତି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସ୍ଥିରତା, ପ୍ରତିରକ୍ଷା, ସାମୁଦ୍ରିକ ସହଯୋଗ, ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ଆଦି ବାବଦରେ ଆଲୋଚନା କରିଛନ୍ତି।

ଆଞ୍ଚଳିକ ଶାନ୍ତି ଏବଂ ବୈଶ୍ୱିକ ସ୍ଥିରତା ପାଇଁ କ୍ୱାଡ୍‌ର ସଫଳତା ଜରୁରୀ ବୋଲି ମୋଦି କହିଛନ୍ତି। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ମୁକ୍ତ ଏବଂ ସ୍ୱାଧୀନ ରଖିବା ଦିଗରେ କ୍ୱାଡ୍ ପ୍ରତିବଦ୍ଧ। ଏଥିସହ ଭାରତକୁ ୨୯ ପ୍ରାଚୀନ ମୂର୍ତ୍ତି ଫେରାଇବା ନିମନ୍ତେ ଅଷ୍ଟ୍ରେଲିଆର ପଦକ୍ଷେପକୁ ମୋଦି ପ୍ରଶଂସା କରିଥିଲେ। ମୋଦିଙ୍କ ସହ ଆଲୋଚନାବେଳେ ମୋରିସନ୍ ୟୁକ୍ରେନ୍ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟକୁ ଗ୍ରହଣ କରିଥିବା ବହିର୍ବ୍ୟାପାର ସଚିବ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ଏଥିରେ ଭାରତର ପରିସ୍ଥିତି ଓ ନିଜସ୍ୱ ଚିନ୍ତାଧାରା ପ୍ରତିଫଳିତ ହୋଇଛି। ୟୁରୋପର ସ୍ଥିତି ଚିନ୍ତାଜନକ ହୋଇଥିବାବେଳେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ମୋରିସନ୍ ମୋଦିଙ୍କ ସହ ଆଲୋଚନାବେଳେ କହିଛନ୍ତି। ସୂଚନାଯୋଗ୍ୟ, ଏସିଆରେ ଚାଇନାର ପ୍ରଭାବକୁ ପ୍ରତିହତ କରିବା ପାଇଁ ଆମେରିକା, ଅଷ୍ଟ୍ରେଲିଆ, ଭାରତ ଓ ଜାପାନ କ୍ୱାଡ୍ ମେଣ୍ଟ ଗଠନ କରିଛନ୍ତି।





## ଦିଲ୍ଲୀରୁ ଦୋହା ଯାଉଥିବା ବିମାନର ଜରୁରୀ ଅବତରଣ

**କରାଚୀ,୨୧।୩**

ଦିଲ୍ଲୀରୁ ଦୋହା ଅଭିମୁଖେ ଯାତ୍ରା କରୁଥିବା ବିମାନ କରାଚୀରେ ଜରୁରୀ ଅବତରଣ କରିଛି। ସୋମବାର ଭୋର ୩.୨୦ ମିନିଟରେ ୨୮୩ ଯାତ୍ରୀଙ୍କୁ ନେଇ କ୍ୱାଟର ଏୟାର ୱେ୍ କିୟୁଆର୫୭୯ ବିମାନ ଦିଲ୍ଲୀରୁ ଉଡ଼ାଣ ଭରିଥିଲା। ଉଡ଼ାଣର ଦୁଇ ଘଣ୍ଟା ପରେ ଅର୍ଥାତ୍ ସକାଳ ୫ଟା ୩୦ ମିନିଟରେ କରାଚୀର ଜିନ୍ନା ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ବିମାନଟିକୁ ଜରୁରୀ ଅବତରଣ କରାଯାଇଥିଲା। ସୋମବାର ପାକିସ୍ତାନ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ମୁଖପାତ୍ର ଶେଫୁର ରେହମାନ ଏହି ସୂଚନା ଦେଇଥିଲେ। ଜରୁରୀ ଅବତରଣରେ ୨୮୩ ଯାତ୍ରୀ ଓ କ୍ରିୟୁ ମେମ୍ବରଙ୍କୁ ସୁରକ୍ଷିତ ଭାବେ ଅନ୍ୟ ଏକ ବିମାନକୁ ସ୍ଥାନାନ୍ତରଣ କରାଯାଇଥିଲା। ପାଇଲଟଙ୍କ ସୂଚନାନୁସାରେ ଉଡ଼ାଣ ବେଳେ ବିମାନର କାର୍ଗୋ ହୋଲ୍ଡରୁ ଧୂଆଁ ବାହାରିଥିଲା, ଯାହାପରେ ବିପଦ ଆଶଙ୍କା କରି ପାଇଲଟ ବିମାନର ଜରୁରୀ ଅବତରଣ କରିଥିଲେ।

## ଏପ୍ରିଲ ୪ ପର୍ଯ୍ୟନ୍ତ ବଢ଼ିଲା ନୱାବଙ୍କ ରିମାଣ୍ଡ

**ମୁମ୍ବାଇ,୨୧।୩**

ମନି ଲଣ୍ଡରିଂ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇଥିବା ମହାରାଷ୍ଟ୍ର ମନ୍ତ୍ରୀ ତଥା ଏନ୍‌ସିପି ନେତା ନୱାବ ମଲିକଙ୍କ ରିମାଣ୍ଡ ଅବଧି ଏପ୍ରିଲ ୪ ପର୍ଯ୍ୟନ୍ତ ବଢ଼ାଯାଇଛି। ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ନୱାବଙ୍କୁ ଶୋଇବା ପାଇଁ ଖଟ, ରେଜେଇ ଓ ଗୋଟିଏ ଚୌକି ଯୋଗାଇ ଦିଆଯିବ ବୋଲି ସୋମବାର ଶୁଣାଣିରେ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଶୁଣାଣିରେ ନୱାବଙ୍କୁ ଘର ଖାଦ୍ୟ ସାଙ୍ଗକୁ ଔଷଧ ଦିଆଯିବା ନେଇ କୋର୍ଟ ଅନୁମତି ଦେଇଥିଲେ। ଅଣ୍ଡର ୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌ଙ୍କ ବେଆଇନ୍ କାରବାରରେ ସମ୍ପୃକ୍ତି ନେଇ ଫେବୃୟାରୀ ୨୩ରେ ନୱାବଙ୍କୁ ଇଡି ଗିରଫ କରିଥିଲା। ଗତ ସପ୍ତାହରେ ବମ୍ବେ ହାଇକୋର୍ଟ ନୱାବଙ୍କ ଜାମିନ ଆବେଦନ ଖାରଜ କରିଥିଲେ।

## ପୁଣି ମୁଖ୍ୟମନ୍ତ୍ରୀ ହେବେ ଧାମି, ସାୱନ୍ତ



ପୁଷ୍କର ସିଂ ଧାମି



ପ୍ରମୋଦ ସାୱନ୍ତ

**ଡେରାଡୁନ୍/ପଣଜୀ,୨୧।୩**

ପୁଷ୍କର ସିଂ ଧାମି ଏବଂ ପ୍ରମୋଦ ସାୱନ୍ତ ଯଥାକ୍ରମେ ଉତ୍ତରାଖଣ୍ଡ ଓ ଗୋଆର ମୁଖ୍ୟମନ୍ତ୍ରୀ ରହିବେ। ସୋମବାର ନବନିର୍ବାଚିତ ଭାଜପା ବିଧାୟକ ଦଳ ବୈଠକରେ ସେମାନଙ୍କ ପ୍ରତି ପୁନଃ ଆସ୍ଥା ପ୍ରକଟ କରାଯାଇଛି। ଫଳରେ ୧୧ ଦିନ ଧରି ମୁଖ୍ୟମନ୍ତ୍ରୀ ପଦକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି।

୪୫ ବର୍ଷୀୟ ଧାମି ୨୩ ତାରିଖରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ୭୦ ଆସନ ବିଶିଷ୍ଟ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନରେ ଭାଜପା ୪୭ ଆସନ ଜିତିଥିଲେ ମଧ୍ୟ ଧାମି ହାରି ଯାଇଥିବାରୁ ତାଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରାଇବା ନେଇ ଦଳ ମଧ୍ୟରେ ଦ୍ୱିମତ ପ୍ରକାଶ ପାଇଥିଲା। ବିଧାୟକ ଦଳ ବୈଠକ ପରେ ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମୁଖ୍ୟମନ୍ତ୍ରୀ ଭାବେ ଧାମିଙ୍କ ନାମ ଘୋଷଣା କରିଥିଲେ। ବୈଠକରେ କେନ୍ଦ୍ରମନ୍ତ୍ରୀ ମୀନାକ୍ଷୀ ଲେଖି ଓ ପ୍ରହ୍ଲାଦ ଜୋଷୀ ଉପସ୍ଥିତ ଥିଲେ।

ଗୋଆର କାମଚଳା ମୁଖ୍ୟମନ୍ତ୍ରୀ ସାୱନ୍ତଙ୍କୁ ସୋମବାର ଭାଜପା ବିଧାୟକ ଦଳ ନେତା ଘୋଷଣା କରାଯାଇଛି। ସେ କ୍ରମାଗତ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ଭାଜପା ବିଧାୟକ ଦଳ ବୈଠକରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ଅନ୍ୟ ବରିଷ୍ଠ ନେତାମାନେ ଯୋଗଦେଇଥିଲେ। ଦ୍ୱିତୀୟ ଥର ଲାଗି ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସାୱନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦଳର କେନ୍ଦ୍ରୀୟ ନେତୃତ୍ୱ ଏବଂ ବିଧାୟକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟର ବିକାଶକୁ ଆଗେଇନେବାରେ ସେ ମୋଦିଙ୍କ ସ୍ୱପ୍ନକୁ କାର୍ଯ୍ୟକାରୀ କରିବେ ବୋଲି କହିଛନ୍ତି। ସମସ୍ତ ନିର୍ବାଚନ ପ୍ରତିଶ୍ରୁତି ପାଳନ ସହ ଇସ୍ତାହାରକୁ କାର୍ଯ୍ୟକାରୀ କରାଯିବ ବୋଲି ବୈଠକ ଶେଷରେ ସାୱନ୍ତ ଗଣମାଧ୍ୟମକୁ କହିଛନ୍ତି।

## ପଞ୍ଜାବର ୭ ମନ୍ତ୍ରୀଙ୍କ ନାଁରେ ଆପରାଧିକ ମାମଲା

**ନୂଆଦିଲ୍ଲୀ,୨୧।୩**

ADR
Association for Democratic Reforms

ପଞ୍ଜାବର ନବଗଠିତ କ୍ୟାବିନେଟର ୧୧ ମନ୍ତ୍ରୀଙ୍କ ମଧ୍ୟରୁ ୭ ଜଣଙ୍କ ନାଁରେ ଆପରାଧିକ ମାମଲା ରହିଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ରିପୋର୍ଟ ଅନୁଯାୟୀ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ବିରୋଧରେ ସଙ୍ଗିନ ଅପରାଧ ମାମଲା ରହିଥିବା ସେମାନେ ସତ୍ୟପାଠରେ ଦର୍ଶାଇଛନ୍ତି। ପଞ୍ଜାବ ଇଲେକ୍ସନ ୱାଚ୍ ଏବଂ ଏଡିଆର୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ୧୧ ମନ୍ତ୍ରୀଙ୍କ ସତ୍ୟପାଠର ଅନୁଧ୍ୟାନ କରାଯାଇଥିଲା। ୭ ଜଣ (୬୪%) ମନ୍ତ୍ରୀ ସତ୍ୟପାଠରେ ଅପରାଧ ସମ୍ପର୍କରେ ଘୋଷଣା କରିଥିବାବେଳେ ୪ ଜଣ (୩୬%) ସଙ୍ଗିନ ଅପରାଧ ସମ୍ପର୍କରେ ଜଣାଇଛନ୍ତି। ସେହିପରି ୧୧ ମନ୍ତ୍ରୀଙ୍କ ମଧ୍ୟରୁ ୯ ଜଣ କୋଟିପତି ହୋଇଥିବାବେଳେ ସେମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୨.୮୭ କୋଟି ଟଙ୍କା। ହୋଶିଆରପୁରରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ମନ୍ତ୍ରୀ ବ୍ରମଶଙ୍କର (ଜିମ୍ପା)ଙ୍କ ସମ୍ପତ୍ତି ପରିମାଣ ସର୍ବାଧିକ ୮.୫୬ କୋଟି ଟଙ୍କା ବୋଲି ଜଣାପଡ଼ିଛି। ସେହିପରି ଲାଲ୍‌ଚାନ୍ଦଙ୍କ ସମ୍ପତ୍ତି ପରିମାଣ ୬.୧୯ ଲକ୍ଷ ଟଙ୍କା। ବ୍ରମ ଶଙ୍କରଙ୍କ ଋଣ ପରିମାଣ ମଧ୍ୟ ସର୍ବାଧିକ ୧.୦୮ କୋଟି ଟଙ୍କା ବୋଲି ସେ ସତ୍ୟପାଠରେ ଦର୍ଶାଇଥିଲେ। ୫ ମନ୍ତ୍ରୀ (୪୫) ପ୍ରତିଶତଙ୍କ ଶିକ୍ଷାଗତ ଯୋଗ୍ୟତା ଦଶମରୁ ଦ୍ୱାଦଶ ପାସ୍ ହୋଇଥିବାବେଳେ ଅନ୍ୟମାନଙ୍କ ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ବୋଲି ଏଡିଆର୍ ରିପୋର୍ଟରେ କୁହାଯାଇଛି।

### ମାନ୍‌ଙ୍କୁ ଗୃହ, ହରପାଲ୍‌ଙ୍କୁ ଅର୍ଥ ବିଭାଗ

**ଚଣ୍ଡିଗଡ଼,୨୧।୩ :** ପଞ୍ଜାବର ୧୦ ମନ୍ତ୍ରୀଙ୍କ ମଧ୍ୟରେ ସୋମବାର ବିଭାଗ ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ନିଜ ପାଖରେ ଗୃହ ବିଭାଗ ରଖିଥିବାବେଳେ ହରପାଲ ସିଂ ଚିମାଙ୍କୁ ଅର୍ଥ ଏବଂ ଗୁର୍‌ମିତ୍ ସିଂ ମିତ୍ ହାୟେରଙ୍କୁ ଶିକ୍ଷା ବିଭାଗ ଦାୟିତ୍ୱ ଦେଇଛନ୍ତି। ଡ. ବିଜୟ ସିଙ୍ଗ୍‌ଲା ସ୍ୱାସ୍ଥ୍ୟ ବିଭାଗ ପାଇଥିବାବେଳେ ଏକମାତ୍ର ମହିଳା ମନ୍ତ୍ରୀ ଡ. ବଲଜିତ୍ କୌରଙ୍କୁ ସାମାଜିକ ସୁରକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିଛି। ହରଜ୍ୟୋତ ସିଂ ବୈନ୍‌ସ୍‌ଙ୍କୁ ଆଇନ ଓ ପର୍ଯ୍ୟଟନ, ହରଭଜନ ସିଂ ଇଟିଓଙ୍କୁ ଶକ୍ତି, ଲାଲଚାନ୍ଦ କଟରୁଚକଙ୍କୁ ଖାଦ୍ୟ ଯୋଗାଣ, କୁଲଦୀପ ସିଂ ଧଲିୱାଲଙ୍କୁ ଗ୍ରାମାଞ୍ଚଳ ବିକାଶ ଓ ଲାଲଜିତ ସିଂ ଭୁଲ୍ଲାର ପରିବହନ ଏବଂ ବ୍ରମ ଶଙ୍କର ଜିମ୍ପା ଜଳ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିଛି।

# ମେମୋରି ଚିପ୍‌ରୁ ମର୍ଡର



ମାନସ ସ୍ୱାଇଁ

## ବଡ଼ବଡ଼ିଆଙ୍କ ସମ୍ପୃକ୍ତି ଧରାପଡ଼ିଲା, ଏହାପରେ ଆଉ କିଏ



ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମର ମାନସ ସ୍ୱାଇଁ ପେସାରେ ଥିଲେ ଜଣେ ଲେନ୍ସମ୍ୟାନ୍। ଭୁବନେଶ୍ୱରରେ ଚାଲିଥିବା ୱେବ୍ ନ୍ୟୁଜ୍ ପୋର୍ଟାଲରେ ସେ କ୍ୟାମେରାମ୍ୟାନ ଭାବେ କାର୍ଯ୍ୟ କରିଥିଲେ। କୌଣସି କାରଣରୁ ପୋର୍ଟାଲ କାର୍ଯ୍ୟରୁ ନିଜକୁ ଦୂରେଇ ଦେଇଥିଲେ। ହେଲେ ତାଙ୍କ ପାଖରେ ଥିବା କ୍ୟାମେରା ମେମୋରି ଚିପ୍ ଯୋଗୁ ଉକ୍ତ ପୋର୍ଟାଲ ମାଲିକାଣୀ ଶର୍ମିଷ୍ଠା ରାଉତ ଏବଂ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀଙ୍କର ସେ ଶତ୍ରୁ ପାଲଟି ଯାଇଥିଲେ। ଏହାକୁ ନେଇ ତାଙ୍କୁ ମାରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ ହୋଇଥିଲା। ତଦନୁଯାୟୀ ଅପହରଣ, ପଣବନ୍ଦୀ, ନିର୍ଯାତନା ଏବଂ ଶେଷରେ ହତ୍ୟାର ଶିକାର ହୋଇଥିଲେ ମାନସ। ଏଥିରୁ ସ୍ପଷ୍ଟ ହେଉଛି ଯେ ମେମୋରି ଚିପ୍‌ରେ ସେଭଳି ଆପତ୍ତିଜନକ ତଥ୍ୟ ରହିଛି, ଯେଉଁଥିପାଇଁ ତାଙ୍କ ମର୍ଡର ଷଡ଼ଯନ୍ତ୍ରରେ ରାଜ୍ୟର ଜଣେ ବରିଷ୍ଠ ଅଧିକାରୀଙ୍କୁ ସାମିଲ ହେବାକୁ ପଡ଼ିଛି। ତେବେ ଏହି ଘଟଣାରେ ବଡ଼ବଡ଼ିଆ ଭାବେ କେବଳ ନିରଞ୍ଜନଙ୍କ ସମ୍ପୃକ୍ତି ରହିଛି ନାଁ ଆହୁରି କିଏ ରହିଛନ୍ତି ସେନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିରଞ୍ଜନ ସେଠୀ...

### ମାନସଙ୍କୁ ମାଡ଼ ମାରିଥିଲେ ନିରଞ୍ଜନ

ଭଦ୍ରକ ଏଏସ୍‌ପି ଯତୀନ ପଣ୍ଡାଙ୍କ କହିବାନୁଯାୟୀ, ଗତ ୨୮ ତାରିଖରେ ଅବସର ନେଇଥିବା ଓଡ଼ିଶା ସୂଚନା ସେବା (ଓଆଇସି) ଅଧିକାରୀ ନିରଞ୍ଜନ ସେଠୀ ହେଉଛନ୍ତି ମାନସ ସ୍ୱାଇଁ ଅପହରଣ ଓ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ। ତାଙ୍କ ଯୋଜନାନୁଯାୟୀ ସବୁ କାର୍ଯ୍ୟ ସମ୍ପାଦିତ ହୋଇଛି। ଏପରି କି ଶର୍ମିଷ୍ଠାଙ୍କ ଦ୍ୱାରା ପରିଚାଳିତ ଭୁବନେଶ୍ୱର ଉପକଣ୍ଠସ୍ଥିତ ବୃଦ୍ଧାଶ୍ରମ 'ଦୟାଲ ଆଶ୍ରମ'ରେ ମାନସଙ୍କୁ ନିରଞ୍ଜନ ହାତ ଏବଂ ମାରଣାସ୍ତ୍ରରେ ମାଡ଼ ମାରିଛନ୍ତି। ସେଠାରେ ମାନସଙ୍କ ମୃତ୍ୟୁ ହୋଇଯିବା ପରେ ତାଙ୍କ ମୃତଦେହ ଅନ୍ୟତ୍ର ପୋତିବାର ଯୋଜନା ମଧ୍ୟ ନିରଞ୍ଜନ କରିଥିବା ଏଏସ୍‌ପି ପଣ୍ଡା କହିଛନ୍ତି। ତେବେ ହତ୍ୟାର କାରଣ କ'ଣ ପଚରାଯିବାରୁ ଏଏସ୍‌ପି ପଣ୍ଡା କହିଛନ୍ତି, କ୍ୟାମେରା ମେମୋରି ଚିପ୍ ପାଇଁ ଏହି ହତ୍ୟାକାଣ୍ଡ ଘଟାଯାଇଛି। କିନ୍ତୁ ଉକ୍ତ ମେମୋରି ଚିପ୍ ପୋଲିସର ହସ୍ତଗତ ହୋଇ ନାହିଁ। ତାହା ମିଳିଲେ ହତ୍ୟାର ରହସ୍ୟ ଖୋଲିପାରେ।

### ଏକାଧିକ ଲୋକଙ୍କ ସମ୍ପୃକ୍ତି, ୩ ତଦନ୍ତ ଟିମ୍ ଗଠିତ

ମାନସଙ୍କୁ ଅପହରଣ, ନିର୍ଯାତନା, ହତ୍ୟା, ମୃତଦେହ ପୋତିବା ଆଦି ଘଟଣାରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବାରୁ ୩ଟି ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଛି ବୋଲି ଏଏସ୍‌ପି ପଣ୍ଡା କହିଛନ୍ତି। ସେହିପରି କେବଳ ଶର୍ମିଷ୍ଠା ନୁହେଁ, ଫେରାର ଥିବା 'ଦୟାଲ ଆଶ୍ରମ'ର କେୟାରଟେକର ଝୁନୁ ଭୋଇଙ୍କୁ ଧରିବା ପାଇଁ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

### ଅପହରଣସ୍ଥଳକୁ ଯାଇ ନ ଥିଲେ ନିରଞ୍ଜନ

ପୋଲିସ କହିବାନୁଯାୟୀ, ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ମଝିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମର ୨୮ ବର୍ଷୀୟ ମାନସ ଭୁବନେଶ୍ୱରରେ 'ସମ୍ପୂର୍ଣ୍ଣା' ୱେବ ନ୍ୟୁଜ୍ ପୋର୍ଟାଲରେ କ୍ୟାମେରାମ୍ୟାନ ଭାବେ କାମ କରୁଥିଲେ। କୌଣସି କାରଣରୁ ସେ ତାକୁ ଛାଡ଼ି ସ୍ୱାଧୀନ ଫଟୋଗ୍ରାଫର ଭାବେ କାର୍ଯ୍ୟ କରୁଥିଲେ। ହେଲେ ତାଙ୍କ ପାଖରେ ରହିଯାଇଥିଲା କ୍ୟାମେରା ମେମୋରି ଚିପ୍, ଯାହାକୁ ନେବାକୁ ଶର୍ମିଷ୍ଠା ଏବଂ ନିରଞ୍ଜନ ଉଦ୍ୟମ ଚଳାଇ ମଧ୍ୟ ବିଫଳ ହୋଇଥିଲେ। ଗତ ଫେବୃୟାରୀ ୫ରେ ମାନସ ଭୁବନେଶ୍ୱର ଦେଇ ଚାନ୍ଦବାଲି ଥାନା ନାଲଗୁଣ୍ଡା ପଞ୍ଚାୟତର ପଳାସପୁର ଗାଁକୁ ଯାଇଥିଲେ। ପରଦିନ ଅର୍ଥାତ୍ ୬ ତାରିଖରେ ସେଠାରେ ଏକ ବିବାହ ଉତ୍ସବରେ ସେ ଭିଡିଓ ଶୁଟିଂ କରିଥିଲେ। ୭ ତାରିଖରେ ଶର୍ମିଷ୍ଠାଙ୍କ ସମେତ ୫ଜଣ ଏକ କାରରେ ଭୁବନେଶ୍ୱରରୁ ଯାଇ ମାନସଙ୍କୁ ଭଦ୍ରକ-ଚାନ୍ଦବାଲି ରାସ୍ତାର ପଳାସପୁର ଛକ ନିକଟରୁ ଅପହରଣ କରି ନେଇଥିଲେ। ସେମାନେ ସେହି ରାତିରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଦୟାଲ ଆଶ୍ରମରେ ରଖି ନିର୍ଯାତନା ଦେଇଥିଲେ ମଧ୍ୟ ମାନସ ମେମୋରି ଚିପ୍ ଫେରାଇ ନ ଥିଲେ। ନିର୍ଯାତନା କାରଣରୁ ମାନସଙ୍କ ମୃତ୍ୟୁ ଘଟିଥିଲା। ୮ ତାରିଖରେ ସେମାନେ ମୃତଦେହକୁ ନେଇ ରଣପୁର ଥାନା ରାଜସୁନାଖଳା ଫାଣ୍ଡି ଅଧୀନ ବଧିପାଟଣା ପାହାଡ଼ ପାଦଦେଶରେ ମାଟି ଖୋଳି ପୋତି ଦେଇଥିଲେ। ନିରଞ୍ଜନଙ୍କ ପ୍ଲାନିଂରେ ସବୁ ଘଟଣା ଘଟିଥିଲେ ମଧ୍ୟ ସେ ଅପହରଣ ଏବଂ ମୃତଦେହ ପୋତିବାକୁ ଅନ୍ୟ ଅଭିଯୁକ୍ତମାନଙ୍କ ସହ ଯାଇ ନ ଥିଲେ ବୋଲି ଏଏସ୍‌ପି ପଣ୍ଡା କହିଛନ୍ତି।

### ସତ ଓକାଳିଥିଲେ ଡ୍ରାଇଭର ଭାଗ୍ୟଧର

ମାନସ ଘରକୁ ନ ଫେରିବାରୁ ତାଙ୍କ ବାପା ପଞ୍ଚାନନ ସ୍ୱାଇଁ ପ୍ରଥମେ ରଣପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ତାଙ୍କୁ ଚାନ୍ଦବାଲି କିମ୍ବା ଭୁବନେଶ୍ୱର କମିଶନରେଟ୍ ପୋଲିସରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ପଞ୍ଚାନନ ଫେବୃୟାରୀ ୧୪ରେ ଚାନ୍ଦବାଲି ଥାନାରେ ଅଭିଯୋଗ କରିଥିଲେ। ତଦନୁଯାୟୀ ଚାନ୍ଦବାଲି ପୋଲିସ ୬୩/୨୦୨୨ ନମ୍ବରରେ ମାମଲା ରୁଜୁ କରିଥିଲା। ତଦନ୍ତ ବେଳେ ପୋଲିସ ନୟାଗଡ଼ର ଭାଗ୍ୟଧର ନାୟକ (୨୬) ନାମକ ଜଣେ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରିଥିଲା, ଯିଏକି ମାନସଙ୍କୁ ଭିଡିଓ ଶୁଟିଂ ପାଇଁ ଚାନ୍ଦବାଲି ନେଇଥିଲେ। ଜେରାବେଳେ ଭାଗ୍ୟଧର ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ କହିଥିଲେ। ତଦନୁଯାୟୀ ହତ୍ୟାରେ ସମ୍ପୃକ୍ତ ଥିବା ଅଭିଯୋଗରେ ରଣପୁର ଧମଡ଼ା ଗ୍ରାମର ବିବେକ ନାୟକ (୧୯) ଏବଂ ପୁରୁଣା ଭୁବନେଶ୍ୱରର କୃଷ୍ଣଚନ୍ଦ୍ର ନାୟକ(୫୦)ଙ୍କୁ ଚାନ୍ଦବାଲି ପୋଲିସ କାବୁ କରିଥିଲା। ସେମାନଙ୍କ ବୟାନ ଆଧାରରେ ରଣପୁର ପୋଲିସ୍, ଫରେନସିକ୍ ଟିମ୍ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚାନ୍ଦବାଲି ପୋଲିସ ଚଳିତ ମାସ ୧୨ ତାରିଖରେ ବଧିପାଟଣା ପାହାଡ଼ ନିକଟରୁ ମାଟି ଖୋଳି ମୃତଦେହ ବାହାର କରିଥିଲା। ଭାଗ୍ୟଧର, ବିବେକ ଏବଂ କୃଷ୍ଣଚନ୍ଦ୍ରଙ୍କୁ ପୋଲିସ ଗତ ୧୨ ତାରିଖରେ ଗିରଫ କରିଥିବା ଦର୍ଶାଇ ୧୩ ତାରିଖରେ କୋର୍ଟଚାଲାଣ କରିଥିଲା। ଅଦ୍ୟାବଧି ଘଟଣାରେ ନିରଞ୍ଜନଙ୍କୁ ମିଶାଇ ୫ଜଣଙ୍କୁ ଗିରଫ କରାଯାଇଛି।

### ଶର୍ମିଷ୍ଠାଙ୍କ ସହ...

ଆବେଦନକୁ ସ୍ୱୀକୃତି ଦେଇଥିଲେ। ଏମ୍ପାନେଲ ଦିଆଯାଇଥିବା ଲେଟର୍‌ରେ ସମ୍ପୂର୍ଣ୍ଣା ପାକ୍ଷିକ ଖବରକାଗଜର ସର୍କୁଲେଶନ ୧୫ ହଜାର ୨୦୦ ଥିବା ଦର୍ଶାଯାଇଛି। ତେବେ ପ୍ରକୃତରେ ଦର୍ଶାଯାଇଥିବା ସର୍କୁଲେଶନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଦୟାଲ ଆଶ୍ରମକୁ ଯାଉଥିଲେ ନିରଞ୍ଜନ




ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶର୍ମିଷ୍ଠା ରାଉତଙ୍କ ପାକ୍ଷିକ ଖବରକାଗଜ 'ସମ୍ପୂର୍ଣ୍ଣା'କୁ ନିରଞ୍ଜନ ଏମ୍ପାନେଲ କରି ଅନୁକମ୍ପା ଦେଖାଇଥିଲେ। କେବଳ ସେତିକି ନୁହେଁ ଶର୍ମିଷ୍ଠାଙ୍କ ଦ୍ୱାରା ପରିଚାଳିତ ଭୁବନେଶ୍ୱର ଉପକଣ୍ଠ ତଥା ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବୃଦ୍ଧାଶ୍ରମ 'ଦୟାଲ ଆଶ୍ରମ'କୁ ନିରଞ୍ଜନ ଯାଆନ୍ତି ବୋଲି ପୋଲିସ କହିଛି। ତେବେ ଏପରି କ'ଣ ହୋଇଥିଲା ଯେ ମାନସଙ୍କୁ ହତ୍ୟା କରିବାକୁ ନିରଞ୍ଜନ ଯୋଜନା କରିଥିଲେ ? କେଉଁ କାରଣ ପାଇଁ ଉକ୍ତ ଆଶ୍ରମକୁ ନିରଞ୍ଜନ ଯାଉଥିଲେ ? ଏପରି ବିଭିନ୍ନ ଦିଗକୁ ନେଇ ଏବେ ପ୍ରଶ୍ନ ଉଠିବାରେ ଲାଗିଛି। ଫେରାର ଥିବା ଶର୍ମିଷ୍ଠା ଓ ଦୟାଲ ଆଶ୍ରମର କେୟାରଟେକର ଝୁନୁ ଭୋଇଙ୍କୁ ପୋଲିସ ଖୋଜୁଛି। ସେମାନେ ଧରାପଡ଼ିଲେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ।

### ତଳେ ବୃଦ୍ଧାଶ୍ରମ, ଉପରେ ନ୍ୟୁଜ୍ ପୋର୍ଟାଲ

ଦୟାଲ ଆଶ୍ରମର ତଳ ମହଲାରେ ବୃଦ୍ଧାଶ୍ରମ ଚାଲିଥିବାବେଳେ ଉପର ମହଲାରେ ପାକ୍ଷିକ ଖବରକାଗଜ ଏବଂ ନ୍ୟୁଜ୍ ପୋର୍ଟାଲ 'ସମ୍ପୂର୍ଣ୍ଣା' ଚାଲିଥିଲା। ଭିଡିଓ ଶୁଟିଂ ଲାଗି ଅଧିକାଂଶ ସମୟରେ ବଡ଼ ବଡ଼ିଆ ଲୋକ ଉପର ମହଲାକୁ ଆସୁଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ତେବେ ନିରଞ୍ଜନ ଜଣେ ସରକାରୀ ଅଧିକାରୀ ହୋଇ କେଉଁ କାରଣରୁ ସେଠାକୁ ଯାଉଥିଲେ ତାହା ଏବେ ସନ୍ଦେହ ସୃଷ୍ଟି କରିଛି।

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଲୋକ ସମ୍ପର୍କ ଅଧିକାରୀ ଥିଲେ



ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଭାବେ ଗତ ଫେବୃୟାରୀ ୨୮ରେ ଅବସର ନେଇଥିଲେ ନିରଞ୍ଜନ ସେଠୀ। ହେଲେ ତାଙ୍କ ପ୍ରାୟ ୩୦ ବର୍ଷର ଚାକିରି ମଧ୍ୟରେ ସେ ଲୋକ ସମ୍ପର୍କ ବିଭାଗର ଅନେକ ପଦବୀରେ ରହିଆସିଥିଲେ। ବିଶେଷକରି ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଲୋକ ସମ୍ପର୍କ ଅଧିକାରୀ ଭାବେ ସେ କାର୍ଯ୍ୟ କରିଥିଲେ। ଅନୁଗୋଳ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ନିରଞ୍ଜନ ପରେ ବିଭିନ୍ନ ଜିଲାରେ ସେହି ଦାୟିତ୍ୱ ତୁଲାଇଥିଲେ। ଅନ୍ୟପକ୍ଷରେ ୨୦୧୯ ସାଧାରଣ ନିର୍ବାଚନ ସମୟରେ ସେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ମିଡିଆ ମ୍ୟାନେଜମେଣ୍ଟ ଏବଂ ସୋସିଆଲ ମିଡିଆର ନୋଡାଲ ଅଫିସର ହୋଇଥିଲେ। ରାଜ୍ୟ ସୂଚନା ଲୋକ ସମ୍ପର୍କ ବିଭାଗର ଉପ, ଯୁଗ୍ମ ଏବଂ ଅତିରିକ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟକରି ୨୦୨୧ ଜୁନ୍ ୧ରୁ ସେ ନିର୍ଦ୍ଦେଶକ (ବୈଷୟିକ) ହୋଇଥିଲେ।



### ଚିପ୍‌କୁ ନେଇ ବଢୁଛି ସନ୍ଦେହ

ହତ୍ୟା ଯୋଜନା, ମାଡ଼ ମାରିବା, ମୃତଦେହକୁ ପୋତିବାରେ ନିରଞ୍ଜନ ସେଠୀଙ୍କ ପ୍ରମୁଖ ଭୂମିକା ଥିବା ପୋଲିସ କହିଛି। ତେବେ ଗୋଟିଏ ମେମୋରି ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିବା ପୋଲିସ କହୁଥିବା ବେଳେ ସେଥିରେ ଏପରି କ'ଣ ଥିଲା ଯେ ତାହା କୁହାଯାଇନାହିଁ। ହୁଏତ ଉକ୍ତ ଚିପ୍‌ରେ କିଛି ବଡ଼ବଡ଼ିଆଙ୍କ କଳାକାରନାମା ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏପରି କି ଉକ୍ତ ଚିପ୍‌ରେ ନିରଞ୍ଜନଙ୍କ କିଛି ଆପତ୍ତିଜନକ ଦୃଶ୍ୟ ଥିଲା କି ବୋଲି ପ୍ରଶ୍ନ ଉଠୁଛି। ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଏବଂ ଅନ୍ୟ ଅଭିଯୁକ୍ତମାନେ ଗିରଫ ହେବା ପରେ ସେହି ଚିପ୍‌କୁ ନେଇ ଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ମିଳିପାରିବ ବୋଲି କୁହାଯାଉଛି।


**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/21-22/E-Tender/120 ତା.17.03.2022ରିଖ

ଟେଣ୍ଡର ସଂ. e-tender-East-KUR-317-2021, ତା.16.03.2022ରିଖ

**ବିବରଣୀ :** 03 ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହରିଦାସପୁର-ପାରାଦ୍ୱୀପ ସେକ୍ସନର ରକ୍ଷଣାବେକ୍ଷଣ ନିମନ୍ତେ ମୋବାଇଲ ମେଣ୍ଟେନାନ୍ସ ଗ୍ୟାଙ୍ଗ (MMG) ଏବଂ ପହରା କର୍ମଚାରୀ (Patroling men)ଙ୍କ ନିଯୁକ୍ତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 818.61 ଲକ୍ଷ

**EMD (ଟଙ୍କାରେ) :** 5,59,300.00, ଶେଷ ହେବା ଅବଧି : 36 (ଛତିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.04.2022ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-910/M/21-22



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା, ମଧୁପାଟଣା, କଟକ, ଓଡ଼ିଶା

**ଦଖଲ ନୋଟିସ୍**

(ନିୟମ ୮(୧)) ସ୍ଥାବର/ଅସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ରଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା।

ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ତାଙ୍କର ରଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିଗୁଡ଼ିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

**ରଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆକାଉଣ୍ଟ ନଂ / ରଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| **ଆକାଉଣ୍ଟ ନଂ.: ସିସି: ୩୪୯୫୮୭୪୦୩୦୮, ଟିଏଲ୍: ୩୪୯୦୧୯୩୬୨୮୩ ରଣଗ୍ରହୀତା: ଶ୍ରୀ ତ୍ରିଲୋଚନ ମୁଦୁଲି,** ସା: ରୁକୁଣାଦେଇପୁର, ଭାୟା: ଏଡତାଲ, ଜିଲ୍ଲା: ଭଦ୍ରକ / **ଗ୍ୟାରେଣ୍ଟିଦାତା: ଶ୍ରୀ ବାଇ ଧର ମୁଦୁଲି,** ସା: ରୁକୁଣାଦେଇପୁର, ଭାୟା: ଏଡତାଲ, ଜିଲ୍ଲା: ଭଦ୍ରକ | **୧)** ବନ୍ଧକପ୍ରାପ୍ତ ଷ୍ଟକ୍ ଏବଂ ମେସିନାରୀ ଯାହାକି ରୁକୁଣାଦେଇପୁର କାରଖାନା ପରିସରରେ ଅବସ୍ଥିତ । **୨) ଶ୍ରୀ ତ୍ରିଲୋଚନ ମୁଦୁଲିଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ରୁକୁଣାଦେଇପୁର, ଥାନା/ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଖାତା ନଂ: ୧୪୬, ପ୍ଲଟ୍ ନଂ: ୮୨୩, କ୍ଷେତ୍ର: ଏକର ୦.୧୫ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ମଦନମୋହନ ମନ୍ଦିର, ପଶ୍ଚିମ: ଗଙ୍ଗାଧର ମୁଦୁଲି, ଉତ୍ତର: ମୁରଲୀଧର ମୁଦୁଲି, ଦକ୍ଷିଣ: ଡ୍ରେନ୍, **୩) ଶ୍ରୀ ବାଇଧର ମୁଦୁଲିଙ୍କ** ନାମରେ ଥିବା ଖାଲି ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ରୁକୁଣାଦେଇପୁର, ଥାନା/ତହସିଲ: ବାସୁଦେବପରୁ, ଜିଲ୍ଲା: ଭଦ୍ରକ, ଖାତା ନଂ: ୨୫୬, ପ୍ଲଟ୍ ନଂ: ୨୨୮, କ୍ଷେତ୍ର: ଏକର ୧.୦୨ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ସରକାରୀ ଜମି, ପଶ୍ଚିମ: ଉପେନ୍ଦ୍ର ବେହେରା, ଉତ୍ତର: ଗୟାଧର ମହାପାତ୍ର, ଦକ୍ଷିଣ: ରାସ୍ତା | ୨୨.୧୨.୨୦୨୧ସୁଦ୍ଧା ଟ.୪୪,୯୫,୫୨୮/- + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଇତ୍ୟାଦି | ୨୨.୧୨.୨୦୨୧ / ୧୭.୦୩.୨୦୨୨ |
| **ଆକାଉଣ୍ଟ ନଂ.: ସିସି: ୩୬୯୧୬୬୪୨୩୪୨, ଟିଏଲ୍: ୩୬୫୩୨୫୦୮୧୧୬ ରଣଗ୍ରହୀତା: ମେସର୍ସ ଦୀପକ ଇଣ୍ଡଷ୍ଟ୍ରିଜ, ସ୍ୱତ୍ୱାଧିକାରୀ: ଶ୍ରୀ ଦୀପକ କୁମାର ମହାନ୍ତି,** ସା: ପୁରୀପଡ଼ା, ପୋ: ଭଣ୍ଡାରୀ ପୋଖରୀ, ଭଦ୍ରକ - ୭୫୬୧୨୨ | **୧)** ବନ୍ଧକପ୍ରାପ୍ତ ଷ୍ଟକ୍ ଏବଂ ମେସିନାରୀ ଯାହାକି ପୁରୀପଡ଼ା କାରଖାନା ପରିସରରେ ଅବସ୍ଥିତ । **୨) ଦୀପକ କୁମାର ମହାନ୍ତିଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ: ୨୮୪/୩୪୩, ପ୍ଲଟ୍ ନଂ: ୯୦୩, କ୍ଷେତ୍ର: ଏକର ୦.୩୫୦ ଡିସିମିଲି, ଅନୁରୂପ ଏମ୍.ଏସ୍. ଆର୍ ଓ ଆର୍ ନଂ: ୨୦, ପ୍ଲଟ୍ ନଂ: ୯୦୩, କ୍ଷେତ୍ର: ୦.୩୫୦ ଡିସିମିଲି, କିସମ: ଘରବାରୀ, ମୌଜା: ପୁରୀପଡ଼ା, ଏସ୍‌ଆରଓ : ଭଣ୍ଡାରୀ ପେଖରୀ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ:୯୦୨, ପଶ୍ଚିମ: ପ୍ଲଟ୍ ନଂ: ୮୯୧/୧୫୧୫ ଏବଂ ୮୯୨/୧୫୧୬, ଉତ୍ତର: ଭାସ୍କର ମହାନ୍ତି, ଦକ୍ଷିଣ: ନାରାୟଣ ଦ୍ୱିବେଦୀ । **୩) ଦୀପକ କୁମାର ମହାନ୍ତିଙ୍କ** ନାମରେ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ: ୨୮୧/୩୫୧, ପ୍ଲଟ୍ ନଂ: ୮୯୧/୧୫୧୫, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ପ୍ଲଟ୍ ନଂ: ୮୯୨/୧୫୧୬, କ୍ଷେତ୍ର: ଏକର ୦.୦୫୨୫ ଡିସିମିଲି, ଅନୁରୂପ ଏମ୍.ଏସ୍ ଆର୍ ଓ ଆର୍ ନଂ: ୧୫୮, ପ୍ଲଟ୍ ନଂ: ୮୯୧, କ୍ଷେତ୍ର: ଏକର ୦.୦୮୦ ଡିସିମିଲି, ପ୍ଲଟ୍ ନଂ: ୮୯୨, କ୍ଷେତ୍ର: ଏକର ୦.୩୦୦ ଡିସିମିଲି, କିସମ: ଘରବାରୀ, ମୌଜା: ପୁରୀପଡ଼ା, ଏସ୍‌ଆରଓ : ଭଣ୍ଡାରୀ ପୋଖରୀ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ: ୯୦୩, ପଶ୍ଚିମ: ସରକାରୀ ଜମି, ଉତ୍ତର: ୮୯୧/୮୯୨ ର ଅବଶିଷ୍ଟ ଜମି, ଦକ୍ଷିଣ: ପ୍ଲଟ୍ ନଂ: ୯୦୪ | ୨୮.୧୨.୨୦୨୧ସୁଦ୍ଧା ଟ.୨୭,୫୦,୮୩୭/- + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଇତ୍ୟାଦି | ୩୧.୧୨.୨୦୨୧ / ୧୭.୦୩.୨୦୨୨ |

ସ୍ଥାନ: କଟକ
ତାରିଖ: ୨୧.୦୩.୨୦୨୨

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



# ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

## ବିଜ୍ଞପ୍ତି



No. g-75: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଏହି ଶିଶୁ କନ୍ୟାଟିକୁ ଗତ ତା୨୧।୦୨।୨୦୧୪ରିଖରୁ ରିତାରାଣୀ ସାହୁ ନାମକ ଏକ ମହିଳା ଆଣି ବସୁନ୍ଧରା ଶିଶୁଗୃହରେ ଛାଡ଼ି ଦେଇଯାଇଥିଲେ। ଏହି ଶିଶୁକନ୍ୟାଟିର ନାମ **'ଶ୍ରେୟା'** ଅଟେ। ସେ ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୧୨୭୭/୨୦୧୪ ଅନୁଯାୟୀ ବସୁନ୍ଧରାର ଶିଶୁଗୃହରେ ରହୁଅଛି। ତାହାର ଆନୁମାନିକ ବୟସ ୭ ବର୍ଷ (ଜନ୍ମ ପ୍ରାୟ ତା୩୦।୦୧।୨୦୧୪) ଅଟେ। ଏହା ମଧ୍ୟରେ ଅନେକଥର ରିତାରାଣୀ ସାହୁଙ୍କୁ କିମ୍ବା ତାଙ୍କର ପରିବାର ତଥା ବନ୍ଧୁ ପରିଜନଙ୍କୁ ସଂସ୍ଥା ତରଫରୁ ଯୋଗାଯୋଗ କରି ମଧ୍ୟ ସେମାନଙ୍କ ସହ କୌଣସି ଯୋଗାଯୋଗ ହୋଇପାରୁ ନାହିଁ କିମ୍ବା ସେମାନେ ପିଲାଟିକୁ ନେବା ପାଇଁ ତଥା ଖୋଜଖବର କରିବା ପାଇଁ ଆସୁନାହାନ୍ତି। ତେଣୁ ଉକ୍ତ ଶିଶୁକନ୍ୟାଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧–୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ – ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ–୨୦୧୫ ଅନୁଯାୟୀ ଥଇଥାନ କରାଯିବ।

ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁପୁତ୍ରଟିକୁ ଗତ ତା୧୦।୦୫।୨୦୧୭ରିଖରେ ରେଲୱେ ଓଭରବ୍ରିଜ୍ ତଳ ରେଲୱେ ଷ୍ଟେସନ, କଟକରୁ ଉଦ୍ଧାର ହୋଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୪୫୬୧/୨୦୨୦ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଛି। ଏହି ଶିଶୁପୁତ୍ରଟିର ନାମ **'ସାଇ ମୁର୍ମୁ'** ଏବଂ ତାର ଆନୁମାନିକ ବୟସ ୫ବର୍ଷ (ଜନ୍ମ ପ୍ରାୟ ତା୧୦।୦୫।୨୦୧୭) ଅଟେ ବୋଲି ଗ୍ରହଣ କରାଯାଇଛି। ତେଣୁ ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧–୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ – ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ–୨୦୧୫ ଅନୁଯାୟୀ ଥଇଥାନ କରାଯିବ।

ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁପୁତ୍ରଟିକୁ ସିଡିଏ ସେକ୍ଟର–୧୩ ପମ୍ପ ହାଉସ୍ ଗଡ଼ାର, ସିଡିଏ ଫେଜ୍–୨ ପୋଲିସ୍ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୪୮୭୨/୨୦୧୯ ଅନୁଯାୟୀ ତା୧୩।୦୭।୨୦୨୧ରିଖଠାରୁ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରହୁଅଛି। ଏହି ଶିଶୁପୁତ୍ରଟିର ନାମ **'ସମର୍ଥ'** ରଖାଯାଇଛି ଏବଂ ତା'ର ଆନୁମାନିକ ବୟସ ୭ ମାସ (ଜନ୍ମ ପ୍ରାୟ ତା୧।୭।୨୦୨୧ରିଖ) ଅଟେ। ତେଣୁ ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧–୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ – ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ–୨୦୧୫ ଅନୁଯାୟୀ ଥଇଥାନ କରାଯିବ।

ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁକନ୍ୟାଟିକୁ ଗତ ତା୧୯।୦୯।୨୦୧୩ରିଖରୁ ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୯୨୦/୨୦୧୩ ଅନୁଯାୟୀ ବସୁନ୍ଧରାର ଶିଶୁଗୃହରେ ରହୁଅଛି। ଏହି ଶିଶୁକନ୍ୟାଟିର ନାମ **'ଭୁବନେଶ୍ୱରୀ'** ଅଟେ। ସସ୍ମିତା ମହାନ୍ତି ନାମକ ଏକ ମହିଳା ଏହି ପିଲାଟିକୁ ଆଣି ଛାଡ଼ିଥିଲେ ଏବଂ ସେ ନିଜେ ସ୍ୱାଧାରଗୃହ ବସୁନ୍ଧରା ଗତିରାଉତ ପାଟଣାରେ ରହୁଥିଲେ। କିନ୍ତୁ ସେ ସେଠାରେ ଗତ ୧୬।୦୨।୨୦୨୦ ମସିହାରୁ କେଉଁଆଡ଼େ ଲୁଚି ପଳାଇ ଯାଇଛନ୍ତି। ତାଙ୍କର କିଛି ଖୋଜ ଖବର ମିଳି ପାରୁନାହିଁ। ଏହା ମଧ୍ୟରେ ଅନେକଥର ସସ୍ମିତା ମହାନ୍ତିଙ୍କୁ ତଥା ତାଙ୍କର ପରିବାରକୁ ଯୋଗାଯୋଗ କରିବାକୁ ଶତଚେଷ୍ଟା କରି ମଧ୍ୟ ସେମାନଙ୍କ ସହ କୌଣସି ଯୋଗାଯୋଗ ହୋଇପାରୁନାହିଁ କିମ୍ବା ସେମାନେ ପିଲାଟିକୁ ନେବା ପାଇଁ ତଥା ଖୋଜଖବର କରିବା ପାଇଁ କୌଣସି ସମୟରେ ଥରେ ମାତ୍ର ଆସିନାହାନ୍ତି। ତେଣୁ ଉକ୍ତ ଶିଶୁକନ୍ୟାଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧–୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ – ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ–୨୦୧୫ ଅନୁଯାୟୀ ଥଇଥାନ କରାଯିବ।

ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁପୁତ୍ରଟିକୁ ବିଡ଼ାନାସୀସ୍ଥିତ ବସୁନ୍ଧରା ମୁଖ୍ୟ ଫାଟକ କଡ଼ରେ ଥିବା **''ଶିଶୁ ଝୁଲା''**ରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୫୧୬୦/୨୦୨୧ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଅଛି। ଏହି ଶିଶୁପୁତ୍ରଟିର ନାମ **'ପ୍ରଭାସ'** ରଖାଯାଇଛି ଏବଂ ତା'ର ଜନ୍ମ ପ୍ରାୟ ତା୨୬।୦୧।୨୦୨୧ରିଖ ବୋଲି ଗ୍ରହଣ କରାଯାଇଅଛି। ତେଣୁ ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧–୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ – ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ–୨୦୧୫ ଅନୁଯାୟୀ ଥଇଥାନ କରାଯିବ।

ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁକନ୍ୟାଟିକୁ ଗତ ତା୨୧।୦୨।୨୦୨୧ରିଖରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ, କଟକ ପରିସରରେ ଅସହାୟ ଅବସ୍ଥାରେ ଉଦ୍ଧାର ହୋଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୪୬୭୧/୨୦୨୧ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଛି। ତା'ର ଆନୁମାନିକ ବୟସ ୪ବର୍ଷ (ଜନ୍ମ ପ୍ରାୟ ୨୦।୦୨।୨୦୧୮) ଅଟେ। ଏହି ଶିଶୁକନ୍ୟାଟିର ନାମ **'ସାବିତ୍ରୀ'** ଅଟେ। ତେଣୁ ଉକ୍ତ ଶିଶୁକନ୍ୟାଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧–୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ – ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ–୨୦୧୫ ଅନୁଯାୟୀ ଥଇଥାନ କରାଯିବ।

ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁପୁତ୍ରଟିକୁ ଗତ ତା୦୮।୦୨।୨୦୧୫ରିଖରେ କଟକ ଚାଇଲ୍ଡ ଲାଇନ୍ ଦ୍ୱାରା ଉଦ୍ଧାର ହୋଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୧୮୧୭/୨୦୧୫ ଅନୁଯାୟୀ ବସୁନ୍ଧରାର ଶିଶୁଗୃହରେ ରହିଆସୁଅଛି। ଏହି ଶିଶୁପୁତ୍ରଟିର ନାମ **'ଦର୍ଶନ'** ଏବଂ ତା'ର ଜନ୍ମ ତାରିଖ ତା୩୧।୧୨।୨୦୧୪ ଅଟେ। ଏହା ମଧ୍ୟରେ ଅନେକଥର ଆମ୍ଭେ ତା'ର ପିତା ଲକ୍ଷ୍ମୀଧର ସାମଲ ଓ ମାଆ ଜାହ୍ନବୀ ସାମଲଙ୍କୁ କିମ୍ବା ତାଙ୍କର କୌଣସି ପରିବାର ତଥା ବନ୍ଧୁ ପରିଜନଙ୍କୁ ଯୋଗାଯୋଗ କରିବାକୁ ଶତଚେଷ୍ଟା କରି ମଧ୍ୟ ସେମାନଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନାହିଁ କିମ୍ବା ସେମାନେ ପିଲାଟିକୁ ନେବା ପାଇଁ ତଥା ଖୋଜଖବର କରିବା ପାଇଁ କୌଣସି ସମୟରେ ଥରେ ମାତ୍ର ଆସିନାହାନ୍ତି। ତେଣୁ ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧–୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ – ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ–୨୦୧୫ ଅନୁଯାୟୀ ଥଇଥାନ କରାଯିବ।

ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁକନ୍ୟାଟି ପରିତ୍ୟକ୍ତ ଅବସ୍ଥାରେ ରାସ୍ତାକଡ଼ରୁ ଉଦ୍ଧାର ହୋଇ ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୩୭୨୭/୨୦୧୯ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ତା୧୬।୦୨।୨୦୧୯ରିଖରୁ ରହି ଆସୁଅଛି। ଉଦ୍ଧାରବେଳେ ଏହି ଶିଶୁକନ୍ୟାଟି କୌଣସି ପଶୁ ବା ଜନ୍ତୁଜନ୍ତୁଙ୍କ ଆକ୍ରମଣର ଶିକାର ହୋଇ ଖଣ୍ଡିଆଖାବରା ହୋଇଥିଲା। ତା'ର ଆନୁମାନିକ ବୟସ ୩ବର୍ଷ (ଜନ୍ମ ପ୍ରାୟ ତା୮।୨।୨୦୧୯) ଅଟେ। ଏହି ଶିଶୁକନ୍ୟାଟିର ନାମ **'ନୀରୂପା'** ରଖାଯାଇଅଛି। ଉକ୍ତ ଶିଶୁକନ୍ୟାଟିର ପରିଚୟ ଜଣା ନଥିବାରୁ ଯଦି ତାର ମାତା, ପିତା କିମ୍ବା ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧–୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ – ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ–୨୦୧୫ ଅନୁଯାୟୀ ପାରିବାରିକ ଥଇଥାନ କରାଯିବ।

OIPR-33038/11/0002/2122

ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

## ସଂକ୍ଷେପରେ

### ୬ ଚୋରି ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୧।୩(ବ୍ୟୁରୋ): ଭରତପୁର ଥାନା ପୋଲିସ ଜଣେ ମୋବାଇଲ ଚୋରଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମର ନିରଞ୍ଜନ ଦାସ (୨୧)। ତାଙ୍କଠାରୁ ୬ଟି ଚୋରି ମୋବାଇଲ ଫୋନ ଜବତ କରାଯାଇଛି। ସୂଚନାନୁଯାୟୀ, ଅଭିଯୁକ୍ତ ନିରଞ୍ଜନ ଚୋରା ମୋବାଇଲଗୁଡ଼ିକୁ ଧରି ଛିଡ଼ା ହୋଇଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ଭରତପୁର ଥାନା ପୋଲିସ ସେଠାରେ ପହଞ୍ଚି ତାଙ୍କୁ କାବୁ କରିବା ସହ ତାଙ୍କ ପାଖରୁ ୬ଟି ମୋବାଇଲ୍ ଫୋନ୍ ଜବତ କରିଥିଲା। ପଚରାଉଚରାବେଳେ ଉକ୍ତ ମୋବାଇଲ୍ ଫୋନ୍ ଚୋରା ବୋଲି ଜଣାପଡିବା ପରେ ପୋଲିସ ମାମଲା ନଂ.୧୦୨/୨୨ ରୁଜୁ କରି ନିରଞ୍ଜନଙ୍କୁ ଗିରଫ କରିଥିଲା। ତେବେ ତାଙ୍କ ନାଁରେ ପୂର୍ବରୁ ଭରତପୁର ଥାନାରେ ୨ଟି ଚୋରି ମାମଲା ରହିଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।

### ନିଶାସକ୍ତ ଅବସ୍ଥାରେ ଆକ୍ରମଣ କରି ଯୁବକ ଗିରଫ

ବାରଙ୍ଗ,୨୧।୩(ଡି.ଏନ୍.ଏ.): ଛତାବର ମେଳଣ ପଡ଼ିଆରେ ରବିବାର ଅପରାହ୍ନରେ ଜଣେ ନିଶାସକ୍ତ ଯୁବକଙ୍କ ଆକ୍ରମଣରେ ୨ଜଣ ଆହତ ହୋଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ମେଣ୍ଟଶାଳ ଫାଣ୍ଡି ପୋଲିସ ଉକ୍ତ ନିଶାସକ୍ତ ଯୁବକଙ୍କୁ ଗିରଫ କରି ସୋମବାର ତାଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଫାଣ୍ଡି ଅଞ୍ଚଳର ନିରଞ୍ଜନ ମହାକୁଡ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୭୨/୨୨) ରୁଜୁ କରିଛି। ସୂଚନା ମୁତାବକ, ଛତାବର ଗ୍ରାମର ମନୋଜ ମୁଦୁଲି ଓ କୃଷ୍ଣଚନ୍ଦ୍ର ମୁଦୁଲି ମେଳଣ ପଡ଼ିଆରେ ଥିବାବେଳେ କାର୍ ଯୋଗେ ନିରଞ୍ଜନ ଆସି ଉକ୍ତ ୨ ଜଣଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ଫଳରେ କୃଷ୍ଣଚନ୍ଦ୍ରଙ୍କ କପାଳ ଏବଂ ମନୋଜଙ୍କ ବେକରେ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ଖବରପାଇ ମେଣ୍ଟଶାଳ ଫାଣ୍ଡି ଅଧିକାରୀ ସେଠାରେ ପହଞ୍ଚି ଚିକିତ୍ସା ପାଇଁ ୨ଜଣଙ୍କୁ ଡାକ୍ତରଖାନା ପଠାଇଥିଲେ। ଏଥିସହ ନିରଞ୍ଜନଙ୍କୁ ଗିରଫ କରିବା ସହ ତାଙ୍କ କାର୍‌କୁ ଜବତ କରିଥିଲେ।

### ନାଇଜେରିଆବାସୀଙ୍କୁ ଅଭିଭୂତ କଲା 'ପାଲା'

#### ଓଏସ୍ଏନ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୧।୩ (ବ୍ୟୁରୋ): ନାଇଜେରିଆସ୍ଥିତ ଓଡ଼ିଆ ସମାଜ ଆସୋସିଏଶନ ଅଫ ନାଇଜେରିଆ (ଓଏସଏନ)ର ସାଧାରଣ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଓଡିଆ ସଂସ୍କୃତିର ପୁରାତନ ଲୋକକଳା ପାଲା ପରିବେଷଣ ସେଠିକାର ସ୍ଥାନୀୟ ଅଧିବାସୀଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା। ପ୍ରଥମଥର ପାଇଁ ଦେଶ ବାହାରେ (ପଶ୍ଚିମ ଆଫ୍ରିକା, ନାଇଜେରିଆ) ରୋଜାଲିନ ଦାସଙ୍କ ନିର୍ଦ୍ଦେଶରେ ପାଲା ପ୍ରସ୍ତୁତ କରା ଯାଇଥିଲା। ବିଦେଶ ମାଟିରେ ତାଙ୍କର ଏହି ପ୍ରୟାସ ଓଡ଼ିଶାର ସଂସ୍କୃତିକୁ ଆହୁରି ଋଦ୍ଧିମନ୍ତ କରିଥିଲା। 'ପାଲା'ର ଗାୟକ ଭାବେ ସ୍ନିଗ୍ଧା ଶର୍ମା, ବାଦକ ଗୋବିନ୍ଦା ଜି (ନାଇଜେରିଆନ), ଶ୍ରୀପାଳିଆ ରୋଜାଲିନ ଦାସ ଓ ତାରା ସାହୁ ଏବଂ ପାଳିଆ ରମେଶ ମଲ୍ଲିକଙ୍କ କଳା ପ୍ରଦର୍ଶନ ନାଇଜେରିଆବାସୀଙ୍କୁ ଅଭିଭୂତ କରିଥିଲା।

# ଆତଙ୍କ ଖେଳାଉଥିଲା ବିହାରୀ ନଟ୍ ଗ୍ୟାଙ୍ଗ

ଭୁବନେଶ୍ୱର,୨୧।୩(ବ୍ୟୁରୋ)





**୨ ଗିରଫ, ଦେଢ଼ଲକ୍ଷ ଟଙ୍କା, ନକଲି ଭୋଟର ପରିଚୟପତ୍ର, ୩ ମୋବାଇଲ୍ ଜବତ**

ରାଜଧାନୀରେ ବିଭିନ୍ନ ଥାନା ଅଞ୍ଚଳରେ ଲୁଟ୍ ସହ ଆତଙ୍କ ଖେଳାଉଥିବା ବିହାରୀ ନଟ୍ ଗ୍ୟାଙ୍ଗ ଶେଷରେ ଧରାପଡିଛି। ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗର ୨ଜଣଙ୍କୁ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗ ରାଜଗଞ୍ଜ ଥାନା ଅଞ୍ଚଳର ବାଦଲ ଗୋୱାଲା (୩୪) ଓ ଅନିକେତ୍ ଦାସ(୨୨)। ସେମାନଙ୍କଠାରୁ ୧ ଲକ୍ଷ ୫୦ ହଜାର ୩୮୬ ଟଙ୍କା, ୨ ନକଲି ଭୋଟର ପରିଚୟପତ୍ର ଓ ୩ ମୋବାଇଲ ଫୋନ୍ ଜବତ କରାଯାଇଛି। ଶହୀଦନଗର ପୋଲିସ ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରିବ। ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ଅଣାଯିବ ବୋଲି କମିଶନରେଟ ପୋଲିସ ସୂଚନା ଦେଇଛି।

ତେବେ ପଚରାଉଚରା ଓ ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତଙ୍କଦ୍ୱୟ ବିହାରର କୋରହା ତଥା କାଟିହାରର କୁଖ୍ୟାତ ନଟ୍ ଗ୍ୟାଙ୍ଗର ସଦସ୍ୟ ବୋଲି ଜଣାପଡିଛି। ଏହି ଗ୍ୟାଙ୍ଗ୍ ସଦସ୍ୟମାନେ ସାରା ଦେଶରେ ଅପରାଧ ଘଟାଇଥାନ୍ତି। ଓଡ଼ିଶାରେ ଏହି ଗ୍ୟାଙ୍ଗର ୪ଜଣ ସଦସ୍ୟ ରହି ଲୁଟ୍‌ପାଟ କରୁଥିବାବେଳେ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଯୋଜନା କରିଛି। ଏମାନେ ସାଧାରଣତଃ ଚୋରା ବାଇକରେ ବୁଲିବୁଲି ଲୁଟ୍ କରୁଥିବାରୁ ସହଜରେ ଧରାପଡନ୍ତି ନାହିଁ। ତେବେ ଏମାନଙ୍କ ନାମରେ ଭୁବନେଶ୍ୱର ଖାରବେଳନଗର ଥାନାରେ ୨, ଶହୀଦନଗର ଓ ଚନ୍ଦ୍ରଶେଖରପୁର ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ଏହାବ୍ୟତୀତ ଆସାମରେ ୧୫, ବିହାରରେ ୭ ଓ ପଶ୍ଚିମବଙ୍ଗରେ ଏକାଧିକ ମାମଲାରେ ଏମାନେ ସମ୍ପୃକ୍ତ ଥିବା ଜଣାପଡଛି। କମିଶନରେଟ ପୋଲିସ ଏହି ମାମଲାରେ ଅଧିକ ତଦନ୍ତ ପାଇଁ ସମ୍ପୃକ୍ତ ରାଜ୍ୟ ପୋଲିସ ସହ ଯୋଗାଯୋଗ କରିଛି।

### କୋଲକାତା ଖସିଯାଉଥିଲେ, କୁଆଖିଆରୁ ଧରାପଡ଼ିଲେ

ରାଜଧାନୀରେ ସମାନ ଧରଣର ଲୁଟ୍ ବାରମ୍ବାର ହେବା ପରେ ଗୋଟିଏ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଥିଲା। ଉକ୍ତ ଗ୍ୟାଙ୍ଗ୍‌କୁ ଧରିବାକୁ ସ୍ପେଶାଲ ସ୍କ୍ୱାଡ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ ପିଓପିଡି ଟିମ୍ ଓ ଟିମ୍-୬୦କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଥମେ ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ପୋଲିସ ଟାର୍ଗେଟ୍‌ରେ ଥିବା ଜାଣିବା ପରେ ଅଭିଯୁକ୍ତଦ୍ୱୟ ସୋମବାର ସକାଳେ ଯାଜପୁର ଜିଲା କୁଆଖିଆରୁ ଗୋଟିଏ କାର୍ ଭଡ଼ା କରି କୋଲକାତା ହାଓ୍ୱଡା ପଳାଇବାକୁ ଚେଷ୍ଟା କରୁଥିଲେ। ଏହା ଜାଣିବା ପରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା।

### ବ୍ୟାଙ୍କରୁ ଟଙ୍କା ଉଠାଉଥିବା ଗ୍ରାହକଙ୍କୁ ଟାର୍ଗେଟ୍ କରୁଥିଲେ

ଅଭିଯୁକ୍ତମାନେ ସାଧାରଣତଃ ଟଙ୍କା ଉଠାଉଥିବା ବା ବ୍ୟାଙ୍କକୁ ଟଙ୍କା ନେଇ ଯାଉଥିବା ଗ୍ରାହକଙ୍କୁ ଟାର୍ଗେଟ୍ କରନ୍ତି। ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀ ବିହାରରେ ରହୁଥିବା ବିରାଟ ଚନ୍ଦ୍ର ଡଗରା ଗତ ୧୦ ତାରିଖରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ଼ସ୍ଥିତ କାନାଡ଼ା ବ୍ୟାଙ୍କରୁ ୩ ଲକ୍ଷ ଉଠାଇ କାର୍‌ରେ ଘରକୁ ଫେରୁଥିଲେ। ଘର ଆଗରେ ଗାଡିରୁ ଓହ୍ଲାଇବାବେଳେ ଅଭିଯୁକ୍ତମାନେ ତାଙ୍କଠାରୁ ଟଙ୍କା ବ୍ୟାଗ୍ ଲୁଟିନେଇଥିଲେ। ସମାନ ଦିନରେ ବ୍ୟବସାୟୀ ଗୋଲକଚନ୍ଦ୍ର ସାହୁ ନୟାପଲ୍ଲୀସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୫ ଲକ୍ଷ ୫୦ ହଜାର ଟଙ୍କା ଉଠାଇବା ପରେ ରେଡ୍ କ୍ରସ୍ ନିକଟରେ ଛିଡ଼ା ହୋଇ ପାଣି ପିଉଥିଲେ। ଅଭିଯୁକ୍ତମାନେ ତାଙ୍କଠାରୁ ଉକ୍ତ ଟଙ୍କା ଲୁଟ୍ କରିନେଇଥିବା ସେ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ। ଗତ ୫ ତାରିଖରେ ଅଳଙ୍କାର ଶୋ'ରୁମ୍ ଲାଲ୍‌ଚାନ୍ଦର ସିକ୍ୟୁରିଟି ଗାର୍ଡ ଖାରବେଳନଗର ଥାନା ଅନ୍ତର୍ଗତ ବିଗ୍‌ବଜାର ସାମ୍ନାରେ ଥିବା ଆକ୍ସିସ୍ ବ୍ୟାଙ୍କକୁ ୪୩ ଲକ୍ଷ ଟଙ୍କା ଡିପୋଜିଟ୍ କରିବାକୁ ଯାଇଥିଲେ। ଡିପୋଜିଟ୍ ପରେ ବ୍ୟାଗରେ ଆଉ ୧୦ ହଜାର ଟଙ୍କା ଥିଲା। ଅଭିଯୁକ୍ତମାନେ ଉକ୍ତ ଟଙ୍କାକୁ ଲୁଟ୍ କରି ଚମ୍ପଟ ମାରିଥିଲେ। ଏନେଇ ଲାଲ୍‌ଚାନ୍ଦର ନିର୍ଦ୍ଦେଶକ ଅଜିତ୍ ହଂସଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଥିଲା। ସେହିପରି ଶହୀଦନଗର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କଠାରୁ ମଧ୍ୟ ଏମାନେ ଲୁଟ୍ କରିଥିଲେ।

### କଟୁରି ଚୋଟରେ ଶ୍ୱଶୁର ଗୁରୁତର, ଜ୍ୱାଇଁ ଗିରଫ

ଭୁବନେଶ୍ୱର,୨୧।୩(ବ୍ୟୁରୋ)

ଜ୍ୱାଇଁର କଟୁରି ଚୋଟରେ ଶ୍ୱଶୁର ଗୁରୁତର ଆହତ। ଏଭଳି ଘଟଣା ସ୍ଥାନୀୟ ତାରିଣୀ ବସ୍ତିରେ ଦେଖିବାକୁ ମିଳିଥିବା ବେଳେ ଅଭିଯୁକ୍ତକୁ ଗିରଫ କରି କ୍ୟାପିଟାଲ ଥାନା ପୋଲିସ ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଲିଙ୍ଗରାଜ ଥାନା ଅଞ୍ଚଳରେ ରହୁଥିବା ବାବୁ ଓରଫ ହାସନ ଚନ୍ଦ୍ର ନାୟକ (୩୩)। ତାଙ୍କଠାରୁ ବ୍ୟବହୃତ କଟୁରି ଜବତ କରାଯାଇଛି। ସୂଚନାନୁଯାୟୀ ଅଭିଯୋଗକାରିଣୀ ରିଙ୍କୁ ନାୟକ ତାରିଣୀ ବସ୍ତିରେ ଥିବା ପୈତୃକଘରେ ୩ ପିଲା ଛୁଆଙ୍କୁ ନେଇ ରୁହନ୍ତି । ଅଭିଯୁକ୍ତ ସ୍ୱାମୀ ସବୁବେଳେ ପାଟିତୁଣ୍ଡ କରିବା ସହ ଗାଳିଗୁଲଜ କରିଥାନ୍ତି। ତେଣୁ ସେ ତାଙ୍କ ପୈତୃକ ଘରେ ରହୁଥିଲେ। ଏହାପରେ ମଧ୍ୟ ଅଭିଯୁକ୍ତ ବାବୁ ଶ୍ୱଶୁରଙ୍କ ଘରକୁ ଯିବାଆସିବା କରିବା ସହ ଝଗଡା କରନ୍ତି । ଗତ ୨୦ ତାରିଖରେ ସେ ଶ୍ୱଶୁରଙ୍କୁ ଘରୁ ଡାକି ଏକ କଟୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ସେ ଘଟଣାସ୍ଥଳରେ ଅଚେତ ହେବା ସହ ଗୁରୁତର ଆହତ ହୋଇଥିଲେ । ଏନେଇ ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି । ଏନେଇ ତାଙ୍କ ସ୍ତ୍ରୀ ରିଙ୍କୁ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ. ୧୭୨/୨୨ ରୁଜୁ କରି ଅଭିଯୁକ୍ତ ବାବୁଙ୍କୁ ଗିରଫ କରିଛି।

### 'କୃଷ୍ଣ ଯଶ' ଏବଂ 'ସହିଷ୍ଣୁ ପାଷାଣ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨୧।୩ (ବ୍ୟୁରୋ)

'ଅଭିମାନ' ପ୍ରକାଶନୀ ସଂସ୍ଥା ପକ୍ଷରୁ ବୁଦ୍ଧ ମନ୍ଦିର ଠାରେ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ କବି ଗୋଲକ ବିହାରୀ ରଥଙ୍କର 'କୃଷ୍ଣ ଯଶ' ଏବଂ ଅନୁବାଦକ ପ୍ରଦୀପ ରାୟଙ୍କର ଅନୂଦିତ ପୁସ୍ତକ 'ସହିଷ୍ଣୁ ପାଷାଣ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ କବି ରାଜେନ୍ଦ୍ର କିଶୋର ପଣ୍ଡା ଯୋଗଦେଇ 'କୃଷ୍ଣ ଯଶ' କବିତାରେ କବିଙ୍କର ଅନ୍ତରର ଭକ୍ତି ଭାବକୁ ପ୍ରକାଶ କରିବା ସହ କୃଷ୍ଣଙ୍କ ପ୍ରତି ତାଙ୍କର ଭକ୍ତି ରସକୁ ଉନ୍ମୋଚିତ କରୁଛି ବୋଲି କହିଥିଲେ। ଲେଖକ ନୃସିଂହ ଚରଣ ସାହୁ, ଅନୁବାଦିକା କନକ ମଞ୍ଜରୀ ସାହୁ, କବି ମମତା ଦାଶ, ଅନୁବାଦକ ପ୍ରଦୀପ ରାୟ, କଥାକାର ଜ୍ୟୋତି ନନ୍ଦ, କବି, ସାମାଜିକକର୍ମୀ ଶୈଳଜ ରବି ଏବଂ ଲେଖକ ରାଜ କିଶୋର ଦାସ ଅତିଥି ଭାବରେ ଯୋଗ ଦେଇଥିଲେ। ଲେଖକ ରାଜ କିଶୋର ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# କେଉଟ, କୈବର୍ତ୍ତ, ଧୀବର ଜାତିକୁ ଏସ୍.ସି. ତାଲିକାରୁ ବାଦ୍ ଦେବାକୁ ଦାବି

**ଆନ୍ଦୋଳନକୁ ଓହ୍ଲାଇବେ ୮୦ ଲକ୍ଷ ଦଳିତ, ୧ କୋଟିରୁ ଅଧିକ ବନବାସୀ**

ଭୁବନେଶ୍ୱର,୨୧।୩ (ବ୍ୟୁରୋ)

ଅସ୍ପୃଶ୍ୟତା, ଅନଗ୍ରସରତା ଓ ତାଡ଼ନାର ଶିକାର ହେଉଥିବା ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟକୁ ଦେଶର ମହାସ୍ରୋତରେ ସାମିଲ କରିବା ପାଇଁ ସମ୍ବିଧାନରେ ସଂରକ୍ଷଣ ବ୍ୟବସ୍ଥା ରହିଛି। ତେବେ ଏମାନଙ୍କ ପାଇଁ ଓଡ଼ିଶାରେ ୪୦ ସଂରକ୍ଷଣ ଥିଲେ ମଧ୍ୟ ତାହା ପ୍ରଶାସନର ଚକ୍ରାନ୍ତ ଦ୍ୱାରା ସିଂହଭାଗ ହଡ଼ପ ହୋଇଯାଉଛି। କାରଣ କେଉଟ, କୈବର୍ତ୍ତ, ଧୀବର ଆଦି ସବର୍ଣ୍ଣ ଜାତିଙ୍କୁ ସରକାର ୨୦୦୨ ମସିହା ଡିସେମ୍ବରରେ ଏସ୍‌ସି ତାଲିକାଭୁକ୍ତ କରିବା ପରେ ପ୍ରକୃତ ଅସ୍ପୃଶ୍ୟ ଓ ଦଳିତମାନେ ମାତ୍ର ୪ ପ୍ରତିଶତ ସଂରକ୍ଷଣ ପାଉଛନ୍ତି। କେଉଟ, କୈବର୍ତ୍ତ, ଧୀବରଙ୍କ ସଂଖ୍ୟା ୨ଲକ୍ଷ ଭିତରେ ହୋଇଥିବାବେଳେ ଏମାନେ ୮୦ଲକ୍ଷ ଦଳିତଙ୍କ ୮୦ ଭାଗ ସୁବିଧା ସୁଯୋଗ ଲୁଣ୍ଠନ କରିଚାଲିଛନ୍ତି। ଦୀର୍ଘଦିନ ଧରି ସେମାନଙ୍କୁ ବିରୋଧ କରାଯାଉଥିଲେ ମଧ୍ୟ ସରକାର ଏସ୍‌ସି ତାଲିକାରୁ ବାଦ୍ ଦେଉନାହାନ୍ତି। ଏପରିକି ଏହାକୁ ଆଧାର କରି ଏବେ ରାଜି, ନିଆରି, ଘଣି ଆଦି ୭ଟି ସବର୍ଣ୍ଣ ଜାତିକୁ ଏସ୍.ସି ତାଲିକାରେ ସ୍ଥାନ ଦେବାଲାଗି ସୁପାରିଶ କରିଯାଉଛି।

ଆହୁରି ମଧ୍ୟ ତେଲି, ତନ୍ତୀ, ଭଣ୍ଡାରି, ବାରିକ, ଗୁଡ଼ିଆ, କମାର, କୁମ୍ଭାର, ରଙ୍ଗଣୀ ଆଦି ବହୁ ସବର୍ଣ୍ଣ ଜାତି ଅର୍ଥ ଖର୍ଚ୍ଚ କରି ଏହି ତାଲିକାରେ ପଶିବାକୁ ଚେଷ୍ଟା କରୁଛନ୍ତି। ଫଳରେ ଏହା ଏକ ବେପାରରେ ପରିଣତ ହେଲାଣି। କିନ୍ତୁ ମେହେନ୍ତର, ଦଳିତ ବୈଷ୍ଣବ ଜାତିକୁ ଏସ୍.ସି ଓ ସଅରଙ୍କୁ ଏସ୍.ଟି ତାଲିକାଭୁକ୍ତ କରାଯାଉନାହିଁ। ଫଳରେ କେଉଟ, ଧୀବର, କୈବର୍ତ୍ତଙ୍କ ଦ୍ୱାରା ଦଳିତ ଓ ସାଧାରଣ ବର୍ଗଙ୍କ ଉପରେ ପ୍ରାୟୋଜିତ ହିଂସା ସୃଷ୍ଟି କରାଯାଉଛି। ଏଣୁ ଏହା ବିରୋଧରେ ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି ସହ ସର୍ବଭାରତୀୟ ଅନୁସୂଚିତ ଜାତି ଜନଜାତି ସଂଘ ପରିଷଦ, ନାଗରିକ ଏକତା ପରିଷଦ, ଦଳିତ ଆଦିବାସୀ ସୁରକ୍ଷା ମଞ୍ଚ, ସାମାଜିକ ନ୍ୟାୟ ପରିଷଦ, ନୀଳମାଧବ ଶବର ସଂଘ, ଉତ୍କଳ ରଜକ ମହାସଂଘ, ରାଷ୍ଟ୍ରୀୟ ଦଳିତ ମହାସଭା, ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ, ଦାଣ୍ଡିମାଳ ସେବକ ସଂଘ, କାଳନ୍ଦୀ ସମାଜ, ପାର୍ସି ସମାଜ, ଭୋଇ ସମାମ, ବାଲ୍ମୀକ ସମାଜ, ପଶ୍ଚିମ ଓଡ଼ିଶାର ଲକ୍ଷେଘର ବଣ୍ଡା ସମାଜ, ଦଳିତ ଜାତିସଂଘ, ଭୀମ ଆର୍ମି ଏକାଠି ହୋଇଛନ୍ତି। କେଉଟ, କୈବର୍ତ୍ତ, ଧୀବର ଜାତିଙ୍କୁ ତୁରନ୍ତ ଏସ୍.ସି ତାଲିକାରୁ ହଟାଯିବା, ରାଜି, ନିଆରି, ଘଣି ଇତ୍ୟାଦି ସବର୍ଣ୍ଣ ଜାତିର ପ୍ରସ୍ତାବକୁ ପ୍ରତ୍ୟାହାର କରିବା, ମେହେନ୍ତର, ଝୁରିଆ ଓ ଦଳିତ ବୈଷ୍ଣବଙ୍କୁ ଏସ୍.ସି ଓ ସଅର ଜାତିକୁ ଏସ୍.ଟି ତାଲିକାଭୁକ୍ତ କରିବା ନିମିତ୍ତ ଦାବି କରାଯାଇଛି। ଯଦି ସରକାର ଏଥିପ୍ରତି ଗୁରୁତ୍ୱ ନ ଦିଅନ୍ତି ତେବେ ୮୦ ଲକ୍ଷ ଦଳିତ ଓ ପ୍ରାୟ ୧ କୋଟିରୁ ଅଧିକ ବନବାସୀମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଏହି ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଭଜମନ ବେହେରା, ଇଂ. ଅଲେଖ ଚନ୍ଦ୍ର ମଲ୍ଲିକ, ପ୍ରଶାସନିକ ଅଧିକାରୀ ବନ୍ଧୁ ସେଠୀ, ଲକ୍ଷ୍ମୀଧର ବେହେରା, ରବି ସେଠୀ, ସୁନାକର ବେହେରା, ଲକ୍ଷ୍ମଣ ମଲ୍ଲିକ, ପ୍ରଦୀପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଅଲ୍ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ ଆସୋସିଏଶନ ପକ୍ଷରୁ ସୋମବାର ଚନ୍ଦ୍ରଶେଖରପୁରସ୍ଥିତ ରେଳ ସଦନ ସମ୍ମୁଖରେ ବିଭିନ୍ନ ଦାବି ନେଇ ବିକ୍ଷୋଭ କରାଯାଉଛି।

# ଅଭିଭାବକଙ୍କ ପାଇଁ ଓଡିଏମ୍ ପ୍ରତିଷ୍ଠା ଦିବସ ଉତ୍ସର୍ଗ

ଭୁବନେଶ୍ୱର, ୨୧।୩ (ବ୍ୟୁରୋ)

ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ୩୩ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଉତ୍ସବକୁ ମାତାପିତାଙ୍କ ନିମନ୍ତେ ଉତ୍ସର୍ଗୀକୃତ କରାଯିବା ସହ ମାତୃ-ପିତୃ ପୂଜନ ଦିବସ ଭାବରେ ଘୋଷିତ କରାଯାଇଥିଲା। ପିଲାଙ୍କ ମଧ୍ୟରେ ପ୍ରତିଷ୍ଠା ଦିବସର ମୂଲ୍ୟବୋଧକୁ ଉଜ୍ଜୀବିତ କରିବା ପାଇଁ ଅସହାୟ ଓ ଗରିବଙ୍କୁ ସପ୍ତାହବ୍ୟାପୀ ସେବା ପ୍ରଦାନ ସ୍ୱରୂପ 'କ୍ଲିନିକ୍ ଅନ୍ ହୁଇଲ୍'ର ଶୁଭାରମ୍ଭ କରାଯାଇଥିଲା। ଏଥିରେ ଭ୍ୟାନ୍ ଓ ଆମ୍ବୁଲାନ୍ସ ନିୟୋଜିତ ହୋଇଥିବାବେଳେ ସ୍କୁଲ୍‌ର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ଓଡ଼ିଶାର ଅପହଞ୍ଚ ଅଞ୍ଚଳରେ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଏହି ଅବସରରେ ୨ ବର୍ଷ ଧରି ଓଡିଏମ୍‌ର କୋଭିଡ୍ ହାଉସ୍ ଓ ଆଇସିୟୁରେ ସେବା ଯୋଗାଇ ଆସୁଥିବା କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ମାତୃ-ପିତୃ ପୂଜନ ଦିବସ ପରିପ୍ରେକ୍ଷୀରେ ପିଲାଙ୍କ ମଧ୍ୟରେ ମାତାପିତାଙ୍କ ପାଇଁ ଉତ୍ସର୍ଗୀକୃତ କବିତା, ଗଳ୍ପ, ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତି ପ୍ରତିଯୋଗୀ ତଥା ସେମାନଙ୍କ ମାତାପିତାଙ୍କୁ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ସିଓଓ ସ୍ୱୟନ୍ ସତ୍ୟେନ୍ଦୁ ପୁରସ୍କୃତ କରିଥିଲେ। ଅଧ୍ୟକ୍ଷ ମୀନକେତନଙ୍କ ଲିଖିତ 'ୟୁ କ୍ୟାନ୍ ଚେଞ୍ଜ୍ ଇୟୋର ଚାଇଲ୍ଡ୍ସ ଡେଷ୍ଟିନ୍'ର ଓଡ଼ିଆ ଅନୁବାଦ ପୁସ୍ତକ 'ଆପଣ ଆପଣଙ୍କ ପିଲାଙ୍କ ଭାଗ୍ୟ ବଦଳାଇପାରିବେ' ପୁସ୍ତକଟି ଅଭିଭାବକଙ୍କ ନିମନ୍ତେ ଉତ୍ସର୍ଗୀକୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଦିବସରେ 'ଆପଣ ଆପଣଙ୍କ ପିଲାଙ୍କ ଭାଗ୍ୟ ବଦଳାଇପାରିବେ' ପୁସ୍ତକ ଉନ୍ମୋଚନ କରାଯାଉଛି।

### ପୂର୍ବ ଶତ୍ରୁତାକୁ ନେଇ ମହିଳାଙ୍କୁ ଅସଦାଚରଣ

ପିପିଲି,୨୧।୩ (ସ୍ୱ.ପ୍ର.)

ବଳଙ୍ଗା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପୂର୍ବ ଶତ୍ରୁତାକୁ ନେଇ ୪ଜଣ ଲୋକ ଅସଦାଚରଣ କରିଥିବା ଲିଖିତ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତଦନ୍ତ ଚଳାଇଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ସନ୍ଧ୍ୟାରେ ନଇ ବନ୍ଧକୁ ଯାଇଥିବା ବେଳେ ପୂର୍ବ ଆକ୍ରୋଶକୁ ନେଇ ଏହି ଥାନା ଅଞ୍ଚଳର ୪ଜଣ ମିଶି ମାରିଦେବାର ଧମକ ଦେବା ସହ ଅସଦାଚରଣ କରିଥିଲେ। ମହିଳାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିବାରେ ସମସ୍ତ ଆସାମୀ ପଳାଇଥିଲେ। ଏ ନେଇ ମହିଳାଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ବୁଣାକାରଙ୍କ ଭୌତିକ ଚିକିତ୍ସା ସମ୍ବନ୍ଧୀୟ ପୁସ୍ତିକା ଉନ୍ମୋଚିତ

ଭୁବନେଶ୍ୱର, ୨୧।୩ (ବ୍ୟୁରୋ)

ବୁଣାକାରଙ୍କ ଭୌତିକ ଚିକିତ୍ସା ସମ୍ବନ୍ଧୀୟ ଏକ ପୁସ୍ତିକା ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟରେ ଉନ୍ମୋଚିତ ହୋଇଛି। ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରିହାବିଲିଟେଶନ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ(ଏସ୍‌ଭି ନିର୍‌ତାର୍)ର ମାର୍ଗଦର୍ଶନରେ ପ୍ରସ୍ତୁତ ହୋଇଥିବା ଏହି ପୁସ୍ତକ ରୁସା ଦ୍ୱାରା ବିକଶିତ କରାଯାଇଛି। ଏହି ପୁସ୍ତକକୁ ବୁଣାକାରଙ୍କ ମଧ୍ୟରେ ବିତରଣ କରାଯିବ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଏସ୍‌ଭି ନିର୍‌ତାର୍‌ର ନିର୍ଦ୍ଦେଶକ ଡ. ପି. ପି. ମହାନ୍ତି, ହସ୍ତତନ୍ତ ବିଭାଗର ଡେପୁଟି ଡାଇରେକ୍ଟର ଦେବଜିତ ନନ୍ଦ, ଓ୍ୱେଭର ସେଣ୍ଟରର ଡେପୁଟି ଡାଇରେକ୍ଟର ବିକାଶ କୁମାର, ପୂର୍ବତନ ନିର୍ଦ୍ଦେଶକ ଏସ୍. କେ. ପାତ୍ର, ବିଶ୍ୱବିଦ୍ୟାଳୟ କମ୍ପ୍ଟ୍ରୋଲର ସୁରେନ୍ଦ୍ର ସାହୁ, ରୁସା ସଂଯୋଜକ ପି. କେ. ହୋତା, ସିଡିସି ଡାଇରେକ୍ଟର ନିଗମାନନ୍ଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଏହି ପୁସ୍ତକଟି ବୁଣାକାରଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହେବ ବୋଲି କୁଳପତି ପ୍ରଫେସର ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ମ୍ୟାନେଜର ଅନନ୍ୟା ପଟ୍ଟନାୟକ ପରିଚାଳନା କରିଥିଲେ।



ଉତ୍କଳ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ବୁଣାକାରଙ୍କ ଭୌତିକ ଚିକିତ୍ସା ସମ୍ବନ୍ଧୀୟ ଏକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ପତିତପାବନଙ୍କ ଦର୍ଶନରୁ ବଞ୍ଚିତ ହେଲେ ଶ୍ରଦ୍ଧାଳୁ

ପୁରୀ ଅଫିସ, ୨୧।୩:

ପୁଣି ଭକ୍ତଙ୍କ ଭାବାବେଗ ସହ ଖେଳ ହୋଇଛି। ସୋମବାର ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡରେ ପ୍ରଶାସନ ପକ୍ଷରୁ କପଡ଼ା ଦ୍ୱାରା ଆଚ୍ଛାଦିତ କରାଯାଇଥିଲା। ଫଳରେ ବଡ଼ଦାଣ୍ଡରେ ଠିଆହୋଇ ଶ୍ରୀପତିତପାବନଙ୍କୁ ଦର୍ଶନ କରିବାରୁ ଭକ୍ତ କିଛି ଘଣ୍ଟା ପାଇଁ ବଞ୍ଚିତ ହୋଇଥିଲେ। ତେବେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ସାଙ୍ଗକୁ ବିଭିନ୍ନ ମହଲରୁ ଏହାକୁ ନାପସନ୍ଦ କରାଯିବା ପରେ ସନ୍ଧ୍ୟାରେ ପ୍ରଶାସନ ଏହି କପଡ଼ାଗୁଡ଼ିକୁ ହଟାଇ ଦେଇଥିଲା। ଏହାପରେ ଭକ୍ତମାନେ ଶ୍ରୀପତିତପାବନଙ୍କୁ ଦର୍ଶନ କରିପାରିଥିଲେ। ଅନ୍ୟପକ୍ଷରେ ଭକ୍ତଙ୍କ ଦର୍ଶନ ଲାଗି ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବାକୁ ଦାବି ହୋଇଆସୁଛି। ମାତ୍ର ପ୍ରଶାସନ କେବଳ ସିଂହଦ୍ୱାର ଦେଇ ପ୍ରବେଶ ଅନୁମତି ରଖିଛି। ଏଭଳି ସ୍ଥିତିରେ ସିଂହଦ୍ୱାର ବାହାର ବ୍ୟାରିକେଡରୁ ପତିତପାବନଙ୍କ ଦର୍ଶନ ଉପରେ ରୋକ୍ ଲଗାଯିବାର କାରଣ ବୁଝାପଡୁ ନାହିଁ। ଏହା ପ୍ରଶାସନର ଅଜବ ନୀତି ବୋଲି ପ୍ରଶାନ୍ତ ନାୟକଙ୍କ ସମେତ କେତେଜଣ ଭକ୍ତ କ୍ଷୋଭର ସହ କହିଛନ୍ତି।

ସୂଚନାଯୋଗ୍ୟ, ଦୋଳପୂର୍ଣ୍ଣିମା ଦିନ ଭକ୍ତମାନେ ଅସମ୍ଭାଳ ଖରାରୁ ତ୍ରାହି ପାଇବା ସହ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ସିଂହଦ୍ୱାର ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିବାକୁ ଉଦ୍ୟମ କରିବାରୁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ସମାଲୋଚନାର ଶିକାର ହୋଇଥିଲେ। ତେଣୁ ଦଳାଚକଟା ପରିସ୍ଥିତିର ପୁନରାବୃତ୍ତି ଯେପରି ନ ହେବ ସେଥିପାଇଁ ସିଂହଦ୍ୱାର ବ୍ୟାରିକେଡ୍‌କୁ ହଳଦିଆ କପଡ଼ା ଦ୍ୱାରା ଆଚ୍ଛାଦିତ କରାଯାଇଥିବା ଏବେ ସାଧାରଣରେ ଚର୍ଚ୍ଚା ହେଉଛି।



ଶ୍ରୀମନ୍ଦିର ସମ୍ମୁଖ ସିଂହଦ୍ୱାର ବ୍ୟାରିକେଡ୍‌କୁ କପଡାରେ ଆଚ୍ଛାଦିତ କରାଯାଇଛି ।

**ସିଂହଦ୍ୱାର ବ୍ୟାରିକେଡ୍‌ରେ କପଡ଼ା ଆଚ୍ଛାଦିତ କରିଥିଲା ପ୍ରଶାସନ**

# ବିକାଶକୁ ଆଗକୁ ନିଅନ୍ତୁ ୱାର୍ଡବାସୀ: ନୁରହାସନ୍



୧୦ନଂ. ୱାର୍ଡରେ ବିଜେଡି ପ୍ରାର୍ଥୀ ଶେଖ୍ ନୁର୍‌ହାସନ ପ୍ରଚାର କରୁଛନ୍ତି।

**ଭୁବନେଶ୍ୱର, ୨୧।୩(ବ୍ୟୁରୋ)**

ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରଚାର ସେତିକି ସରଗରମ ହେବାରେ ଲାଗିଛି। ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀରେ ମେୟର ପ୍ରାର୍ଥିନୀ ସୁଲୋଚନା ଦାସ ଏବଂ ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରଚାର ଜୋରଦାର କରିଛନ୍ତି। ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନମ୍ବର-୧୦ ପାଇଁ ବିଜେଡି ପ୍ରାର୍ଥୀ ହୋଇଥିବା ସେକ୍ ନୁର୍‌ହାସନ ମଧ୍ୟ ନିଜ କ୍ୟାମ୍ପେନ୍‌କୁ ଜୋରଦାର କରିଛନ୍ତି। ପଞ୍ଚାୟତ ନିର୍ବାଚନରେ ବିଜେଡିର ସଫଳତା ଏବଂ ସରକାରଙ୍କ ସହ ନିଜକୁ ଯୋଡି ରଖିବା ଲାଗି ଜନସାଧାରଣଙ୍କୁ ନୁର୍‌ହାସନ ଅନୁରୋଧ କରି ଭୋଟ ଭିକ୍ଷା କରିଛନ୍ତି। ଅନ୍ୟପଟେ ସେ ବିଭିନ୍ନ ବସ୍ତି ଅଞ୍ଚଳ ବୁଲି ବକେୟା କାମକୁ ଖୁବ୍‌ଶୀଘ୍ର ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବିଧାୟକ ସୁଶାନ୍ତ କୁମାର ରାଉତ ତାଙ୍କ ପାଇଁ ମାରାଥନ ପ୍ରଚାର କରି ବିଜେଡି ସପକ୍ଷରେ ଭୋଟ ଦେଇ ବିକାଶର ପକ୍ଷଭୁକ୍ତ ହେବା ଲାଗି ଅନୁରୋଧ କରିଛନ୍ତି। ପ୍ରଚାରକୁ ଆଉ କମ୍ ସମୟ ଥିବାବେଳେ ନୁରହାସନ୍‌ଙ୍କ ନେତୃତ୍ୱରେ ଶତାଧିକ ଯୁବକଙ୍କୁ ନେଇ ବିଶାଳ ବାଇକ୍ ରାଲି କରାଯାଇଛି। ନୁରହାସନ୍ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱାସ କରି ଦଳୀୟ ଟିକେଟ ପ୍ରଦାନ କରିଛନ୍ତି। ଏଠାରେ ତାଙ୍କ ଉପରେ ଭରସା କରି ରାଜ୍ୟବାସୀ ବିଜେଡି ସପକ୍ଷରେ ଭୋଟ ଦେଉଛନ୍ତି। ସମାନଭାବେ ୱାର୍ଡ ନମ୍ବର ୧୦ର ଭୋଟରମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣକରି ବିକାଶକୁ ଆଗକୁ ନିଅନ୍ତୁ ବୋଲି ସେ କହିଛନ୍ତି।

# ୯୦ ଭାଗ କାମ ସରିଛି, ଜିତିଲେ ବାକି କାର୍ଯ୍ୟ ଶେଷ ହେବ

**ଭୁବନେଶ୍ୱର, ୨୧।୩(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ନିର୍ବାଚନ ଲାଗି ସବୁ ଦଳ ପକ୍ଷରୁ ଜୋରଦାର ପ୍ରଚାର ଚାଲିଛି। ୩ ବର୍ଷ ବିଳମ୍ବରେ କର୍ପୋରେଟର ପଦବୀ ଲାଗି ଭୋଟ ହେଉଥିବା ଯୋଗୁ ସମସ୍ତଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଛି। ଏହି କ୍ରମରେ ୱାର୍ଡ ନମ୍ବର ୫୯ର କର୍ପୋରେଟର ଆସନ ଲାଗି ଶାସକ ଦଳ ପକ୍ଷରୁ ଘନଘନ ବୈଠକ ସାଙ୍ଗକୁ ପ୍ରଚାର ଜୋରଦାର କରାଯାଉଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମଧ୍ୟ ୱାର୍ଡ ୫୯ର ଭୋଟରଙ୍କ ପାଖକୁ ଯାଇ ଉଭୟ ମେୟର ପ୍ରାର୍ଥିନୀ ସୁଲୋଚନା ଦାସ ଏବଂ କର୍ପୋରେଟର ପ୍ରାର୍ଥୀ ବିରଞ୍ଚି ନାରାୟଣ ମହାସୁପକାରଙ୍କ ସପକ୍ଷରେ ଭୋଟଭିକ୍ଷା କରିଥିଲେ।

ତେବେ ୫୯ ନମ୍ବର ୱାର୍ଡରେ ମୋଟ ୧୧,୯୯୯ ଭୋଟର ରହିଛନ୍ତି। ଏହି ଆସନରୁ ବିଜେଡି ପ୍ରାର୍ଥୀ ଭାବେ ବିରଞ୍ଚି ନାରାୟଣ ମହାସୁପକାରଙ୍କୁ ଟିକେଟ ମିଳିଛି। ସେ ଏହି ଆସନରୁ ୨୦୦୩ରୁ ଲଗାତର ୩ ଥର ବିଜୟୀ ହୋଇଥିବା ବେଳେ ଏଥର ୪ର୍ଥ ଥର ଲାଗି ନିର୍ବାଚନ ଲଢୁଛନ୍ତି। ତେବେ ୱାର୍ଡବାସୀଙ୍କ ସମସ୍ୟା ସହ ଦୈନନ୍ଦିନ ଭାବେ ଜଡିତ ବୋଲି ମତବ୍ୟକ୍ତ କରିଛନ୍ତି। ଅନ୍ୟପଟେ ଏଥର ମଧ୍ୟ ୱାର୍ଡବାସୀ ସରକାରଙ୍କ ପକ୍ଷଭୁକ୍ତ ହୋଇ ନିଜକୁ ବିକାଶରେ ସାମିଲ କରିବେ ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

ବିରଞ୍ଚି କହିଛନ୍ତି, ୩ ଥର ଏହି ୱାର୍ଡରୁ ଜିତିବା ପରେ ଲୋକ ଏବଂ ଅଞ୍ଚଳର ଯେଉଁ ସମସ୍ୟା ଥିଲା ସେଥିରୁ ୯୦ ଭାଗ କାମ ଶେଷ କରିସାରିଛନ୍ତି। ବାକି ଯାହା ୧୦ ପ୍ରତିଶତ କାର୍ଯ୍ୟ ରହିଯାଇଛି, ସେସବୁକୁ ଲୋକମାନେ ଯଦି ବିଜୟୀ କରାନ୍ତି ତେବେ ପ୍ରଥମେ ଶେଷ କରିବେ। ଏହାପରେ ସରକାର ଯେଉଁସବୁ ନୂଆ ଯୋଜନା ଗରିବ ଲୋକଙ୍କ ପାଇଁ ଆଣିବେ ସେସବୁ ସେମାନଙ୍କ ନିକଟରେ ଠିକ୍ ଭାବେ ପହଞ୍ଚାଇବା ଦିଗରେ କାମ କରିବେ। ଏହି ୱାର୍ଡରେ ମୋଟ ୪ଟି ବସ୍ତି ଥିବାବେଳେ ପ୍ରାୟ ସମସ୍ତଙ୍କୁ ବିଜୁ ଆଦର୍ଶ କଲୋନୀରେ ରହିବା ଲାଗି ବ୍ୟବସ୍ଥା କରାଯାଇଛି।



୫୯ନଂ.ର କର୍ପୋରେଟର ପ୍ରାର୍ଥୀ ବିରଞ୍ଚି ନାରାୟଣ ମହାସୁପକାର ପ୍ରଚାର କରୁଛନ୍ତି।

# 'ସରକାରୀ ଯୋଜନାରୁ କେହି ବାଦ୍ ପଡିବେନି'



ୱାର୍ଡ ନଂ.-୨ରେ ବିଜେଡି ପ୍ରାର୍ଥୀ ମୋନାଲିସା ବେହେରା ପ୍ରଚାର ଚଳାଇଛନ୍ତି।

**ଭୁବନେଶ୍ୱର, ୨୧।୩(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ନିର୍ବାଚନ ଲାଗି ମଙ୍ଗଳବାର ପ୍ରଚାର ଶେଷ ହେବ। ତେଣୁ ୱାର୍ଡ ନମ୍ବର-୨ ପାଇଁ ବିଜେଡି ପ୍ରାର୍ଥୀ ହୋଇଥିବା ମୋନାଲିସା ବେହେରା ଦିନ ରାତି ପ୍ରଚାରରେ ଲାଗିପଡିଛନ୍ତି। ମୋନାଲିସା ବସ୍ତିବାସିନ୍ଦାଙ୍କୁ ଭେଟି ସେମାନଙ୍କର ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ସଙ୍ଗେ ସଙ୍ଗେ ନିର୍ବାଚନ ସରିବା ମାତ୍ରେ ସେସବୁ କଥାକୁ ପ୍ରଥମେ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଗରିବ କଲ୍ୟାଣ ଯୋଜନା କେଉଁମାନେ ପାଇନାହାନ୍ତି ତାହାର ତର୍ଜମା ଏହି ପ୍ରଚାର ସମୟରେ କରୁଥିବା ଦେଖାଯାଇଛି। ପ୍ରଚାର ସମୟରେ ଗଣମାଧ୍ୟମକୁ ସୂଚନା ଦେଇ ମୋନାଲିସା କହିଛନ୍ତି, ରାଜ୍ୟ ସରକାରଙ୍କ ଗୋଟିଏ ବି ଯୋଜନାରୁ ଯେପରି ପ୍ରକୃତ ହିତାଧିକାରୀ ବାଦ୍ ନ ପଡନ୍ତି ସେଥିପ୍ରତି ସଚେତନ ହୋଇ କାମ କରିବା ଦିଗରେ ଲକ୍ଷ୍ୟ ଦେବେ। ରାଜ୍ୟ ସରକାର ଅନେକ ଯୋଜନା ବସ୍ତି ଅଞ୍ଚଳରେ କାର୍ଯ୍ୟକାରୀ କରିଥିଲେ ମଧ୍ୟ ଯେଉଁ କେତେକ ସମସ୍ୟା ରହିଯାଇଛି ତାହା ପୂରଣ କରାଯିବ। ୩ ବର୍ଷ ହେଲା ପୌର ନିର୍ବାଚନ ହୋଇ ନ ଥିବାରୁ ଏଠାରେ କେହି ଜନପ୍ରତିନିଧି ନ ଥିଲେ। ଏଥର ରାଜ୍ୟ ସରକାରଙ୍କ ସହ ଜନସାଧାରଣ ଯୋଡି ହେଲେ ବାକିଆ କାମ ପୂରଣ କରିବା ହିଁ ପ୍ରାଥମିକତା ରହିବ ବୋଲି ସେ କହିଛନ୍ତି।




# ମତଦାନ ପୂର୍ବରୁ ମତ ରଖିଲେ ପ୍ରାର୍ଥୀ

**ଭୁବନେଶ୍ୱର,୨୧।୩:** ଦୀର୍ଘ ୩ ବର୍ଷ ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ନିର୍ବାଚନ ଚଳିତ ମାସ ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ୱାର୍ଡ ନଂ ୩୬ର ସମସ୍ତ ୫ ପ୍ରାର୍ଥୀଙ୍କୁ ନେଇ ମଧୁସୂଦନ ନଗର, ନଗର କମିଟି ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ 'ଜିତିଲେ ୱାର୍ଡବାସୀଙ୍କ ପାଇଁ କ'ଣ କରିବେ'ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭାରତୀୟ ଜନତା ପାର୍ଟି (ଭାଜପା)ର କର୍ପୋରେଟର ପ୍ରାର୍ଥିନୀ ମମତା ସେଠୀ, ବିଜୁ ଜନତା ଦଳ (ବିଜେଡି)ର ଅଲିଅଳି ମଲ୍ଲିକ, କଂଗ୍ରେସର ଇତିଶ୍ରୀ ମଲ୍ଲିକଙ୍କ ସମେତ ଅନ୍ୟ ଦୁଇ ସ୍ୱାଧୀନ ପ୍ରାର୍ଥୀ ରଶ୍ମିତା ମଲ୍ଲିକ ଓ ବରେନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ନଗର କମିଟିର ବରିଷ୍ଠ ସଦସ୍ୟ ମନୋଜ ମିଶ୍ର ମଞ୍ଚ ପରିଚାଳନା ସହ ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ମତଦାତା, ସ୍ଥାନୀୟ ବାସିନ୍ଦା ଓ ପ୍ରାର୍ଥୀମାନଙ୍କୁ ଅବଗତ କରାଇ ଥିଲେ। ସବୁ ପ୍ରାର୍ଥୀ ନିଜ ନିଜର ମତ ଉପସ୍ଥାପନ ସହ ଜିତିଲେ ଅଞ୍ଚଳବାସୀଙ୍କ ଆବଶ୍ୟକତା ଓ ମୌଳିକ ସମସ୍ୟାର ସମାଧାନ ଉପରେ ଦୃଢୋକ୍ତି ପ୍ରକାଶ କରିଥିଲେ। ଅପରପକ୍ଷରେ ଉଭୟ ମତଦାତା ଓ ବାସିନ୍ଦା ବିଗତ ଦିନର କର୍ପୋରେଟରମାନଙ୍କ କାର୍ଯ୍ୟକଳାପ ଓ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରାର୍ଥୀଙ୍କୁ ପ୍ରଶ୍ନ କରି ଉତ୍ତର ଶୁଣିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବରିଷ୍ଠ ନାଗରିକ, ବାସିନ୍ଦା ଓ ମତଦାତାଙ୍କ ସମେତ ବହୁ ଯୁବବର୍ଗ ମଧ୍ୟ ଉପସ୍ଥିତ ଥିଲେ। ପରିଶେଷରେ ନଗର କମିଟିର ଏଭଳି ପଦକ୍ଷେପକୁ ଉଭୟ ବାସିନ୍ଦା ଓ ପ୍ରାର୍ଥୀ ସାଧୁବାଦ ଜଣାଇଥିଲେ। ସେହିପରି କମିଟି ଓ ମତଦାତାଙ୍କ ପକ୍ଷରୁ ସମସ୍ତ ଆଶାୟୀ କର୍ପୋରେଟର ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।






# କ୍ଲିନ୍‌ସୁଇପ୍ ଲକ୍ଷ୍ୟରେ ନେତା




ବିଜେଡି ପ୍ରାର୍ଥୀଙ୍କ ପାଇଁ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଓ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପ୍ରଚାର କରୁଛନ୍ତି।

**ଖୋର୍ଦ୍ଧା ଅଫିସ, ୨୧।୩**

ଆଉ ଦିନ କେଇଟା ପରେ ପୌର ନିର୍ବାଚନ। ମଙ୍ଗଳବାର ନିର୍ବାଚନ ପ୍ରଚାରର ଶେଷ ଦିବସ। ଏ ନେଇ ୩ ପ୍ରମୁଖ ଦଳ ସେମାନଙ୍କ ପ୍ରଚାରକୁ ଜୋର୍‌ଦାର ଚଳାଇଛନ୍ତି। ପ୍ରାର୍ଥୀମାନେ ରୋଡ୍ ଶୋ', ଶୋଭାଯାତ୍ରାରେ ବାହାରି ବିଭିନ୍ନ ୱାର୍ଡ ପରିକ୍ରମା ସହ ଘରକୁ ଘର ବୁଲି ଭୋଟ ପାଇଁ ନିବେଦନ କରୁଛନ୍ତି। ଶାସକ ଦଳ ବିଜେଡି ପକ୍ଷରୁ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କାଉନ୍‌ସିଲର ଏବଂ ପୌରାଧ୍ୟକ୍ଷା ପ୍ରାର୍ଥୀ କନକଲକ୍ଷ୍ମୀ ମହାନ୍ତିଙ୍କ ପ୍ରଚାର ପାଇଁ ମଙ୍ଗ ଧରିଥିବା ବେଳେ ଏବେ ମଇଦାନକୁ ଓହ୍ଲାଇଛନ୍ତି ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ। ଦୁଇ ବିଧାୟକ ପୃଥକ୍ ଭାବେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଚଳାଇଛନ୍ତି। ପଞ୍ଚାୟତ ନିର୍ବାଚନରେ ବହୁମତ ପରେ ବିଜେଡି ପୌର ନିର୍ବାଚନରେ କ୍ଲିନ ସୁଇପ୍ କରିବ ବୋଲି

## ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିଧାୟକଙ୍କ ପ୍ରଚାର

ବିଧାୟକ ମିତ୍ର କହିଛନ୍ତି। ନବୀନଙ୍କ ସ୍ୱଚ୍ଛ ଶାସନ, ବିକାଶମୁଖୀ ଯୋଜନା ଆଗରେ ବିରୋଧୀଙ୍କ ମିଥ୍ୟା ପ୍ରତିଶ୍ରୁତି କୌଣସି ପ୍ରଭାବ ପକାଇବ ନାହିଁ। ପୌରାଧ୍ୟକ୍ଷା ଆସନ ହାତେଇବା ସହ ବିପୁଳ ଭୋଟ ବ୍ୟବଧାନରେ ପ୍ରାର୍ଥୀମାନେ ବିଜୟୀ ହେବେ ବୋଲି ବିଧାୟକ ମିତ୍ର ଆଶା ରଖିଛନ୍ତି। ଅନ୍ୟପକ୍ଷରେ ବିଜେଡିରେ ଦଳୀୟ ଟିକେଟ ଏବଂ ପ୍ରାର୍ଥୀ ଚୟନକୁ ନେଇ ଶେଷପର୍ଯ୍ୟନ୍ତ କର୍ମୀଙ୍କ ମହଲରେ ଅସନ୍ତୁଷ୍ଟ ରହିଥିଲା। ଅନେକ ଦଳୀୟ ପ୍ରାର୍ଥୀ ପୌରାଧ୍ୟକ୍ଷା ପ୍ରାର୍ଥୀଙ୍କ ଅପେକ୍ଷା ନିଜେ କିପରି ୱାର୍ଡରେ ବିଜୟୀ ହେବେ ସେଥିପ୍ରତି ଗୁରୁତ୍ୱ ଦେଉଥିବା ଚର୍ଚ୍ଚା ହେଉଛି। ୭ଜଣ ପର୍ଯ୍ୟବେକ୍ଷକ ବିଭିନ୍ନ ୱାର୍ଡ ବୁଲି ଭୋଟରଙ୍କ ଫିଡ୍ ବ୍ୟାକ୍ ସଂଗ୍ରହ କରୁଥିବା ଜଣାପଡ଼ିଛି। ବିଜେଡି ପକ୍ଷରୁ ପ୍ରତି ୱାର୍ଡରେ ଏବେ କର୍ମୀ ସମାବେଶକୁ ଗୁରୁତ୍ୱ ଦିଆଯାଇଛି। ମହିଳା ଭୋଟର ଏବଂ ବସ୍ତି ବାସିନ୍ଦାଙ୍କୁ ପ୍ରାଥମିକତା ଦେଉଛନ୍ତି। ଚଳିତ ପୌର ନିର୍ବାଚନରେ କଂଗ୍ରେସରୁ ବିନୋଦିନୀ ମହାପାତ୍ର ପୌରାଧ୍ୟକ୍ଷା ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିବା ବେଳେ ପ୍ରଚାର ଅଭିଯାନ ମନ୍ଥର ଗତିରେ ଚାଲିଥିବା ଜଣାପଡିଛି। ଅନ୍ୟପଟେ ଭାଜପା ପକ୍ଷରୁ ସବୁ ୱାର୍ଡରେ ପ୍ରଚାର ଅଭିଯାନକୁ ଜୋରଦାର କରାଯାଇଛି। ଭାଜପା ପୌରାଧ୍ୟକ୍ଷା ପ୍ରାର୍ଥୀ କୁନିଲତା ସ୍ୱାଇଁଙ୍କ ପ୍ରତି ସହରବାସୀଙ୍କ ଆସ୍ଥା ରହିଥିବା ଚର୍ଚ୍ଚା ହେଉଛି। ସବୁଠି ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେବା ସମ୍ଭାବନା ରହିଛି। ତେବେ କିଏ ପୌର ପରିଷଦ ଗଠନ କରିବ ତାହାକୁ ନେଇ ଉତ୍କଣ୍ଠା ଲାଗିରହିଛି।

# କାଉନ୍‌ସିଲର ପ୍ରାର୍ଥୀଙ୍କ ଜୋରଦାର ପ୍ରଚାର

**ବାଙ୍କୀ, ୨୧।୩ (ସ୍ୱ.ପ୍ର.)**

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୧୨ ଓ ୧୩ ନଂ. ୱାର୍ଡରେ ନିର୍ବାଚନୀ ପ୍ରଚାର ଜୋରଦାର ଚାଲିଛି। ୧୨ନଂ. ୱାର୍ଡରେ ବିଜେଡି ସଭ୍ୟ ପ୍ରାର୍ଥୀ ଯାମିନୀକାନ୍ତ ମହାପାତ୍ର ଏବଂ ୧୩ ନଂ. ୱାର୍ଡରେ ବିଜେଡି ପ୍ରାର୍ଥିନୀ ପଙ୍କଜିନୀ ମଙ୍ଗୁଆଳ ଘରକୁ ଘର ବୁଲି ଭୋଟରମାନଙ୍କୁ ନିଜ ସପକ୍ଷରେ ଭୋଟ ଦେବାପାଇଁ ଅନୁରୋଧ କରିଛନ୍ତି। ସେମାନଙ୍କ ସହ ବାଙ୍କୀ ଅଧ୍ୟକ୍ଷା ପ୍ରାର୍ଥିନୀ ମାଣିକ ସାହୁ ସାମିଲ ହୋଇ ଭୋଟରମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି। ଏହି ନିର୍ବାଚନ ପ୍ରଚାରରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମାୟାଧର ପ୍ରଧାନ, ବିଜେଡିର ବରିଷ୍ଠ ନେତା ସନାତନ ବେହେରା, ଜିଲା ପରିଷଦ ସଭ୍ୟ ଆଶିଷ ସାହୁ ଓ ପ୍ରତାପ ବେହେରା ପ୍ରମୁଖ ସାମିଲ ହୋଇଥିଲେ।



ବିଜେଡି ପ୍ରାର୍ଥୀମାନେ ପ୍ରଚାର କରୁଛନ୍ତି।





**OFFICE OF THE DEAN & PRINCIPAL,
MAHARAJA KRISHNA CHANDRA GAJAPATI
MEDICAL COLLEGE**
BERHAMPUR.760004, GANJAM, ORISSA
No.2614/MCB.2022/Welfare./Dated, Brahmapur the 21st March 2022

**CORRIGENDUM**

**No.E-947:** In continuation to this Tender Call Notice No.2537 dated 16.03.2022, the detail Tender papers terms & conditions can be obtained from the office of the undersigned on payment of Rs.2000/- cash (Non-refundable) at the Accounts Section during official hour. The details are also available in the website, www.mkcgmch.org. The other terms & conditions remains unaltered.

Sd./-Dean & Principal,
MKCG Medical College Hospital, Berhampur
OIPR-10013/11/0030/2122

**e-Procurement Notice for Road Works Identification No. 22/EERW/BLS/2021-22**

**No.O-1865:** 1. Name of the Work: Roads, 2. Total No. of Works: 1 No, 3. Estimated Cost: Estimated Cost Rs.31.06 Lakh, 4.Class of Contractor: 'C' & 'B' Class, 5. Time of Completion: 1 Month (One Calendar Month), 6.Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W.Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 22/EERW/BLS/2021-22 | 24.03.2022 at 11.00 A.M. | 31.03.2022 upto 5.00 P.M. | 31.03.2022 upto 1.00 P.M. | 02.04.2022 at 11.00 P.M. |

Further details can be seen from the website-www.tendersodisha.gov.in.

Sd./-Superintending Engineer, R.W. Division, Balasore
OIPR-25108/11/0018/2122

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୬୯ ତା:୧୦।୦୩।୨୨

**ବିଜ୍ଞାପନ**

No. CAD-3239: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରଥମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ, ଭୁବନେଶ୍ୱରରେ ଫ୍ଲାଟ୍ ଗୃହ ନଂ.- ଏମ୍.ଆଇ.ଜି.-୨-୨୬/୩ (MIG-II-26/3)ଟିକୁ ଶ୍ରୀମତୀ ଶର୍ମିଷ୍ଠା ପାଣିଗ୍ରାହୀ, ସ୍ୱା- ରବିନ୍ଦ୍ର ନାଥ ପାଣିଗ୍ରାହୀ, ସା- ନିୟୁ କଲୋନୀ, ପଲିଟେକ୍‌ନିକ୍ ରୋଡ୍, ରାୟଗଡ଼ା, ପୋ/ଥା- ରାୟଗଡ଼ା, ଜି- ରାୟଗଡ଼ାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀମତୀ ଶର୍ମିଷ୍ଠା ପାଣିଗ୍ରାହୀ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଶୈଳେନ୍ଦ୍ର ନାରାୟଣ ମଲ୍ଲ, ପି- ନାରାୟଣ ପ୍ରସାଦ ମଲ୍ଲ, ସା- କୁହୁଡି, ପୋ- ଅଙ୍ଗୁଳାଇ, ଥା- କେନ୍ଦ୍ରାପଡ଼ା, ଜି- କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0489/2122

**State Health Assurance Society
Health & Family Welfare Department, Govt. of Odisha
Bhubaneswar- 751007, District- Khordha (Odisha)**
Phone No.- 0674-2620500, Email ID:hr.recruitmentshas@gmail.com

**No.E-949:** **CORRIGENDUM NOTICE** **Date: 22.03.2022**

**Subject: Notice for extension of date for online as well as offline submission of applications
Adv. No. -08/2021 dt.19.10.2021
Name of the post: District Coordinator
The amended date, time & post are as follows:**

| Sl. | Particular | Date & Time |
|---|---|---|
| 1 | Closing Date & Time of online Application | 29.03.2022, 11.59 PM |
| 2 | Closing Date & Time of offline Application | 05.04.2022, 5 PM |
| 3 | Number of Post | Total 27 Posts (within Odisha-17 & outside of Odisha-10) The detail list of requirement at outside of Odisha are mentioned in the below table. |

| Sl.No. | Name of State | No. of Post |
|---|---|---|
| 1 | Andhra Pradesh | 1 |
| 2 | Karnataka | 1 |
| 3 | Delhi | 1 |
| 4 | Gujarat | 1 |
| 5 | Maharashtra | 1 |
| 6 | Westbengal | 1 |
| 7 | Tamil Nadu | 1 |
| 8 | Chhattisgarh & Jharkhand | 1 |
| 9 | Punjab , Haryana & Rajasthan | 1 |
| 10 | Uttarpradesh & Uttarkhand | 1 |

**N.B. 1. All the prospective candidates should refer to official website of NHM, Odisha www.nhmodisha.gov.in
2. The candidates who have applied earlier and found provisionally shortlisted need not to apply again.
3. The candidates whose applications are rejected earlier at the initial stage on any ground (except ineligibility) can apply again.**

Sd./- Chief Executive Officer, State Health Assurance Society, Odisha

**State Health Assurance Society
Health & Family Welfare Department, Govt. of Odisha
Bhubaneswar- "751007, District-Khordha (Odisha)**
Phone No.- 0674-2620500, Email ID:hr.recruitmentshas@gmail.com

**CONTRACTUAL APPOINTMENT**

**Adv. No.02/2022** **Date: 22.03.2022**

Applications are invited from eligible candidates for filling up the following posts under State Health Assurance Society, Odisha on contractual basis with monthly remuneration noted against each and subject to renewal as per Society terms and conditions. The positions are purely temporary and co-terminus with the scheme.

| Sl. No. | Name of the Post | Remuneration (in Rs.) & Performance Incentive (P.I.) as admissible | Vacancies |
|---|---|---|---|
| 01 | Grievance & Fraud Redressal Officer | Rs. 68,000/- + (PI) | 01 |
| 02 | Finance Officer | Rs. 44,000/- + (PI) | 01 |
| 03 | MIS Consultant | Rs. 44,000/- + (PI) | 01 |
| 04 | Dy. Executive Officer (Grievance) | Rs. 44,000/- + (PI) | 02 |
| 05 | Dy. Executive Officer (Admin.) | Rs. 44,000/- + (PI) | 01 |
| 06 | Assistant District Coordinator | Rs. 27,200/- + (PI) | 30 |
| 07 | Executive Grievance | Rs. 27,200/- + (PI) | 03 |
| 08 | Accounts Executive | Rs. 27,2007- + (PI) | 02 |
| 09 | Executive Admin | Rs. 27,200/- + (PI) | 01 |
| 10 | Executive Quality | Rs. 27,200/- + (PI) | 01 |
| 11 | Executive Empanelment | Rs. 27,200/- + (PI) | 01 |
| 12 | Executive Field Operations | Rs. 27,200/- + (PI) | 01 |
| 13 | IEC Executive | Rs. 27,200/- + (PI) | 01 |
| 14 | Executive (M&E) | Rs. 27,200/- + (PI) | 01 |
| 15 | Executive (Claims) | Rs. 27,200/- + (PI) | 12 |

Interested candidates can log on to www.nhmodisha.gov.in for details of vacancy, eligibility criteria, age, selection procedure etc. Online application form will be available from 22.03.2022 to 05.04.2022 by 11.59 P.M. Last date for receipt of the System Generated Application duly signed by the candidate along with self-attested copies of all supportive documents is 12.04.2022 (by 5.00 P.M.)

Sd./- Chief Executive Officer, State Health Assurance Society, Odisha
OIPR-10170/11/0001/2122

idco ODISHA
Your power to grow NEW OPPORTUNITIES
ISO 9001 & 14001 Corporation

**OFFICE OF THE CHIEF GENERAL MANAGER (P&C)
IDCO, IDCO TOWERS,
BHUBANESWAR-751022**
No.CAD-3219
Tender Call Notice No.H.O./P&C/EST-E-1766/01/2021-6204, Dated:17.03.22

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1. | "Fire Fighting Fire Alarm and PA System for Office-cum-Commercial Complex at Badmal, Jharsuguda (2B+G+6F)" | Rs.282.392 Lakh | 03 (Three) Calendar Months |

1. Other details: Further details can be seen from the e-Procurement Portal: **www.tendersodisha.gov.in.** Corrigendum or addendum if any will not be published in news papers and can only be seen in the e-Procurement portal **www.tendersodisha.gov.in** as well as IDCO website **www.idco.in.**

Sd./- Chief General Manager (P&C), IDCO, Bhubaneswar
OIPR-14003/11/0207/2122









ଭୁବନେଶ୍ୱରରେ ସୋମବାର କଂଗ୍ରେସ ମେୟର ପ୍ରାର୍ଥୀ ମଧୁସ୍ମିତା ଆଚାର୍ଯ୍ୟଙ୍କ ପ୍ରଚାର ଶୋଭାଯାତ୍ରା।

# ୪୧ ନଂ. ୱାର୍ଡରେ ସିପିଆଇ ପ୍ରାର୍ଥୀ ମିନତିଙ୍କ ରୋଡ୍ ଶୋ'



ପ୍ରଚାର ଶୋଭାଯାତ୍ରାରେ ସିପିଆଇ ପ୍ରାର୍ଥୀ ମିନତି ବେହେରା ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୧।୩ (ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୪୧ ନମ୍ବର ୱାର୍ଡରେ ସିପିଆଇର କର୍ପୋରେଟର ପ୍ରାର୍ଥୀ ମୀନତି ବେହେରା ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ପାର୍ଟି ପକ୍ଷରୁ ସୋମବାର ଅପରାହ୍ନରେ ଏକ ବାଇକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୨ଶହ ବାଇକ୍‌ରେ ୩ଶହରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ସାମିଲ ହୋଇଥିଲେ। ବାଜା ବଜାଇ ସ୍ଲୋଗାନ ଦେଇ କର୍ମୀମାନେ ଅଶୋକନଗର କଳାବାଡ଼ି ବସ୍ତିଠାରୁ ଶୋଭାଯାତ୍ରାରେ ବାହାରି ରାଜମହଲ ଛକ ଦେଇ କେଦାରପଲ୍ଲୀ, ବାପୁଜୀନଗର ଓ ରେଳ ଲାଇନକଡ ବସ୍ତି, ଫାଳିକିଆ ବସ୍ତି, ମାଷ୍ଟରକ୍ୟାଣ୍ଟିନ୍ ଓ ୩ ନଂ. ମାଳିସାହି ଏବଂ ଶ୍ରୀୟା ଟକିଜ୍ ଛକ ଅତିକ୍ରମ କରି କାଞ୍ଜିଆହତା ବସ୍ତି ଅଞ୍ଚଳ ବୁଲିଥିଲେ। ଭୁବନେଶ୍ୱର ଜୋନ ସମ୍ପାଦକ ସୁର ଜେନା, ପ୍ରମୋଦିନୀ ପାଇକରାୟ, ଖୋର୍ଦ୍ଧା ଜିଲା ସହ ସମ୍ପାଦକ ସତୀଶ ମିଶ୍ର, ଅଶୋକ ସାହୁ, ଦୁଃଖିଶ୍ୟାମ ବେହେରା ଉପସ୍ଥିତ ରହି ସିପିଆଇ ପ୍ରାର୍ଥୀ ମୀନତିଙ୍କୁ ଦା' ଧାନକେଣ୍ଡା ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।



ଭୁବନେଶ୍ୱରରେ ସୋମବାର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସହ ବିଜେଡି ମେୟର ପ୍ରାର୍ଥୀ ସୁଲୋଚନା ଦାସଙ୍କ ରୋଡ୍ ଶୋ'।



ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୱାର୍ଡ ନଂ.୨ରେ ଭାଜପା ମେୟର ପ୍ରାର୍ଥୀ ସୁନୀତ ମୁଣ୍ଡ୍ ସୋମବାର କର୍ପୋରେଟର ପ୍ରାର୍ଥୀ ରୀତୁପୂର୍ଣ୍ଣା ଭୋଇ ଏବଂ ଦଳୀୟ ନେତା ଓ କର୍ମୀଙ୍କ ସହ ପ୍ରଚାର ଶୋଭାଯାତ୍ରାରେ ଯାଉଛନ୍ତି।

# ୨୭ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ୧୫,୭୮୨ ଭୋଟର

**ନିମାପଡ଼ା,୨୧।୩(ଡି.ଏନ୍.ଏ.):** ପୌର ନିର୍ବାଚନ ପାଇଁ ଆସନ୍ତା ୨୪ତାରିଖରେ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ନିମାପଡ଼ା ଏନ୍‌ଏସିରେ ପୌର ନିର୍ବାଚନ ପାଇଁ ସମସ୍ତ ପ୍ରକାରର ପ୍ରସ୍ତୁତିପର୍ବ ଶେଷ ହୋଇଛି। ଏନ୍‌ଏସିର ୧୧ଟି ୱାର୍ଡରେ ୧୯ଟି ମତଦାନ କେନ୍ଦ୍ରରେ ୮ହଜାର ୩୦ ପୁରୁଷ ଭୋଟର ଓ ୭ ହଜାର ୭୫୨ଜଣ ମହିଳା ଭୋଟର ମତସାବ୍ୟସ୍ତ କରିବେ। ମୋଟରେ ୧୫ହଜାର ୭୮୨ଜଣ ମତଦାତା ୨୭ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ଏନ୍‌ଏସିର ୧୯ଟି ବୁଥ୍ ମଧ୍ୟରୁ ୪ଟି ଆଦର୍ଶ ବୁଥ ଓ ୨ଟି ପିଙ୍କ ବୁଥରେ ମତଦାନ ହେବ। ମୋଟରେ ସମସ୍ତ ବୁଥ ମଧ୍ୟରୁ ୮ଟି ଉତ୍ତେଜନାପ୍ରବଣ ଓ ୩ଟି ଅତି ଉତ୍ତେଜନା ପ୍ରବଣ ବୁଥ୍ ଭାବେ ଚିହ୍ନଟ ହୋଇଥିବା ଏନ୍‌ଏସି କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଏଥିପାଇଁ ୧୯ଜଣ ପ୍ରିଜାଇଡିଂ ଅଫିସର ଓ ୭୬ଜଣ ପୋଲିଂ ଅଫିସର ନିୟୋଜିତ ହେବେ ବୋଲି ଏନ୍‌ଏସିର ନିର୍ବାଚନ ଅଧିକାରୀ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ କହିଛନ୍ତି। ମତଦାନ ନିମନ୍ତେ ଇଭିଏମ୍ ମେଶିନଗୁଡ଼ିକ ଏନ୍‌ଏସି କାର୍ଯ୍ୟାଳୟର ଷ୍ଟ୍ରଙ୍ଗରୁମରେ ସଶସ୍ତ୍ର ପୋଲିସ ଓ କଡ଼ା ନିରାପତ୍ତା ମଧ୍ୟରେ ରଖାଯାଇଥିବା ବେଳେ ମୁକ୍ତ, ଅବାଧ ନିର୍ବାଚନ ପାଇଁ ଏନ୍‌ଏସି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏଥିସହ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ବ୍ୟବସ୍ଥା କରାଯାଇଥିବା ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ଆଇଆଇସି ଶଙ୍କର୍ଷଣ ଦଳେଇ ସୂଚନା ଦେଇଛନ୍ତି। ଏହି ନିର୍ବାଚନ ପାଇଁ ଜଣେ ଡିଏସ୍‌ପି, ୪ଜଣ ଇନ୍ସପେକ୍ଟର, ୧୫ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୫୦ଜଣ କନଷ୍ଟେବଲ ଓ ହୋମଗାର୍ଡଙ୍କ ସମେତ ୪ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ହେବା ସହ ୪ଟି ଭ୍ରାମ୍ୟମାଣ ମୋବାଇଲ ପୋଲିସ୍ ଟିମ୍ ନିୟୋଜିତ ହେବାର ବ୍ୟବସ୍ଥା କରାଯାଇଥିବା ଏସ୍‌ଡିପିଓ ଓ ଆଇଆଇସି କହିଛନ୍ତି।

# ବାଲୁଗାଁ ଏନ୍‌ଏସିରେ ପ୍ରଚାର ଜୋରଦାର

**ବାଲୁଗାଁ,୨୧।୩(ଡି.ଏନ୍.ଏ.):** ବାଲୁଗାଁ ଏନ୍‌ଏସି ଅଞ୍ଚଳରେ ଭୋଟରଙ୍କୁ ମନାଇବା ପାଇଁ ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରତିଶ୍ରୁତି ଦେବା ସହ ପ୍ରଚାର ଚଳାଇଛନ୍ତି। ଏହି ଏନ୍‌ଏସିର ୧୧ଟି ୱାର୍ଡରୁ ୮ନମ୍ବର ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ ସୀତାରାମ ନାଗବଂଶୀ ମୁଣ୍ଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଆଉ ୧୦ଟି ୱାର୍ଡରେ ୨୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଅଧ୍ୟକ୍ଷା ପଦ ପାଇଁ ୬ଜଣ ପ୍ରାର୍ଥୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଅଧ୍ୟକ୍ଷା ପଦ ଲାଗି ଭାଜପା ଓ ବିଜେଡି ମଧ୍ୟରେ କଣ୍ଟା ମୁକାବିଲା ହେବ ବୋଲି ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ଚଳିତ ନିର୍ବାଚନରେ ବାଲୁଗାଁ ଏନ୍‌ଏସିରେ ଅଧ୍ୟକ୍ଷା ପଦ ସାଧାରଣ ମହିଳା ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ବିଜେଡିରୁ ସୁକାନ୍ତି ପାଇକରାୟ, ଭାଜପାରୁ ସ୍ୱପ୍ନା ବଡ଼ଜେନା, କଂଗ୍ରେସରୁ କମଳି ପ୍ରଧାନ ଏବଂ ସ୍ୱାଧୀନ ଭାବେ ରମାମଣି ବେହେରା, ରେଣୁ ବେହେରା, ଲକ୍ଷ୍ମୀପ୍ରିୟା ଗୁମାନ୍‌ସିଂ ନିର୍ବାଚନ ଲଢୁଛନ୍ତି। ବିଜେଡି ପ୍ରାର୍ଥୀ ପାଇକରାୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟ ଲୋକଙ୍କୁ ଜଣାଇବା ସହ ବିକାଶମୂଳକ କାର୍ଯ୍ୟ କରିବା ସଂକଳ୍ପ ନେଇ ଭୋଟ୍ ପାଇଁ ନିବେଦନ କରୁଛନ୍ତି।

ୱାର୍ଡ ନଂ.୬୦
ପେଟକୁ ଭାତ, ମଥାକୁ ଛାତ,
ମା'କୁ ମାନ, ଗାଁକୁ ପଥ, ହରିଛି ଦୁଃଖ,
ଦେଇଛି ସୁଖ, ସେ ଆମ ଶଙ୍ଖ,
ସେ ଆମ ଶଙ୍ଖ...
ଆପଣଙ୍କର କର୍ପୋରେଟର ପ୍ରାର୍ଥୀ
ବି.ଜେ.ଡି. ଆସିବ ୱାର୍ଡ ନଂ.୬୦ ରେ
ରାଜେନ୍ଦ୍ର ସମର୍ଥା (ବାବୁଲି)ଙ୍କୁ
'ଶଙ୍ଖ' ଚିହ୍ନରେ ମୋହର ମାରି ଜୟଯୁକ୍ତ କରାନ୍ତୁ
ନିର୍ବାଚନ ତାରିଖ : ୨୪.୦୩.୨୦୨୨, ସକାଳ ୬ ଟା ରୁ ସନ୍ଧ୍ୟା ୫ ଟା

ମୋ ୧୧ ନମ୍ବର ୱାର୍ଡର ସମସ୍ତ ଗୁରୁଜନ, ମା' ଓ ଭଉଣୀଙ୍କୁ ବିନମ୍ର ପ୍ରଣାମ। ଆସନ୍ତା ୨୪ ତାରିଖ ଦିନ ନିର୍ବାଚନ। ଏଣୁ ଆପଣ ଭାବିଚିନ୍ତି ଆପଣଙ୍କ ବହୁମୂଲ୍ୟ ମତାମତ ଉପଯୁକ୍ତ ପ୍ରାର୍ଥୀଙ୍କୁ ଦେଇ ଗର୍ବ ଅନୁଭବ କରନ୍ତୁ। କାରଣ ଆପଣଙ୍କ ଏହି ନିଷ୍ପତ୍ତି ଦିନକର ନୁହେଁ କି ମାସକର ନୁହେଁ, ଏହା ୫ବର୍ଷ ପାଇଁ। ମୋ ନିର୍ବାଚନୀ ଚିହ୍ନ 'ରେଡିଓ'।
କର୍ପୋରେଟର ପ୍ରାର୍ଥୀ
ଝୁନା କୁମାରୀ ପଟ୍ଟନାୟକ
ମୋତେ 'ରେଡିଓ' ଚିହ୍ନରେ ଭୋଟ୍ ଦେଇ ଜୟଯୁକ୍ତ କରାଇଲେ ଧନ୍ୟ ହେବି।

ନୂଆ ଆଶା, ନୂଆ ସମ୍ଭାବନା ସହିତ ପରିବର୍ତ୍ତନର ସ୍ୱର ନେଇ ଆପଣମାନଙ୍କ ସହଯୋଗ କାମନା କରୁଛି। ୱାର୍ଡର ବିକାଶ ପାଇଁ ମୁଁ ସର୍ବଦା ପ୍ରତିଶ୍ରୁତିବଦ୍ଧ। ତେଣୁ ଆପଣଙ୍କ ବହୁମୂଲ୍ୟ ଭୋଟ୍ ଦେଇ ମୋତେ ଜୟଯୁକ୍ତ କରାନ୍ତୁ।
କର୍ପୋରେଟର ପ୍ରାର୍ଥୀ
ମିନତୀ ବେହେରା
୪୧ ନମ୍ବର ୱାର୍ଡର ସର୍ବାଙ୍ଗୀନ ଉନ୍ନତି ପାଇଁ ସିପିଏମ୍ ସମର୍ଥିତ ସିପିଆଇ କର୍ପୋରେଟର ପ୍ରାର୍ଥୀ ମିନତୀ ବେହେରାଙ୍କୁ ଦା' ଧାନକେଣ୍ଡା ଚିହ୍ନରେ ଭୋଟ୍ ଦେଇ ବିଜୟୀ କରାନ୍ତୁ।

ଗିରିବାଳା ବେହେରା
ମେୟର ପ୍ରାର୍ଥିନୀ
କଟକ ସହରର ଐତିହ୍ୟ ଓ ସ୍ୱାଭିମାନକୁ ପ୍ରତିଷ୍ଠା କରିବା ପାଇଁ ଜଣେ ସ୍ୱାଧୀନଚେତା, ସାଲିସବିହୀନ ସଂଗ୍ରାମ କରି ଆସୁଥିବା ବ୍ୟକ୍ତିତ୍ୱର ଆବଶ୍ୟକତା ରହିଛି । ଐତିହାସିକ କଟକ ସହରକୁ ଦୀର୍ଘ ବର୍ଷ ଧରି ବିଜେଡ଼ି ସରକାର କରି ଆସିଥିବା ଉପେକ୍ଷାର ଅନ୍ତ ଘଟାଇ, ଦୁର୍ନୀତିର ମୂଳୋତ୍ପାଟନ କରି କଟକ ସହର ବିକାଶଧାରାର ହୃତ ଗୌରବକୁ ପ୍ରତିଷ୍ଠା କରିବା ସହ କଟକକୁ ସ୍ୱଚ୍ଛ ଓ ଆଦର୍ଶ ସହରରେ ପରିଣତ କରିବା ପାଇଁ ସମସ୍ତଙ୍କର ଅତିଆପଣାର କଂଗ୍ରେସ ଦଳର ଲଢୁଆ ମେୟର ପ୍ରାର୍ଥିନୀ ଗିରିବାଳା ବେହେରା ଏବଂ ସମସ୍ତ କର୍ପୋରେଟର ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାନ୍ତୁ।
ନିବେଦକ
ଇଂ. ମହମ୍ମଦ ମୋକିମ
ବିଧାୟକ, ବାରବାଟୀ-କଟକ

B.J.D.
ପ୍ରିୟ ଗୁରୁଜନ ତଥା ଭାଇ ଓ ଭଉଣୀ ମାନଙ୍କୁ ସାଦର ପ୍ରଣାମ। ୱାର୍ଡ ନଂ – ୧୧ ଭି.ଏସ୍.ଏସ୍ ନଗରକୁ ସଶକ୍ତ, ସୁଦୃଢ଼ ଓ ଆଦର୍ଶ ଅଞ୍ଚଳ ରୂପେ ଗଢ଼ିତୋଳିବା ପାଇଁ ଆପଣ ମାନଙ୍କ ଭି.ଏସ୍.ଏସ୍ ନଗର ଅଞ୍ଚଳର କର୍ପୋରେଟର ପ୍ରାର୍ଥିନୀ ହିସାବରେ ଆପଣଙ୍କର ଆଶୀର୍ବାଦ କାମନା କରୁଅଛି ।
ମୁଁ ନିମିତ୍ତ ମାତ୍ର
ଶଙ୍ଖ ଚିହ୍ନରେ ପ୍ରଭାସିନୀ ମହାନ୍ତି (ମିନୁ)ଙ୍କୁ ବିପୁଳ ମାତ୍ରାରେ ଭୋଟ୍ ଦେଇ ଜୟଯୁକ୍ତ କରାନ୍ତୁ ।
ଶଙ୍ଖ

ସମୟ ପରିବର୍ତ୍ତନର, ସମୟ ନୂଆ ନେତୃତ୍ୱର
୬୦ ନଂ. ୱାର୍ଡର ସମସ୍ତ ଗୁରୁଜନ, ଭାଇ ଓ ଭଉଣୀଙ୍କୁ ମୋର ବିନମ୍ର ପ୍ରଣାମ। ଆପଣଙ୍କ ସହଯୋଗ ଓ ଆଶୀର୍ବାଦ ମିଳିଲେ ଏହି ୱାର୍ଡକୁ ସବୁକ୍ଷେତ୍ରରେ ନଂ.୧ କରିପାରିବି। ତେଣୁ ଚଳିତ ନିର୍ବାଚନରେ ଆପଣଙ୍କ ଆଶୀର୍ବାଦ ମୋ ପାଇଁ ସବୁଠୁ ବଡ଼ ଶକ୍ତି ପାଲଟିବ। ୱାର୍ଡରେ ଦୀର୍ଘଦିନ ଧରି ଲାଗି ରହିଥିବା ଡ୍ରେନେଜ୍, ସ୍ୱେରେଜ ଏବଂ ପରିମଳ ବ୍ୟବସ୍ଥାକୁ ସୁଧାରିବା ସହିତ ୱାର୍ଡବାସୀଙ୍କୁ ହସ୍ପିଟାଲର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦେବା ମୋର ପ୍ରାଥମିକ ଲକ୍ଷ୍ୟ।
କର୍ପୋରେଟର ପ୍ରାର୍ଥୀ
୬୦ ନମ୍ବର ୱାର୍ଡର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱାଧୀନ ପ୍ରାର୍ଥୀ
ଚନ୍ଦ୍ରଶେଖର ମଲ୍ଲିଆ (କାପୁ)ଙ୍କୁ ସାଇକେଲ ଚିହ୍ନରେ ଭୋଟ୍ ଦେଇ ବିପୁଳ ମାତ୍ରାରେ ଜୟଯୁକ୍ତ କରାନ୍ତୁ।

କଥାରେ ନୁହେଁ, କାମରେ ବିଶ୍ୱାସ କରେ
ୱାର୍ଡ ନଂ. ୬୩ର ଉନ୍ନତି ମୋର ସଂକଳ୍ପ। ଏଥିପାଇଁ ଆପଣମାନଙ୍କ ସହଯୋଗ ଏକାନ୍ତ ଆବଶ୍ୟକ। ତେଣୁ ୱାର୍ଡର ସମସ୍ତ ବାସିନ୍ଦାଙ୍କୁ ମୋର ବିନମ୍ର ନିବେଦନ ଯେ, ଆପଣମାନେ ମୋତେ ପୂର୍ଣ୍ଣମାତ୍ରାରେ ସହଯୋଗ କରନ୍ତୁ। ଆପଣଙ୍କ ବିଶ୍ୱାସ, ମୋର ଶକ୍ତି।
କର୍ପୋରେଟର ପ୍ରାର୍ଥୀ
ରୁନୁ ଜେନା
ବିଜେଡି କର୍ପୋରେଟର ପ୍ରାର୍ଥୀ ରୁନୁ ଜେନାଙ୍କୁ 'ଶଙ୍ଖ' ଚିହ୍ନରେ ଭୋଟ୍ ଦେଇ ଜୟଯୁକ୍ତ କରାନ୍ତୁ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଦ ଓଡ଼ିଶା ଷ୍ଟେଟ୍ ସ୍କାଉଟସ୍ ଆଣ୍ଡ ଗାଇଡସ୍ ପକ୍ଷରୁ 'ପ୍ରତୀକ୍ଷା-୨', ଷ୍ଟେଟ୍ ହେଡ୍‌କ୍ୱାର୍ଟର, ୟୁନିଟ୍-୩, ଅପରାହ୍ନ ୪ଟା ୩୦।
- ୧୮ତମ ଧଉଳି କଳିଙ୍ଗ ମହୋତ୍ସବ, ଶାନ୍ତି ବିହାର, ଧଉଳି ପାଦଦେଶ, ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ୨୪ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

## ସଂକ୍ଷେପରେ

### ନିଖୋଜ ନାବାଳକଙ୍କ ମୃତଦେହ କୁଆଖାଇରୁ ମିଳିଲା

#### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଭୁବନେଶ୍ୱର,୨୧।୩(ବ୍ୟୁରୋ):** ଦୁଇଦିନ ତଳେ ନିଖୋଜ ଥିବା ନାବାଳକଙ୍କ ମୃତଦେହକୁ କୁଆଖାଇ ନଦୀରୁ ଜବତ କରିଛି ଶହୀଦନଗର ଥାନା ପୋଲିସ। ମୃତ ନାବାଳକ ହେଲେ ମହିଷାଖାଲ ଅଞ୍ଚଳର ଆଲୋକ ଜେନା (୧୬)। ମୃତ୍ୟୁର କାରଣ ଜଣାପଡିନଥିବା ବେଳେ ପୁଅକୁ ମାରି ନଦୀରେ ଫିଙ୍ଗି ଦିଆଯାଇଥିବା ତାଙ୍କ ପରିବାର ଲୋକେ ବଡଗଡ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ହୋଲି ଦିନ ଆଲୋକ ରଙ୍ଗ ଖେଳିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ପାଇ ନ ଥିଲେ। ଗତ ୧୯ ତାରିଖ ଦିନ ବଡଗଡ ଥାନାରେ ପୁଅ ନିଖୋଜ ଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏନେଇ ବଡଗଡ ଥାନା ପୋଲିସ ଏକ ମାମଲା (ନଂ.୯୮/୨୨) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସୋମବାର ସକାଳୁ କୁଆଖାଇ ନଦୀ କୂଳରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଶହୀଦନଗର ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏନେଇ ଶହୀଦନଗ ନଗର ଥାନା ପୋଲିସ ମଧ୍ୟ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ସୂଚନା ଅଧିକାର କର୍ମୀଙ୍କୁ ଆକ୍ରମଣ

**ଅସ୍ତରଙ୍ଗ,୨୧।୩(ଡି.ଏନ୍.ଏ.):** ତାଳଦା ପଞ୍ଚାୟତ କୂଳସାହିର ସୂଚନା କର୍ମୀ ରାକେଶ ପଡ଼ିଆରୀଙ୍କୁ ରବିବାର ଦୁଇଜଣ କୌଣସି କାରଣକୁ ନେଇ ଆକ୍ରମଣ କରିବା ଓ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥିବା ନେଇ ଅସ୍ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮୫/୨୨)ରେ ଆର୍ମ ଆକ୍ଟ ସହ ବିଭିନ୍ନ ଦଫା ଲଗାଇ ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଦୁଇଜଣ ଯୁବକ ରାତିରେ ହଠାତ୍ ରାକେଶଙ୍କ ଘର ନିକଟକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ରାକେଶ ନୀରବ ରହିବାରୁ ସେମାନେ ପଳାଇଥିଲେ। କିନ୍ତୁ ରାତି ସାଢେ ୧୧ଟାରେ ପୁଣି ଆସି ତାଙ୍କ କବାଟ ବାଡେଇ ଘରୁ ରାକେଶଙ୍କୁ ଟାଣି ନେଇ ମାଡ଼ ମାରିଥିଲେ। ଏପରିକି ଜଣେ ଦୁର୍ବୃତ୍ତ ନିଜ ପକେଟରୁ ବନ୍ଧୁକ ବାହାର କରି ରାକେଶଙ୍କୁ ଧମକ ଦେଇଥିଲେ। ପରେ ଏ ସମ୍ପର୍କରେ ରାକେଶ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଜନୈକ ବ୍ୟକ୍ତିଙ୍କୁ ଭୋଟ ନ ଦେବା ଓ ସୂଚନା ଅଧିକାରରେ ତଥ୍ୟ ମାଗିବା କାରଣକୁ ନେଇ ଏହି ଆକ୍ରମଣ ହୋଇଥିବା ରାକେଶ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ଶ୍ରୀମନ୍ଦିର ନାଟମଣ୍ଡପରେ ଫାଟ

**ପୁରୀ ଅଫିସ,୨୧।୩**

ଶ୍ରୀମନ୍ଦିର ନାଟମଣ୍ଡପରେ ଫାଟ ହୋଇଛି। ସୋମବାର ନାଟମଣ୍ଡପ କାନ୍ଥରେ ୪ଟି ଫାଟ ଦେଖିବାକୁ ମିଳିଛି। ଏଥିମଧ୍ୟରେ ୩ଟି ଛୋଟ ଓ ଗୋଟିଏ ବଡ଼ ଫାଟ ରହିଛି। ବଡ଼ଫାଟର ଲମ୍ବ ୨ଫୁଟ୍‌ରୁ ଅଢ଼େଇ ଫୁଟ୍ ହୋଇଥିବାବେଳେ ଓସାର ୧ଫୁଟ୍‌ରୁ ଅଧିକ ରହିଛି। ରଥଯାତ୍ରା ସମୟରେ ନାଟମଣ୍ଡପ ମରାମତି କରାଯାଇଥିଲା। କ୍ଲାମ୍ପ ଯୋଗେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଦ୍ୱାରା ମରାମତି କାର୍ଯ୍ୟ ହୋଇଥିଲା। ମାତ୍ର କ୍ଲାମ୍ପ ଚାପରେ ଏବେ ପୁଣି ଫାଟ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। କ୍ରମଶଃ ଫାଟ ବଢ଼ିବା ଆଶଙ୍କା ଦେଖାଦେଇଛି। ଏଭଳି ସ୍ଥିତିରେ ଏହାକୁ ତୁରନ୍ତ ମରାମତି କରାଯିବା ଉଚିତ



ବୋଲି ଜଗନ୍ନାଥପ୍ରେମୀ ମତ ଦେଇଛନ୍ତି।

ଶ୍ରୀମନ୍ଦିରର ଜଣେ ସେବାୟତଙ୍କ କହିବା ଅନୁଯାୟୀ, ଅନେକ ସ୍ଥାନରେ ଫାଟ ହୋଇଛି। ଜଗମୋହନ ସମେତ ନାଟମଣ୍ଡପର ମଧ୍ୟ ମରାମତି ଆବଶ୍ୟକ। ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ

### ମରାମତି ପାଇଁ ସାଧାରଣରେ ଦାବି

ଏନେଇ ତତ୍ପରତା ଦେଖାଉନାହାନ୍ତି। ସେହିପରି ଆଇନଜୀବୀ ଶରତ କୁମାର ରାୟଗୁରୁ କହିଛନ୍ତି, ଗୋଟିଏ ପଟେ ୮ଶହ ବର୍ଷର ପୁରୁଣା ମନ୍ଦିର ଭିତ୍ତିଭୂମିରେ ଫାଟ ଦେଖାଯାଉଥିବାବେଳେ ପ୍ରଶାସନ ମରାମତି ଲାଗି ପଦକ୍ଷେପ ନେବା ପରିବର୍ତ୍ତେ ପରିକ୍ରମା ପ୍ରକଳ୍ପ ନାମରେ ଖନନ କରିବାରେ ବ୍ୟସ୍ତ ରହିଛି। ବଡ଼ଧରଣର ଖନନ କାର୍ଯ୍ୟ କରାଯାଉଛି, ଯାହା ଆଗାମୀ ଦିନରେ ଶ୍ରୀମନ୍ଦିରର ଅନ୍ୟ ଭିତ୍ତିଭୂମିକୁ ପ୍ରଭାବିତ କରିବ ବୋଲି ଆଶଙ୍କା ସୃଷ୍ଟି ହେଲାଣି। ନାଟମଣ୍ଡପ ଫାଟ ସ୍ପଷ୍ଟ ଭାବେ ଦିଶୁଥିଲେ ମଧ୍ୟ ଏଥିପ୍ରତି କାହାରି ଧ୍ୟାନ ନାହିଁ। ତେଣୁ ପ୍ରଶାସନ ଶ୍ରୀମନ୍ଦିର ସୁରକ୍ଷାକୁ ଗୁରୁତ୍ୱର ସହ ନେଉଥିବା ମନେ ହେଉନାହିଁ। ଫାଟ ମରାମତି ଦିଗରେ ପ୍ରଶାସନ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସ୍ଥିତି ଆହୁରି ଖରାପ ହେବ ବୋଲି ରାୟଗୁରୁ କହିଛନ୍ତି। ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ଶ୍ରୀମନ୍ଦିର ୮ଶହ ବର୍ଷର ପୁରୁଣା ମନ୍ଦିର ହୋଇଥିବାରୁ ଭିତ୍ତିଭୂମି ସାମାନ୍ୟ ଦୁର୍ବଳ ହେବାରେ ଲାଗିଛି। ନାଟମଣ୍ଡପ, ଜଗମୋହନ ଓ ଶ୍ରୀମନ୍ଦିର ଭିତରଭଣ୍ଡାର ସ୍ଥିତି ଦୁର୍ବଳ ଥିବାବେଳେ ମନ୍ଦିରର ବିଭିନ୍ନ ସ୍ଥାନରେ ଫାଟ ଦେଖିବାକୁ ମିଳିଲାଣି। ରାଜ୍ୟ ସରକାର ଶ୍ରୀମନ୍ଦିର ସୁରକ୍ଷାକୁ ପ୍ରାଥମିକତା ଦେଇ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ କରିବା ଦରକାର। ଅନ୍ୟପକ୍ଷରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ମହାପ୍ରଭୁଙ୍କୁ ଦର୍ଶନ କଲେ କପିଲ



ମହାପ୍ରଭୁଙ୍କ ଦର୍ଶନ ସାରି କମେଡ଼ି କିଙ୍ଗ୍ କପିଲ ଶର୍ମା ଶ୍ରୀମନ୍ଦିରରୁ ଫେରୁଛନ୍ତି।

**ପୁରୀ ଅଫିସ, ୨୧।୩**

କମେଡ଼ି କିଙ୍ଗ୍ ଭାବେ ପରିଚିତ ହାସ୍ୟ ଅଭିନେତା କପିଲ ଶର୍ମା ସୋମବାର ସନ୍ଧ୍ୟାରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତାଙ୍କୁ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। କପିଲ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ଭିତର କାଠ ନିକଟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢାରେ ଥିବା ମା' ମହାଲକ୍ଷ୍ମୀ, ମା' ବିମଳାଙ୍କ ସମେତ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରିବା ପରେ ସିଂହଦ୍ୱାର ଦେଇ ଫେରିଥିଲେ। ସେ ପ୍ରଥମ ଥର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ପରମ ଶାନ୍ତି ଅନୁଭବ କରୁଥିବା କପିଲ କହିଛନ୍ତି। ଶ୍ରୀମନ୍ଦିର ସେବାୟତମାନଙ୍କ ପକ୍ଷରୁ ତାଙ୍କୁ ମହାପ୍ରସାଦ, ଫୁଲ, ତୁଳସୀ ଏବଂ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ତେବେ ଦର୍ଶନ ସାରି ଫେରିବା ପରେ କପିଲ ହଠାତ୍ ସିଂହଦ୍ୱାର ନିକଟରେ ଦୌଡ଼ିଥିଲେ। ଫଳରେ ସୁରକ୍ଷା କର୍ମୀମାନେ ତାଙ୍କୁ ଚାରିପାଖରୁ ଘେରିଯାଇଥିଲେ। ସେହିପରି କପିଲଙ୍କ ସହ ଅନେକ ସେବାୟତ ଓ ଭକ୍ତ ସେଲ୍ଫି ନେଉଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ସମ୍ପ୍ରତି ଏକ ହିନ୍ଦୀ ଚଳଚ୍ଚିତ୍ରରେ ଶୁଟିଂ ପାଇଁ କପିଲ ଓଡ଼ିଶା ଆସି ଭୁବନେଶ୍ୱରରେ ଅବସ୍ଥାନ କରୁଛନ୍ତି।

### ପିପିଲିରେ ନିର୍ବାଚନୀ ହିଂସା

# କଂଗ୍ରେସ କ୍ୟାମ୍ପକୁ ପୋଡ଼ିଦେଲେ

**ପିପିଲି,୨୧।୩(ସ୍ୱ.ପ୍ର.)**

ପୌର ନିର୍ବାଚନକୁ ଆଉ ଦିନ କେଇଟା ପରେ ହେବାକୁ ଥିବାବେଳେ ପିପିଲିରେ ଦେଖାଦେଇଛି ନିର୍ବାଚନୀ ହିଂସା। ପିପିଲି ପୌରାଞ୍ଚଳର ୭ନଂ. ୱାର୍ଡରେ ନିର୍ବାଚନ ପ୍ରଚାର ପାଇଁ ହୋଇଥିବା କଂଗ୍ରେସ ଦଳର କ୍ୟାମ୍ପ ଅଫିସକୁ ରବିବାର ବିଳମ୍ବିତ ରାତିରେ କେହି ନିଆଁ ଲଗାଇ ପୋଡିଦେଇଛନ୍ତି। ତେବେ ସ୍ଥାନୀୟ ଲୋକମାନେ ସୋମବାର ଭୋରୁ ଉଠି କଂଗ୍ରେସ କ୍ୟାମ୍ପ ପୋଡିଥିବାର ଦେଖି ଏନ୍‌ଏସି କଂଗ୍ରେସର ପୌରାଧ୍ୟକ୍ଷ ପ୍ରାର୍ଥୀ ଗୁଣନିଧି ପ୍ରଧାନ ଓ ଅନ୍ୟ ବରିଷ୍ଠ କର୍ମୀମାନଙ୍କୁ ଜଣାଇଥିଲେ। ଖବରପାଇ ଗୁଣନିଧି ଘଟଣାସ୍ଥଳରେ ପହଞ୍ଚି କର୍ମୀମାନଙ୍କଠାରୁ ସବୁ ବୁଝିବା ପରେ ଏ ନେଇ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ





ପୋଡ଼ିଯାଇଥିବା କଂଗ୍ରେସ କ୍ୟାମ୍ପ।

ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସେପଟେ ଏନ୍‌ଏସିରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର ହେଉଥିବା ବେଳେ ଲୋକପ୍ରିୟତା ବଢୁଥିବାରୁ ବିରୋଧୀ ଦଳର କର୍ମୀମାନେ ଏଭଳି ହୀନ କାର୍ଯ୍ୟ ଭିଆଇଥିବା ଗୁଣନିଧି ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାକୁ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର ନିନ୍ଦା କରିବା ସହ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

### ଦଶମ ଏଫ୍‌ଏ-୩ ଓ ୪ ପରୀକ୍ଷାର ମାର୍କ ଅପ୍‌ଲୋଡ ପ୍ରକ୍ରିୟା ଆରମ୍ଭ

**କଟକ ଅଫିସ,୨୧।୩**

ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଫର୍ମେଟିଭ ଆସେସମେଣ୍ଟ (ଏଫଏ) ପରୀକ୍ଷାର ମାର୍କ ଅପଲୋଡ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ସମସ୍ତ ମେଣ୍ଟର ସ୍କୁଲର ପ୍ରଧାନ ଶିକ୍ଷକମାନେ ମାର୍କ ଅପଲୋଡ କରିପାରିବେ। ଏଫ୍‌ଏ-୩ ଓ ୪ ପରୀକ୍ଷାରେ ଛାତ୍ରୀଛାତ୍ରମାନେ ରଖିଥିବା ମାର୍କକୁ ମାଟ୍ରିକ ପରୀକ୍ଷା ମୂଲ୍ୟାୟନ ସମୟରେ ବିଚାରକୁ ନିଆଯିବ। ବୋର୍ଡ ପକ୍ଷରୁ ଲିଙ୍କ୍ ପ୍ରଦାନ କରାଯାଇଥିବା ବେଳେ ଆସନ୍ତା ୨୬ ତାରିଖ ସୁଦ୍ଧା ମାର୍କ ଅପଲୋଡ ପ୍ରକ୍ରିୟା ଶେଷ ହେବ। ସମସ୍ତ ମେଣ୍ଟର ସ୍କୁଲର ପ୍ରଧାନଶିକ୍ଷକମାନେ ମାର୍କ ଅପ୍‌ଲୋଡ୍ କରିବା ପୂର୍ବରୁ ବୋର୍ଡ ତରଫରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିଙ୍କୁ ଅନୁସରଣ କରିବାକୁ କୁହାଯାଇଛି। ଯଦ୍ୱାରା କେଉଁ ସ୍କୁଲ ମେଣ୍ଟର ସ୍କୁଲ ଭାବେ ଚୟନ କରାଯାଇଛି ତାହା ଜଣାପଡିବ। ସୂଚନାଥାଉକି, ଏଫ୍‌ଏରେ ସର୍ବାଧିକ ୨୦ ମାର୍କରୁ ଛାତ୍ରୀଛାତ୍ରମାନେ ପରୀକ୍ଷାରେ କେତେ ମାର୍କ ରଖିଛନ୍ତି ତାହା ଅପଲୋଡ କରାଯିବ। ମାର୍କ ଅପଲୋଡ ସମୟରେ ପ୍ରଧାନ ଶିକ୍ଷକମାନେ ସ୍କୁଲର ଟାବ୍ୟୁଲେଶନ ରେଜିଷ୍ଟର(ଟିଆର)କୁ ସଂଲଗ୍ନ କରିବେ। ଛାତ୍ରୀଛାତ୍ରଙ୍କ ଠିକ୍ ମାର୍କ ଅପଲୋଡ କରାଯାଇଛି କି ନାହିଁ ତାହା ସମ୍ପୃକ୍ତ ଜିଲାର ଶିକ୍ଷା ଅଧିକାରୀ ଏବଂ ମେଣ୍ଟର ସ୍କୁଲ ଯାଞ୍ଚ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମାର୍କ ଅପଲୋଡ ସମୟରେ ପ୍ରତି ସ୍କୁଲର ପ୍ରଧାନଶିକ୍ଷକମାନେ ଉପସ୍ଥିତ ରହିବା ବାଧ୍ୟତାମୂଳକ।

### ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

**ବାରଙ୍ଗ,୨୧।୩(ଡି.ଏନ୍.ଏ.)**

ନରାଜ ରେଳ ଓଭରବ୍ରିଜ୍ ନିକଟ ମହାନଦୀରୁ ସୋମବାର ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ବୟସ ପ୍ରାୟ ୩୦ ବର୍ଷ ହେବ। ସେ ଏକ ଗୋଲାପୀ ରଙ୍ଗର ଗଞ୍ଜି, କଳା ରଙ୍ଗର ପ୍ୟାଣ୍ଟ, ବାମ ହାତରେ ଏକ ତ୍ରିଶୂଳ ଚିତା ଚିହ୍ନ, ଘଣ୍ଟା ଓ ରବର ଫିତା, ଡାହାଣ ହାତରେ ଏକ ପିତଳ ବଳା ପିନ୍ଧିବା ସହିତ କଳା ଲାଲ ରଙ୍ଗର ଜୋତା ପିନ୍ଧିଥିଲେ। ମୃତକଙ୍କ ପରିଚୟ ମିଳି ନ ଥିବାରୁ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ମେଡିକାଲକୁ ପଠାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୌମ୍ୟ



@ ସୌମ୍ୟ



@ ପ୍ରଶାନ୍ତ



@ ଚନ୍ଦ୍ରକାନ୍ତ



@ ଆକାଶ



@ ପ୍ରଭାସ

### କର୍ପୋରେଟର ପ୍ରାର୍ଥୀଙ୍କୁ ଦାଦାବଟି ମାଗି ୨ ଗିରଫ

**ଭୁବନେଶ୍ୱର,୨୧।୩(ବ୍ୟୁରୋ)**

ଜଣେ କର୍ପୋରେଟର ପ୍ରାର୍ଥୀଙ୍କୁ ଦାଦା ବଟି ମାଗିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜୟଦେବ ନଗର ଭୋଇ ସାହିର ସୋମନାଥ ଓରଫ କୁନା (୨୮) ଓ ବିଜେବି ନଗରରେ ରହୁଥିବା ଲିଟୁନା ସ୍ୱାଇଁ (୨୮)। ସେମାନଙ୍କଠାରୁ ଗୋଟିଏ ବୁଲେଟ ମୋଟରସାଇକେଲ ଜବତ କରାଯାଇଛି। ସୂଚନାନୁଯାୟୀ, ଚଳିତ ନିର୍ବାଚନରେ ୫୫ ନମ୍ବର ୱାର୍ଡରେ କର୍ପୋରେଟର ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ନୁପେଶ କୁମାର ନାୟକ। ସୋମବାର ଅଭିଯୁକ୍ତ ଦ୍ୱୟ ତାଙ୍କ ବାସଭବନରେ ବଳପୂର୍ବକ ପଶି ୨ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ନୁପେଶ ଟଙ୍କା ନ ଦେବାରୁ ଅଭିଯୁକ୍ତ ଦ୍ୱୟ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା ନଂ.୭୪/୨୨ ରେ ମାମଲା ରୁଜୁ କରିଛି।



ଶତାବ୍ଦୀର କଳାକାର ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୨୪ତମ କଳିଙ୍ଗ ନାଟ୍ୟ ମହୋତ୍ସବର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ମିଷ୍ଟର ରାଇଟ୍'ର ଏକ ଦୃଶ୍ୟ।



ବିଶ୍ୱ ବନ ଦିବସ ପାଳନ ଅବସରରେ ସୋମବାର ଖୋର୍ଦ୍ଧା ଡିଏଫ୍‌ଓ କାର୍ଯ୍ୟାଳୟରେ ବନ ସୁରକ୍ଷା ନେଇ ବାର୍ତ୍ତା ଦିଆଯାଉଛି।





ଗୁରୁ ଦେବ ପ୍ରସାଦ ଦାସ ଓଡ଼ିଶୀ ନୃତ୍ୟ ପରିବାର ପକ୍ଷରୁ ସୋମବାର ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ଆୟୋଜିତ ନୃତ୍ୟ ଆସରରେ ଶିଳ୍ପୀ ଶୁଭଶ୍ରୀ ମହାପାତ୍ରଙ୍କ ନୃତ୍ୟ ପରିବେଷଣ।

## ସ୍ୱଦେଶୀ ସ୍ମାର୍ଟଫୋନ ରପ୍ତାନି କଲା ଆପଲ୍

ନୂଆଦିଲ୍ଲୀ: ପ୍ରିମିୟମ୍ ସ୍ମାର୍ଟଫୋନ ନିର୍ମାତା 'ଆପଲ୍' ପକ୍ଷରୁ ଭାରତ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଜରିଆରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରାଯାଇଥିବା ପ୍ରାୟ ୧୦,୦୦୦ କୋଟି ଟଙ୍କାର ସ୍ମାର୍ଟଫୋନ କମ୍ପାନୀ ଆମେରିକାକୁ ରପ୍ତାନି କରିଛି। ନିକଟରେ କେନ୍ଦ୍ର ସରକାରଙ୍କ ବହୁମୁଖୀ ପଦକ୍ଷେପ ପ୍ରଡକ୍ସନ୍ ଲିଙ୍କଡ ଇନ୍ସେନ୍‌ଟିଭ୍ (ପିଏଲ୍ଆଇ) ଯୋଜନା ଜରିଆରେ ଘରୋଇ ଉତ୍ପାଦଗୁଡ଼ିକୁ ଅଭିବୃଦ୍ଧି କରାଇବା ସହ ସ୍ୱଦେଶୀ ଉତ୍ପାଦର ଚାହିଦା ବଢ଼ାଉଛି। ସୂଚନାଯୋଗ୍ୟ, ପେଗାଟ୍ରନ୍ ଆପଲ୍‌ର ତୃତୀୟ ପ୍ରଡକ୍ସନ କମ୍ପାନୀ ଭାବେ ପିଏଲ୍ଆଇ ସ୍କିମ୍ ଜରିଆରେ ଏହାକୁ ଚୟନ କରାଯାଇଛି।

## ସଂକ୍ଷେପରେ

### ଆର୍‌ଜୁର 'ଫାଲ୍‌କନ୍' ପ୍ଲାଟଫର୍ମ ଶୁଭାରମ୍ଭ

ନୂଆଦିଲ୍ଲୀ,୨୧।୩ : ଦେଶର ଅଗ୍ରଣୀ ବି୨ବି ରିଟେଲ ପ୍ଲାଟଫର୍ମ ଆର୍‌ଜୁ ପକ୍ଷରୁ ଏହାର ବିକ୍ରେତାମାନଙ୍କ ଲାଗି ଏକ ମାର୍କେଟପ୍ଲେସ୍ ପ୍ଲାଟଫର୍ମ ଫାଲ୍‌କନର ଶୁଭାରମ୍ଭ କରାଯାଇଛି। ଏହି ନୂତନ ଉତ୍ପାଦକୁ ଏଭଳି ଭାବେ ବିକଶିତ କରାଯାଇଛି, ଯାହାଦ୍ୱାରା ୫୦୦୦ରୁ ଅଧିକ କଞ୍ଜ୍ୟୁମର ଡ୍ୟୁରେବଲ୍ ପ୍ଲାଟଫର୍ମ ପାଖରେ ପହଞ୍ଚିପାରିବ। ଏ ସମ୍ପର୍କରେ ଆରଜୁର ସହ ପ୍ରତିଷ୍ଠାତା ଓ ସିଇଓ, ଖୁସନୁଦ ଖାନ କହିଛନ୍ତି,ରିଟେଲ୍ ଷ୍ଟୋର୍‌ଗୁଡ଼ିକୁ ଆଗକୁ ବଢ଼ାଇବା ଏବଂ ଏକ ବୃହତ ରିଟେଲର ବ୍ୟବସ୍ଥାଙ୍କ ପାଖରେ ଅଭିବୃଦ୍ଧିର ସଫଳ କାହାଣୀଗୁଡ଼ିକୁ ପହଞ୍ଚାଇବା ଉପରେ ଆମେ ବିଗତ କିଛି ବର୍ଷ ହେଲାଣି ଗୁରୁତ୍ୱ ଦେଉଛୁ।

### ଆଇସିସି ଓଡ଼ିଶା ଶାଖାର ବିବିଧ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୨୧।୩ : ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ଓଡ଼ିଶା ଶାଖା ପକ୍ଷରୁ ନିକଟରେ ଏହାର ବାର୍ଷିକ ଉତ୍ସବ ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର ସଭାପତି ପ୍ରଦୀପ ସୁରେଖା ଏବଂ ଡାଇରେକ୍ଟର ଜେନେରାଲ ଡକ୍ଟର ରାଜୀବ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର ଅଧକ୍ଷ ଜେ.ବି. ପାଣି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସର୍ବସମ୍ମତି କ୍ରମେ ଡକ୍ଟର ଚିଦାତ୍ମିକା ଖଟୁଆଙ୍କୁ ଚଳିତ ବର୍ଷ ପାଇଁ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର ଶିକ୍ଷା ଉଦ୍ୟୋକ୍ତା ଭାବେ ଘୋଷଣା କରାଯାଇଥିଲା । ଏହା ପୂର୍ବରୁ ସ୍ୱର୍ଗତ ବିଜୟ ସାହୁ, ଚେୟାରମ୍ୟାନ 'ମୋ ସ୍କୁଲ' ଏହାର କାର୍ଯ୍ୟଭାର ତୁଲାଉଥିଲେ ।
ପରିଶେଷରେ ଅନୁଷ୍ଠାନର ସହ ଅଧକ୍ଷ ଏମ୍.କେ. ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିବା ବେଳେ ଶିକ୍ଷା ଓ କୃଷିକୁ ନେଇ ବିଭିନ୍ନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।

# ଭଲ ସ୍ଥିତିରେ ଭାରତୀୟ ଅର୍ଥ ବ୍ୟବସ୍ଥା

### ସିଆଇଆଇ ସମ୍ମିଳନୀରେ ଶକ୍ତିକାନ୍ତଙ୍କ ଅଭିଭାଷଣ

ନୂଆଦିଲ୍ଲୀ,୨୧।୩



ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ

କୋଭିଡ୍ ମହାମାରୀ ସାଙ୍ଗକୁ ଅଶୋଧିତ ତୈଳ ଦର ବୃଦ୍ଧି ଭାରତ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଛି। ସେହିଭଳି ପରିବା ହାଟରୁ ପରିବହନ ଏପରିକି ଅତ୍ୟାବଶ୍ୟକ ସାମଗ୍ରୀ ଓ ଉତ୍ପାଦଗୁଡ଼ିକର ଦର ବୃଦ୍ଧି ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ସମୟରେ ବିଭିନ୍ନ ଚ୍ୟାଲେଞ୍ଜ ମଧ ଦେଇ ଗତି କରୁଛି। ଏଭଳି ସ୍ଥିତିରେ ଦେଶର ଅର୍ଥ ବ୍ୟବସ୍ଥାକୁ ସମ୍ଭାଳିବା ପାଇଁ ଆମେ ଯଥା ସମ୍ଭବ ପ୍ରୟାସ ଓ ସାହାଯ୍ୟ ଯୋଗାଇ ଦେଉଛୁ ବୋଲି ସୋମବାର ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ)ଗଭର୍ନର ଶକ୍ତିକାନ୍ତ ଦାସ ମତବ୍ୟକ୍ତ କରିଛନ୍ତି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଶଶିକାନ୍ତ କହିଛନ୍ତି, ୨୦୨୦ ମାର୍ଚ୍ଚରୁ କୋଭିଡ୍ ପ୍ରବେଶ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ବହୁସମସ୍ୟା ଦେଇ ଗତି କରୁଛି। ଏପରିକି ବର୍ତ୍ତମାନ ସୁଦ୍ଧା ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ମଧ ସରକାରଙ୍କୁ ପ୍ରଦାନ କରାଯାଇଛି। ଦେଶର ଅର୍ଥବ୍ୟବସ୍ଥାରେ ପର୍ଯ୍ୟାପ୍ତ ଅର୍ଥ ଥିବା ସମ୍ପର୍କରେ ସୁନିଶ୍ଚିତ କରିବାକୁ ସର୍ବଦା ଚେଷ୍ଟା କରିଆସିଥିବା କଥା ମଧ ସେ କହିଛନ୍ତି। ପୁଞ୍ଜି ପର୍ଯ୍ୟାପ୍ତ ଅନୁପାତ ୧୬% ତଥା ଅଦରକାରୀ ସମ୍ପତ୍ତି (ଏନ୍‌ପିଏ) ୬.୫%ରୁ ତଳସ୍ତରରେ ଥିବା କାରଣରୁ ବର୍ତ୍ତମାନ ବ୍ୟାଙ୍କ୍‌ଗୁଡ଼ିକର ସ୍ଥିତି ଭଲ ରହିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସତ୍ତ୍ୱେ ବିଦେଶୀ ମୁଦ୍ରା ଭଣ୍ଡାର ଏବଂ ଚାଲୁରହିଥିବା ଆକାଉଣ୍ଟରେ କମ୍ କ୍ଷତି ଘଟିଛି। ତେଣୁ ଦେଶର ଅର୍ଥବ୍ୟବସ୍ଥା ଭଲ ସ୍ଥିତିରେ ରହିଛି। କୌଣସି ପ୍ରକାର ଆର୍ଥିକ ଆହ୍ୱାନକୁ ଅତିକ୍ରମ କରିବାକୁ ଆମେ ପ୍ରସ୍ତୁତ ବୋଲି ଆର୍‌ବିଆଇ ଗଭର୍ନର ଦାସ କହିଛନ୍ତି। ସେହିପରି କେନ୍ଦ୍ରୀୟ ବ୍ୟାଙ୍କ ଦେଶର ଅର୍ଥନୀତିକୁ ମଜଭୁତ କରିବା ପାଇଁ ପର୍ଯ୍ୟାପ୍ତ ନଗଦକୁ ସୁନିଶ୍ଚିତ କରିବା ସହ ଦେଶର ଅର୍ଥବ୍ୟବସ୍ଥା ବର୍ତ୍ତମାନ ସମୟରେ ତୈଳ ଦର ବୃଦ୍ଧି ଏବଂ ପ୍ରମୁଖ ଅତ୍ୟାବଶ୍ୟକ ସାମଗ୍ରୀ ଓ ବସ୍ତୁଗୁଡିକର ମୂଲ୍ୟ ବୃଦ୍ଧି ସହ ଅନ୍ୟ ସମସ୍ୟାର ମୁକାବିଲା କରୁଛି।

# ସିବିଆଇ ପକ୍ଷରୁ ମୁଦ୍ରା ମେଳା




ଭୁବନେଶ୍ୱର,୨୧।୩

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ)ର ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ସୋମବାର ଏକ ମୁଦ୍ରା ମେଳାର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଓଡ଼ିଶା ଶାଖା ମହାପ୍ରବନ୍ଧକ କେଶବ କୋରକୋରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିବିଆଇର ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ପ୍ରଦୀପ କୁମାର ସାମନ୍ତରାୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବ୍ୟାଙ୍କ ଗ୍ରାହକମାନଙ୍କ ମଧ୍ୟରେ ମୁଦ୍ରା ବାଣ୍ଟିବା ସହ ମୁଦ୍ରା ବ୍ୟବହାରର ସୁବିଧା ଉପରେ କୋରକୋରା ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ମିହିର ତ୍ରିପାଠୀ ଉକ୍ତ ମେଳାର ପରିଚାଳନା ଭାର ଗ୍ରହଣ କରିଥିଲେ। ସେହିପରି ଜଟଣୀ କରେନ୍ସି ଚେଷ୍ଟର ବରିଷ୍ଠ ପ୍ରବନ୍ଧକ ପି.କେ ସାହୁ ଉପସ୍ଥିତ ଅତିଥି ଓ ଗ୍ରାହକଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଅପରପକ୍ଷେ ମୋଟ ୧୧ଲକ୍ଷ ଟଙ୍କାର ମୁଦ୍ରା ଜଟଣୀ ଏବଂ ମହତାବ ରୋଡ୍‌ର କରେନ୍ସି ଚେଷ୍ଟର ସକ୍ରିୟ ତତ୍ତ୍ୱାବଧାନରେ ବିଭିନ୍ନ ଶାଖାଗୁଡିକ ଦ୍ୱାରା ଗ୍ରାହକମାନଙ୍କୁ ବଣ୍ଟନ କରାଯାଇଥିଲା।

# ଭିକେସିର 'ଶପ୍ ଲୋକାଲ୍' ଅଭିଯାନ

ନୂଆଦିଲ୍ଲୀ,୨୧।୩




ଦେଶର ଅଗ୍ରଣୀ ପିୟୁ ଫୁଟ୍‌ୱେର୍ କମ୍ପାନୀ ଭିକେସି ପ୍ରାଇଡ୍ ପକ୍ଷରୁ 'ଶପ୍ ଲୋକାଲ୍' ନାମରେ ଏକ ନିଆରା କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ବର୍ତ୍ତମାନ ଗ୍ରାହକ ଅନ୍‌ଲାଇନ୍ ଶପିଂକୁ ପସନ୍ଦ କରୁଥିବା ବେଳେ ଭିକେସିର ଏହି ଅଭିଯାନ ଅଫ୍‌ଲାଇନ୍ ବ୍ୟବସାୟ ଦିଗରେ ବଡ଼ ପରିବର୍ତ୍ତନ ଆଣିବ। ଯଦି ସ୍ଥାନୀୟ ଲୋକେ ଏହି କ୍ୟାମ୍ପେନ୍‌କୁ ଆଗକୁ ବଢାଇବାରେ ସାହାଯ୍ୟ କରିବେ, ତେବେ ଅଫ୍‌ଲାଇନ୍ ବ୍ୟବସାୟ ମଧ ଆଗକୁ ବଢିପାରିବ ଏବଂ ସ୍ଥାନୀୟ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇ ପାରିବ ବୋଲି ଭିକେସି ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଭିକେସି ରଜାକ୍ କହିଛନ୍ତି। ଦୁନିଆର ସମସ୍ତ ଡି୨ସି ବ୍ରାଣ୍ଡ୍ ସିଧାସଳଖ ନିଜ ଦୋକାନରୁ କିମ୍ବା ୱେବ୍‌ସାଇଟ୍ ଏବଂ ପୋର୍ଟାଲ୍‌ରୁ କ୍ରୟ କରିବାକୁ ଗ୍ରାହକଙ୍କୁ ପ୍ରୋତ୍ସାହିତ କରୁଥିବା ବେଳେ ଭିକେସି ପ୍ରାଇଡ୍ ସ୍ଥାନୀୟ ରିଟେଲର୍ ଶପ୍‌ରୁ କ୍ରୟ କରିବା ଦିଗରେ ପ୍ରୋତ୍ସାହନ ଯୋଗାଇ ଡିଷ୍ଟ୍ରିବ୍ୟୁଟର-ଡିଲର୍-ରିଟେଲର୍ ଶପ୍ ନେଟ୍‌ୱର୍କକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରୁଛି। ଏହି କ୍ୟାମ୍ପେନ୍‌କୁ ଆଗକୁ ନେବା ଦିଗରେ ଭିକେସି ପକ୍ଷରୁ ଉତ୍ତମ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଅଭିଯାନର ସଫଳତା ପାଇଁ 'ଭିକେସି ପରିବାର ଆପ୍' ବ୍ୟବସ୍ଥା କରାଯାଇଛି। ଏହି ଆପ୍ ଜରିଆରେ ଗ୍ରାହକ ଆଖପାଖରେ ଥିବା ଷ୍ଟୋର୍‌ଗୁଡ଼ିକରୁ ନିଜ ମନପସନ୍ଦର ଉତ୍ପାଦ ଚୟନ କରି କ୍ରୟ କରିପାରିବେ। ଏହି ଅବସରରେ ଭିକେସି ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଭିକେସି ରଜାକ୍, ଭିକେସିର ଓଡ଼ିଶା ମୁଖ୍ୟ ହରିଦାସନ୍, ଭିକେସି ଗ୍ରୁପ୍ ନିର୍ଦ୍ଦେଶକ ଭି. ରଫିକ୍, ଭିପି ଅଜିଜ୍, ଉମର ଫାରୁକ୍, ସୌମ୍ୟବ୍ରତ ଘୋଷ(ଜୋନାଲ୍ ମ୍ୟାନେଜର), ଡିଲର୍ସ ସଦ୍ଦାମ(ଇଣ୍ଡିଆନ୍ ଫୁଟ୍‌ୱେର୍), ସାହିଲ୍, ରାହିଲ୍(ରାଜଧାନୀ ଫୁଟ୍‌ୱେର୍), ପୁନିତ୍ (ରାଜପାଲ୍ ଫୁଟ୍‌ୱେର୍) ପ୍ରମୁଖ ଉପସ୍ଥିତ ଥିଲେ।

# ସେନ୍‌ସେକ୍ସ ୫୭୧ ପଏଣ୍ଟ ହ୍ରାସ

ନୂଆଦିଲ୍ଲୀ,୨୧।୩

ସପ୍ତାହର ପ୍ରଥମ ଦିନ ଅର୍ଥାତ୍ ସୋମବାର ଶେୟାର ବଜାରରେ ଭାରି ମାତ୍ରାରେ କ୍ଷତି ଦେଖିବାକୁ ମିଳିଛି। ହୋଲି ଏବଂ ସାପ୍ତାହିକ ବନ୍ଦ ଯୋଗୁ ଗତ ୩ଦିନ ପରେ ଶେୟାର ବଜାର କାରବାର ଆରମ୍ଭ ହୋଇଥିବା ବେଳେ ଏହାର ନିବେଶକମାନେ ମଧ ଅତ୍ୟନ୍ତ ଉତ୍ସାହିତ ଥିଲେ। ତେବେ ସେନ୍‌ସେକ୍ସ ଏବଂ ନିଫ୍ଟିରେ ହ୍ରାସ ସେମାନଙ୍କ ଖୁସିକୁ ମଳିନ କରିଦେଇଛି। ସୋମବାର ସେନ୍‌ସେକ୍ସରେ ୦.୯୯% ଅର୍ଥାତ୍ ୫୭୧.୪୪ ପଏଣ୍ଟ ହ୍ରାସ ଘଟି ୫୭,୨୯୨.୪୯ ଅଙ୍କରେ ବନ୍ଦ ହୋଇଛି। ଏହାଛଡ଼ା ନିଫ୍ଟିରେ ମଧ ୦.୯୮% ଅର୍ଥାତ୍ ୧୬୯.୪୫ ପଏଣ୍ଟ ହ୍ରାସ ଘଟି ୧୭,୧୧୭.୬୦ ଅଙ୍କରେ କାରବାର ପହଞ୍ଚିଛି। ତେବେ ମେଟାଲ୍ ଏବଂ ଫାର୍ମା ଇନ୍‌ଡେକ୍ସର ପ୍ରଦର୍ଶନ ଭଲ ରହିଛି।

# ୟୁବିଆଇର ରାଜଭାଷା ସମ୍ମିଳନୀ

ଭୁବନେଶ୍ୱର,୨୧।୩

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ଭୁବନେଶ୍ୱର ଅଞ୍ଚଳ ଅଧିକାରୀମାନଙ୍କ ନିମନ୍ତେ ନିକଟରେ ଏକ ରାଜଭାଷା ସମ୍ମିଳନୀ ସ୍ଥାନୀୟ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ୟୁବିଆଇର ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପ ସମ୍ପର୍କରେ ମତ ଉପସ୍ଥାପନ ଏବଂ ରାଜଭାଷା ନିୟମ ୧୯୭୬ର ନିୟମ ୧୨ ଅନୁସାରେ ରାଜଭାଷା ସମ୍ବନ୍ଧୀୟ ନିୟମକାନୁନଗୁଡ଼ିକର ଅନୁପାଳନ ଦାୟିତ୍ୱ କାର୍ଯ୍ୟାଳୟ ମୁଖ୍ୟଙ୍କର ରହିଛି ବୋଲି ପ୍ରଧାନ ମତବ୍ୟକ୍ତ କରିଥିଲେ। ସେହିପରି ବ୍ୟାଙ୍କ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି,ଭୁବନେଶ୍ୱରର ସଦସ୍ୟ ସଚିବ ତଥା ସହାୟକ ମହାପ୍ରବନ୍ଧକ (ରାଜଭାଷା) ଆଲୋକ କୁମାର ମୁଖ୍ୟବକ୍ତା ଭାବେ ଯୋଗ ଦେଇ 'ରାଜଭାଷା କାର୍ଯ୍ୟାନ୍ୱୟନରେ ଅଧିକାରୀମାନଙ୍କ ଭୂମିକା' ବିଷୟ ଉପରେ ଅଧିକାରୀମାନଙ୍କ ମାର୍ଗଦର୍ଶନ କରିଥିଲେ। ବରିଷ୍ଠ ପ୍ରବନ୍ଧକ ଅଖିଳେଶ କୁମାର ସମ୍ମିଳନୀର ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଶାଖା କ୍ଷେତ୍ରୀୟ କାର୍ଯ୍ୟାଳୟ କଟକ ଏବଂ କର୍ମଚାରୀ ପ୍ରଶିକ୍ଷଣ କେନ୍ଦ୍ର ଭୁବନେଶ୍ୱରର ଅଧିକାରୀମାନେ ଯୋଗ ଦେଇଥିଲେ। ସେହିପରି ଭୁବନେଶ୍ୱର ସମେତ ବାଲେଶ୍ୱର, ବ୍ରହ୍ମପୁର, ରାୟଗଡା ଏବଂ ସମ୍ବଲପୁର ଆଦି କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀମାନେ ମଧ ଅନଲାଇନ୍ ମୋଡ୍‌ରେ ସଂଯୋଗ ହୋଇଥିଲେ।

## ଫୁରସତ୍

# କେତେ ଘାତକ ଲିକ୍ୟୁଡ୍ ଡାଏଟ୍

**ଅବ୍ୟବସ୍ଥିତ ଜୀବନଶୈଳୀ ଯୋଗୁ ଏବେ ଅନେକେ ମେଦବହୁଳତାର ଶିକାର। ସମ୍ପ୍ରତି ଯୁବପିଢ଼ି ମଧ ଏହି କାରଣରୁ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଛନ୍ତି। ସଚେତନ ବ୍ୟକ୍ତି ମୋଟାପଣର ଶିକାର ନ ହେବା ପାଇଁ ଜିମ୍ ଯିବା ସହ ଯୋଗକୁ ଗୁରୁତ୍ୱ ଦେଉଥିବାବେଳେ ଏକ ନିର୍ଦ୍ଦିଷ୍ଟ ଖାଦ୍ୟପେୟ ବା ଡାଏଟ୍ ଆପଣାଉଛନ୍ତି। ସେଥିମଧ୍ୟରୁ ଗୋଟିଏ ହେଲା ଲିକ୍ୟୁଡ୍ ଡାଏଟ୍ । ହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ଏହି ଡାଏଟ୍ କଲେ କିମ୍ବା ଜଣଙ୍କ ଶରୀରକୁ ନ ସୁହାଇଲେ ତାହା ଘାତକ ସାବ୍ୟସ୍ତ ହୋଇଥାଏ।**



**ନୂଆଦିଲ୍ଲୀ:** କ୍ରିକେଟ ଜଗତର ପ୍ରଖ୍ୟାତ ବୋଲର ଶେନ୍ ୱାର୍ନଙ୍କ ଅକାଳ ବିୟୋଗକୁ ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନ। ୱାର୍ନଙ୍କ ମୃତ୍ୟୁ ପଛରେ ଲିକ୍ୟୁଡ୍ ଡାଏଟ୍ ଏକ ପ୍ରମୁଖ କାରଣ ହୋଇପାରେ ବୋଲି କୁହାଯାଉଛି। କାରଣ ଓଜନ ବୃଦ୍ଧି ନେଇ ସେ ବହୁତ ଚିନ୍ତିତ ଥିବାବେଳେ ମୃତ୍ୟୁର ୧୪ ଦିନ ପୂର୍ବରୁ ଲିକ୍ୟୁଡ୍ ଡାଏଟ୍ ଆରମ୍ଭ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ୱାର୍ନଙ୍କ ମୃତ୍ୟୁ ସହ ଜଡ଼ିତ ଥିବାରୁ ଲିକ୍ୟୁଡ୍ ଡାଏଟ ଏବେ ଚର୍ଚ୍ଚାକୁ ଆସିଛି।

### ଲିକ୍ୟୁଡ୍ ଡାଏଟ୍ କ'ଣ

ଶରୀରର ଓଜନ କମାଇବା ପାଇଁ ଲିକ୍ୟୁଡ୍ ଡାଏଟ୍ ବା ତରଳ ଖାଦ୍ୟ ଗ୍ରହଣ ଏକ ଅଭିନବ ଉପାୟ ବୋଲି କୁହାଯାଏ। ଯେଉଁ ବ୍ୟକ୍ତି ଓଜନ କମାଇବାକୁ ଚାହାନ୍ତି ସେମାନେ କଠିନ ବଦଳରେ ତରଳ ଖାଦ୍ୟ ଖାଇପାରିବେ ; ଯେମିତି ଫଳ, ପନିପରିବା ରସ ଆଦି। ମୁଖ୍ୟତଃ ଡାକ୍ତରଙ୍କ ପରାମର୍ଶକ୍ରମେ ଏହି ଡାଏଟ୍ ଫଲୋ କରାଯିବା କଥା। ଏହି ଡାଏଟ୍ ଶରୀରକୁ କମ୍ ପରିମାଣର କ୍ୟାଲୋରି ପ୍ରଦାନ କରିଥାଏ। ଫଳରେ ମେଟାବଲିଜିମ୍ ବା ଖାଦ୍ୟ ହଜମ ପ୍ରକ୍ରିୟାରେ ଅଧିକ ଶକ୍ତି ଖର୍ଚ୍ଚ ନ ହୋଇ ତାହା ଶରୀରରେ ସଞ୍ଚିତ ହୋଇ ରୁହେ। ଲିକ୍ୟୁଡ୍ ଡାଏଟ୍‌କୁ ବନ୍ଦ କରିବା ଫଳରେ ହଠାତ୍ ଓଜନ ବୃଦ୍ଧି ଆଶଙ୍କା ରହିଛି। ଏହି ଡାଏଟ୍‌ରେ ପ୍ରତ୍ୟେକ ଦିନ ୪୦୦ରୁ ୮୦୦ କ୍ୟାଲୋରି ଖାଦ୍ୟ ଗ୍ରହଣ କରିବାକୁ ପଡ଼ିଥାଏ। ମୁଖ୍ୟକଥା ଡାଏଟ୍‌ରେ ଶରୀରକୁ ସମସ୍ତ ପ୍ରକାର ପ୍ରୋଟିନ୍, ଭିଟାମିନ୍, ଫାଇବର ଓ ମିନେରାଲ୍ସ ମିଳିବା ଜରୁରୀ। କିନ୍ତୁ ଏସବୁ ମିଳିବା ବନ୍ଦ ହୋଇଗଲେ କିମ୍ବା ପରିମାଣ କମିଗଲେ ଶରୀର ଉପରେ ନକରାତ୍ମକ ପ୍ରଭାବ ପଡ଼ିଥାଏ। ଏହି ଡାଏଟ୍‌ର ପାର୍ଶ୍ୱପ୍ରତିକ୍ରିୟା ମଧ ରହିଛି। ପୋଷଣ ହଠାତ୍ କମିଯିବା କାରଣରୁ ଶରୀରରେ ପରିବର୍ତ୍ତନ ଦେଖିବାକୁ ମିଳେ। କ୍ୟାଲୋରି କମିଯିବା ଫଳରେ ବାନ୍ତି, କେଶ କ୍ଷୟ, ହୃଦ୍ ଜନିତ ସମସ୍ୟା, ମୁଣ୍ଡ ବୁଲାଇବା ଭଳି ପାର୍ଶ୍ୱପ୍ରତିକ୍ରିୟା ଶରୀରରେ ଦେଖିବାକୁ ମିଳେ। ସେହିପରି ଆବଶ୍ୟକ ପରିମାଣର ପ୍ରୋଟିନ୍ ନ ମିଳିବା କାରଣରୁ ମାଂସପେଶୀ ମଧ କ୍ଷୟ ହେବାରେ ଲାଗେ। ଗର୍ଭବତୀ, ରୋଗଗ୍ରସ୍ତ ବ୍ୟକ୍ତି କିମ୍ବା ଇନ୍‌ସୁଲିନ୍ ନେଉଥିବା ଡାଇବେଟିସ୍ ଆକ୍ରାନ୍ତଙ୍କ ପାଇଁ ଲିକ୍ୟୁଡ୍ ଡାଏଟ୍ ମନା। ତେବେ ଆବଶ୍ୟକ ସ୍ଥଳେ ଡାକ୍ତରଙ୍କ ପରାମର୍ଶ କ୍ରମେ ଜଣେ ଲିକ୍ୟୁଡ୍ ଡାଏଟ୍ କରିପାରିବେ।

### ରହସ୍ୟ ଘେରରେ ଶେନ୍ ୱାର୍ନଙ୍କ ମୃତ୍ୟୁ


ଶେନ୍ ୱାର୍ନ

# ଗୁଡ୍ ନ୍ୟୁଜ୍ ଦେଲେ ସୋନମ କପୁର



**ମୁମ୍ବାଇ:** ମା' ହେବାକୁ ଯାଉଛନ୍ତି ବଲିଉଡ୍ ନାୟିକା ସୋନମ କପୁର। ଏ ନେଇ ସୋମବାର ସେ ସ୍ୱାମୀ ଆନନ୍ଦଙ୍କ ସହ ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରି ଏହି ଖୁସି ଖବର ନିଜ ଫ୍ୟାନ୍ସଙ୍କୁ ଜଣାଇଛନ୍ତି। ଫଟୋ ସେୟାରୁ ପରେ ବି' ଟାଉନ୍‌ର କଳାକାର ସୋନମଙ୍କୁ ଶୁଭେଚ୍ଛା ଜଣାଇବାରେ ଲାଗିଛନ୍ତି। ସୋନମଙ୍କ ଗୁଡ୍ ନ୍ୟୁଜ୍‌ରେ କପୁର ପରିବାରରେ ଖୁସିର ଲହରି ଦେଖିବାକୁ ମିଳିଛି। ୨୦୧୮ ମେ ୮ ତାରିଖରେ ସୋନମ ଏବଂ ଆନନ୍ଦ ଅହୁଜା ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଆନନ୍ଦଙ୍କ ସହ ପ୍ରଥମେ ସୋନମଙ୍କ ବନ୍ଧୁତା ଥିଲା କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ତାହା ପ୍ରେମର ରୂପ ନେଇଥିଲା। ଦୁହେଁ କିଛି ବର୍ଷ ପରସ୍ପରକୁ ଡେଟ୍ କରିବା ପରେ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ସେମାନଙ୍କ ବାହାଘର ଥିଲା ଅତି ସାଧାରଣ। ୩୬ ବର୍ଷୀୟା ସୋନମ ଲଣ୍ଡନ ବ୍ୟବସାୟୀ ଆନନ୍ଦଙ୍କ ଦ୍ୱିତୀୟ ପତ୍ନୀ ଅଟନ୍ତି। ବିବାହ ପରେ ସୋନମ ଇଣ୍ଡଷ୍ଟ୍ରିରେ କମ୍ ଲଣ୍ଡନରେ ବୁଲାବୁଲି କରୁଥିବାର ବେଶୀ ଦେଖାଗଲେ। ସୋନମଙ୍କ ଫିଲ୍ମି କ୍ୟାରିୟର ସେତେ ସଫଳ ନୁହେଁ। କିନ୍ତୁ ବି' ଟାଉନ୍‌ରେ ସୋନମଙ୍କୁ ମୋଷ୍ଟ ଷ୍ଟାଇଲିଶ୍ ନାୟିକା ବୋଲି କୁହାଯାଏ। ଫ୍ୟାଶନ୍ ଡିଜାଇନିଂରେ ଡିଗ୍ରୀ ହାସଲ କରିଥିବା ସୋନମଙ୍କ ପ୍ରତ୍ୟେକ ଆଉଟ୍‌ଫିଟ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଶେଷଥର ପାଇଁ ଫିଲ୍ମ ଜୋୟା ଫ୍ୟାକ୍ଟରରେ ସେ ଦେଖାଯାଇଥିଲାବେଳେ ଚଳିତ ବର୍ଷ ବ୍ଲାଇଣ୍ଡ' ନାମରେ ତାଙ୍କର ଏକ ଫିଲ୍ମ ରିଲିଜ୍ ହେବାର ଅଛି। ୨୦୦୮ରେ ଫିଲ୍ମ ଶାଓ୍ୱରିୟା' ଜରିଆରେ ସେ ବଲିଉଡରେ ଏଣ୍ଟ୍ରି କରିଥିଲେ।

# ୨୨ ବର୍ଷରେ ୧୦୨ ଦେଶ ଭ୍ରମଣ

**ବୁଏନ୍ସ ଏୟାର୍ସ:** ବ୍ୟସ୍ତ ବହୁଳ ଜୀବନରୁ ଟିକେ ସମୟ ବାହାର କରି ଲୋକେ ବୁଲିବାକୁ ପସନ୍ଦ କରନ୍ତି। କେହି କେହି ତ ସପ୍ତାହେ ପାଇଁ ବୁଲିବାକୁ ଯାଇଥାନ୍ତି। କିନ୍ତୁ ଶୁଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଆର୍ଜେଣ୍ଟିନାର ଜଣେ ବ୍ୟକ୍ତି ତାଙ୍କ ପରିବାର ସହ ୨୨ ବର୍ଷ ଧରି ୯୦ ବର୍ଷର ପୁରୁଣା କାର୍‌ରେ ଟ୍ରାଭେଲ କରିଛନ୍ତି। ଜାପ୍ ପରିବାର ହର୍ମାନ ଏବଂ କାଣ୍ଡଲାରିଆ ତାଙ୍କ ପିଲାଙ୍କ ସହ ୨୦୦୦ ମସିହାରୁ ଏହି ଯାତ୍ରା ଆରମ୍ଭ କରିଥିଲେ। ତେବେ ଦୀର୍ଘ ୨୨ ବର୍ଷ ପରେ ମାର୍ଚ୍ଚ ୨୦ରେ ତାଙ୍କ ଭ୍ରମଣ ଶେଷ ହୋଇଛି। ଏହା ମଧ୍ୟରେ ୧୦୨ ଦେଶ ଏବଂ ୫ ମହାଦ୍ୱୀପ ବୁଲିବା ସହ ଅସଂଖ୍ୟ ସ୍ମୃତି ସାଉଁଟିଛନ୍ତି। ଯାତ୍ରା ସମୟରେ ଦୁହେଁ ୪ଟି ପିଲାଙ୍କୁ ଜନ୍ମ ଦେଇଛନ୍ତି। ଭ୍ରମଣର ୬ ବର୍ଷ ପୂର୍ବରୁ ଉଭୟ ବିବାହ କରିଥିଲେ। ତାଙ୍କ ପାଖରେ ଭଲ ଚାକିରି ଏବଂ ଘର ଥିଲା। ଏହି ସମୟରେ ଦୁହିଁଙ୍କୁ ପୂରା ଦେଶ ଭ୍ରମଣର ନିଶା ଚଢିଥିଲା। ସେ ଆଲାସ୍କାରୁ ଯାତ୍ରା ଆରମ୍ଭ କରିଥିଲେ।




## ସେନାରେ ଭର୍ତ୍ତି ସ୍ୱପ୍ନ

# ଅଧ ରାତିରେ ଦୌଡ଼ୁଛନ୍ତି ୧୦ କି.ମି.

**ନୂଆଦିଲ୍ଲୀ:** ସାରା ସହର ଶୋଇବାବେଳେ ନିଜ ସ୍ୱପ୍ନକୁ ସାକାର କରିବାକୁ ବାହାରି ପଡନ୍ତି ପ୍ରଦୀପ। ଉତ୍ତରାଖଣ୍ଡ ଅଲ୍‌ମୋରା ଅଞ୍ଚଳର ପ୍ରଦୀପ ମେହେରା କାନ୍ଧରେ ଏକ ବ୍ୟାଗ ପକାଇ ମଧରାତ୍ରିରେ ନୋଏଡା ରାସ୍ତାରେ ଦଉଡୁଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରଦୀପଙ୍କ ଏପରି ଦଉଡ଼ିବା ପଛରେ ତାଙ୍କର ବିରାଟ ସ୍ୱପ୍ନ ରହିଛି। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ପ୍ରଦୀପଙ୍କ ମା' ହସ୍ପିଟାଲରେ ଭର୍ତ୍ତି। ଘର ଚଳାଇବା ସାଙ୍ଗକୁ ଆର୍ମିରେ ଭର୍ତ୍ତି ହେବା ଲାଗି ସେ ସ୍ୱପ୍ନ ଦେଖିଛନ୍ତି। ଅଭ୍ୟାସ ପାଇଁ ଦିନରେ ସମୟ ଅଭାବ ଯୋଗୁ ସେ ରାତିରେ ଦଉଡୁଥିବା କହିଛନ୍ତି। ପ୍ରଦୀପଙ୍କ ଏପରି ଦଉଡୁଥିବା ଅବସ୍ଥାରେ ଫିଲ୍ମ ନିର୍ମାତା ବିନୋଦ କପ୍ରି ଏକ ଭିଡିଓ କରିଥିଲେ। ପ୍ରଦୀପଙ୍କୁ ଲିଫ୍ଟ ଦେବାକୁ ପ୍ରମୋଦ କହିଥିଲେ ହେଁ ସେ ମନା କରିଥିଲେ। ଏହା ପଛର କାରଣ ପଚାରିବାରୁ ପ୍ରଦୀପ କହିଥିଲେ, ତାଙ୍କୁ ସକାଳ ୮ରୁ ଉଠି ଖାଦ୍ୟ ତିଆରି କରିବାକୁ ପଡ଼େ। ପରେ ସେ ନୋଏଡାର ସେକ୍ଟର-୧୬ରେ ମିକ୍‌ଡୋନାଲ୍ଡ କାମ କରିବାକୁ ଯାଇଥାନ୍ତି। ଏହା ମଧ୍ୟରେ ତାଙ୍କୁ ଦଉଡ଼ିବା ପାଇଁ ସମୟ ମିଳେ ନାହିଁ। ସେ ଆର୍ମିରେ ଯୋଗଦେବାକୁ ଚାହାଁନ୍ତି। ସେଥିପାଇଁ ସେ କାର୍ଯ୍ୟକ୍ଷେତ୍ରରୁ ବାରୋଲା ପର୍ଯ୍ୟନ୍ତ ୧୦ କି.ମି. ରାସ୍ତା ରାତିରେ ଦଉଡି କରିଯାନ୍ତି ; ଯାହାଫଳରେ ତାଙ୍କ ଆର୍ମି ପାଇଁ ଦଉଡ଼ା ଅଭ୍ୟାସ ପୁରା ହୋଇଯିବ। ବିନୋଦ କପ୍ରି ପ୍ରଦୀପଙ୍କ ଏହି ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଭିଡ଼ିଓ ଦେଖି ଅବସର ପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ସତୀଶ ଦୁଆ ତାଙ୍କୁ ସାହାଯ୍ୟର ହାତ ବଢ଼ାଇବା ସହ ଆନନ୍ଦ ମହିନ୍ଦ୍ରା ମଧ ପ୍ରଦୀପଙ୍କ ପ୍ରଶଂସା କରିବାକୁ ପଛାଇ ନାହାନ୍ତି।



## ଅଲିମ୍ପିକ ସ୍ୱର୍ଣ୍ଣ ହରାଇବେ ରୁଷିଆ ଆଥଲେଟ୍




**ଲଣ୍ଡନ, ୨୧ା୩ (ଏପି):** ଡୋପିଂ ପାଇଁ ରୁଷୀୟ ରେସ୍ ୱାକର ୟେଲେନା ଲାଶମାନୋଭା ଦୁଇବର୍ଷ ବାସନ୍ଦ ହୋଇଛନ୍ତି। ତାଙ୍କଠାରୁ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର କରି ନିଆଯିବ ବୋଲି ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ସୋମବାର କହିଛି। ଲାଶମାନୋଭା ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ୨୦ କିଲୋମିଟର ରେସ୍ ୱାକ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ପରବର୍ତ୍ତୀ ବର୍ଷ ମସ୍କୋରେ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ସ୍ୱର୍ଣ୍ଣ ଜିତିଥିଲେ। ବାସନ୍ଦ ଦଣ୍ଡ ପିଛିଲା ତାରିଖ ୨୦୨୧ ମାର୍ଚ୍ଚ ୯ରୁ ଲାଗୁ ହେବ। ୨୦୧୨ ଫେବୃୟାରୀ ୧୮ ଏବଂ ୨୦୧୪ ଜାନୁୟାରୀ ୩ ମଧ୍ୟରେ ତାଙ୍କର ସମସ୍ତ ଫଳାଫଳକୁ ରଦ୍ଦ କରିଦିଆଯାଇଥିବା ଏଆଇୟୁ କହିଛି। ରାଷ୍ଟ୍ର ପ୍ରାୟୋଜିତ ଡୋପିଂରେ ସାମିଲ ରୁଷୀୟ ଆଥଲେଟଙ୍କ ସମ୍ପର୍କରେ ରିଚାର୍ଡ ମ୍ୟାକଲରେନ୍‌ଙ୍କ ନେତୃତ୍ୱାଧୀନ ତଦନ୍ତକାରୀ ଦଳର ପ୍ରାମାଣିକ ତଥ୍ୟ ଏବଂ ଲାବୋରେଟୋରୀ ଇନ୍‌ଫରମେଶନ ମ୍ୟାନେଜମେଣ୍ଟ ସିଷ୍ଟମ (ଏଲ୍‌ଆଇଏମ୍‌ଏସ୍)ର ତଥ୍ୟକୁ ଭିତ୍ତି କରି ଏଆଇୟୁ ଏହି ଦଣ୍ଡ ବିଧାନ କରିଛି। ଲାଶମାନୋଭା ଦୋଷ ସ୍ୱୀକାର କରିବା ସହ ଦଣ୍ଡକୁ ଗ୍ରହଣ କରିଛନ୍ତି।

# ଦ୍ୱିତୀୟ ଦିବସରେ ଏକାଧିକ ରେକର୍ଡ

ଭୁବନେଶ୍ୱର, ୨୧ା୩
(କ୍ରୀଡ଼ା ପ୍ରତିନିଧି)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଜାତୀୟ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ସୋମବାରଏକାଧିକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ୟୁଥ୍ ବାଳକ ଓ ଜୁନିୟର ୫୫ କେଜି ବର୍ଗରେ

**ଜାତୀୟ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ**

ପ୍ରତିଦ୍ୱନ୍ଦ୍ୱିତା କରିଥିବା ମଣିପୁରର ଏସ୍. ଗୁରୁ ନାଇଡୁ ସ୍ନାଚ୍‌ରେ ୧୦୨ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୨୫ କେଜି ଏହିପରି ମୋଟ ୨୨୭ କେଜି ଭାର ଉଠାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଜୁନିୟର ୫୫ କେଜିରେ ମହାରାଷ୍ଟ୍ରର ଉଦୟ ମହାଜନ ୨୨୩ (୯୫+୧୨୮)କେଜି ଉଠାଇ ଦ୍ୱିତୀୟ ଓ ଛତିଶଗଡ଼ର କୋମଲ ମାହେଶ୍ୱରୀ ୨୨୨ (୯୭+୧୨୫) କେଜି ଭାରୋତ୍ତୋଳନ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶାର କୁମ୍ଭେଶ୍ୱର ମଲିକ ୨୧୩ (୯୮+୧୧୫) କେଜି ଭାର ଉଠାଇ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ୫୫ କେଜି ୟୁଥ୍ ବିଭାଗରେ ତାମିଲନାଡୁର ମୁଥୁମାନିୟାନ (୯୨+୧୧୮=୨୧୦) ଓ ମହାରାଷ୍ଟ୍ରର ଉଜ୍ଜ୍ୱଳ ମହାଜନ (୮୭+୧୧୪=୨୦୧) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିଲେ। ୫୫ କେଜି ସିନିୟର ପୁରୁଷ ବର୍ଗରେ ମହାରାଷ୍ଟ୍ରର ସଙ୍କେତ ସାଗର (୧୧୧+୧୩୮=୨୪୯), ପ୍ରଶାନ୍ତ କୋଲି ((୧୧୨+୧୩୬=୨୪୮) ଓ ଛତିଶଗଡ଼ର ବିଜୟ କୁମାର ମାହେଶ୍ୱରୀ (୯୯+୧୩୨=୨୩୧) ପ୍ରଥମ ତିନି ସ୍ଥାନ ଅଧିକାର କରିଥିଲେ। ୟୁଥ୍ ବାଳକରେ ମଣିପୁରର ଏନ୍. ତୋମ୍‌ଚୋଉ ମିତେଇ ସ୍ନାଚ୍‌ରେ ଏବଂ ଆନ୍ଧ୍ର ପ୍ରଦେଶର ଏଓ. ଗୁରୁ ନାଇଡୁ ସ୍ନାଚ୍, କ୍ଲିନ୍ ଆଣ୍ଡ ଜର୍କ ଓ ମୋଟ ଭାରୋତ୍ତୋଳନରେ ନୂଆ ରେକର୍ଡର ଅଧିକାରୀ ହୋଇଥିଲେ।


ସୋମବାର ଭାରୋତ୍ତୋଳନ କରିବା ଅବସରରେ ଜଣେ ପ୍ରତିଯୋଗୀ।

# ମହୀତୋଷଙ୍କୁ ଆଇଏମ୍ ନର୍ମ

ଭୁବନେଶ୍ୱର, ୨୧ା୩ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପ୍ରତିଭାସମ୍ପନ୍ନ ଚେସ୍ ଖେଳାଳି ମହୀତୋଷ ଦେ ନିଜ କ୍ୟାରିୟର ପଥରେ ଆଉପାଦେ ଆଗକୁ ବଢ଼ିଛନ୍ତି। ସର୍ବିୟାର ଆରେଣ୍ଡେ ଜେଲୋଭାକ୍‌ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍ ଟୁର୍ନାମେଣ୍ଟରେ ପ୍ରଥମ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ନର୍ମ ହାସଲ କରିଛନ୍ତି। ସେଠାରେ ସେ ୨ ଜଣ ଗ୍ରାଣ୍ଡମାଷ୍ଟର (ଜିଏମ୍) ଓ ୨ ଜଣ ଆଇଏମ୍‌ଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଆଇଏମ୍ ଟାଇଟଲ ପାଇବାକୁ ହେଲେ ମହୀତୋଷଙ୍କୁ ଆବଶ୍ୟକ ରେଟିଂ ସହ ଆଉ ୨ଟି ନର୍ମ ହାସଲ କରିବାକୁ ପଡ଼ିବ। କରୋନା ମହାମାରୀର ପ୍ରକୋପ ଯୋଗୁ ଗତ ୨ ବର୍ଷ ହେଲା ସେ କୌଣସି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିପାରି ନ ଥିଲେ। ୨୦୧୯ରେ ମହୀତୋଷ ଫିଡେ ମାଷ୍ଟର ଟାଇଟଲ ପାଇଥିଲେ। ସେବେଠାରୁ ସେ ପରିଶ୍ରମ ଜାରି ରଖିଥିବାରୁ ଏବେ ତା'ର ଫଳ ପାଇଛନ୍ତି।

ମହୀତୋଷଙ୍କୁ ଏବେ ୧୬ ବର୍ଷ। ୫ ବର୍ଷର ହୋଇଥିବାବେଳେ ସେ ଚେସ୍ ଖେଳିବା ଆରମ୍ଭ କରିଥିଲେ ଏବଂ ୭ ବର୍ଷର ହୋଇଥିବାବେଳେ ୨୦୧୨ରେ ଜାତୀୟ ସ୍ତରରେ ରନର୍ସଅପ୍ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିବର୍ଷ ଜାତୀୟ ସ୍କୁଲ ଚେସ୍‌ରେ ବ୍ରୋଞ୍ଜ ଏବଂ ୨୦୧୫ ରାଜ୍ୟଗୋଷ୍ଠୀ ଚେସ୍‌ରେ ସେ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୩ରେ ସେ ଇରାନରେ ଅନୁଷ୍ଠିତ ଏସିଆନ ଯୁବ ଚେସ୍ ଓ ୟୁଏଇରେ ଆୟୋଜିତ ବିଶ୍ୱ ଯୁବ ଚେସ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଇତିମଧ୍ୟରେ ସେ ୧୩ରୁ ଊର୍ଦ୍ଧ୍ୱ ଦେଶରେ ଅନେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ନିଜ ଜ୍ଞାନର ପରିସୀମାକୁ ବଢ଼ାଇଛନ୍ତି। ସମ୍ପ୍ରତି ସେ ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ଓ ୟୁକ୍ରେନ ଗ୍ରାଣ୍ଡମାଷ୍ଟର ଆଲେକଜାଣ୍ଡାର ଗୋଲସଚୋଭ୍‌ଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ସମର୍ଥନ ଯୋଗୁ ସେ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ଆଗକୁ ଗ୍ରାଣ୍ଡମାଷ୍ଟର ହେବା ତାଙ୍କ ଲକ୍ଷ୍ୟ ବୋଲି ପ୍ରକାଶ କରିଛନ୍ତି।


ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ (ଡାହାଣ)ଙ୍କ ସହ ମହୀତୋଷ ଦେ।

# ବାଣୀ ସିଂଙ୍କୁ ସମ୍ବର୍ଦ୍ଧିତ କଲେ ଭିନିଲ

ଭୁବନେଶ୍ୱର, ୨୧ା୩ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା ସୋମବାର ଲେଖିକା-ନିର୍ଦ୍ଦେଶିକା ବାଣୀ ସିଂଙ୍କୁ କଳିଙ୍ଗ ଷ୍ଟାଡିୟମ ପରିସରରେ ସମ୍ବର୍ଦ୍ଧିତ କରିଛନ୍ତି। ହକି କିମ୍ବଦନ୍ତୀ ତଥା ଡବଲ ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଗ୍ରହନନ୍ଦନ 'ନନ୍ଦି' ସିଂଙ୍କ କନ୍ୟା ବାଣୀ ଏକ ପ୍ରାମାଣିକ ଚଳଚ୍ଚିତ୍ର 'ଡଙ୍ଗ୍'କୁ ନିଜ ପିତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ସମ୍ବର୍ଦ୍ଧନା ଅବସରରେ ବାଣୀଙ୍କୁ ଭାରତୀୟ ହକି ଖେଳାଳିଙ୍କ ସ୍ୱାକ୍ଷର ସମ୍ବଳିତ ଜର୍ସି ଅଧିନାୟକ ମନପ୍ରୀତ ସିଂ ଓ ଅଧିନାୟିକା ରାଣୀ ପ୍ରଦାନ କରିଥିଲେ। ବାଣୀଙ୍କ ପ୍ରାମାଣିକ ଚଳଚ୍ଚିତ୍ରକୁ କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ା ଓ ଯୁବସେବା ବିଭାଗର ଆଥଲେଟ୍ ଓ ଭାରତୀୟ ହକି ଖେଳାଳିଙ୍କୁ ସ୍କ୍ରିନ୍ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା।


କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ସୋମବାର ବାଣୀ ସିଂଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ପୁଟିନ୍‌ଙ୍କୁ ସମର୍ଥନ ପାଇଁ ଚେସ୍ ଚାମ୍ପିୟନ ବାସନ୍ଦ

**ଲାଉସାନେ, ୨୧ା୩ (ଏପି):** ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ସମର୍ଥନ କରିଥିବାରୁ ବିଶ୍ୱର ଜଣେ ଅନ୍ୟତମ ନାମୀ ଚେସ୍ ଖେଳାଳି ସର୍ଗେ କାର୍ଜାକିନ୍‌ଙ୍କୁ ୬ ମାସ ପାଇଁ ପ୍ରତିଯୋଗିତାରୁ ବାସନ୍ଦ କରାଯାଇଛି। ରୁଷିଆର ଏହି ଖେଳାଳି ହେଉଛନ୍ତି ଜଣେ ପୂର୍ବତନ ବିଶ୍ୱ ଟାଇଟଲ ଚ୍ୟାଲେଞ୍ଜର। ୟୁକ୍ରେନ୍‌କୁ ରୁଷିଆର ସୈନ୍ୟ ପ୍ରେରଣର କିଛି ସମୟ ପରେ ସେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ସମର୍ଥନ ଜଣାଇ ଖୋଲାଖୋଲି ଏକ ଚିଠି ଲେଖିଥିଲେ। କେବଳ ସେତିକି ନୁହେଁ ରୁଷିଆର ଅଭିଯାନକୁ ସମର୍ଥନ କରି ସେ ସୋସିଆଲ ମିଡିଆକୁ ନିୟମିତ ପୋଷ୍ଟ କରିଆସୁଥିଲେ। ଇଣ୍ଟରନ୍ୟାଶନାଲ ଚେସ୍ ଫେଡେରେଶନ (ଫିଡେ)ର ଶୃଙ୍ଖଳା କମିଟି କହିଛି କାର୍ଜାକିନ୍ ଚେସ୍ ଖେଳ ହେଉ ଅବା ଫିଡେର ଭାବମୂର୍ତ୍ତି କ୍ଷୁର୍ଣ୍ଣ କରିଛନ୍ତି। ନିଷ୍ପତ୍ତି ବିରୋଧରେ ସେ ଅପିଲ କରିପାରିବେ। କିନ୍ତୁ ତାଙ୍କର ସେଭଳି କୌଣସି ଯୋଜନା ନ ଥିବା ସେ କହିଛନ୍ତି। ୩୨ ବର୍ଷୀୟ କାର୍ଜାକିନ୍‌ଙ୍କ ଜନ୍ମସ୍ଥାନ ହେଉଛି କ୍ରିମିଆରେ, ଯେଉଁ ଦେଶର ୨୦୧୪ରେ ରୁଷିଆରେ ମିଶ୍ରଣ ଘଟିଛି। ସେ କିନ୍ତୁ ୨୦୦୯ ପର୍ଯ୍ୟନ୍ତ ୟୁକ୍ରେନ୍‌ରୁ ପ୍ରତିନିଧିତ୍ୱ କରୁଥିଲେ। ଏକଦା ସେ ସର୍ବକନିଷ୍ଠ ଖେଳାଳି ହିସାବରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିଲେ। ୨୦୧୬ରେ ସେ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନଙ୍କୁ ଚ୍ୟାଲେଞ୍ଜ କରି ଅସଫଳ ରହିଥିଲେ।

# ଅଦିତି, ମନୀଷ ଚାମ୍ପିୟନ

**ଭୁବନେଶ୍ୱର, ୨୧ା୩ (କ୍ରୀଡ଼ା ପ୍ରତିନିଧି):** ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ୮ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ଅଦିତି ମହାରଣା ଓ ମନୀଷ ମିଶ୍ର ଚାମ୍ପିୟନ ହୋଇଛନ୍ତି। ବାଳିକା ବିଭାଗରେ ଅଦିତି ଓ ବିଧି ତ୍ରିପାଠୀ ୫ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ସାମିନା ସ୍ୱାଇଁ, ଆର୍ନିକା ଦାଶ, ଶ୍ରୀଜଲ ସେନାପତି, ଜଶ୍ରିତା ମିଶ୍ର, ବନ୍ୟା ଦାସ, ରତ୍ନପ୍ରଜ୍ଞା ମହାପାତ୍ର, ଆଦ୍ୟସ୍ମରଣ୍ୟା ପଣ୍ଡା ଯଥାକ୍ରମେ ୩ୟରୁ ୧୦ମ ସ୍ଥାନରେ ରହିଛନ୍ତି। ସେହିପରି ବାଳକ ବିଭାଗରେ ମନୀଷ ୬ ପଏଣ୍ଟ ସହିତ ଚାମ୍ପିୟନ ଓ ଦେବପ୍ରିୟ ବିଶ୍ୱାଳ ୫ ପଏଣ୍ଟ ପାଇ ରନର୍ସଅପ୍ ହୋଇଛନ୍ତି। ଜୀତେଶ ସାମଲ, ମ୍ରିଗଙ୍କ ଶେଖର ଦାସ, ପି. ପରଂବ୍ରହ୍ମା ରାଉତ, ଏ. ଧନୁଜ, ଶ୍ରେୟାଂଶ ଦାସ, ଅଦଭିକ ଆଦିତ୍ୟ ସ୍ୱାଇଁ, ଆରବ ଦାସ ଓ ସତ୍ୟଜିତ ସେନାପତି ଟପ୍-୧୦ ଫିନିଶ୍ କରିଛନ୍ତି। ୬ ବର୍ଷରୁ କମ୍ ବାଳକରେ ସାୟନ ଦାସ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଉଭୟ ବାଳିକା ଓ ଓପନ କାଟେଗୋରିରେ ୨ ଜଣ ଲେଖାଏ ଶ୍ରେଷ୍ଠ ଖେଳାଳି ୩୪ତମ ଜାତୀୟ (୮ ବର୍ଷରୁ କମ୍) ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ବିଜୟୱାଡାଠାରେ ମେ ୯ରୁ ୧୪ ପର୍ଯ୍ୟନ୍ତ ଜାତୀୟ ପ୍ରତିଯୋଗିତା ହେବ। ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଏବଂ ଆୟୋଜକ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ଟ୍ରିପଲ 'ସି' ଚେସ୍ କ୍ଲବ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ମାଷ୍ଟର୍ସ ଚେସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏମ୍‌ସିଏଫ୍ ଚେୟାରମ୍ୟାନ ସନ୍ତୋଷ କୁମାର ମହାପାତ୍ର, ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

**ରାଜ୍ୟ ୮ ବର୍ଷରୁ କମ୍ ଚେସ୍**


ରାଜ୍ୟ ୮ ବର୍ଷରୁ କମ୍ ଚେସ୍‌ର ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

## ଅଷ୍ଟ୍ରେଲିଆ ୨୩୨/୫

**ଲାହୋର, ୨୧ା୩** ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ କ୍ରିକେଟ ଟେଷ୍ଟ ସୋମବାର ଆରମ୍ଭ ହୋଇଛି। ପ୍ରଥମ ଦିବସ ଶେଷସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୫ ଉଇକେଟ ହରାଇ ୨୩୨ ରନ ସଂଗ୍ରହ କରିଛି। ଉସମାନ ଖ୍ୱାଜା ୯୧ ରନରେ ଆଉଟ ହୋଇ ୯ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିବାବେଳେ ଷ୍ଟିଭେନ ସ୍ମିଥ ୫୯ ଓ ଟ୍ରାଭିସ ହେଡ୍ ୨୬ ରନ କରିଛନ୍ତି। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ କାମେରନ ଗ୍ରୀନ୍ ୨୦ ଓ ଆଲେକ୍ସ କାରେ ୮ ରନରେ ଅପରାଜିତ ରହିଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ଶାହିନ ଆଫ୍ରିଦୀ ଓ ନସିମ ଶାହା ୨ଟି ଲେଖାଏ ଏବଂ ସାଜିଦ ଖାଁ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୩୨/୫ (ଉସମାନ ଖ୍ୱାଜା-୯୧, ଷ୍ଟିଭେନ ସ୍ମିଥ-୫୯, ଶାହିନ ଆଫ୍ରିଦୀ-୨/୩୯, ନସିମ ଶାହା-୨/୪୦, ସାଜିଦ ଖାଁ ୧/୬୫)।

# ଜାତୀୟ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋରେ ଓଡ଼ିଶାର ୯


ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

**ଭଦ୍ରକ ଅଫିସ,୨୧ା୩:** କେରଳ ଏବଂ କୁରୁକ୍ଷେତ୍ର ୟୁନିଭର୍ସିଟିରେ ସୋମବାରଠାରୁ ଆରମ୍ଭ ହୋଇଥିବା ଜାତୀୟ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ୯ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ଏଥିରେ ପୁରୁଷ ବିଭାଗରେ ଉତ୍କଳ ୟୁନିଭର୍ସିଟିରୁ ଉତ୍କଳଶ୍ରୀ ଶ୍ରଦ୍ଧାନନ୍ଦ ଦାସ, ଅଶୋକ କୁମାର ସାହୁ ଏବଂ ଫକୀର ମୋହନ ୟୁନିଭର୍ସିଟିରୁ ଏସ୍. ସମରଜିତ୍ ଚକ୍ର, ଜଗନ୍ନାଥ ବେହେରା, ବ୍ରଜେନ୍ଦ୍ର ବାରିକ, ସାଇପ୍ରକାଶ ମହଲା ଅଛନ୍ତି। ସେହିପରି ମହିଳା ବିଭାଗରେ ହିମାଂଶ୍ରୀ ସ୍ୱାଇଁ, ଉତ୍କଳିକା ନିର୍ଲିପ୍ତା ଦାସ ଓ ସ୍ମୃତିଶିଖା ସିଂ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ସମସ୍ତ କ୍ରୀଡ଼ାବିତ୍ କୋଚ୍ ଚିନ୍ମୟ ବେହେରା ତଥା ଇଣ୍ଡିଆ ଟାଏକୋଣ୍ଡୋର ଜାତୀୟ ରେଫରିଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇ ଅଂଶଗ୍ରହଣ କରିଛନ୍ତି। ଫକୀର ମୋହନ ୟୁନିଭର୍ସିଟିର ଉପକୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଭାସ୍କର ଚନ୍ଦ୍ର ବେହେରା, କ୍ରୀଡ଼ା ପ୍ରଶିକ୍ଷକ ସଂଗ୍ରାମ କେଶରୀ ବିଶୋଇ ଏବଂ ଉତ୍କଳ ୟୁନିଭର୍ସିଟିର କ୍ରୀଡ଼ା ବିଭାଗ ଅଧକ୍ଷ ଡ. ଚିନ୍ମୟ ପ୍ରଧାନ, କ୍ରୀଡ଼ା ଅଧିକାରୀ ଅମ୍ବିକା ରାୟ ପ୍ରମୁଖ ଖେଳାଳିମାନଙ୍କୁ ଶୁଭକାମନା ଜଣାଇଛନ୍ତି।

# ‘ଅଲିମ୍ପିକ୍ସରେ ପଦକ ଜିତିପାରିବେ ଝିଲି’

**ଭୁବନେଶ୍ୱର, ୨୧ା୩ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିସ୍ସ ଅଡିଟୋରିୟମରେ ସୋମବାର ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ଅନୁବନ୍ଧିତ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ସପ୍ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସଭାପତି ସନ୍ଦୀପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ପ୍ରଥମ ଅର୍ଜୁନ ବିଜୟିନୀ ମିନତୀ ମହାପାତ୍ର ମୁଖ୍ୟଅତିଥି ତଥା ଭାରତୀୟ ଭାରୋତ୍ତଳନ ସଂଘର ସଭାପତି ସହଦେବ ଯାଦବ, ଏମଜିଏମ୍ ମିନେରାଲ୍ସର ଚେୟାରମ୍ୟାନ୍ ତଥା ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ନିଜ ଅଭିଭାଷଣ ରଖି ଭାରତୀୟ ଭାରୋତ୍ତୋଳନ ସଂଘର ସଭାପତି ସହଦେବ ଯାଦବ ଭାରୋତ୍ତୋଳନର ପ୍ରସାର ପ୍ରଚାର ପାଇଁ କ୍ରୀଡ଼ା ଖବରଦାତାମାନଙ୍କୁ ସହଯୋଗ କରିବା ଲାଗି ନିବେଦନ କରିଥିଲେ। ଖେଳାଳିମାନେ ଶୀଘ୍ର ଉନ୍ନତି ପାଇଁ ମାଦକ ଦ୍ରବ୍ୟ ସେବନ ନ କରିବା ଲାଗି ପରାମର୍ଶ ଦେବା ସହ ୨୦୨୮ ଅଲିମ୍ପିକ୍ସରେ ଓଡ଼ିଶାର ଝିଲି ଦଲବେହେରା ପଦକ ପାଇବେ ବୋଲି ଆଶା ପ୍ରକାଶ କରି କହିଥିଲେ। ଓଡ଼ିଶା ସରକାର ଓ କିଟ୍ ପକ୍ଷରୁ ଯେଉଁ କ୍ରୀଡ଼ା ପ୍ରୋତ୍ସାହନ କାର୍ଯ୍ୟ କରାଯାଉଛି ତାହାକୁ ସେ ଖୁବ୍ ପ୍ରଶଂସା କରିଥିଲେ। ଓସିଏ ସଭାପତି ପଙ୍କଜ ଲୋଚନ ଏବଂ ସମ୍ପାଦକ ସଞ୍ଜୟ ବେହେରା କ୍ରୀଡ଼ା ସାମ୍ବାଦିକତାର ଗୁରୁତ୍ୱ ଉପରେ କହିବା ସହ ଓସ୍‌ଜା ପାଇଁ ସହଯୋଗର ହାତ ବଢାଇବାର ପ୍ରତିଶ୍ରୁତି ଦେଇଥିଲେ। କିମ୍ବଦନ୍ତୀ ସାଇକ୍ଲିଷ୍ଟ ମିନତୀ ମହାପାତ୍ର କ୍ରୀଡ଼ା ଖବରଦାତାମାନେ ଓଡ଼ିଶାକୁ କ୍ରୀଡ଼ା ଶକ୍ତିରେ ପରିଣତ କରିବା ଦିଗରେ ବଡ଼ ଭୂମିକା ନିଭାଉଥିବା ପ୍ରକାଶ କରିଥିଲେ। ଏଥର ପ୍ରତିଷ୍ଠା ଉତ୍ସବ ସମାରୋହରେ ଓଡ଼ିଶା ତଥା ଭାରତୀୟ ବାସ୍କେଟବଲ୍ ଦୁନିଆର କିମ୍ବଦନ୍ତୀ ଖେଳାଳି ଓ ପ୍ରଶିକ୍ଷକ ଅରୂପାନନ୍ଦ ରାଉତରାୟଙ୍କୁ ଓସ୍‌ଜା ଲାଇଫ୍ ଟାଇମ୍ ଏବଂ ଟୋକିଓ ଅଲିମ୍ପିକ୍ ବ୍ରୋଞ୍ଜ୍ ବିଜେତା ଭାରତୀୟ ହକି ଦଳର ସଦସ୍ୟ ବୀରେନ୍ଦ୍ର ଲାକ୍ରାଙ୍କୁ ଓସ୍‌ଜା ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ଆକାରରେ ବିଶେଷ ଟ୍ରଫି, ପ୍ରଶସ୍ତିପତ୍ର, ଉତ୍ତରୀୟ ଏବଂ ୨୫ ହଜାର ଟଙ୍କାର ଚେକ୍ ଅତିଥିମାନେ ପ୍ରଦାନପୂର୍ବକ ଅରୂପାନନ୍ଦ ଓ ବୀରେନ୍ଦ୍ରଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଭାରତୀୟ ଭଲିବଲ୍ ସଂଘର ସଭାପତି ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କୁ କ୍ରୀଡ଼ା ବିକାଶ ଯୋଗଦାନ ପାଇଁ ଓସ୍‌ଜା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ଅନୁପସ୍ଥିତିରେ ସମ୍ମାନ ଗ୍ରହଣ କରିଥିଲେ କିଟ୍ କ୍ରୀଡ଼ା ବିଭାଗର ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ। ଦୁଇ ପୁରସ୍କାର ବିଜେତା ଏହି ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ପାଇଁ ଓସ୍‌ଜାକୁ ଧନ୍ୟବାଦ୍ ଦେଇଥିଲେ। ଓସ୍‌ଜା ସମ୍ପାଦକ ସମ୍ବିତ୍ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓସ୍‌ଜାର ବରିଷ୍ଠ ସଦସ୍ୟ ସୁଶାନ୍ତ ମହାନ୍ତି ସଂଘର ଗଠନଧାରା ବାବଦରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି କେ. ରବି, ସନାତନ ପାଣି, ହିମାଂଶୁ ପତି ମିଶ୍ର, ଦେବୀ ପ୍ରସନ୍ନ ମହାନ୍ତି, ସୁରେଶ ସ୍ୱାଇଁ, ତପନ ସ୍ୱାଇଁ, ସମୀକ୍ଷା ପଟ୍ଟନାୟକ, ପ୍ରତାପ ପ୍ରଧାନ, ମନୋରଞ୍ଜନ ଦାସ, ରଞ୍ଜନ ରାୟ, ଦେବୀ ପ୍ରସନ୍ନ ପାଣିଗ୍ରାହୀ, ମନମୋହନ ସ୍ୱାଇଁ, ସୁଜିତ ଦାସ, ମହେନ୍ଦ୍ର ସାହୁ, ତୁଷାର ସେନାପତି, ଦୀପ୍ତି ରଞ୍ଜନ ସାମଲ, ବିଜୟ ରଣା, ସନ୍ତୋଷ ମହାନ୍ତି, ବେଣୁଧର ଦାସ, ପ୍ରଫୁଲ୍ଲ କିଶୋର ସାହୁ, ରଶ୍ମିପ୍ରଭା ରଥ, ଶକ୍ତି ପ୍ରକାଶ ନନ୍ଦ, ଶୁଭଲକ୍ଷ୍ମୀ ବଳ ପ୍ରମୁଖ ଯୋଗ ଦେଇଥିଲେ।

**ଓସ୍‌ଜା ବାର୍ଷିକ ଉତ୍ସବ**
■ ଅରୂପାନନ୍ଦ ଓ ବୀରେନ୍ଦ୍ର ପୁରସ୍କୃତ


ପୁରସ୍କୃତ କ୍ରୀଡ଼ାବିତ୍ ଓ ଅତିଥିଙ୍କ ସହ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର କର୍ମକର୍ତ୍ତା।

# ପ୍ରଗତି ସ୍ପୋର୍ଟିଂ ଫାଇନାଲରେ

ଭୁବନେଶ୍ୱର, ୨୧ା୩ (କ୍ରୀଡ଼ା ପ୍ରତିନିଧି)

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଚାଲିଥିବା ଟୁଇନ୍ ସିଟି ୨୩ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ

**ଟୁଇନ ସିଟି ୨୩ ବର୍ଷରୁ କମ୍ କ୍ରିକେଟ**

ଆୟୋଜକ ସଂଘକୁ ହରାଇ ପ୍ରଗତି ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨୭ ତାରିଖରେ ପ୍ରଗତି ଓ ଜୟଦେବ କଲେଜ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ଜୟଦେବ କଲେଜ ବିଜୟୀ ହୋଇଥିଲା।

ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ୨୯.୨ ଓଭରରେ ୧୬୪ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଶୁଭମ୍ ନାୟକ ସର୍ବାଧିକ ୫୬ ରନ କରିଥିଲେ। ବିପକ୍ଷ ଦଳର ସର୍ଫରାଜ ଖାଜି ୫ ଉଇକେଟ ସଫଳତା ପାଇଥିଲେ। ୧୬୫ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ୨୫.୩ ଓଭରରେ ୧୧୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦେବବ୍ରତ ପ୍ରଧାନ ୩୪ ଓ ଦୀପକ ପରିଡ଼ା ୩୨ ରନ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ବିଜୟୀ ଦଳ ପକ୍ଷରୁ ରାକେଶ ବିଶ୍ୱାଳ, ରଘୁନାଥ ମଲ୍ଲ ଓ ସୁମନ ଦାସ ୨ଟି ଲେଖାଏ ଉଇକେଟ ନେଇଥିଲେ। ବ୍ୟାଟିଂ ସମୟରେ ୧୩ ରନ କରିବା ସହ ୪ ଓଭର ବୋଲିଂ କରି ଗୋଟିଏ ମେଡେନ ନେବାସହ ମାତ୍ର ୧୧ ରନ ଦେଇ ୨ଟି ଉଇକେଟ ନେଇଥିବା ସୁମନ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରଣଜୀ ତାରକା ଶାନ୍ତନୁ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଲୁଲୁ ମହାପାତ୍ର ଓ ପ୍ରସନ୍ନ ବେହେରା ମ୍ୟାଚ ପରିଚାଳନା କରିଥିଲେ।


ସୁମନ ଦାସ (ମଝି) ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ପାକିସ୍ତାନର ପ୍ରଥମ ବିଜୟ

**ହାମିଲ୍‌ଟନ, ୨୧ା୩ (ପି.ଟି.):** ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ କ୍ରମାଗତ ୧୮ଟି ମ୍ୟାଚରେ ପରାଜୟ ପରେ ପାକିସ୍ତାନ ପ୍ରଥମ ବିଜୟ ହାସଲ କରିଛି। ସୋମବାର ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ଦଳ ୮ ଉଇକେଟରେ ଚମକପ୍ରଦ ବିଜୟ ହାସଲ କରିଛି। ସ୍ଥାନୀୟ ସେଡନପାର୍କଠାରେ ବର୍ଷାରେ ବାଧାପ୍ରାପ୍ତ ଏହି ମ୍ୟାଚକୁ ୨୦ ଓଭର ବିଶିଷ୍ଟ କରାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୮୯ ରନ କରିଥିଲା। ଦଳର ଟପ୍ ସ୍କୋରର ଓପନର ଡିଣ୍ଡ୍ରା ଡଟିନ୍ ୨୭ ରନ କରିଥିଲେ। ପାକିସ୍ତାନର ସଫଳ ବୋଲର ସ୍ପିନର ନୀଦା ଦାର୍ ମାତ୍ର ୧୦ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରି ବିପକ୍ଷ ଦଳର ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ପାକିସ୍ତାନ ୯୦ରନର ବିଜୟ ଲକ୍ଷ୍ୟକୁ ୧୮.୫ ଓଭରରେ ମାତ୍ର ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା।

# ଗର୍ଭାବସ୍ଥାରେ ଯକ୍ଷ୍ମା

-ଡା. ସରୋଜିନୀ ଷଡ଼ଙ୍ଗୀ



ବର୍ତ୍ତମାନ ଭେଷଜ ବିଜ୍ଞାନର ଅଗ୍ରଗତି ଯୋଗୁ ଯକ୍ଷ୍ମାର ଅତ୍ୟାଧୁନିକ ଚିକିତ୍ସା ଦ୍ୱାରା ଅନେକେ ଆରୋଗ୍ୟ ହୋଇପାରୁଛନ୍ତି। କିନ୍ତୁ ଏବେବି ଏହାର ଦୌରାତ୍ମ୍ୟ କମିନାହିଁ। ବର୍ଷକୁ ୫ଲକ୍ଷ ଲୋକ, ଦିନକୁ ୧୦୦୦ରୁ ଊର୍ଦ୍ଧ୍ୱ ଏବଂ ଏକ ମିନିଟରେ ଜଣେ ଲୋକ ଏହି ରୋଗରେ ମୃତ୍ୟୁବରଣ କରୁଛନ୍ତି । ଯାହାକୁ ରୋକିବା ଲାଗି ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଉଛି।

ଆଜିକାଲି ସହର ଭଳି ଗାଁ ଗହଳିରେ ମଧ୍ୟ ଏହି ଚିକିତ୍ସା ଉପଲବ୍ଧ। ତଥାପି ସେଠାରେ ଯକ୍ଷ୍ମାରୋଗ ହେଲେ ଲୋକଙ୍କୁ ଘୃଣା ଦୃଷ୍ଟିରେ ଦେଖାଯାଏ। ଫଳରେ ଶାରୀରିକ ଓ ମାନସିକ ଚାପ ବଢ଼ିଯାଇ ରୋଗୀ ମନରେ ହୀନମନ୍ୟତା ସୃଷ୍ଟି ହୁଏ। ଭାରତରେ ପ୍ରାୟ ୨୦ ମିଲିୟନ ରୋଗୀ ଏ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ୩-୫ ମିଲିୟନ ରୋଗୀ ସ୍ପୁଟମ୍ ପଜିଟିଭ ଏବଂ ପ୍ରତିବର୍ଷ ପ୍ରାୟ ୧ ମିଲିୟନ ସ୍ପୁଟମ ପଜିଟିଭ ରୋଗୀଙ୍କର ଚିହ୍ନଟ ଓ ଚିକିତ୍ସା କରାଯାଉଛି । ସାରା ପୃଥିବୀରେ ପ୍ରାୟ ୧୫ରୁ ୨୧ ନିୟୁତ ଲୋକ ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ହୋଇଥିବା ସ୍ଥଳେ ପ୍ରତି ବର୍ଷ ୪-୫ ନିୟୁତ ଲୋକ ଏହି ରୋଗରେ ପୀଡିତ ହେଉଛନ୍ତି ଓ ୩ ନିୟୁତ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି । ଏଥିରୁ ଶତକଡ଼ା ୯୯ଭାଗ ରୋଗୀ ବିକାଶୋନ୍ମୁଖୀ ଦେଶରେ ବସବାସ କରୁଛନ୍ତି । ସ୍ପୁଟମ ପଜିଟିଭ ରୋଗୀମାନଙ୍କର କଫରେ ଯକ୍ଷ୍ମା ଜୀବାଣୁ ଥାଏ ଏବଂ ତାଙ୍କ କଫ, କାଶ ଓ ଛେପରୁ ଏହା ଡ୍ରପ୍‌ଲେଟ ସଂକ୍ରମଣ ହୋଇ ଚାରିଆଡ଼କୁ ବ୍ୟାପିଥାଏ ।

**ଗର୍ଭାବସ୍ଥାରେ ଯକ୍ଷ୍ମା:** ଗର୍ଭାବସ୍ଥାର ବୟସ ସୀମା ୧୭ ରୁ ୩୫ ବର୍ଷ ଏବଂ ପ୍ରାୟ ଶତକଡ଼ା ୨ରୁ ୫ ପ୍ରତିଶତ କ୍ଷେତ୍ରରେ ଏହି ରୋଗ ଦେଖାଯାଏ । ସେମାନେ ଗର୍ଭାବସ୍ଥାରେ ଯକ୍ଷ୍ମାରୋଗ ଭୋଗିଥାନ୍ତି ବା' ଯକ୍ଷ୍ମାରୋଗ ସହ ଗର୍ଭଧାରଣ କରିଥାନ୍ତି । କିନ୍ତୁ ବର୍ତ୍ତମାନ ଅନେକ ସ୍ଥାନରେ ଏଡ୍‌ସ ରୋଗ ବଢ଼ିଯିବାରୁ ଯକ୍ଷ୍ମାରୋଗ ସଂଖ୍ୟା ମଧ୍ୟ ବଢ଼ିଯାଉଛି । ଏହାଛଡା ମଲ୍ଟି ଡ୍ରଗ୍ ରେଜିଷ୍ଟାନ୍ସ କେସ୍‌ରେ ଯକ୍ଷ୍ମା ଔଷଧ ଦ୍ୱାରା ଏହା ଭଲ ନ ହୋଇ ରୋଗକୁ ବଢ଼ାଇ ଦେଇଥାଏ। ସନ୍ତାନ ଧାରଣ ବୟସରେ ଓ ଗର୍ଭାବସ୍ଥାରେ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାରୁ ମହିଳାମାନେ ବେଶି ଆକ୍ରାନ୍ତ ହୋଇଥାନ୍ତି। ବିଭିନ୍ନ ସାମାଜିକ ସଂସ୍କାର ଓ ମହିଳାମାନଙ୍କ ପାଇଁ ଅବହେଳା ରୋଗ ଚିହ୍ନଟରେ ପ୍ରତିବନ୍ଧକ ସୃଷ୍ଟିକରେ ।

**ବର୍ତ୍ତମାନ ଭେଷଜ ବିଜ୍ଞାନର ଅଗ୍ରଗତି ଯୋଗୁ ଯକ୍ଷ୍ମାର ଅତ୍ୟାଧୁନିକ ଚିକିତ୍ସା ସମ୍ଭବ ହୋଇପାରୁଛି ଓ ଅନେକ ଲୋକ ଆରୋଗ୍ୟ ମଧ୍ୟ ହେଉଛନ୍ତି । ତଥାପି ବି କମୁନି ଏହି ରୋଗର ଦୌରାତ୍ମ୍ୟ। ତେଣୁ ଏହାକୁ ରୋକିବା ଲାଗି ସତର୍କତା ଓ ସଚେତନତା ହିଁ ଏକମାତ୍ର ଉପାୟ...**

**ଗର୍ଭାବସ୍ଥାରେ ଯକ୍ଷ୍ମାରୋଗର ରିସ୍କ ଫ୍ୟାକ୍ଟର୍ସ:** ଯଦି ପରିବାରରେ କାହାର ଯକ୍ଷ୍ମାରୋଗ ହୋଇଥାଏ, ନିମ୍ନ ମଧ୍ୟବିତ୍ତ ପରିବାରର ରୋଗୀ, ମହିଳାମାନେ ଯେଉଁ ସ୍ଥାନରେ ବସବାସ କରୁଥିବେ ସେଠାରେ ଯକ୍ଷ୍ମାରୋଗ ବେଶି ପରିମାଣରେ ହେଉଥିଲେ, ଏଚଆଇଭି ସଂକ୍ରମଣ ଥିଲେ, ନିଶାଦ୍ରବ୍ୟ ଖାଉଥିଲେ, ମଧୁମେହ ରୋଗରେ ଆକ୍ରାନ୍ତ ହୋଇଥିଲେ, କମ୍ ଓଜନ ଥିବା ମହିଳା ଓ କ୍ରନିକ ରେନାଲ ଫେଲ୍ୟୁଅର ଥିଲେ ଗର୍ଭାବସ୍ଥାରେ ବେଶି ଯକ୍ଷ୍ମା ରୋଗ ହୁଏ ।





**ଲକ୍ଷଣ:** କାଶ, କଫ, ଜ୍ୱର, ଓଜନ ହ୍ରାସ ଇତ୍ୟାଦି ଏହାର ମୁଖ୍ୟ ଲକ୍ଷଣ।

**ଚିହ୍ନଟ:** ଟ୍ୟୁବରକ୍ୟୁଲିନ ସ୍କିନ୍ ଟେଷ୍ଟ ବା ମାନ୍‌ଟକ୍ସ ଟେଷ୍ଟ, ଗର୍ଭାବସ୍ଥାରେ ୩ ମାସ ପରେ ଛାତି ଏକ୍ସ-ରେ, ସକାଳର ପ୍ରଥମ ଟିବି ଜର୍ମ ପାଇଁ ପରୀକ୍ଷା (ସକାଳର ତିନୋଟି ନମୁନା) ଗାଷ୍ଟ୍ରିକ ବାଇଓପ୍ସି ଏବଂ ରାଇବୋଜୋମାଲ ଡିଏନ୍‌ଏ ଟେଷ୍ଟ ଆଦି ଦ୍ୱାରା ଏହା ଚିହ୍ନଟ ହୋଇଥାଏ। ଜନ୍ମଗତ ଯକ୍ଷ୍ମାରୋଗ ବହୁତ ବିରଳ, ବେଳେବେଳେ ଶିଶୁଠାରେ ଏହା ଦେଖାଯାଇଥାଏ ।

**ଚିକିତ୍ସା:** ଯଦି ଗର୍ଭାବସ୍ଥାରେ ପ୍ରଥମ ଭାଗରୁ ରୋଗ ଚିହ୍ନଟ ହୋଇ ଅସୁସ୍ଥ ମହିଳା ଔଷଧ ଖାଏ, ତେବେ ଗର୍ଭାବସ୍ଥାରେ ଏତେ ଅସୁବିଧା ହୁଏ ନାହିଁ। ତେବେ ଯେଉଁମାନେ ଗର୍ଭାବସ୍ଥାରେ ଔଷଧ ଖାଆନ୍ତି ନାହିଁ ସେମାନଙ୍କର ଅପରିଣତ ପ୍ରସବ ହୁଏ, ଗର୍ଭରେ ଶିଶୁ ବଢ଼ିପାରେ ନାହିଁ ଏବଂ ଜନ୍ମ ପରେ ପରେ ଶିଶୁ ମୃତ୍ୟୁମୁଖରେ ପଡ଼ିଥାଏ । ମା' ମଧ୍ୟ ଅସୁବିଧାରେ ପଡ଼ିଥାଏ ।

**ଚିକିତ୍ସା ପ୍ରତିଷେଧକ ବ୍ୟବସ୍ଥା:** ଯଦି ଗର୍ଭାବସ୍ଥାରେ ଯକ୍ଷ୍ମାରୋଗର ଟ୍ୟୁବରକ୍ୟୁଲିନ ସ୍କିନ୍ ଟେଷ୍ଟ ବା ମାନ୍‌ଟକ୍ସ ଟେଷ୍ଟ ପଜିଟିଭ ହୁଏ କିନ୍ତୁ ଲକ୍ଷଣ ଦେଖାଯାଏ ନାହିଁ, ତାକୁ ଫାର୍ଷ୍ଟ ଲାଇନ ଔଷଧ ଦିଆଯାଏ। ଏଥିରେ ଆରୋଗ୍ୟ ନ ହେଲେ ସେକେଣ୍ଡ ଲାଇନ ଡ୍ରଗ୍ ଦିଆଯାଏ ।

ଅସୁସ୍ଥ ମହିଳାଙ୍କୁ ନର୍ମାଲ ଡେଲିଭରି କରାଯାଇପାରେ ବା ଅସୁବିଧା ହେଲେ ସିଜରିଆନ ସେକ୍ସସନ ହୁଏ। କିନ୍ତୁ ଏ ସମୟରେ ଶିଶୁକୁ ସ୍ତନ୍ୟପାନ କରାଇବା ଠିକ୍ ନୁହେଁ, କାରଣ ମା'ର ନିଃଶ୍ୱାସରୁ ଛୁଆକୁ ସଂକ୍ରମଣ ହୋଇପାରେ। ଡେଲିଭରି ପରେ ଶିଶୁକୁ ମଧ୍ୟ ଔଷଧ ଦିଆଯାଏ ।

**ଗର୍ଭନିରୋଧ:** ଗର୍ଭଧାରଣ ପୂର୍ବରୁ ଔଷଧ ଖାଉଥିଲେ ପ୍ରାୟ ୨ବର୍ଷ ପରେ ଗର୍ଭଧାରଣ କଲେ ଭଲ।

*- ଲିଙ୍କ୍ ରୋଡ୍, କଟକ-୧୨*
*ମୋ-୯୪୩୭୦୫୫୦୦୭*



ୱେଷ୍ଟର୍ନ ହେଉ କି ଏଥିନିକ୍ ଆଉଟ୍‌ଫିଟ୍ ସବୁଥିରେ କୋହ୍ଲାପୁରୀ ଚପଲ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ମାର୍କେଟ୍‌ରେ ଏହା ଏମ୍ବ୍ରୋଡରି, ଷ୍ଟୋନ୍, ଫ୍ୟାବ୍ରିକ ଇତ୍ୟାଦି ବିଭିନ୍ନ ଡିଜାଇନରେ ଉପଲବ୍ଧ। ଏହା ବଜେଟ ଫ୍ରେଣ୍ଡଲି ମଧ୍ୟ। ଏହା ଆରାମଦାୟକ, ଫ୍ୟାଶନେବୁଲ ଓ ମଲ୍ଟି ପର୍‌ପୋଜ୍ ଫୁଟ୍‌ୱେର୍ ହୋଇଥିବାରୁ ଏହାକୁ ଯେକୌଣସି ଅକେଜନ୍‌ରେ ଟ୍ରାଏ କରିପାରିବେ...

# କୋହ୍ଲାପୁରୀ ଚପଲ



➔ଶାଢ଼ି କିମ୍ବା ସ୍କର୍ଟ ସହ ଏମ୍ବ୍ରୋଡରି କୋହ୍ଲାପୁରୀ ପିନ୍ଧିପାରିବେ। ଶାଢ଼ି କଲରକୁ ମ୍ୟାଚ୍ କରୁଥିବା ଚପଲ ପିନ୍ଧିଲେ ଏହା ଆପଣଙ୍କୁ କ୍ଲାସି ଲୁକ୍ ଦେବ। ଏହି ଚପଲ ମଲ୍ଟି କଲର ଏବଂ ସିଙ୍ଗଲ କଲରରେ ମଧ ଉପଲବ୍ଧ।

➔ଜିନ୍ସ ସହ ସାଧାରଣତଃ ହିଲ୍, ସ୍ନିକର୍ସ କିମ୍ବା ଶୁ' ପିନ୍ଧିବାକୁ ପସନ୍ଦ କରନ୍ତି। କେବେ ଟ୍ୟାସେଲ୍‌ବାଲା କୋହ୍ଲାପୁରୀ ଟ୍ରାଏ କରି ଦେଖନ୍ତୁ। ସିମ୍ପଲ ଟପ୍, ଶାର୍ଟ ସହ ଜିନ୍ସ ପିନ୍ଧି ଏହି କୋହ୍ଲାପୁରୀ ପେୟାର ଅପ୍ କଲେ ଟ୍ରେଣ୍ଡି ଲାଗିବେ। ଜିନ୍ସ ସହିତ ଡାର୍କ କଲରର ଟ୍ୟାସେଲ୍‌ବାଲା କୋହ୍ଲାପୁରୀ ଭଲ ମାନିଥାଏ।

➔ଚୁଡିଦାର କିମ୍ବା ସାଲ୍‌ୱାର ସୁଟ୍‌କୁ ମଧ କୋହ୍ଲାପୁରୀ ଚପଲ ଭଲ ମାନିଥାଏ। ଟ୍ରାଡିସନାଲ୍ ଗେଟ୍‌ଅପ୍ ନେଉଥିଲେ କ୍ଲାସିକ୍ ଲେଦର, ଲେଦର ସହ ଥ୍ରେଡ୍ ୱାର୍କ ଡିଜାଇନ୍‌ର କୋହ୍ଲାପୁରୀ ଚପଲ ମ୍ୟାଚ୍ କରି ପିନ୍ଧନ୍ତୁ।

➔କ୍ଲାସିକ୍ ଲେଦର କୋହ୍ଲାପୁରୀ ଚପଲ ଅଫିସ୍‌ୱେର୍ ପାଇଁ ପର୍‌ଫେକ୍ଟ ଲୁକ୍ ଦେଇଥାଏ। ପ୍ଲାଜୋ କିମ୍ବା ଟ୍ରାଉଜର ପିନ୍ଧି ଅଫିସ୍ ଯାଉଥିଲେ ଏହି ଡିଜାଇନ୍‌ର ଚପଲ ନିଶ୍ଚିତ ଭାବରେ କ୍ୟାରି କରନ୍ତୁ।

➔ଯଦି ଆପଣଙ୍କୁ ଅଧିକ ଘୁଙ୍ଗୁର ଥିବା ପାଉଁଜି ପସନ୍ଦ ତେବେ ଘୁଙ୍ଗୁର କୋହ୍ଲାପୁରୀ ଚପଲ ମଧ ମାର୍କେଟ୍‌ରେ ଉପଲବ୍ଧ ହେଲାଣି। ଏହାକୁ ଟ୍ରାଡିସନାଲ ଆଉଟ୍‌ଫିଟ୍ ସହ ଟ୍ରାଏ କରନ୍ତୁ , ଆଟ୍ରାକ୍ଟିଭ୍ ଲାଗିବ।

# ୱାଶିଂ ମେଶିନ ବ୍ୟବହାର କରୁଥିଲେ



-ୱାଶିଂ ମେଶିନ ବ୍ୟବହାର କରିବା ସମୟରେ କେହି କେହି ଏକାସଙ୍ଗେ ବହୁତ କପଡ଼ା ପକାଇଦିଅନ୍ତି ତ ଆଉ କେହି ଅଧିକ ଡିଟରଜେଣ୍ଟ ପକାନ୍ତି। ଏହାଦ୍ୱାରା କପଡ଼ା ସହ ମେଶିନ ବି ଖରାପ ହେବା ଆଶଙ୍କା ରହିଛି। ତେଣୁ ମେଶିନର କାପାସିଟି ଅନୁଯାୟୀ କପଡ଼ା ପକାନ୍ତୁ ଏବଂ ଆବଶ୍ୟକ ମାତ୍ରାରେ ଡିଟରଜେଣ୍ଟ ବ୍ୟବହାର କରନ୍ତୁ।

-କୌଣସି ପୋଷାକରୁ ରଙ୍ଗ ବାହାରୁଥିଲେ ଏହାକୁ ମେଶିନରେ ଧୁଅନ୍ତୁ ନାହିଁ। ନଚେତ୍ ଏଥିରୁ ରଙ୍ଗ ଛାଡ଼ି ମେଶିନରେ ପଡ଼ିଥିବା ଅନ୍ୟ କପଡ଼ାର ରଙ୍ଗକୁ ଖରାପ କରିଦେବ।

-ଜିନ୍ସ କିମ୍ବା ଜ୍ୟାକେଟ୍ ବା ଅନ୍ୟ ଜିପ୍ ଥିବା କପଡ଼ା ଧୋଇବା ସମୟରେ ଏହାର ଜିପ୍ ଖୋଲା ରଖନ୍ତୁ ନାହିଁ। କାରଣ ଏହାର ଜିପ୍ ଘଷିହୋଇ ଭାଙ୍ଗିଯିବ ନଚେତ୍ ଏହା ଲାଗି ଅନ୍ୟ କପଡ଼ା ଫାଟି ମଧ ଯାଇପାରେ।

-ଲେସ୍, ଷ୍ଟୋନ୍‌ୱାର୍କ ଆଦି ଥିବା ହେଭି ଶାଢ଼ି କିମ୍ବା ଓନ୍‌ଲି ଫର୍ ଡ୍ରାଏ କ୍ଲିନ୍ ଲେଖାଥିବା କପଡ଼ାକୁ ୱାଶିଂ ମେଶିନରେ ପକାଇଲେ ତାହା ଖରାପ ହୋଇଯାଏ। ତେଣୁ ଏଭଳି କପଡ଼ାକୁ ହାତରେ ସଫା କରିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ।

-ଅନେକେ ୱାଶିଂ ମେଶିନରେ ଜୋତା, ଡୋର୍‌ମ୍ୟାଟ୍ ଭଳି ଜିନିଷ ବି ସଫା କରିବାକୁ ପଛାନ୍ତି ନାହିଁ। ହେଲେ ଏପରି କରିବା ଦ୍ୱାରା ମେଶିନ ଖରାପ ହୋଇପାରେ। ଏହାଦ୍ୱାରା ରୋଗ ଜୀବାଣୁ ମଧ ମେଶିନ ଭିତରେ ରହି ଅନ୍ୟ କପଡାକୁ ସଂକ୍ରମିତ ହୋଇପାରେ।

# ଅଏଲ ଫ୍ରି ଚିକେନ୍

ଖାଦ୍ୟରୁଚି



**ଆବଶ୍ୟକ ସାମଗ୍ରୀ:** କଟା ହୋଇଥିବା ଚିକେନ୍- ୧ କି.ଗ୍ରା., ୨୫୦ ମିଲିଗ୍ରାମ୍ ଦହି, ୧ ଚାମଚ ଲଙ୍କାଗୁଣ୍ଡ, ୨ ଚାମଚ ଜିରାଗୁଣ୍ଡ, ୧ ଚାମଚ ଧନିଆଗୁଣ୍ଡ, ଅଧା ଚାମଚ ଗରମ ମସଲା, ଗୋଟିଏ ଲେମ୍ବୁର ରସ, ଛୋଟ ଛୋଟ କଟାହୋଇଥିବା ୩ଟି ପିଆଜ, କଟାହୋଇଥିବା ୩-୪ଟି କଞ୍ଚାଲଙ୍କା, ଛେଚାହୋଇଥିବା ଅଳ୍ପ ରସୁଣ, ଅଦା, ୨ ଛୋଟ ଚାମଚ ଭିନେଗାର, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଚିକେନ୍‌ରେ ଲେମ୍ବୁରସ ଏବଂ ପିଆଜ ଗୋଳାଇ ଏକ ଘଣ୍ଟା ରଖିଦିଅନ୍ତୁ। ଦହିରେ ସମସ୍ତ ମସଲାଗୁଣ୍ଡ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ରଖାଯାଇଥିବା ଚିକେନ୍‌ରେ ପକାଇ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଚୁଲାରେ ଏକ ନନ୍‌ଷ୍ଟିକ୍ ପ୍ୟାନ୍ ଗରମକରି ସେଥିରେ ଚିକେନ୍ ପକାଇ ଘାଣ୍ଟନ୍ତୁ। ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଚିକେନ୍ ସିଝିଯିବା ପରେ ଚୁଲା ବନ୍ଦ କରିଦିଅନ୍ତୁ। ବିନା ତେଲରେ ଆପଣଙ୍କ ଚିକେନ୍ ତରକାରି ପ୍ରସ୍ତୁତ। ସେଥିରେ ଧନିଆପତ୍ର ପକାଇ ଖାଇବାର ମଜା ନିଅନ୍ତୁ।

# ସନ୍‌ଟ୍ୟାନ୍ କମାଇବ କାକୁଡ଼ି

ସୌନ୍ଦର୍ଯ୍ୟ



**ଖରାଦିନ ଆସିଲେ ସନ୍‌ଟ୍ୟାନ୍ ବଢ଼ାଇଦିଏ ଅନେକଙ୍କ ଟେନ୍‌ସନ । ଏହାକୁ ଦୂରେଇବା ଲାଗି ଅନେକେ ବିୟୁଟିପାର୍ଲର ଯିବାଠୁ ଆରମ୍ଭକରି ବିଭିନ୍ନ ପ୍ରଡକ୍ଟ ବ୍ୟବହାର କରିବାକୁ ପଛାନ୍ତି ନାହିଁ। ହେଲେ ଆପଣ ଚାହିଁଲେ କାକୁଡ଼ି ବ୍ୟବହାର କରି ସନ୍‌ଟ୍ୟାନ୍ ଦୂରେଇପାରିବେ...**



➤କାକୁଡ଼ିକୁ ଭଲ ଭାବେ ଗ୍ରାଇଣ୍ଡକରି ସେଥିରେ ଅଳ୍ପ ଓଟ୍‌ମିଲ୍ ଏବଂ ମହୁ ମିଶାନ୍ତୁ। ଏହି ମାସ୍କକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହା ସନ୍‌ବର୍ନ ଏବଂ ଟ୍ୟାନ୍ ଦୂରକରିବା ଲାଗି ସବୁଠୁ ଭଲ ଉପାୟ।

➤ଖରାଦିନେ ଟୋନର ଭାବେ କାକୁଡ଼ିକୁ ବ୍ୟବହାର କଲେ ଟ୍ୟାନ୍ ସମସ୍ୟା ଦୂର ହୋଇଥାଏ। ଏଥିପାଇଁ କାକୁଡ଼ିର ଚୋପା ଛଡ଼ାଇ ଏହାକୁ ଗ୍ରାଇଣ୍ଡ କରିବା ପରେ ଭଲ ଭାବେ ଛାଣି ରସ ବାହାର କରିଦିଅନ୍ତୁ। ଏହାକୁ ସ୍ପ୍ରେ ବୋତଲରେ ରଖି ମୁହଁରେ ସ୍ପ୍ରେ କରନ୍ତୁ ନଚେତ୍ ତୁଳାରେ ନେଇ ମୁହଁରେ ଲଗାନ୍ତୁ। ଏହା ତ୍ୱଚାକୁ ହାଇଡ୍ରେଟ୍ ଏବଂ ଫ୍ରେଶ୍ ରଖିବା ସହ ଟ୍ୟାନ୍ ହେବାକୁ ଦେଇ ନ ଥାଏ।

➤କାକୁଡ଼ିକୁ ପତଳା କାଟି ମୁହଁ ଏବଂ ଆଖି ଉପରେ ରଖିବା ଦ୍ୱାରା ମଧ କଳାଦାଗ ସହଜରେ ଦୂର ହୋଇଥାଏ।

➤କାକୁଡ଼ିର ଚୋପା ଏବଂ ମଞ୍ଜି ବାହାର କରିଦିଅନ୍ତୁ। ସେଥିରେ ଗୋଟିଏ ଅଣ୍ଡାର ଧଳା ଅଂଶ ଏବଂ କିଛି ପୋଦିନାପତ୍ରକୁ ଭଲ ଭାବେ ବାଟିଦିଅନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହା ଟ୍ୟାନ୍ ଦୂରକରିବା ସହ ତ୍ୱଚାର ଉଜ୍ଜ୍ୱଳତା ବଢ଼ାଇବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୨/୨୦୨୨ Bhubaneswar, Tuesday, March 22/ 2022




# ଭାରତୀୟ ଫୁଟ୍‌ବଲ ଦଳରେ ୭ ନୂଆ ମୁହଁ

**ନୂଆଦିଲ୍ଲୀ, ୨୧।୩ (ପି.ଟି.)**

ଚଳିତ ମାସ ପରବର୍ତ୍ତୀ ଭାଗରେ ବାହାରିନ୍ ଓ ବେଲାରୁଷ ବିପକ୍ଷ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ପାଇଁ ଭାରତର ପୁରୁଷ ଜାତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ ୨୫ ଜଣିଆ ଦଳ ଘୋଷଣା କରିଛନ୍ତି। ତନ୍ମଧ୍ୟରେ ୭ ନୂଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ରଭଶୁଖାନ୍ ଗିଲ୍ ହୋର୍ମିପାମ୍ ରୁଇଭା, ଅନଓ୍ୱର ଅଲି, ରୋଶନ ସିଂ, ଭି.ପି, ସୁହେର୍, ଡାନିଶ ଫାରୁକ୍ ଓ ଆନିକେତ୍ ଯାଦବ। ଦୁଇଟି ଯାକ ମ୍ୟାଚ ବାହାରିନ୍‌ରେ ମାର୍ଚ୍ଚ ୨୩ ଓ ୨୬ ରେ ଖେଳାଯିବ। ଷ୍ଟିମାକ୍ କହିଛନ୍ତି, ବାହାରିନ ଓ ବେଲାରୁଷ ହେଉଛନ୍ତି ଆମଠାରୁ ଉନ୍ନତ ର୍‍ୟାଙ୍କିଙ୍ଗପ୍ରାପ୍ତ ଦଳ। ତେବେ ପଡ଼ିଆରେ ସେମାନଙ୍କୁ ଯଥାର୍ଥ ବୋଲି ପ୍ରମାଣ କରି ଦେଖାଇବାକୁ ପଡ଼ିବ। ବାହାରିନରେ ଖେଳାଯିବାକୁ ଥିବା ଏହି ମ୍ୟାଚ ଦୁଇଟିରେ ବର୍ତ୍ତମାନ ଆମ ସ୍ଥିତି କେଉଁଠି ତାହା ସ୍ପଷ୍ଟ ହେବ। ଜୁନ୍ ୮ରୁ କୋଲକାତାରେ ଏଏଫ୍‌ସି ଏସିଆନ କପ୍ ଚାଇନା ୨୦୨୩ର ଫାଇନାଲ ରାଉଣ୍ଡ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚଗୁଡ଼ିକ ଖେଳାଯିବ। ଏଥିଲାଗି ପ୍ରସ୍ତୁତିର ଅଂଶବିଶେଷ ସ୍ୱରୂପ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଆୟୋଜନ କରାଯାଇଛି। ପ୍ରତିଯୋଗିତାରେ ହଂକଂ, ଆଫଗାନିସ୍ତାନ ଓ କାମ୍ବୋଡିଆ ସହ ଭାରତ ଗ୍ରୁପ୍ ଡି'ରେ ସ୍ଥାନ ପାଇଛି। ସୂଚନାଯୋଗ୍ୟ, ପ୍ରତିଯୋଗିତାରେ ଭାଗ ନେଉଥିବା ୨୪ଟି ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପର ବିଜେତା ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶ୍ରେଷ୍ଠ ୫ ଦଳ ଚାଇନାରେ ହେବାକୁଥିବା ଏସିଆନ୍ କପ୍ ପାଇଁ ଟିକେଟ ପାଇବେ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ସିଏସ୍‌ଓଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

ଖୋର୍ଦ୍ଧା ଅଫିସ,୨୧।୩

ଚାଷୀଙ୍କ ପିଛା ଛାଡୁନି ସମସ୍ୟା। ଖରିଫ ଧାନକିଣା-୨୦୨୧ ଅବଧି ସରି ଆସୁଥିବା ବେଳେ ଖୋର୍ଦ୍ଧା ଜିଲାର ବହୁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଟୋକନ ଲାପ୍‌ସ ଯୋଗୁ ଧାନ ବିକ୍ରି କରି ନ ପାରି ଚାଷୀ ନାହିଁ ନ ଥିବା ହଇରାଣ ହେଉଛି। ଏହାର ସମାଧାନ ପାଇଁ ଦୈନିକ ବିଭିନ୍ନ ଅଞ୍ଚଳର ଏକାଧିକ ଚାଷୀ ଜିଲା ପ୍ରଶାସନ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ମିଳୁଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଚାଷୀ ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ଟାଙ୍ଗୀ ବ୍ଲକର ୩ ପଞ୍ଚାୟତ ଓ ବାଣପୁର ବ୍ଲକର ନରେନ୍ଦ୍ରପୁର, କୋଳଥଡିହ ଗ୍ରାମର ଶତାଧିକ ଚାଷୀ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଖୋର୍ଦ୍ଧାଙ୍କ ନିକଟରେ ଲିଖିତ ଅଭିଯୋଗ କରି ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରାଉ କରିବା ସହ



ଚାଷୀମାନେ ସିଏସ୍‌ଓଙ୍କ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି।

ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡି, ରତନପୁର ଓ କୁଞ୍ଜୁରୀ ପଞ୍ଚାୟତର ଚାଷୀଙ୍କ ଅଭିଯୋଗ ମୁତାବକ, କୁହୁଡି ସେବା ସମବାୟ ସମିତିରେ ୬୧୪ଜଣ ପଞ୍ଜୀକୃତ ଚାଷୀ ରହିଛନ୍ତି। ସୋମବାର ସୁଦ୍ଧା ୪୩୮ଜଣ ଚାଷୀଙ୍କ ଧାନ କିଣାଯାଇଥିବା ବେଳେ ୧୭୬ଜଣ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬୨ ଚାଷୀଙ୍କ ଟୋକନ ଅବଧି ଲାପସ କରିଯାଇଛି। ବହୁ କଷ୍ଟରେ ଚାଷୀ ଧାନ ଫସଲ ଅମଳ କରିଛନ୍ତି। ଚାଷୀଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ବଳକା ଚାଷୀଙ୍କ ଧାନକିଣା ବ୍ୟବସ୍ଥା ଲାଗି ଗ୍ରାମର ପ୍ରଶାନ୍ତ କୁମାର ସାମନ୍ତରାୟ, ରଘୁନାଥ ବେହେରା, ଭାସ୍କର ଜେନା ପ୍ରମୁଖ ଦାବି କରିଛନ୍ତି। ସେହିପରି ବାଣପୁରରୁ ଆସିଥିବା ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ହଳଦା ପ୍ରାଥମିକ ସେବା ସମବାୟ ସମିତିରେ ପଞ୍ଜୀକୃତ ଚାଷୀଙ୍କ ନିକଟକୁ ଟୋକନ ନମ୍ବର ମେସେଜ ଆସିଥିଲା। ତେବେ ଧାର୍ଯ୍ୟ ସମୟରେ ଅଧିକାଂଶ ଚାଷୀଙ୍କ ଧାନ କିଣାଯାଇ ନ ଥିବା ଅଭିଯୋଗ ଆଣିଛନ୍ତି। ଏହି ସମିତିର ପଞ୍ଜୀକୃତ ଚାଷୀ ଈଶ୍ୱର ଚନ୍ଦ୍ର ଦାସ କୁହନ୍ତି, ଫେବୃୟାରୀ ୧୮ରେ ୬୧ କୁଇଣ୍ଟାଲ ଧାନ ବିକ୍ରି ଲାଗି ମୋବାଇଲ ଫୋନକୁ ମେସେଜ ଆସିଥିଲା। ତେବେ ସମିତି ସମ୍ପାଦକ ମଣ୍ଡିରେ ଧାନ କିଣିବା ପରିବର୍ତ୍ତେ ୪୫ କୁଇଣ୍ଟାଲ ଏକ ରାଇସ ମିଲକୁ ସିଧାସଳଖ ବିକ୍ରି ଲାଗି ପରାମର୍ଶ ଦେଇଥିଲେ। ଏହାକୁ ବିରୋଧ କରିବାରୁ ସମ୍ପାଦକ ଧମକ ଦେବା ସହ ସମିତିରେ ଧାନ ରଖାଯିବ ନାହିଁ ବୋଲି କହିଥିଲେ। ଧାନ ମଣ୍ଡିକୁ ଆସିବା ପରିବର୍ତ୍ତେ ସିଧାସଳଖ ମିଲର୍ସଙ୍କ ଗୋଦାମକୁ ଯାଉଛି ବୋଲି ଦାସ କହିଛନ୍ତି। ମିଲ୍ ମାଲିକମାନେ ୧୦ରୁ ୧୫କେଜି ପର୍ଯ୍ୟନ୍ତ କଟନିଛଟନି କରୁଛନ୍ତି ବୋଲି କେତେଜଣ ଚାଷୀ କହିଛନ୍ତି। ଅଭିଯୋଗକାରୀ ଚାଷୀ ଈଶ୍ୱର କୁହନ୍ତି, ଏ ସମ୍ପର୍କରେ କୃଷି ମନ୍ତ୍ରୀ, ୫-ଟି ସଚିବ, ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି।

## ସଂକ୍ଷେପରେ

### ପଥର ଖଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ନିରାକାରପୁର,୨୧।୩(ଡି.ଏନ୍.ଏ.): ପଥର ଖଣିରେ ବୁଡ଼ି ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ସଦର ଥାନା ଅନ୍ତର୍ଗତ ଧଉଳିମୁହଁ ଗ୍ରାମର ପବିତ୍ର କୁମାର ପାଇକରାୟ। ସୂଚନା ମୁତାବକ, ପବିତ୍ର ଶୌଚ ପାଇଁ ଗ୍ରାମ ନିକଟରେ ଥିବା ପଥର ଖଣିକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। କେତେଜଣ ଗ୍ରାମବାସୀ ଉକ୍ତ ଖଣିକୁ ଗାଧୋଇବାକୁ ଯାଇଥିବା ବେଳେ ଏକ ଗାମୁଛା ଭାସୁଥିବା ଦେଖି ସନ୍ଦେହ କରିଥିଲେ। ପରେ କେତେଜଣ ଗ୍ରାମବାସୀ ପବିତ୍ରଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ସୋମବାର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ଦୁର୍ଘଟଣାରେ ଜଣେ ଗୁରୁତର

ବୋଲଗଡ଼,୨୧।୩(ଡି.ଏନ୍.ଏ.): ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ରାଜସୁନାଖଳା-ଧଳାପଥର ରାସ୍ତାର ସାନକୁମାରୀଠାରେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ତେବେ ଗୁରୁତରଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବ୍ୟକ୍ତି ଜଣଙ୍କ ରାଜସୁନାଖଳାପଟୁ ବାଙ୍କୋଇ ଅଭିମୁଖେ ସ୍କୁଟିରେ ଯାଉଥିଲେ। ସାନକୁମାରୀ ଗ୍ରାମସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ କେନାଲ ଆଡ଼କୁ ମାଡ଼ିଯାଇଥିଲେ। ଫଳରେ କେନାଲ ଉପରେ ଥିବା ବ୍ରିଜ୍‌ରେ ପଡ଼ିଯାଇ ଗୁରୁତର ହୋଇଥିଲେ।

### କୂଅରୁ ଗାଈ ଉଦ୍ଧାର

ବୋଲଗଡ଼,୨୧।୩(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ବିଜିପୁର ଗ୍ରାମର ଲକ୍ଷ୍ମୀଧର ପ୍ରଧାନଙ୍କ ବାରିପଟେ ଥିବା କୂଅରେ ଏକ ଗାଈ ପଡ଼ିଯାଇଥିଲା। ଏନେଇ ପ୍ରଧାନ ଘଟଣା ସମ୍ପର୍କରେ ଜଣାଇବା ପରେ ବୋଲଗଡ଼ ଅଗ୍ନିଶମ ଭାରପ୍ରାପ୍ତ ଅଧିକାରୀ ମହାଦେବ ବେହେରାଙ୍କ ନେତୃତ୍ୱରେ ବନମାଳୀ ବେହେରା, ସନ୍ଦୀପ କୁମାର ଛାଟୋଇ, ଭାସ୍କର ସାମନ୍ତରାୟ, ପ୍ରମୋଦ ସାହୁ, ନିରଞ୍ଜନ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କୂଅରୁ ଗାଈକୁ ଉଦ୍ଧାର କରିଥିଲେ।

### ବିଦ୍ୟାଳୟରେ ଚାରାରୋପଣ

ବେଗୁନିଆ,୨୧।୩(ଡି.ଏନ୍.ଏ.): ବେଗୁନିଆ ବ୍ଲକ ବାଘମାରୀ ରଘୁନାଥ ଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରାଜଶ୍ରୀ ରାୟପ୍ରିତମଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ମାର୍ଥା ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ୨୦୦୮ ବ୍ୟାଚ୍‌ର ୬୫ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ସଭିଏଁ ଚାରା ରୋପଣ କରିଥିଲେ। ନଳିନୀକାନ୍ତ ପଣ୍ଡା, ଶିବ ପ୍ରସାଦ ସାହୁ, ଭାଗୀରଥି ଜେନା, ହଟନାଥ ମହାରଣା, ବିଜୟ ପଣ୍ଡା, ସରୋଜିନୀ ସାହୁ, ବାସନ୍ତୀ ସାହୁ, ପ୍ରତିମା ସାହୁ, ମନୋରମା ପଣ୍ଡା, ପ୍ରମୋଦ ପଣ୍ଡା, ବନମାଳୀ ପଣ୍ଡା, ନବକିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଆକ୍ରମଣ କରି ଯୁବକ ଗିରଫ

ବାରଙ୍ଗ,୨୧।୩(ଡି.ଏନ୍.ଏ.): ଛତାବର ମେଳଣ ପଡ଼ିଆରେ ରବିବାର ଅପରାହ୍ନରେ ଜଣେ ନିଶାସକ୍ତ ଯୁବକଙ୍କ ଆକ୍ରମଣରେ ୨ଜଣ ଆହତ ହୋଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ମେଣ୍ଢଶାଳ ଫାଣ୍ଡି ପୋଲିସ ଉକ୍ତ ନିଶାସକ୍ତ ଯୁବକଙ୍କୁ ଗିରଫ କରି ସୋମବାର ତାଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଫାଣ୍ଡି ଅଞ୍ଚଳର ନିରଞ୍ଜନ ମହାକୁଡ଼। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୭୨/୨୨) ରୁଜୁ କରିଛି। ସୂଚନା ମୁତାବକ, ଛତାବର ଗ୍ରାମର ମନୋଜ ମୁଦୁଲି ଓ କୃଷ୍ଣଚନ୍ଦ୍ର ମୁଦୁଲି ମେଳଣ ପଡ଼ିଆରେ ଥିବାବେଳେ କାର୍ ଯୋଗେ ନିରଞ୍ଜନ ଆସି ଉକ୍ତ ୨ ଜଣଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ଫଳରେ କୃଷ୍ଣଚନ୍ଦ୍ରଙ୍କ କପାଳ ଏବଂ ମନୋଜଙ୍କ ବେକରେ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ଖବରପାଇ ମେଣ୍ଢଶାଳ ଫାଣ୍ଡି ଅଧିକାରୀ ସେଠାରେ ପହଞ୍ଚି ଚିକିତ୍ସା ପାଇଁ ୨ଜଣଙ୍କୁ ଡାକ୍ତରଖାନା ପଠାଇଥିଲେ। ଏଥିସହ ନିରଞ୍ଜନଙ୍କୁ ଗିରଫ କରିବା ସହ ତାଙ୍କ କାର୍‌କୁ ଜବତ କରିଥିଲେ।

## ଶ୍ୱାଇଁର କଟୁରି ଚୋଟରେ ଶ୍ୱଶୁର ଗୁରୁତର

ଭୁବନେଶ୍ୱର,୨୧।୩(ବ୍ୟୁରୋ)

ଶ୍ୱାଇଁର କଟୁରି ଚୋଟରେ ଶଶ୍ୱର ଗୁରୁତର ଆହତ । ଏଭଳି ଘଟଣା ସ୍ଥାନୀୟ ତାରିଣୀ ବସ୍ତିରେ ଦେଖିବାକୁ ମିଳିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରି କ୍ୟାପିଟାଲ ଥାନା ପୋଲିସ ସୋମବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ଲିଙ୍ଗରାଜ ଥାନା ଅଞ୍ଚଳରେ ରହୁଥିବା ବାବୁ ଓରଫ ହାସନ ଚନ୍ଦ୍ର ନାୟକ (୩୩) । ତାଙ୍କଠାରୁ ବ୍ୟବହୃତ କଟୁରୀ ଜବତ କରାଯାଇଛି। ସୂଚନାନୁଯାୟୀ ଅଭିଯୋଗକାରିଣୀ ରିଙ୍କୁ ନାୟକ ତାରିଣୀ ବସ୍ତିରେ ଥିବା ପୈତୃକଘରେ ୩ ପିଲା ଛୁଆଙ୍କୁ ନେଇ ରୁହନ୍ତି । ଅଭିଯୁକ୍ତ ସ୍ୱାମୀ ସବୁବେଳେ ପାଟି ତୁଣ୍ଡ କରିବା ସହ ଗାଳିଗୁଲଜ କରିଥାନ୍ତି । ତେଣୁ ସେ ତାଙ୍କ ପୈତୃକ ଘରେ ରହୁଥିଲେ । ଏହାପରେ ମଧ୍ୟ ଅଭିଯୁକ୍ତ ଜଣଙ୍କ ଅବାଦ୍ଧ ଭାବେ ଶ୍ୱଶ୍ୱରଙ୍କ ଘରକୁ ଯିବା ଆସିବା କରିବା ସହ କଳି ଝଗଡା ଲାଗନ୍ତି । କିନ୍ତୁ ଗତ ୨୦ ତାରିଖର ଅଭିଯୁକ୍ତ ଜଣଙ୍କ ଶ୍ୱଶ୍ୱରଙ୍କୁ ଘରୁ ଡାକି ଆଣି ଏକ କଟୁରୀରେ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ସେ ଘଟଣାସ୍ଥଳରେ ଅଚେତ ହେବା ସହ ଗୁରୁତର ଆହତ ହୋଇଥିଲେ। ଏନେଇ ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏନେଇ ତାଙ୍କ ସ୍ତ୍ରୀ ରିଙ୍କୁ ନାୟକ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୭୨।୨୨ ମାମଲା ରୁଜୁ କରି ଗିରଫ କରିଛି ।

## ପାରିବାରିକ ବିବାଦରୁ ପିଟିପିଟି ମାରିଦେଲେ

ଖୋର୍ଦ୍ଧା ଅଫିସ,୨୧।୩

ଖୋର୍ଦ୍ଧା ସଦର ଥାନା ଅଧୀନ ବଣିଆଟାଙ୍ଗୀ ଗ୍ରାମରେ ଦୁଇ ପରିବାର ମଧ୍ୟରେ ବିବାଦରୁ ଜଣେ ବ୍ୟକ୍ତିଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ପ୍ରହଲ୍ଲାଦ ସାହୁ। ଏନେଇ ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ସୋମବାର ପୋଲିସ ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସଦର ଏସ୍‌ଡିପିଓ

**ସ୍ତ୍ରୀ ଆଣିଲେ ହତ୍ୟା ଅଭିଯୋଗ**

ସୁଶୀଲ ମିଶ୍ରଙ୍କ ସୂଚନା ଅନୁଯାୟୀ, ପାଚେରିକୁ ନେଇ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ବିବାଦ ରହିଥିଲା। କୌଣସି କାରଣରୁ ପ୍ରହଲ୍ଲାଦ ପଡ଼ୋଶୀ ପରିବାରର ଜଣେ ମହିଳାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସମ୍ପୃକ୍ତ ପରିବାର ୨ଜଣ ପ୍ରହଲ୍ଲାଦଙ୍କୁ ମାରପିଟ କରିଥିଲେ। ପରେ ସେ ସେଠାରୁ ପଳାଇ ଆସିଥିଲେ। ତେବେ ସନ୍ଧ୍ୟାରେ ସେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ପହଞ୍ଚି ପ୍ରହଲ୍ଲାଦଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପ୍ରହଲ୍ଲାଦଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ତେବେ ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ଅନିତା ସାହୁ ସୂଚନା ଦେଇଛନ୍ତି।

## ଚାରା ଲଗାଇ ସଚେତନତା ବାର୍ତ୍ତା ଦେଲେ



ଖୋର୍ଦ୍ଧା ଅଫିସ,୨୧।୩

ବିଶ୍ୱ ବନ ଦିବସ ଅବସରରେ ସୋମବାର ଖୋର୍ଦ୍ଧା ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରା ରୋପଣ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁଜଙ୍ଗ ସ୍ଥିତ ଏକ ଘରୋଇ ଇଂରାଜୀ ପବ୍ଲିକ ସ୍କୁଲ ପରିସରରେ ଚାରାରୋପଣ ସହ ଆମ ଜଙ୍ଗଲ ଆମ ଦାୟିତ୍ୱ ଶୀର୍ଷକ ସଚେତନତା ବାର୍ତ୍ତା ଦେଇଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଭାତ ମିଶ୍ର, ସାମାଜିକ କର୍ମୀ ଅବ୍ୟକ୍ତ ହରିହର ଖାଡଙ୍ଗା ଯୋଗଦେଇ ଚାରାରୋପଣ କରିଥିଲେ। ଏଥିସହ ସଂସ୍କୃତି ଭବନ ପରିସରରେ ସାମାଜିକ କର୍ମୀ କେଦାର ନାଥ ପାତ୍ର, ଜରିପୁଟ ଠାରେ ପରିବେଶପ୍ରେମୀ ଧନେଶ୍ୱର ବିଧାର ଚାରା ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଏହି ଅବସରରେ କ୍ଲବ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଥିଲେ, ଜଙ୍ଗଲ ବିନା ଜୀବନ ଅସମ୍ଭବ। ଦ୍ରୁତ ଶିଳ୍ପାୟନ ଏବଂ ସହରୀକରଣ ଲାଗି ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି। ଜଙ୍ଗଲ କ୍ଷୟ ଯୋଗୁ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ବନ୍ୟା ମରୁଡି ଭଳି ଅନେକ ସମସ୍ୟା ସୃଷ୍ଟି ହେଉଛି। ଦିନକୁ ଦିନ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଏକ ସର୍ଭେ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ୮୦ପ୍ରତିଶତ ଜଙ୍ଗଲ ଧ୍ୱଂସ ପାଇଗଲାଣି। ଜଙ୍ଗଲ କ୍ଷୟ ରୋକାନଗଲେ ଆଗାମୀ ଦିନରେ ବିଶ୍ୱରେ ତାପାୟନ ବୃଦ୍ଧି ପାଇବ। ଏଥିଲାଗି ବ୍ୟାପକ ସଚେତନତା ଜରୁରି ଆବଶ୍ୟକ। ଜଙ୍ଗଲ କ୍ଷୟ ସହିତ ନିଆଁ ଯୋଗୁ ବନ ସମ୍ପଦ ନଷ୍ଟ ହେଉଛି। ଜୈବ ବିବିଧତା ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି। ତେଣୁ ଜଙ୍ଗଲ ସୁରକ୍ଷା ହେଉଛି ସମସ୍ତଙ୍କ ଦାୟିତ୍ୱ। ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଓ ପୁନରୁଦ୍ଧାର ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପାଣିଗ୍ରାହୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଭାପତି ରଞ୍ଜିତ ସାମନ୍ତରାୟ, ଓମ୍ ମହାନ୍ତି, ସତ୍ୟ ବିଶୋଇ, ସନ୍ତୋଷ ମହାନ୍ତି, ପାର୍ଥ ସୁନ୍ଦର ଦାସ, ଜୀବନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## 'ଭାରତୀୟ ଦର୍ଶନର ମହତ୍ତ୍ୱ ମହନୀୟ'

ପୁରୀ ଅଫିସ, ୨୧।୩

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ ଏବଂ ଉତ୍କଳ ପରିଷଦ, ତିରୁପତିର ମିଳିତ ତତ୍ତ୍ୱାବଧାନରେ ତିନିଦିନିଆ ଜାତୀୟ ସଂଗୋଷ୍ଠୀ ସୋମବାରଠାରୁ ସ୍ଥାନୀୟ ଶ୍ରୀସଦାଶିବ ସଂସ୍କୃତ ସଂସ୍ଥାନ ପରିସରରେ ଆରମ୍ଭ ହୋଇଛି। ବେଦ ବିଦ୍ୱାନମାନଙ୍କର ବୈଦିକ ମଙ୍ଗଳାଚରଣ ପୂର୍ବକ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହି ସଂଗୋଷ୍ଠୀକୁ ଉଦ୍‌ଘାଟନ କରିଥିଲେ। ଅକ୍ଷର ପୁରୁଷୋତ୍ତମ ଦର୍ଶନର ତାତ୍ତ୍ୱିକ ରହସ୍ୟକୁ ଆଲୋଚନା କରାଯିବା ସହିତ ବିଭିନ୍ନ ଭାରତୀୟ ଦର୍ଶନର ବୈଶିଷ୍ଟ୍ୟକୁ ବିଚାରବିମର୍ଶ କରାଗଲେ ଭାରତୀୟ ଶାସ୍ତ୍ର ପରମ୍ପରାର ଶାସ୍ତ୍ରୀୟ ମହତ୍ତ୍ୱ ବଳବତ୍ତର ରହିବ ବୋଲି ଗଜପତି ମହାରାଜା ନିଜ ବକ୍ତବ୍ୟରେ କହିଥିଲେ। ବିହାରସ୍ଥିତ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସାରସ୍ୱତ ବକ୍ତା ଭାବେ ଯୋଗଦେଇ ଭାରତୀୟ ଦର୍ଶନର ମହତ୍ତ୍ୱ ମହନୀୟ ବୋଲି ମତ ରଖିଥିଲେ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ି ସଭାପତିତ୍ୱ କରିଥିଲେ। ସ୍ୱାମୀ ନାରାୟଣ ସଂସ୍ଥାର ପ୍ରମୁଖ ସ୍ୱାମୀଜୀ ସ୍ୱାମୀ ଭଦ୍ରେଶ ଦାସ ଉକ୍ତ ଭାଷ୍ୟର ଶାସ୍ତ୍ରୀୟ ମହତ୍ତ୍ୱ ଏବଂ ଲୋକ ଉପଯୋଗୀତାକୁ ପ୍ରତିପାଦନ କରିଥିଲେ।

## ଭାଜପା ଜାରି କଲା ସଙ୍କଳ୍ପ ପତ୍ର

ଖୋର୍ଦ୍ଧା ଅଫିସ,୨୧।୩

ପୌର ନିର୍ବାଚନକୁ ନେଇ ଖୋର୍ଦ୍ଧା ଭାରତୀୟ ଜନତା ପାର୍ଟି ମଙ୍ଗଳବାର ସଂକଳ୍ପ ପତ୍ର ଜାରି କରିଛି। ନବୀନାବାଗ୍ ସ୍ଥିତ ଏକ କଲ୍ୟାଣମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ପୌରାଧ୍ୟକ୍ଷା ପ୍ରାର୍ଥୀ କୁନିଲତା ସ୍ୱାଇଁ କହିଥିଲେ ଯେ, ଖୋର୍ଦ୍ଧା ପୌରାଞ୍ଚଳକୁ ସ୍ମାର୍ଟ ପୌର ପରିଷଦ ଗଠନ ଲକ୍ଷ୍ୟ ରହିଛି। ସହରବାସୀଙ୍କୁ ଫ୍ରି ୱାଇଫାଇର ସୁବିଧା ସହ ପ୍ରତି ୱାର୍ଡରେ ଇ-ପାଠାଗାର ସ୍ଥାପନ କରାଯିବ। ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରାଯିବ। ପ୍ରତି ୱାର୍ଡରେ ବରିଷ୍ଠ ନାଗରିକ, ମହିଳାଙ୍କୁ ହସ୍ପିଟାଲ ନେବା ଆଣିବା ପାଇଁ ଇ-ରିକ୍ସା ବ୍ୟବସ୍ଥା, ମୁକ୍ତ ବ୍ୟାୟାମଶାଳା କରାଯିବ। ସହରବାସୀଙ୍କ ସହଭାଗିତା ନିମନ୍ତେ ୱାର୍ଡ ମିତ୍ରଙ୍କୁ ନିଯୁକ୍ତି ଦିଆଯିବ। ସହରବାସୀଙ୍କ ସମସ୍ୟା ସମାଧାନ ପାଇଁ ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର, ଖୋର୍ଦ୍ଧାର ଐତିହ୍ୟକୁ ରାଷ୍ଟ୍ରୀୟ ସ୍ତରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରହିଛି। ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି ଯେ, ପଞ୍ଚାୟତ ନିର୍ବାଚନରେ ଭାଜପାକୁ ଜନତା ପ୍ରତ୍ୟାଖ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ଜନହିତକର ଯୋଜନାରେ ଖୋର୍ଦ୍ଧା ସହର ବିକାଶ ପଥରେ ଆଗେଇ ଚାଲିଛି। ଆଗକୁ ବ୍ୟାପକ ଉନ୍ନତି କରାଯିବ।

## ନିଲୋଫର କ୍ରିକେଟ ଟୁର୍ନାମେଣ୍ଟ: ଯଦୁପୁର ଟିମ୍ ବିଜୟୀ

ଖୋର୍ଦ୍ଧା ଅଫିସ,୨୧।୩

କଳିଙ୍ଗ ଟାଇଗର କ୍ରିକେଟ ଟିମ୍ ଆନୁକୂଲ୍ୟରେ ଗୁରୁଜଙ୍ଗ ଖେଳ ପଡ଼ିଆରେ ଚାଲିଥିବା ୩ୟ ନିଲୋଫର କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ବାଙ୍କୁଆଳକୁ ହରାଇ ଜନତରା ଯଦୁପୁର କ୍ରିକେଟ କ୍ଲବ ବିଜୟୀ ହୋଇଛି। ଟସ୍ ଜିତି ବାଙ୍କୁଆଳ ଟିମ୍ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ବିନିମୟରେ ୧୯୬ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ସ୍ୱାଇଁ ୪୩ରନ କରିଥିଲେ। ଯଦୁପୁର ଟିମର ଆଶିଷ କୁମାର ୩ଟି ଉଇକେଟ ନେଇଥିଲେ। ଜବାବରେ ଯଦୁପୁର ଟିମ୍ ୬ଓଭରରେ ୨ଟି ଉଇକେଟ ବିନିମୟରେ ୯୦ରନ ସଂଗ୍ରହ କରିଥିଲା। ଡକ୍ ୱର୍ଥ ଲୁଇସ ନିୟମ(କମ୍ ସମୟରେ ସର୍ବାଧିକ ରନ ସଂଗ୍ରହ) ପ୍ରକାରେ ଯଦୁପୁର ଟିମକୁ





ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ବିଜେତା ଘୋଷଣା କରାଯାଇଥିଲା। ଅତିଥିଭାବେ ହୁସନରା ବେଗମ ଯୋଗଦେଇ ଯଦୁପୁରର ଏମ୍‌ଡି ତବ୍ରେଜଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସନ୍ଦୀପ ମହାନ୍ତି, ସୌମ୍ୟ ରଞ୍ଜନ ସାମନ୍ତସିଂହାର ଓ ସୁନିଲ କୁମାର ରାଉତରାୟ ମ୍ୟାଚ ପରିଚାଳନା କରିଥିଲେ। ସାମାଜିକକର୍ମୀ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସଂଯୋଜନା କରିଥିଲେ। ମଙ୍ଗଳବାର କୁମାରବସ୍ତ ଓ ଅତ୍ରି ମଧ୍ୟରେ ଖେଳାଯିବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

## ନାଇଜେରିଆବାସୀଙ୍କୁ ଅଭିଭୂତ କଲା ଲୋକକଳା 'ପାଲା'

ଭୁବନେଶ୍ୱର, ୨୧।୩ (ବ୍ୟୁରୋ)

ନାଇଜେରିଆ ସ୍ଥିତ ଓଡ଼ିଆ ସମାଜ ଆସୋସିଏସନ ଅଫ ନାଇଜେରିଆ (ଓଏସଏନ)ର ସାଧାରଣ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଓଡିଆ ସଂସ୍କୃତିର ପୁରାତନ ଲୋକକଳା ପାଲା ପରିବେଷଣ ସେଠିକାର ସ୍ଥାନୀୟ ଅଧିବାସୀଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା। ପ୍ରଥମଥର ପାଇଁ ଦେଶ ବାହାରେ (ପଶ୍ଚିମ ଆଫ୍ରିକା, ନାଇଜେରିଆ) ରୋଜାଲିନ ଦାସଙ୍କ ନିର୍ଦ୍ଦେଶରେ ପାଲା ପ୍ରସ୍ତୁତ କରା ଯାଇଥିଲା। ବିଦେଶ ମାଟିରେ ତାଙ୍କର ଏହି ପ୍ରୟାସ ଓଡ଼ିଶାର ସଂସ୍କୃତିକୁ ଆହୁରି ଋଦ୍ଧିମନ୍ତ କରିଥିଲା। 'ପାଲା'ର ଗାୟକ ଭାବେ ସ୍ନିଗ୍ଧା ଶର୍ମା, ବାଦକ ଗୋବିନ୍ଦା ଜି (ନାଇଜେରିଆନ), ଶ୍ରୀପାଳିଆ ରୋଜାଲିନ ଦାସ ଓ ତାରା ସାହୁ ଏବଂ ରମେଶ ମଲ୍ଲିକଙ୍କ କଳା ପ୍ରଦର୍ଶନ ନାଇଜେରିଆବାସୀଙ୍କୁ ଅଭିଭୂତ କରିଥିଲା।

## ବିନା ଭକ୍ତରେ ହେବ ଗୁରୁଜଙ୍ଗ ପଞ୍ଚୁଦୋଳ ମେଳଣ

ଖୋର୍ଦ୍ଧା ଅଫିସ,୨୧।୩

ହିନ୍ଦୁ ସଂସ୍କୃତି, ପରମ୍ପରାରେ ଦୋଳ ଉତ୍ସବର ବିଶେଷ ମହତ୍ତ୍ୱ ରହିଛି। ଦୋଳ ପୂର୍ଣ୍ଣମୀଠାରୁ ଖୋର୍ଦ୍ଧା ଜିଲାର ଗାଁଠୁ ସହର ପର୍ଯ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ଦୋଳ ମେଳଣ ଚାଲିଛି। କରୋନା ସଂକ୍ରମଣ ଭୟ ନ ଥିଲେ ମଧ୍ୟ ମଙ୍ଗଳବାର ଠାରୁ ଗୁରୁଜଙ୍ଗ ପଞ୍ଚୁ ଦୋଳ ମେଳଣ ବିନା ଭକ୍ତରେ ଆୟୋଜନ ହେବ। କୌଣସି ଆତସବାଜି, ଶୋଭାଯାତ୍ରା ଆୟୋଜନ କରାଯିବ ନାହିଁ। ଯାତ୍ରା, ଦୋକାନବଜାର, ଡିଜେ ଏବଂ ବାଣ ପଟୁଆର ବନ୍ଦ ରହିବ। ପ୍ରଶାସନ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଗୁରୁଜଙ୍ଗ ଗ୍ରାମ୍ୟ କମିଟି ସମ୍ପାଦକ ଜିତେନ୍ଦ୍ର ସାହୁ କହିଛନ୍ତି। ମେଳଣ ପଡ଼ିଆକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଥାନପତି ଭାବେ ଶ୍ରୀଧବଳେଶ୍ୱର ବିଜେ କରିବେ। ଏହା ପରେ ଗୁରୁଜଙ୍ଗ, ଖୋର୍ଦ୍ଧା ସହର ସମେତ ୨୦ଟି ଗ୍ରାମର ୨୧ଦୋଳ ଠାକୁର ଏଠାରେ ବିଜେ କରିବେ। କମିଟି ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାହୁ କୁହନ୍ତି, ପ୍ରାୟ ୧୫୦ବର୍ଷ ଧରି ଏହି ପଞ୍ଚୁ ଦୋଳ ୩ଦିନ ଧରି ଅନୁଷ୍ଠିତ ହୋଇଥାଏ। ଦୋଳ ପୂର୍ଣ୍ଣମୀର ୫ଦିନରେ ଏଠାରେ ଆରମ୍ଭ ହୋଇଥାଏ। ପୂର୍ବରୁ କମିଟି ପକ୍ଷରୁ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରାଯାଏ। ୩ଦିନ ଧରି ଠାକୁରଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ, ନାମ ସଙ୍କୀର୍ତ୍ତନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା, ଲୋକକଳା ଉତ୍ସବ ଆୟୋଜିତ ହୋଇଥାଏ। ଠାକୁରଙ୍କୁ ବାଳଭୋଗ, ଶୁଖିଲା ଭୋଗ ଅର୍ପଣ କରାଯାଇଥାଏ। ବିଦାୟ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଥାଏ। ବିଦାୟ ଦିନ ପ୍ରତ୍ୟେକ ଠାକୁରଙ୍କୁ ହାଣ୍ଡିଭୋଗ ଅର୍ପଣ କରାଯାଇଥାଏ। ହାଣ୍ଡି ଭୋଗର ୮୦ପ୍ରତିଶତ ଉଖୁଡା, ଫେଣି, ସାକର, ଖଜା, ଲଡୁ,ବୁନ୍ଦିଆ ଜିଲାପି ସମେତ ବିଭିନ୍ନ ପ୍ରକାର ଫଳ ଗଜାବୁଟ,ମୁଗ ନଡିଆ ପାଡି, କଦଳୀ ରହିଛି। କମିଟି ସଭାପତି ସଞ୍ଜୟ କୁମାର ସିଂ, ମୁଖ୍ୟ ଉପଦେଷ୍ଟା ବିଧାନଚନ୍ଦ୍ର ମହାନ୍ତି, ଅଶୋକ କୁମାର ସୁନ୍ଦରାୟ, କିଶୋରଚନ୍ଦ୍ର ବରାଳ, ସୁବାଷ ଚନ୍ଦ୍ର ଦାଶ, ବଦ୍ରିନାରାୟଣ ସାହୁଙ୍କ ସମେତ ବହୁ ଜଣ କମିଟି ସଦସ୍ୟ ରହିଛନ୍ତି।

### ଗେଡ଼ିଆପଲ୍ଲୀରେ ଦୋଳ ମେଳଣ

ବୋଲଗଡ଼,୨୧।୩(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡିଆପଲ୍ଲୀ ଗ୍ରାମ ମେଳଣ ପଡ଼ିଆରେ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ରାତିରୁ ଆଖପାଖ ଗ୍ରାମରୁ ଆମନ୍ତ୍ରିତ ଠାକୁରମାନେ ଦୋଳ ବିମାନରେ ଆସି ମେଳଣ ପଡିଆରେ ଉପବିଷ୍ଟ ହୋଇଥିଲେ। ବିଧି ଅନୁଯାୟୀ ରାଜଠାକୁର ଭାବେ ସାଲତରା ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ଦେବ ପ୍ରଥମେ ପ୍ରବେଶ କରି ସ୍ୱସ୍ଥାନରେ ବିରାଜମାନ ହେବା ପରେ ଅନ୍ୟ ୭ ଠାକୁର ସ୍ଥାନ ଗ୍ରହଣ କରିଥିଲେ। ସ୍ଥାନୀୟ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରିଥିଲେ।



## ୬ ଚୋରି ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୧।୩(ବ୍ୟୁରୋ)

ଭରତପୁର ଥାନା ପୋଲିସ ଜଣେ ମୋବାଇଲ ଚୋରଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମର ନିରଞ୍ଜନ ଦାସ (୨୧)। ତାଙ୍କଠାରୁ ୬ଟି ଚୋରି ମୋବାଇଲ ଫୋନ ଜବତ କରାଯାଇଛି। ସୂଚନାନୁଯାୟୀ, ଅଭିଯୁକ୍ତ ନିରଞ୍ଜନ ଚୋରା ମୋବାଇଲଗୁଡିକୁ ଧରି ଛିଡା ହୋଇଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ଭରତପୁର ଥାନା ପୋଲିସ ସେଠାରେ ପହଞ୍ଚି ତାଙ୍କୁ କାବୁ କରିବା ସହ ତାଙ୍କ ପାଖରୁ ୬ଟି ମୋବାଇଲ୍ ଫୋନ୍ ଜବତ କରିଥିଲା। ପଚରାଉଚରାବେଳେ ଉକ୍ତ ମୋବାଇଲ୍ ଫୋନ୍ ଚୋରା ବୋଲି ଜଣାପଡିବା ପରେ ପୋଲିସ ମାମଲା ନଂ.୧୦୨/୨୨ ରୁଜୁ କରି ନିରଞ୍ଜନଙ୍କୁ ଗିରଫ କରିଥିଲା। ତେବେ ତାଙ୍କ ନାଁରେ ପୂର୍ବରୁ ଭରତପୁର ଥାନାରେ ୨ଟି ଚୋରି ମାମଲା ରହିଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।

## ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅସ୍ତରଙ୍ଗରେ ୩ ରାସ୍ତା

ଅସ୍ତରଙ୍ଗ,(ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ 'ଗାଁକୁ କାମ ମା'କୁ ସମ୍ମାନ' ଯୋଜନାକୁ ଦୃଷ୍ଟିରେ ରଖି ପୁରୀ ଜିଲାରେ ପ୍ରଧାନମନ୍ତ୍ରୀ ସଡକ ଯୋଜନା କାର୍ଯ୍ୟ ଆଗକୁ ବଢ଼ିଛି। କୁହୁଡ଼ିଠାରୁ ବନ୍ତିଲୋ ପର୍ଯ୍ୟନ୍ତ ୯ କି.ମି. ୮ଶହ ୧୦ମିଟର ରୁପାନ୍ତରୀକରଣ ରାସ୍ତା କାର୍ଯ୍ୟ ପାଇଁ ୩ କୋଟି ୭୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଅସ୍ତରଙ୍ଗ ମୁଖ୍ୟ ବଜାରଠାରୁ ମୁଖ୍ୟ ରାସ୍ତା ପାଟସୁନ୍ଦରପୁର ପର୍ଯ୍ୟନ୍ତ ୫ କି.ମି. ରାସ୍ତା ପାଇଁ ୩ କୋଟି ୪୦ଲକ୍ଷ ଏବଂ ଅସ୍ତରଙ୍ଗଠାରୁ ଗଙ୍ଗପୁର ପର୍ଯ୍ୟନ୍ତ ୯ କି.ମି. ରାସ୍ତା ପାଇଁ ୩ କୋଟି ୧୧ ଲକ୍ଷ ବ୍ୟୟବରାଦ କରାଯାଇଛି। ୩ଗୋଟି ରାସ୍ତାର ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସତ୍ୟଜିତ୍ ଦଳାଇ ଓ ନିର୍ବାହୀ ଯନ୍ତ୍ରୀ ଉମାକାନ୍ତ ଜୟସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲୁ ରହିଛି।




୨୧।୩।୨୦୨୨

| | |
|---|---|
| ୫,୩୧,୧୬୧ ଟଙ୍କା | |
| ସୁନା | ୫.୦୪୦ ଗ୍ରାମ |
| ରୁପା | ୧୦ ଗ୍ରାମ |

# 'ଭାରତୀୟ ଦର୍ଶନର ମହତ୍ତ୍ୱ ମହନୀୟ'

**ପୁରୀ ଅଫିସ, ୨୧।୩:**

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ ଏବଂ ଉତ୍କଳ ପରିଷଦ, ତିରୁପତିର ମିଳିତ ତତ୍ତ୍ୱାବଧାନରେ ତିନିଦିନିଆ ଜାତୀୟ ସଂଗୋଷ୍ଠୀ ସୋମବାରଠାରୁ ସ୍ଥାନୀୟ ଶ୍ରୀସଦାଶିବ ସଂସ୍କୃତ ସଂସ୍ଥାନ ପରିସରରେ ଆରମ୍ଭ ହୋଇଛି। ବେଦ ବିଦ୍ୱାନ୍‌ମାନଙ୍କର ବୈଦିକ ମଙ୍ଗଳାଚରଣ ପୂର୍ବକ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହି ସଂଗୋଷ୍ଠୀକୁ ଉଦ୍‌ଘାଟନ କରିଥିଲେ। ଅକ୍ଷର ପୁରୁଷୋତ୍ତମ ଦର୍ଶନର ତାତ୍ତ୍ୱିକ ରହସ୍ୟକୁ ଆଲୋଚନା କରାଯିବା ସହିତ ବିଭିନ୍ନ ଭାରତୀୟ ଦର୍ଶନର ବୈଶିଷ୍ଟ୍ୟକୁ ବିଚାରବିମର୍ଶ କରାଗଲେ ଭାରତୀୟ ଶାସ୍ତ୍ର ପରମ୍ପରାର ଶାସ୍ତ୍ରୀୟ ମହତ୍ତ୍ୱ ବଳବତ୍ତର ରହିବ ବୋଲି ଗଜପତି ମହାରାଜା ନିଜ ବକ୍ତବ୍ୟରେ କହିଥିଲେ। ବିହାରସ୍ଥିତ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସାରସ୍ୱତ ବକ୍ତା ଭାବେ ଯୋଗଦେଇ ଭାରତୀୟ ଦର୍ଶନର ମହତ୍ତ୍ୱ ମହନୀୟ ବୋଲି ମତ ରଖିଥିଲେ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ି ସଭାପତିତ୍ୱ କରି ଅକ୍ଷରପୁରୁଷୋତ୍ତମ ଦର୍ଶନର ମହତ୍ତ୍ୱ ପ୍ରତିପାଦନ ସହ ଜଗନ୍ନାଥ ସଂସ୍କୃତିକୁ ପ୍ରଶଂସା କରିଥିଲେ। ପ୍ରସ୍ଥାନତ୍ରୟୀ ସ୍ୱାମୀ ନାରାୟଣ ଭାଷ୍ୟକାର ତଥା ସ୍ୱାମୀ ନାରାୟଣ ସଂସ୍ଥାର ପ୍ରମୁଖ ସ୍ୱାମୀଜୀ ସ୍ୱାମୀ ଭଦ୍ରେଶ ଦାସ ଉକ୍ତ ଭାଷ୍ୟର ଶାସ୍ତ୍ରୀୟ ମହତ୍ତ୍ୱ ଏବଂ ଲୋକୋପଯୋଗିତାକୁ ପ୍ରତିପାଦନ କରିଥିଲେ। ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଉତ୍କଳ ପରିଷଦର ଉପଦେଷ୍ଟା ପ୍ରଫେସର ହରେକୃଷ୍ଣ ଶତପଥୀ ସ୍ୱାଗତ ଭାଷଣ ପୂର୍ବକ ପ୍ରସ୍ତାବନା ଉପସ୍ଥାପନ କରିଥିଲେ। ଶ୍ରୀସଦାଶିବ ପରିସର ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ର ପ୍ରତିବେଦନ ପାଠ କରିଥିଲେ। ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଧାଗୋବିନ୍ଦ ତ୍ରିପାଠୀ ଉତ୍କଳ ପରିଷଦ ତିରୁପତିର ପ୍ରତିବେଦନ ପାଠ କରିଥିଲେ। ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ସଭା ସଞ୍ଚାଳନ କରିଥିଲେ। ଅଧ୍ୟାପକ ତଥା ଉତ୍କଳ ପରିଷଦର ସଚିବ ଡ. ଜ୍ଞାନ ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।



ଜାତୀୟ ସଂଗୋଷ୍ଠୀ କାର୍ଯ୍ୟକ୍ରମରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ବୋଧନ ଦେଉଛନ୍ତି ।

### ଜାତୀୟ ସଂଗୋଷ୍ଠୀ ଉଦ୍‌ଘାଟିତ

## ଷଣ୍ଢ ଆକ୍ରମଣରେ ଜଣେ ମୃତ, ୪ ଆହତ

**ଗୋପ,୨୧।୩(ଡି.ଏନ୍.ଏ.):**

ଗୋପ ବ୍ଲକ ଅଧୀନ ୩ ଖଣ୍ଡ ଗାଁରେ ଷଣ୍ଢର ଆତଙ୍କ ଦେଖାଦେଇଛି। ଷଣ୍ଢ ଆକ୍ରମଣରେ ହୋଲି ଦିନ ରାଜରାସି ଗ୍ରାମର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବାବେଳେ ୪ଜଣ ଆହତ ହୋଇଛନ୍ତି। ପ୍ରକାଶ ଯେ, କିଛିଦିନ ଧରି ଖଡିଶ, ରାଜରାସି, ସୁନାପଦା ଅଞ୍ଚଳରେ ଗୋଟେ ଷଣ୍ଢ ବୁଲାବୁଲି କରିବା ସହ ସମସ୍ତଙ୍କୁ ଆକ୍ରମଣ କରୁଛି। ହୋଲିଦିନ ମାରଣା ଷଣ୍ଢଟି ବେଲ ବେଓ୍ୱା ନାମ୍ନୀ ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ କରିବାରୁ ବୃଦ୍ଧା ଜଣଙ୍କ ରକ୍ତାକ୍ତ ହୋଇଯାଇଥିଲେ। ପରେ ତାଙ୍କୁ ଗୋପ ଡାକ୍ତରଖାନାକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିଭଳି ଷଣ୍ଢ ଆକ୍ରମଣରେ ରାଜରାସି ଗ୍ରାମର ରବୀନ୍ଦ୍ର ପଣ୍ଡା (୫୦), ମାଳତୀ ପ୍ରଧାନ (୭୨), ସରେଇ ବେଓ୍ୱା (୬୨) ଏବଂ ଖଡିଶ ଗ୍ରାମର ଅଭୟ ମହାରଣା (୪୬) ଆହତ ହୋଇଛନ୍ତି। ଗ୍ରାମରେ ଷଣ୍ଢର ଏପରି ଆତଙ୍କ ଯୋଗୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ଉକ୍ତ ଷଣ୍ଢଟିକୁ ଧରିବା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଥିବାବେଳେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ ନେଇ ମହିଳାଙ୍କୁ ଅସଦାଚରଣ

ପିପିଲି,୨୧।୩(ସ୍ୱ.ପ୍ର.)- ବଳଙ୍ଗା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପୂର୍ବ ଶତ୍ରୁତାକୁ ନେଇ ୪ଜଣ ଲୋକ ଅସଦାଚରଣ କରିଥିବା ଲିଖିତ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତଦନ୍ତ ଚଳାଇଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ସନ୍ଧ୍ୟାରେ ନଈ ବନ୍ଧକୁ ଯାଇଥିବା ବେଳେ ପୂର୍ବ ଆକ୍ରୋଶକୁ ନେଇ ଏହି ଥାନା ଅଞ୍ଚଳର ୪ଜଣ ମିଶି ମାରିଦେବାର ଧମକ ଦେବା ସହ ଅସଦାଚରଣ କରିଥିଲେ। ମହିଳାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିବାରେ ସମସ୍ତ ଆସାମୀ ପଳାଇଥିଲେ। ଏ ନେଇ ମହିଳାଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପଟେ ଉକ୍ତ ମହିଳାଙ୍କ ସ୍ୱାମୀଙ୍କ ବିରୋଧରେ ଆକ୍ରମଣକାରଙ୍କ ମଧ୍ୟରୁ ଜଣେ ପୂର୍ବରୁ ତାଙ୍କୁ ଆକ୍ରମଣ କରାଯାଇଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ନିରପେକ୍ଷ ତଦନ୍ତ ପୋଲିସ କରୁଥିବା ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ କହିଛନ୍ତି।

### ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟଭାର ଗ୍ରହଣ

କାକଟପୁର, ୨୧।୩(ଡି.ଏନ୍.ଏ.): କାକଟପୁର ବ୍ଲକର କଂଗ୍ରେସ ଏବଂ ମିଳିତ ମଞ୍ଚର ସହଯୋଗରେ ୧୮ତମ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ଶ୍ରୀଧର ନାୟକ ସୋମବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବ୍ଲକର ୧୬ଗୋଟି ପଞ୍ଚାୟତବାସୀଙ୍କ ଆଶା ଓ ଆସ୍ଥା ପୂରଣ କରିବା ସହ ନୂତନ କାକଟପୁର ଗଠନ କରିବାରେ ଅଞ୍ଚଳବାସୀଙ୍କ ସାହାଯ୍ୟ କାମନା କରିଛନ୍ତି।

### ହୋମିଓପ୍ୟାଥିକ ଚିକିତ୍ସକଙ୍କ ସମସ୍ୟା ନେଇ ଆଲୋଚନା

କୋଣାର୍କ,୨୧।୩(ଡି.ଏନ୍.ଏ.): ପୁରୀ ଜିଲା ସଂଯୋଜକ କେଶବ ଚନ୍ଦ୍ର ତ୍ରିପାଠୀଙ୍କ ଆହ୍ୱାନରେ ଜିଲାର ସମସ୍ତ ଘରୋଇ ହୋମିଓପ୍ୟାଥିକ ଚିକିତ୍ସକଙ୍କ ବୈଠକ ମା' ରାମଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବୟୋଜ୍ୟେଷ୍ଠ ହୋମିଓପ୍ୟାଥିକ ଚିକିତ୍ସକ ଗନ୍ଧର୍ବ ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ସଂଘର ବିଭିନ୍ନ ସମସ୍ୟା ବାବଦରେ ବୈଠକରେ ଆଲୋଚନା ହୋଇଥିଲା। ବ୍ଲକ ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ, ବିଦ୍ୟାଧର ପଣ୍ଡା, ବିଷ୍ଣୁ ଚରଣ ଦାଶ, ସନ୍ତୋଷ ପ୍ରଧାନ, ସଞ୍ଜୟ ପ୍ରଧାନ, ସୁଶାନ୍ତ ଦାସ, ଧନେଶ୍ୱର ଦାସ, କୃଷ୍ଣଚନ୍ଦ୍ର ଷଣ୍ଢ ଓ ବିଜୟଲକ୍ଷ୍ମୀ ରାଉତରାୟଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଜିଲାର ୭୦ ଜଣ ହୋମିଓପ୍ୟାଥିକ ଚିକିତ୍ସକ ବୈଠକରେ ଯୋଗଦେଇଥିଲେ। ଅନେକ ବିଶୃଙ୍ଖଳା ବ୍ୟକ୍ତିଙ୍କୁ ସଂଘରୁ ବହିଷ୍କାର କରାଯାଇଥିଲା। ସଭାର ସଭାପତିଙ୍କୁ ରାଜ୍ୟ ସଂଘର ସଭାପତି ତଥା ପକ୍ଷାଘାତ ରୋଗର ବରିଷ୍ଠ ଚିକିତ୍ସକ ନେତ୍ରାନନ୍ଦ ଭୋଇ ଧନ୍ୟବାଦ ଦେଇଥିଲେ।



ସିଦ୍ଧମହାବୀର ରେଲୱେ ଓଭରବ୍ରିଜ୍ କ୍ଷତିଗ୍ରସ୍ତ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଉଛି।

# କ୍ଷତିପୂରଣ, ଥଇଥାନ ଦାବି କଲେ ବ୍ୟବସାୟୀ

**ପୁରୀ ଅଫିସ, ୨୧।୩:**

ସିଦ୍ଧମହାବୀର ରେଲୱେ ଓଭରବ୍ରିଜ୍ ନିର୍ମାଣ ନେଇ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ କ୍ଷତିପୂରଣ ଓ ଥଇଥାନ ଦାବି ଜୋର୍ ଧରୁଛି। ପ୍ରଥମେ ଥଇଥାନ ଓ ପରେ ଉଚ୍ଛେଦ ଦାବି ନେଇ ସିଦ୍ଧମହାବୀର ରେଲୱେ ଓଭରବ୍ରିଜ୍ କ୍ଷତିଗ୍ରସ୍ତ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ ମାଟିଆପଡ଼ା, ସିଦ୍ଧମହାବୀର ଓ ବାଲିଘାଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ୨୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭଡ଼ାସୂତ୍ରରେ ଦୋକାନ ଘର ନେଇ ୫ଶହରୁ ଅଧିକ ବ୍ୟବସାୟୀ ବିଭିନ୍ନ ବେପାର କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ରେଲୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ସେମାନଙ୍କ ଦୋକାନ ଘର ଉଚ୍ଛେଦ ହେଲେ ଏହି ବ୍ୟବସାୟୀମାନେ ଜୀବିକା ହରାଇବେ। ତେଣୁ ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ ସହ ସେମାନଙ୍କ ବ୍ୟବସାୟ ପୁନଃ ସଂସ୍ଥାପନ ପାଇଁ ପୁନର୍ବାସ ଓ ଥଇଥାନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ସେମାନେ ହଟିବେ ନାହିଁ ବୋଲି କହିଛନ୍ତି। ବିକ୍ଷୋଭରେ ଶରତ କୁମାର ରାୟଗୁରୁ, ବିଜୟ କୁମାର ଦାସ ଓ ଗଙ୍ଗାଧର ଶତପଥୀ ପ୍ରମୁଖ ସାମିଲ ଥିଲେ।

# ନିଆଁ ଲାଗି ୪ ବଖରା ଜଳିଗଲା

**ଗୋପ,୨୧।୩(ଡି.ଏନ୍.ଏ.)**

### ୩୦ ହଜାର ଟଙ୍କା, ଆସବାବପତ୍ର ପୋଡ଼ି ନଷ୍ଟ

ଗୋପ ବ୍ଲକ ଅଧୀନ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ସାନମଠ ଗ୍ରାମର ରମେଶ ବେହେରାଙ୍କ ଘରେ ସୋମବାର ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ଏଥିସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଓ ୩୦ ହଜାର ଟଙ୍କା ପୋଡ଼ି ନଷ୍ଟ ହୋଇଯାଇଛି। ପ୍ରକାଶ ଯେ, ଅପରାହ୍ଣ ୨ଟାରେ ରମେଶଙ୍କ ପରିବାର ଘର କାମରେ ବ୍ୟସ୍ତ ଥିବାବେଳେ ହଠାତ୍ ଗୋଟିଏ ଘରେ ନିଆଁ ଲାଗି ଧୂଆଁ ଉଠିଥିଲା। ଏପରି ଧୂଆଁ ଉଠିବା ଦେଖି ଗ୍ରାମବାସୀ ହୋହଲ୍ଲା କରିଥିଲେ। ପରେ ପରିବାର ସଦସ୍ୟ ଅଗ୍ନିକାଣ୍ଡ ହେବା ଜାଣି ବାହାରକୁ ପଳାଇ ଆସିଥିଲେ। ସଙ୍ଗେ ସଙ୍ଗେ ନିଆଁ ରମେଶଙ୍କ ୪ ବଖରାକୁ ମାଡ଼ି ଯାଇଥିଲା। ଖବରପାଇ ଗୋପ ଦମକଳ କେନ୍ଦ୍ରର ଅଧିକାରୀ ସୁକାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ୪ ବଖରା ଘର ସହିତ ଆସବାବପତ୍ର ଓ ନଗଦ ଟଙ୍କା ଜଳିଯାଇଥିଲା। ଏହି ଅଗ୍ନିକାଣ୍ଡ ପରେ ଗୋପ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଥିବା ବେଳେ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ସରପଞ୍ଚ ମିନା କୁମାରୀ ମହାନ୍ତି ବିପନ୍ନ ପରିବାର ସଦସ୍ୟଙ୍କ ଲାଗି ପୋଷାକ ପତ୍ର, ପଲିଥିନ ଦେଇଛନ୍ତି। ସେହିଭଳି ପୟରା ପଞ୍ଚାୟତର ସମିତି ସଭ୍ୟ ବନରଞ୍ଜନ ପଟ୍ଟନାୟକ ବିପନ୍ନଙ୍କ ଲାଗି ଆସବାବପତ୍ର, ଗୋଟିଏ ସପ୍ତାହ ଲାଗି ଖାଦ୍ୟ ସହିତ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ଦେଇଛନ୍ତି। ରମେଶ ବେହେରା ଜଣେ ଗରିବ ଶ୍ରେଣୀର ପରିବାର ହୋଇଥିବାରୁ ତାଙ୍କୁ ଗୋଟିଏ ସରକାରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ପ୍ରବଳ ଖରାକୁ ଦୃଷ୍ଟିରେ ରଖି ସୋମବାର ପ୍ରଶାସନ ପକ୍ଷରୁ ମରିଚିକୋଟ ଛକରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ନିର୍ମିତ ନୂତନ ଶେଡ୍ ।

## କଳା ସଂସଦର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ସାକ୍ଷୀଗୋପାଳ,୨୧।୩(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆୟୋଜିତ ସତ୍ୟବାଦୀ କଳା ସଂସଦର ୨ଦିନିଆ ପଞ୍ଚମ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଉତ୍ସବର ମୁଖ୍ୟଅତିଥି ଭାବେ ବିଡିଓ କ୍ଷୀରୋଦ କୁମାର ବେହେରା ଯୋଗଦେଇ କଳାକାରମାନଙ୍କର ସମୃଦ୍ଧି କାମନା କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ପ୍ରଭାତ ଚନ୍ଦ୍ର ରଥ ସତ୍ୟବାଦୀ ସଂସ୍କୃତିର ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର କଳାକାର ଓ କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପେଣ୍ଠପଡା ସରପଞ୍ଚ ଚିନ୍ମୟ ରାଉତ, ସମିତିସଭ୍ୟା ସୁମନ୍ତ ଘଗୁଆରୀ, ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର ଓ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ପ୍ରସାଦ ମିଶ୍ର ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁ ଭଜମନ ସାହୁ ସଭାପତିତ୍ୱ କରିଥିଲେ। ଅଞ୍ଜନ କୁମାର ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଓଡ଼ିଶୀ, ସମ୍ବଲପୁରୀ, ଭଜନ ନୃତ୍ୟ ଓ ଲୋକ ନୃତ୍ୟ ସହିତ ଓଡ଼ିଶୀ ସଙ୍ଗୀତ, ଚମ୍ପୁ ଓ ଭଜନ ପରିବେଷଣ କରିଥିଲେ। ଏ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ଗରୀବର ସାଥୀ ସ୍ୱେଚ୍ଛାସେବୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କୋଣାର୍କରେ ହେବ ତ୍ରିମୁଖୀ ଲଢ଼େଇ

**କୋଣାର୍କ,୨୧।୩(ଡି.ଏନ୍.ଏ.)**

ପୌର ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। କୋଣାର୍କ ଏନ୍‌ଏସି ନିର୍ବାଚନ ପରିପ୍ରେକ୍ଷୀରେ ଶାସକ ବିଜେଡି, କଂଗ୍ରେସ ଓ ବିରୋଧୀ ଭାଜପା ମଧ୍ୟରେ ଲଢେଇ ତୀବ୍ର ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଏଥିପାଇଁ ପ୍ରତ୍ୟେକ ଦଳର ପ୍ରାର୍ଥୀମାନେ ଦଳୀୟ ନେତା ଓ ନିଜ ସମର୍ଥକଙ୍କ ସହିତ ମିଶି ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ପୌରାଧ୍ୟକ୍ଷ ପାଇଁ ବିଜେଡିରୁ ସଂଯୁକ୍ତା ତ୍ରିପାଠୀ, ଭାଜପାରୁ ଚନ୍ଦ୍ରିକା ରାଉତରାୟ ଓ କଂଗ୍ରେସରୁ ରୂପାଲିନୀ ସ୍ୱାଇଁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। କୋଣାର୍କ ଏନ୍‌ଏସି ୧୩ଟି ୱାର୍ଡକୁ ନେଇ ଗଠିତ। ଏହାର ମତଦାତା ସଂଖ୍ୟା ୧୨,୧୬୧। ତେଣୁ ଚଳିତ ନିର୍ବାଚନରେ ମତଦାତାମାନଙ୍କ ବିଭିନ୍ନ ସମସ୍ୟା ସମାଧାନର ନିମନ୍ତେ ଯେଉଁ ରାଜନୈତିକ ଦଳର ପୌରାଧ୍ୟକ୍ଷା ପ୍ରାର୍ଥିନୀ ଠିକ୍ ଭାବେ କାର୍ଯ୍ୟ ତୁଲାଇବାରେ ସମର୍ଥ ବୋଲି ମତଦାତାମାନେ ହୃଦବୋଧ କରିବେ ପୌରାଧ୍ୟକ୍ଷା ଭାବେ ସେହି ପ୍ରାର୍ଥିନୀଙ୍କୁ ନିର୍ବାଚିତ କରିବେ ବୋଲି ଭୋଟରମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ କୋଣାର୍କ ଏନ୍‌ଏସିରେ ଜମିଜମା ସମସ୍ୟାର ସମାଧାନ, ୬ଲେନ ରାସ୍ତା ଯୋଗୁ ବିସ୍ଥାପିତ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ, ଆବାସ ଯୋଜନାରୁ ବାଦ,୯ଟି ୱାର୍ଡର ହିତାଧିକାରୀଙ୍କୁ ଗୃହ ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ଆଇନ ପ୍ରଣୟନ, ପାନୀୟ ଜଳଯୋଗାଣ ବ୍ୟବସ୍ଥା ଆଦି ବହୁବିଧ ସମସ୍ୟାକୁ ପ୍ରାଥମିକ ଗୁରୁତ୍ୱ ଦେବା ଆବଶ୍ୟକ ରହିଛି। ବିଜେଡି, ବିରୋଧୀ ଭାଜପା ଓ କଂଗ୍ରେସ ପୌରାଧ୍ୟକ୍ଷା ପ୍ରାର୍ଥିନୀଙ୍କ ମଧ୍ୟରୁ କିଏ ଯୋଗ୍ୟ ତାହା ୧୩ଟି ୱାର୍ଡର ମତଦାତା ନିଜର ସୁଚିନ୍ତିତ ମତାମତ ମାଧ୍ୟମରେ ଆସନ୍ତା ୨୪ ତାରିଖରେ ମତଦାନ ସାବ୍ୟସ୍ତ କରିଲେ ଜଣାପଡ଼ିବ।


ବିଜେଡିର ସଂଯୁକ୍ତା ତ୍ରିପାଠୀ, ଭାଜପାର ଚନ୍ଦ୍ରିକା ରାଉତରାୟ, କଂଗ୍ରେସର ରୂପାଲିନୀ ସ୍ୱାଇଁ ।

# ପଞ୍ଚାୟତ ସମସ୍ୟା ନେଇ ମିଳିତ ମେଣ୍ଟର ବୈଠକ

**ଅସ୍ତରଙ୍ଗ,୨୧।୩(ଡି.ଏନ୍.ଏ.)**

ତାଳଦା ପଞ୍ଚାୟତରେ ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ ଆର୍ତ୍ତତ୍ରାଣ ଗାଦିବ୍ରହ୍ମ ପୀଠରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ବ୍ଲକରେ ବିଜୟ ହାସଲ କରିଥିବା ମିଳିତ ମେଣ୍ଟର ଜନପ୍ରତିନିଧି ଓ ପଞ୍ଚାୟତର ବହୁ କର୍ମୀଙ୍କୁ ନେଇ ଏହି ବୈଠକ ହୋଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଉକ୍ତ ପଞ୍ଚାୟତରେ କୌଣସି ବ୍ୟକ୍ତି ରାଜନୈତିକ ଆକ୍ରୋଶର ଶିକାର ହେବା ମାତ୍ରେ ମିଳିତମେଣ୍ଟ ପକ୍ଷରୁ ଉଚିତ ଜବାବ ଦିଆଯିବ ବୋଲି ସ୍ଥାନୀୟ ଲୋକଙ୍କୁ ସାନ୍ତ୍ୱନା ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଗରିବ ବିଜୟ ପରିଡାଙ୍କୁ ହତ୍ୟାକାଣ୍ଡ ପରେ ତାଙ୍କ ପରିବାର ଦୁଃଖରେ ଚଳୁଥିବା ନେଇ ତାଙ୍କ ସ୍ତ୍ରୀ କହିବା ପରେ ସମିତି ଅଧ୍ୟକ୍ଷା ନାୟକ ଓ ମିଳିତମେଣ୍ଟର ୫ ହଜାର ଟଙ୍କା ସହାୟତା ପ୍ରଦାନ ସହ ଦୁଇ ପିଲାଙ୍କର ପାଠପଢ଼ା ଦାୟିତ୍ୱ ନେବା ପାଇଁ ବୈଠକରେ ଘୋଷଣା ହୋଇଥିଲା। ବୈଠକରେ ମିଳିତମେଣ୍ଟର ମୁଖ୍ୟ ଦିବାକର ଛାଟୋଇ, ଗଦାଧର ବିଶ୍ୱାଳ, ଜ୍ୟୋତ୍ସ୍ନାରାଣୀ ଛାଟୋଇ, ଶିବଚରଣ ଭୋଇ, କେନ୍ଦ୍ରାପାଟି ସମିତିସଭ୍ୟ ଦୁର୍ଯ୍ୟୋଧନ ମିଶ୍ର, ପ୍ରଶାନ୍ତ ଭୋଳ,ପବିତ୍ର ଲେଙ୍କା, ପ୍ରତାପ ଖୁଣ୍ଟିଆ,ସମିତିସଭ୍ୟ ପ୍ରଦୀପ ସାହୁ,ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ପ୍ରମୁଖ ଯୋଗଦେଇଥିଲେ।

## ବନ ସୁରକ୍ଷା ନେଇ ସଚେତନତା

**ଗୋପ,୨୧।୩(ଡି.ଏନ୍.ଏ.)**

ବୃକ୍ଷ ହେଉଛି ଆମମାନଙ୍କ ଭବିଷ୍ୟତ। ବୃକ୍ଷ ବାଡ଼ିରେ ଲଗାନ୍ତୁ। ବୃକ୍ଷକୁ ପରିବାରର ଗୋଟିଏ ସଦସ୍ୟ ଭାବି ତା'ର ଯତ୍ନ ନିଅନ୍ତୁ ଓ ବାଡ଼ିରେ ଥିବା ବଡ଼ବଡ଼ ଗଛ କାଟନ୍ତୁ ନାହିଁ ବୋଲି ଗୋପ ଜଙ୍ଗଲ ବିଭାଗ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବିଶ୍ୱ ବନ ଦିବସ ଅବସରରେ ସାଧାରଣ ଲୋକମାନଙ୍କୁ ସଚେତନ କରିଥିଲେ। ବନ ବିଭାଗ ପକ୍ଷରୁ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ବୃକ୍ଷର ରକ୍ଷା କରିବାର ସଚେତନ କରାଯାଇଥିଲା। ଏପରି ଏକ କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଗୋପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗର ଶତାଧିକ ସଦସ୍ୟ ଯୋଗଦେଇ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋପ ଅଗ୍ନିଶମ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

# ମା'ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଓଗାଳପଡ଼ା ଚାମ୍ପିୟନ

**ଡେଲାଙ୍ଗ,୨୧।୩(ଡି.ଏନ୍.ଏ.):**

ଡେଲାଙ୍ଗ ବ୍ଲକ ଅଧୀନ ଝାରପଡ଼ା ଠାରେ ମା'ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଝାରପଡ଼ାର ମା'ବଘେଇ କ୍ରିକେଟ ଟିମକୁ ହରାଇ ଓଗାଳପଡ଼ା ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଝାରପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୨ରନ ସଂଗ୍ରହ କରିଥିଲା। ଜବାବରେ ଓଗାଳପଡ଼ା ଟିମ୍ ୯ ଓଭରରେ ଗୋଟିଏ ଉଇକେଟ ବିନିମୟରେ ୬୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସମାଜିକକର୍ମୀ ଶୁଭଶ୍ରୀ ଭୂୟାଁ, ଶିକ୍ଷାବିତ୍ ଉମେଶ ଚନ୍ଦ୍ର ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ହେମନ୍ତ ବେହେରା, ପ୍ରଧାପକ ପ୍ରତାପ ଛୋଟରାୟ, ସିଆରସିସି ବସନ୍ତ କୁମାର ସେଠୀ, ପ୍ରିୟଦର୍ଶନ ଜେନା, ରାଜକିଶୋର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଲଛମନ ବେହେରା ଓ ନଗେନ୍ଦ୍ର ବେହେରା ମ୍ୟାଚ ପରିଚାଳନା କରିଥିଲେ। ବିଜୟୀ ଟିମର ବିଶ୍ୱପ୍ରକାଶ ପାଇକରାୟ ମ୍ୟାନ ଅଫ ଦି ମ୍ୟାଚ ଏବଂ ଟିକୁ ମ୍ୟାନ ଅଫ ଦି ସିରିଜଭାବେ ବିବେଚିତ ହୋଇଥିଲେ। ବିଜୟ ନାୟକ, ରାଜେନ୍ଦ୍ର ବେହେରା, ଅଶୋକ ରାଉତ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



# ପତିତପାବନଙ୍କ ଦର୍ଶନରୁ ବଞ୍ଚିତ ହେଲେ ଶ୍ରଦ୍ଧାଳୁ

**ପୁରୀ ଅଫିସ, ୨୧।୩:**

### ସିଂହଦ୍ୱାର ବ୍ୟାରିକେଡ୍‌ରେ କପଡ଼ା ଆଚ୍ଛାଦିତ କରିଥିଲା ପ୍ରଶାସନ

ପୁଣି ଭକ୍ତଙ୍କ ଭାବାବେଗ ସହ ଖେଳ ହୋଇଛି। ସୋମବାର ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡରେ ପ୍ରଶାସନ ପକ୍ଷରୁ କପଡ଼ା ଦ୍ୱାରା ଆଚ୍ଛାଦିତ କରାଯାଇଥିଲା। ଫଳରେ ବଡ଼ଦାଣ୍ଡରେ ଠିଆହୋଇ ଶ୍ରୀପତିତପାବନଙ୍କୁ ଦର୍ଶନ କରିବାରୁ ଭକ୍ତ କିଛି ଘଣ୍ଟା ପାଇଁ ବଞ୍ଚିତ ହୋଇଥିଲେ। ତେବେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ସାଙ୍ଗକୁ ବିଭିନ୍ନ ମହଲରୁ ଏହାକୁ ନାପସନ୍ଦ କରାଯିବା ପରେ ସନ୍ଧ୍ୟାରେ ପ୍ରଶାସନ ଏହି କପଡ଼ାଗୁଡ଼ିକୁ ହଟାଇ ଦେଇଥିଲା। ଏହାପରେ ଭକ୍ତମାନେ ଶ୍ରୀପତିତପାବନଙ୍କୁ ଦର୍ଶନ କରିପାରିଥିଲେ। ଅନ୍ୟପକ୍ଷରେ ଭକ୍ତଙ୍କ ଦର୍ଶନ ଲାଗି ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବାକୁ ଦାବି ହୋଇଆସୁଛି। ମାତ୍ର ପ୍ରଶାସନ କେବଳ ସିଂହଦ୍ୱାର ଦେଇ ପ୍ରବେଶ ଅନୁମତି ରଖିଛି। ଏଭଳି ସ୍ଥିତିରେ ସିଂହଦ୍ୱାର ବାହାର ବ୍ୟାରିକେଡରୁ ପତିତପାବନଙ୍କ ଦର୍ଶନ ଉପରେ ରୋକ୍ ଲଗାଯିବାର କାରଣ ବୁଝାପଡୁ ନାହିଁ। ଏହା ପ୍ରଶାସନର ଅଜବ ନୀତି ବୋଲି ପ୍ରଶାନ୍ତ ନାୟକଙ୍କ ସମେତ କେତେଜଣ ଭକ୍ତ କ୍ଷୋଭର ସହ କହିଛନ୍ତି।

ସୂଚନାଯୋଗ୍ୟ, ଦୋଳପୂର୍ଣ୍ଣିମା ଦିନ ଭକ୍ତମାନେ ଅସମ୍ଭାଳ ଖରାରୁ ତ୍ରାହି ପାଇବା ସହ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ସିଂହଦ୍ୱାର ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିବାକୁ ଉଦ୍ୟମ କରିବାରୁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ସମାଲୋଚନାର ଶିକାର ହୋଇଥିଲେ। ତେଣୁ ଦଳାଚକଟା ପରିସ୍ଥିତିର ପୁନରାବୃତ୍ତି ଯେପରି ନ ହେବ ସେଥିପାଇଁ ସିଂହଦ୍ୱାର ବ୍ୟାରିକେଡ୍‌କୁ ହଳଦିଆ କପଡ଼ା ଦ୍ୱାରା ଆଚ୍ଛାଦିତ କରାଯାଇଥିବା ଏବେ ସାଧାରଣରେ ଚର୍ଚ୍ଚା ହେଉଛି।


ଶ୍ରୀମନ୍ଦିର ସମ୍ମୁଖ ସିଂହଦ୍ୱାର ବ୍ୟାରିକେଡ୍‌କୁ କପଡାରେ ଆଚ୍ଛାଦିତ କରାଯାଇଛି ।

## ରଘୁନାଥ ପ୍ରମୋଦାଙ୍କ ଜୀବନୀ ଗ୍ରନ୍ଥ ଉନ୍ମୋଚିତ

**କଟକ ଅଫିସ:** ଲେଖକ ଇଂ. ରଘୁନାଥ ପ୍ରସାଦ ଦାସ ଓ ବିଶିଷ୍ଟ ଲେଖିକା ପ୍ରମୋଦା ଦାସଙ୍କ ଜୀବନୀ ଗ୍ରନ୍ଥର ଲୋକାର୍ପଣ ଉତ୍ସବ ସାରଳା ଭବନରେ ଅନୁଷ୍ଠିତ ହୋଇଯାଇଛି । ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ ପ୍ରଭାକର ସ୍ୱାଇଁଙ୍କ ଅଧକ୍ଷତାରେ ଡା. ସୁଦର୍ଶନ ପଟ୍ଟନାୟକ, ଡା. ଅଶ୍ୱିନୀ ଡାଲୁଅ, ଡ. ବାରକିଶୋର ସିଂହ, ପ୍ରଫେସର ଗୋପା ଦାସ, ଡ. ସୁବାସିନୀ ଲେଙ୍କା, ଡ. ଶିଶିର କାନୁନ୍‌ଗୋ, ଡ. ପ୍ରଭାତୀ ମିଶ୍ର, ଇଂ. ଧୀରେନ୍ଦ୍ର ବିଶ୍ୱାଳ, ଗୁରୁପ୍ରସାଦ ମହାନ୍ତି, ମୀରା ବେଉରା, ରବିନାରାୟଣ ମହାରଣା, ଡ. ହେମନ୍ତ ପରିଡ଼ା, ଡ. ଲକ୍ଷ୍ମୀନାରାୟଣ ପଣ୍ଡା, ଡ. ଅମରେଶ୍ୱର ମିଶ୍ର, ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।



# ଆଚରଣ, ଉଚ୍ଚାରଣ ଠିକ୍ ରହିଲେ ନିର୍ବାଚନ ଶାନ୍ତିପୂର୍ଣ୍ଣ

କଟକ ଅଫିସ,୨୧।୩

କଟକ ମହାନଗର ନିଗମ (ସିଏମ୍‌ସି) ନିର୍ବାଚନକୁ ଅବାଧ, ମୁକ୍ତ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧି ଏବଂ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନଙ୍କ ସହ ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟ ତଥା ଜିଲା ନିର୍ବାଚନ ଅଧିକାରୀ ଭବାନୀ ଶଙ୍କର ଚୟନୀ ଦୁଇଟି ପର୍ଯ୍ୟାୟରେ ବୈଠକ କରି ସୁବିସ୍ତୃତ ଆଲୋଚନା କରିଛନ୍ତି। ଗତ ୧୮ ତାରିଖ ଓ ସୋମବାର ଶହୀଦ ଭବନରେ ଏହି ଦୁଇଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିର୍ବାଚନ ପ୍ରକ୍ରିୟାକୁ ଶତପ୍ରତିଶତ ସ୍ୱଚ୍ଛ କରାଯିବା ପାଇଁ ପ୍ରଶାସନ ବଦ୍ଧପରିକର। ଆଚରଣ ଓ ଉଚ୍ଚାରଣରେ ସଞ୍ଜମତା ରହିଲେ ଏକ ଶାନ୍ତିପୂର୍ଣ୍ଣ ନିର୍ବାଚନ ସମାହିତ ହୋଇପାରିବ ବୋଲି ଜିଲାପାଳ ଚୟନୀ କହିଛନ୍ତି।

**ଏକ ସମୃଦ୍ଧ ଗଣତାନ୍ତ୍ରିକ ପରମ୍ପରା କଟକବାସୀ ସୃଷ୍ଟି କରିବେ**

କଟକ ମହାନଗର ନିଗମର ଆୟୁକ୍ତ ଅନନ୍ୟା ଦାସ ବୈଠକରେ ଯୋଗଦେଇ କହିଲେ, ପ୍ରାର୍ଥୀମାନେ ସରକାରୀ ରାସ୍ତା, କୋଠା ଓ ବିଦ୍ୟୁତ୍ ଖୁଣ୍ଟଗୁଡିକରେ ପ୍ରଚାର ପତ୍ର ଲଗାଇବାକୁ ବାରଣ କରାଯାଇଛି, ଏପରିକି ଭୋଟ ଗ୍ରହଣ କେନ୍ଦ୍ରର ୧୦୦ ମିଟର ନିକଟରେ ପ୍ରଚାରପତ୍ର ଲଗାଇପାରିବେ ନାହିଁ ବୋଲି ସେ ସୂଚିତ କରିଥିଲେ। ନିର୍ବାଚନକୁ ସହଯୋଗ ଭିତ୍ତିରେ ପରିଚାଳନା କରି ଏକ ସମୃଦ୍ଧ ଗଣତାନ୍ତ୍ରିକ ପରମ୍ପରା କଟକବାସୀ ସୃଷ୍ଟି କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

**ଦଳୀୟ ପ୍ରତିନିଧି ଓ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ସହ ଜିଲାପାଳଙ୍କ ବୈଠକ**

**ବିଶୃଙ୍ଖଳା ପରିସ୍ଥିତି ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ**

ବୈଠକରେ ଡିସିପି ପ୍ରତୀକ ସିଂ ସଂଯମତା ଓ ସହଯୋଗ ରକ୍ଷାକରି ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନେ ଆଚରଣବିଧିକୁ ପାଳନ କଲେ ଶୃଙ୍ଖଳାରେ ସବୁ ହେବ ବୋଲି ମତ ପ୍ରକାଶ କରିଥିଲେ। ବୁଥ ଭିତରେ କିଭଳି ଆଚରଣ କରିବେ ସେ ସମ୍ବନ୍ଧରେ ପ୍ରାର୍ଥୀମାନେ ସେମାନଙ୍କ ଦ୍ୱାରା ନିଯୁକ୍ତ ପୋଲିଂ ଏଜେଣ୍ଟମାନଙ୍କୁ ପରାମର୍ଶ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ଯଦି କୌଣସି ପରିସ୍ଥିତିରେ ବିଶୃଙ୍ଖଳା ପରିସ୍ଥିତ ସୃଷ୍ଟି ହୁଏ, ତେବେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ ପ୍ରକାଶ କରିଛନ୍ତି।

**ଷ୍ଟ୍ରଙ୍ଗ୍‌ରୁମ ଖୋଲିବାବେଳେ ପ୍ରାର୍ଥୀଙ୍କୁ ଉପସ୍ଥିତ ରହିବାକୁ ପରାମର୍ଶ**

ଆଗାମୀ ୨୩ ତାରିଖରେ ଭୁବନାନନ୍ଦ ସ୍କୁଲ ଅଫ ଇଞ୍ଜିନିୟରିଂରେ ଭୋର ୫ ଟାରେ ଷ୍ଟ୍ରଙ୍ଗ ରୁମ ଖୋଲାଯିବା ଓ ବିଭିନ୍ନ ବୁଥକୁ ଇଭିଏମ ପଠାଇବା ସମୟରେ, ସେହିଭଳି ମତଦାନ ଦିନ ଅପରାହ୍ନ ୫ଟାରୁ ପୋଲିଂ ପାର୍ଟି ବୁଥ୍‌ରୁ ଫେରିବା ପର୍ଯ୍ୟନ୍ତ ଇଭିଏମ ଦାଖଲ ସମୟରେ ଏବଂ ଭୋଟ ଗଣତି ଦିନ ସକାଳ ୭ଟା ଷ୍ଟ୍ରଙ୍ଗରୁମ ଖୋଲିବା ସମୟରେ ପୁନର୍ବାର ଭୋଟ ଗଣତି ହୋଇ ସାରିଥିବା ଇଭିଏମଗୁଡ଼ିକୁ ଷ୍ଟ୍ରଙ୍ଗ ରୁମରେ ରଖାଯିବା ସମୟରେ ମେୟର ଓ କର୍ପୋରେଟର ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ଉପସ୍ଥିତ ରହିବାକୁ କଟକ ମହାନଗର ନିଗମର ନିର୍ବାଚନ ଅଧିକାରୀ ବିଜୟ କୁମାର ଖଣ୍ଡାୟତରାୟ ପରାମର୍ଶ ଦେଇଛନ୍ତି।

**ମେୟର ପାଇଁ ୧୨ଲକ୍ଷ, କର୍ପୋରେଟର ପ୍ରାର୍ଥୀ ପାଇଁ ୨ ଲକ୍ଷ**

ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ମେୟର ପ୍ରାର୍ଥୀ ପାଇଁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ସୀମା ନିର୍ଦ୍ଧାରଣ ହୋଇଥିବା ବେଳେ କର୍ପୋରେଟର ପ୍ରାର୍ଥୀ ନିମନ୍ତେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ସୀମା ରଖାଯାଇଛି। ତେବେ ପ୍ରାର୍ଥୀମାନେ ନିର୍ବାଚନ ଜନିତ ଖର୍ଚ୍ଚକୁ କିଭଳି ହିସାବ ଖାତାରେ ଦରଜ କରିବେ ଏବଂ ଏଥିପାଇଁ ଉଦ୍ଦିଷ୍ଟ ଥିବା ଖର୍ଚ୍ଚ ସୀମାକୁ ନିୟନ୍ତ୍ରଣରେ ରଖିବେ ସେ ଦିଗରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ବୈଠକରେ ସବିଶେଷ ଆଲୋଚନା କରିଥିଲେ। ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ଦୁଇଜଣ ସାଧାରଣ ପର୍ଯ୍ୟବେକ୍ଷକ ଅବନୀକାନ୍ତ ପଟ୍ଟନାୟକ ଓ ବୀରେନ୍ଦ୍ର କୋରକରା ନିର୍ବାଚନ ଆଚରଣବିଧିକୁ ପ୍ରାର୍ଥୀମାନେ ନିରନ୍ତର ଭାବେ ପାଳନ କରିବା ସହ ବିଶୃଙ୍ଖଳା ନ କରିବାକୁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ଉଭୟ ବୈଠକରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଚଳିତ ପୌରନିର୍ବାଚନ ୨୦୨୨କୁ ଶୃଙ୍ଖଳିତ ଭାବରେ ସମାପନ କରିବା ପାଇଁ ସମ୍ପୃକ୍ତ ପ୍ରାର୍ଥୀଙ୍କ ସହଯୋଗ କାମନା କରିଥିଲେ। ସୂଚନାଯୋଗ୍ୟ, ପ୍ରତ୍ୟେକ ବୁଥରେ ମେୟର ପ୍ରାର୍ଥୀ ପାଇଁ ଗୋଟିଏ ଏବଂ କର୍ପୋରେଟର ପ୍ରାର୍ଥୀଙ୍କ ପାଇଁ ଗୋଟିଏ ଲେଖାଏ ଇଭିଏମ ମେଶିନ ବ୍ୟବହୃତ ହେବ। ଆଇନଶୃଙ୍ଖଳା, ଇଭିଏମ କମିଶନିଂ, ଷ୍ଟ୍ରଙ୍ଗରୁମ ପରିଚାଳନା, ପ୍ରାର୍ଥୀ ଓ ପୋଲିଂ ଏଜେଣ୍ଟମାନଙ୍କୁ ପରିଚୟପତ୍ର ପ୍ରଦାନ ଇତ୍ୟାଦି ବିଷୟବସ୍ତୁ ଉପରେ ବୈଠକରେ ଆଲୋଚିତ ହୋଇଛି।

## କନ୍ଦରପୁର-ନୂଆଗାଁ ଏନ୍‌ଏଚ୍-୫୫ ପାଇଁ ୪୯୯କୋଟି

କଟକ ସଦର,୨୧।୩(ଡି.ଏନ୍.ଏ.)

ଚଳିତବର୍ଷର କେନ୍ଦ୍ର ବଜେଟରେ କନ୍ଦରପୁର- ନୂଆଗାଁ (ଏରସମା) ଏନ୍‌ଏଚ୍-୫୫ ପାଇଁ ୪୯୯ କୋଟି ୭୯ ଲକ୍ଷ ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରାଯାଇଛି। ଉକ୍ତ ଅର୍ଥରେ କନ୍ଦରପୁର ଓ ଜଗତ୍‌ସିଂହପୁର ଜିଲାର ୭୮ କି.ମି ୮୦୦ ମିଟର ରାସ୍ତା କାମ କରାଯିବ ବୋଲି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ୍‌କରି ଟୁଇଟ କରି ସୂଚନା ଦେଇଛନ୍ତି। ଏଥିରେ ୬ଟି ବାଇପାସ ରାସ୍ତା ସହ ବର୍ତ୍ତମାନର ରାସ୍ତାକୁ ସୁଦୃଢ଼ୀକରଣ କରାଯିବ। କିନ୍ତୁ କଟକ ଜିଲାର ଓଏମ୍‌ପି-କନ୍ଦରପୁର ୧୫ କି.ମି ୩୩୯ ମିଟର ରାସ୍ତା କାମ ପାଇଁ ଜମି ଅଧିଗ୍ରହଣ ସରି ନ ଥିବାରୁ ଏଥିପାଇଁ ଅର୍ଥ ମଞ୍ଜୁର କରାଯାଇ ନାହିଁ। ଏହାବ୍ୟତୀତ ଉକ୍ତ ରାସ୍ତାରେ କନ୍ଦରପୁର ଲେଭେଲ କ୍ରସିଂ ଓଭରବ୍ରିଜ ନିର୍ମାଣ ପାଇଁ ରେଳ କର୍ତ୍ତୃପକ୍ଷ ସମ୍ମତି ଦେଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇପାରି ନାହିଁ। ଶୀଘ୍ର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଦିଅର ଗିରଫ

ଖୁଣ୍ଟୁଣୀ,୨୧।୩(ଡି.ଏନ୍.ଏ.)- ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ସୋମବାର ଗୁରୁଡ଼ିଝାଟିଆ ଥାନା ପୋଲିସ ଉକ୍ତ ମହିଳାଙ୍କ ଦିଅରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୁକ୍ତଙ୍କ ବଡ଼ ଭାଇର ମୃତ୍ୟୁ ପରେ ନିଜ ଭାଉଜ ଉପରେ ଲୋଲୁପ ଦୃଷ୍ଟି ପକାଇଥିଲେ। ଗତ ୧୫ ତାରିଖରେ ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏଥିରେ ସଫଳ ନ ହେବାରୁ ରବିବାର ପୁଣି ତାଙ୍କୁ ଟଣାଓଟରା କରିବା ବେଳେ ଚିତ୍କାର ଶୁଣି ସାନ ଭାଉଜ ଆସିଯିବାରୁ ଅଭିଯୁକ୍ତ ପଳାଇ ଆସିଥିଲେ। ଏ ନେଇ ସାନ ଭାଉଜ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ଏତଲାକ୍ରମେ ନଂ. ୩୯/୨୨ରେ ଏକ ମାମଲା କରି ଅଭିଯୁକ୍ତଙ୍କୁ ରବିବାର ଥାନାକୁ ଆଣି ଅଟକ ରଖି ପଚରାଉଚରା ପରେ ଗିରଫ କରିଥିଲା।

### ବସ୍ ଧକ୍କାରେ ଦମ୍ପତି ଗୁରୁତର, ଚାଳକ ଗିରଫ

ଫୁଲନଖରା,୨୧।୩(ଡି.ଏନ୍.ଏ.)- ପାହାଲ ଥାନା ଅନ୍ତର୍ଗତ ନଖରା ଗ୍ରାମର ଲକ୍ଷେଶ୍ୱର ମନ୍ଦିରଗଡା ନିକଟରେ ସୋମବାର ଅପରାହ୍ନରେ ଏକ ବସ୍ ଧକ୍କାରେ ସ୍କୁଟିରେ ଯାଉଥିବା ଦମ୍ପତି ଗୁରୁତର ହୋଇଛନ୍ତି। ଖବରପାଇ ଘଟଣାସ୍ଥଳରେ ପାହାଲ ଥାନା ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ଦମ୍ପତିଙ୍କୁ ଉଦ୍ଧାର କରି ଏକ ଘରୋଇ ମେଡିକାଲ ପଠାଇବା ସହ ଉଭୟ ଯାନକୁ ଜବତ କରିଛି। ଏଥିସହ ବସ୍ ଚାଳକକୁ ଗିରଫ କରିଛି। ସେ ହେଲେ କଟକ ଜିଲା କଣ୍ଟାପଡ଼ା ବ୍ଲକ ଗୋବିନ୍ଦପୁର ଥାନା ପାଟସୁନ୍ଦରପୁରର ଅକ୍ଷୟ ପ୍ରଧାନ। ଆହତଦ୍ୱୟ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ତାରପୁର ଗ୍ରାମର ମିଟୁ ରାଉତ ଓ ତାଙ୍କ ସ୍ତ୍ରୀ ପ୍ରୀତିମୟୀ ରାଉତ। ଦମ୍ପତି ସ୍କୁଟିରେ ଭୁବନେଶ୍ୱର ବନ୍ଧୁ ଘରକୁ ଆସି ଫେରୁଥିଲେ। ନଖରା ଗ୍ରାମ ଲକ୍ଷେଶ୍ୱରଗଡା ନିକଟରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଆସୁଥିବା ଏକ ଘରୋଇ ବସ୍ (ଓଡି ୦୫ଇ ୪୨୪୪) ପଛ ପଟୁ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ତଳେ ପଡ଼ିଯିବାରୁ ବସ୍‌ଟି ଉଭୟଙ୍କ ଗୋଡ଼ ଉପରେ ମାଡ଼ିଯାଇଥିଲା।

### ଶିଶୁ ସୁରକ୍ଷା ପାଇଁ ୨ ଦିନିଆ ତାଲିମ ଶିବିର

ବାଙ୍କୀ, ୨୧।୩ (ସ୍ୱ.ପ୍ର.)- ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ୨ ଦିନିଆ ଶିଶୁ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷା ପୁଷ୍ପଲତା ମହାପାତ୍ର ଉଦ୍‌ଘାଟନ କରିଥିଲେ। ଶିଶୁ ମୃତ୍ୟୁହାର ରୋକିବା, ସେମାନଙ୍କୁ ଉପଯୁକ୍ତ ପୋଷଣ ଖାଦ୍ୟ ପ୍ରଦାନ କରିବା, ଶିଶୁଙ୍କ ଶାରୀରିକ ଉନ୍ନତି ପାଇଁ ଯତ୍ନ ନେବା ପାଇଁ ଏହ ଶିବିରରେ ଆଲୋଚନା ହୋଇଥିଲା। ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ଅପର୍ଣ୍ଣା ମହାପାତ୍ର, ମାଣିଆ ବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଏସ୍.ଜୟ ପ୍ରଶିକ୍ଷକ ଭାବେ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ଶିବିରରେ ଡମପଡ଼ା ସମନ୍ୱୟ ଶିଶୁ ବିଭାଗର ମହିଳା କ୍ଷେତ୍ର ପରିଦର୍ଶିକା, ଆଶା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆଯାଇଥିଲା।

### ଚିତ୍ରଶିଳ୍ପୀ ରବି ରଥଙ୍କୁ 'ମାଧବ ଚନ୍ଦ୍ର ଘୋଷ ସ୍ମୃତି ସମ୍ମାନ'

କଟକ ଅଫିସ, ୨୧।୩:
କଟକ ଡଗରପଡ଼ା ବାଇମୁଣ୍ଡି ମାର୍ଗସ୍ଥିତ ଜଗନ୍ନାଥ ପ୍ରୋସେସ ପରିସରରେ ବିଶିଷ୍ଟ ମୁଦ୍ରାକର ମାଧବ ଚନ୍ଦ୍ର ଘୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ତୃତୀୟ ଶ୍ରାଦ୍ଧୋତ୍ସବ ଗତ ଶନିବାର ପାଳିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ସାହିତ୍ୟିକ ଡ. ପାବକ କାନୁନଗୋ ଉଦ୍‌ଘାଟନ କରିଥିଲେ। ଏଥିରେ ସାହିତ୍ୟିକ ପ୍ରଫେସର ବିଜୟାନନ୍ଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଓଡ଼ିଆ ପୁସ୍ତକ ମୁଦ୍ରଣ କ୍ଷେତ୍ରରେ ମାଧବ ଚନ୍ଦ୍ର ଘୋଷଙ୍କ ଅବଦାନ ଅବିସ୍ମରଣୀୟ। ସେ ମୁଦ୍ରଣ ଶିଳ୍ପର ବିକାଶ ଓ ପ୍ରଗତି ଦିଗରେ ଜୀବନବ୍ୟାପୀ ସମର୍ପିତ ବ୍ୟକ୍ତିତ୍ୱ ଭାବେ କାର୍ଯ୍ୟ କରିଥିଲେ ବୋଲି ସିଂହ କହିଥିଲେ। ଏହି ଅବସରରେ ବିଶିଷ୍ଟ ଚିତ୍ରଶିଳ୍ପୀ ରବି ରଥଙ୍କୁ 'ମାଧବ ଚନ୍ଦ୍ର ଘୋଷ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡ. ବିଜୟ କୁମାର ରାଉତ ସ୍ୱାଗତ ଭାଷଣ ଓ ଭ୍ରମରବର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଗଙ୍ଗାରାଣୀ ଘୋଷ, ଅସିମ୍ କୁମାର ଘୋଷ, ସଞ୍ଜିବ କୁମାର ଘୋଷ, ଅନୁପ କୁମାର ଘୋଷ, ପମ୍ପାରାଣୀ ଘୋଷ, ମୁନ୍‌ମୁନ୍ ଘୋଷ, ବନ୍ଦନା ଘୋଷ, ପ୍ରିୟଙ୍କା ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାୟପାଳିକା ଉତ୍ତରଦାୟୀ ହେବା ଆବଶ୍ୟକ



ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର କନଭେନଶନ ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟେଲିଫୋନ ଡିରେକ୍ଟୋରିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କଟକ ଅଫିସ,୨୧।୩

ସରକାରଙ୍କ ଅନ୍ୟ ବିଭାଗ ପରି ଲୋକଙ୍କ ନିକଟରେ ନ୍ୟାୟପାଳିକା ମଧ ଉତ୍ତରଦାୟୀ ହେବା ଆବଶ୍ୟକ। ନ୍ୟାୟପାଳିକାରେ ଉତ୍ତରଦାୟିତ୍ୱ ବୃଦ୍ଧି ହେଲେ ଏହା ବିଚାର ବ୍ୟବସ୍ଥାକୁ ସୁଦୃଢ଼ କରିବ। ଏଥିଯୋଗୁ ନ୍ୟାୟପାଳିକା ମଧ୍ୟ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବ ବୋଲି ଜୁଡିସିଆଲ ଇଣ୍ଡିପେଣ୍ଡେନସ: ପ୍ରସ୍ପେକ୍ଟିଭ, ଆକାଉଣ୍ଟେବିଲିଟି ଆଣ୍ଡ ଚାଲେଞ୍ଜର୍ସ ସମ୍ପର୍କରେ ମତ ରଖି ସୁପ୍ରିମକୋର୍ଟର ଆଇନଜୀବୀ ବିଜୟ ହଂସରିଆ ଏହି ମତବ୍ୟାକ୍ତ କରିଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନରେ ସୋମବାର ଅନୁଷ୍ଠିତ ସୌଦାମିନୀ ପଟ୍ଟନାୟକ ମେମୋରିଆଲ୍ ଆଇନ ବକ୍ତୃତାମାଳାରେ ମୁଖ୍ୟବକ୍ତା ଭାବେ ହଂସରିଆ ଯୋଗଦେଇ କହିଥିଲେ, ବର୍ତ୍ତମାନ ନ୍ୟାୟପାଳିକାରେ ସମସ୍ତ ପଦବୀ ପୂରଣ ହେଉଛି। ନ୍ୟାୟପାଳିକାରେ ସ୍ୱଚ୍ଛତା ଜରୁରୀ। ନ୍ୟାଶନାଲ ଜୁଡିସିଆଲ କଲେଜିୟମ ବ୍ୟବସ୍ଥାକୁ ପୁନଃ ପ୍ରଚଳନ ଉପରେ ସେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ହାଇକୋର୍ଟ ବାର୍ ଆସୋସିଏଶନର ସମ୍ପାଦକ ଡ.ଜିତେନ୍ଦ୍ର ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ଆଡଭୋକେଟ ଜେନେରାଲ ଅଶୋକ ପରିଜା ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ ସଭାପତି ଜଗବନ୍ଧୁ ସାହୁ ବକ୍ତୃତାମାଳା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ହାଇକୋର୍ଟ ବାର୍ ଆସୋସିଏଶନର ଟେଲିଫୋନ ଡିରେକ୍ଟୋରି ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ଯଶୋବନ୍ତ ସିଂ, ବିଚାରପତି ଅରିନ୍ଦମ ସିହ୍ନା, ବିଚାରପତି ମୃଗାଙ୍କ ଶେଖର ସାହୁ, ବିଚାରପତି ଏମ୍.ଏସ୍ ରମଣ, ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ବାର୍ ଆସୋସିଏଶନର ଉପସଭାପତି ଦେବୀପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।

## ଇଭିଏମ୍ ପାଇଁ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

ବାଙ୍କୀ,୨୧।୩ (ସ୍ୱ.ପ୍ର.)

ପୌର ନିର୍ବାଚନ ପାଇଁ ବାଙ୍କୀରେ ନିର୍ବାଚନ ପର୍ଯ୍ୟବେକ୍ଷକ ବୀରେନ୍ଦ୍ର କରକ୍କରା ଇଭିଏମ୍ କମିଶନିଂ କାର୍ଯ୍ୟର ସମୀକ୍ଷା କରିବା ସହ ମେଶିନ କିପରି ଠିକ୍ ଭାବରେ କାର୍ଯ୍ୟ କରିବ ତାହା ତଦାରଖ କରିଛନ୍ତି। ଚଳିତ ନିର୍ବାଚନରେ ପ୍ରତି ବୁଥ୍‌ରେ ୨ଟି ଇଭିଏମ୍ ମେଶିନ ଲାଗିବ। ଏନେଇ ୨୩ ତାରିଖରେ ଇଭିଏମ୍‌ଗୁଡ଼ିକୁ ବାଙ୍କୀର ସମସ୍ତ ୧୮ ବୁଥ୍‌କୁ କର୍ମଚାରୀଙ୍କ ସହ ପଠାଯିବ। ଏ ସମସ୍ତ କାର୍ଯ୍ୟକୁ ବାଙ୍କୀ ଉପଜିଲାପାଳ ରଞ୍ଜନ ଜେନା ତଦାରଖ କରୁଛନ୍ତି। ବାଙ୍କୀ ଏନ୍‌ଏସି ନିର୍ବାଚନ ଅଧିକାରୀ ତଥା ତହସିଲଦାର ସତ୍ୟରଞ୍ଜନ ପଣ୍ଡା ଏଥିରେ ସହଯୋଗ କରୁଛନ୍ତି। ବାଙ୍କୀ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେଶ୍ୱର ନାୟକ ପ୍ରତ୍ୟେକ କେନ୍ଦ୍ର ବୁଲି ସ୍ଥିତି ପରଖୁଛନ୍ତି। ବାଙ୍କୀ ଏନ୍‌ଏସିର ୧୨ନମ୍ବର ୱାର୍ଡରେ ୨ଟି ବୁଥ ହୋଇଥିବା ବେଳେ ଅନ୍ୟ ୧୬ ୱାର୍ଡରେ ଗୋଟିଏ ଲେଖାଏ ବୁଥ୍ ଅଛି। ବାଙ୍କୀ ଟାଉନସ୍ଥିତ ଚର୍ଚ୍ଚିକା ୟୁ.ଜି.ଏମ.ଇ ସ୍କୁଲରେ ଷ୍ଟ୍ରଙ୍ଗରୁମ କରାଯାଇ ଇଭିଏମ୍ ରଖାଯାଇଛି।

## ପଞ୍ଚାୟତ ନିର୍ବାଚନକୁ ନେଇ ଗୋଷ୍ଠୀ ସଂଘର୍ଷ

**୨ ଗିରଫ, ୬ ଫେରାର**

ଖୁଣ୍ଟୁଣୀ,୨୧।୩(ଡି.ଏନ୍.ଏ.)

୨୦୨୨ ପଞ୍ଚାୟତ ନିର୍ବାଚନକୁ ନେଇ ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ କୁଶପଙ୍ଗି ଗ୍ରାମରେ ପୂର୍ବରୁ ହୋଇଥିବା ବିବାଦକୁ ନେଇ ରବିବାର ପୁଣି ଗୋଷ୍ଠୀ ସଂଘର୍ଷ ହୋଇ ଜଣେ ଆହତ ହୋଇଛନ୍ତି। ଏ ନେଇ ୨ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ୬ଜଣ ଫେରାର ଥିବା ଏଏସ୍‌ଆଇ କମାକ୍ଷାପ୍ରସାଦ ନାୟକ କହିଛନ୍ତି। ଗିରଫଦ୍ୱୟ ହେଲେ ଉକ୍ତ ଗ୍ରାମର ବିଚିତ୍ର ମୁଦୁଲି ଓ ମାଧବ ନାୟକ। ପୋଲିସ ସୂଚନା ମୁତାବକ, ଗତ ପଞ୍ଚାୟତ ନିର୍ବାଚନକୁ ନେଇ ଗ୍ରାମର ୨ ଗୋଷ୍ଠୀଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିବାବେଳେ ରବିବାର ରାତିରେ ଏହା ଜୋର ଧରିଥିଲା। ଗ୍ରାମର ବିଚିତ୍ର ମୁଦୁଲିଙ୍କୁ ଅନ୍ୟ ଏକ ଗୋଷ୍ଠୀର ବିବେକାନନ୍ଦ ଦାସ, ସଚ୍ଚିଦାନନ୍ଦ ଦାସଙ୍କ ସମେତ ଅନ୍ୟ ୬ ଜଣ ମାଡ ମାରି ଗୁରୁତର ଆହତ କରିଥିଲେ। ସେଠାରେ ଉପସ୍ଥିତ ଗ୍ରାମର ମାଧବ ନାୟକଙ୍କୁ ମଧ ଆକ୍ରମଣକାରୀମାନେ ମାଡ଼ ମାରିଥିବା ସେ ଅଭିଯୋଗ କରିଥିଲେ। ପୋଲିସ ବିଚିତ୍ର ଓ ମାଧବଙ୍କଠାରୁ ଦୁଇଟି ପୃଥକ୍ ଏତଲା ପାଇ ୪୦ ଓ ୪୧/୨୨ରେ ମାମଲା ରୁଜୁ କରି ଦୁହିଁଙ୍କୁ ଗିରଫ କରିଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘର ପିକ୍‌ନିକ୍



କଟକ ଅଫିସ, ୨୧।୩

ସମ୍ବାଦପତ୍ର ବିକ୍ରେତା ସଂଘ କଟକର କର୍ମକର୍ତ୍ତାମାନେ ରବିବାର ପିକ୍‌ନିକ ଯାଇଥିଲେ। ସେମାନେ ଦେଓଝର, ଚମ୍ପାନାଥ ମହାଦେବ, ଭଟ୍ଟାରିକା ପୀଠ, ଟି ବ୍ରିଜ, ସିଂହନାଥ, ରାମେଶ୍ୱର, ମା' ଚର୍ଚ୍ଚିକା ଦେବୀଙ୍କ ପୀଠ ଆଦି ଭ୍ରମଣ କରିଥିଲେ। ଏଥିରେ ସଂଘର ସଭାପତି ବିଜୟ କୁମାର ପଡିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ ଓ ପ୍ରଦ୍ୟୁମ୍ନ ବିଶୋଇ ପ୍ରମୁଖ ସାମିଲ ହୋଇଥିଲେ।

## ରେଭେନ୍ସାରେ ଅନଲାଇନ ପରୀକ୍ଷା ହେଉ

କଟକ ଅଫିସ,୨୧।୩

**କୁଳପତିଙ୍କୁ ଭେଟିଲେ ଛାତ୍ରୀଛାତ୍ର**

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନଲାଇନ ମାଧ୍ୟମରେ ବିଭିନ୍ନ ସେମିଷ୍ଟର ପରୀକ୍ଷା କରାଯିବା ପାଇଁ ଦାବି ଜୋର ଧରିବାରେ ଲାଗିଛି । ସୋମବାର ବହୁ ଛାତ୍ରୀଛାତ୍ର କୁଳପତି ଡ. ପ୍ରଫେସର ସଞ୍ଜୟ କୁମାର ନାୟକଙ୍କୁ ଭେଟି ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ମଙ୍ଗଳବାର ପିଜି କାଉନସିଲ ଅଧକ୍ଷା ଏବଂ ମୁଖ୍ୟ ପରୀକ୍ଷା ନିୟନ୍ତ୍ରକଙ୍କ ସହ ଆଲୋଚନା କରାଯାଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି କୁଳପତି ଛାତ୍ରୀଛାତ୍ରଙ୍କୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି । ଯଦି ଅନଲାଇନରେ ପରୀକ୍ଷା ନ କରାଯାଏ, ତାହେଲେ ୫୦ ପ୍ରତିଶତ ପାଠ୍ୟକ୍ରମକୁ ହ୍ରାସ କରାଯାଇ ପରୀକ୍ଷା କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି ।

ସୂଚନା ଥାଉକି, ଆସନ୍ତା ୨୫ ତାରିଖରୁ ରେଭେନ୍ସାରେ ସ୍ନାତକ(ୟୁଜି)ର ତୃତୀୟ ଏବଂ ପଞ୍ଚମ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଥିବା ବେଳେ ପରୀକ୍ଷା ସୂଚୀ ମଧ ପ୍ରକାଶ ପାଇଛି। ହେଲେ ଏହି ପରୀକ୍ଷାକୁ ସ୍ନାତକ ଛାତ୍ରୀଛାତ୍ରମାନେ ବିରୋଧ କରିଛନ୍ତି। ସେମାନଙ୍କ ଦାବି ଅନୁଯାୟୀ, ଠିକ ଭାବେ ପାଠପଢା ହୋଇ ନ ଥିବାବେଳେ ପାଠ୍ୟକ୍ରମ ମଧ ଶେଷ ହୋଇନାହିଁ। ଏପରିସ୍ଥଳେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଫଲାଇନରେ ଶତ ପ୍ରତିଶତ ପାଠ୍ୟକ୍ରମରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ଛାତ୍ରୀଛାତ୍ରମାନେ ବିରୋଧ କରୁଛନ୍ତି।

## ଦାୟିତ୍ୱ ଗ୍ରହଣ କଲେ ଉରାଳୀ ସରପଞ୍ଚ

ଫୁଲନଖରା,୨୧।୩(ସ୍ୱ.ପ୍ର.)

କଟକ ସଦର ବ୍ଲକ ଉରାଳୀ ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ପ୍ରାର୍ଥୀ ଅଭିଷେକ ବେହେରା ସୋମବାର ନିଜ କାର୍ଯ୍ୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ସହ ତାଙ୍କ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢି ତୋଳିବେ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ଉଲ୍ଲାସ ବିଶ୍ୱାଳ, ବିଭୂତି ଭୂଷଣ ମହାନ୍ତି, ହେମନ୍ତ ମହାପାତ୍ର, ମୁରଲୀଧର ନାୟକ, ଯତୀନ୍ଦ୍ର ମହାରଣା, ପ୍ରସନ୍ନ ଦାସ, ଆନନ୍ଦ ସାହୁ, ରଞ୍ଜିତ ମହାରଣା, ପ୍ରମୋଦ ତ୍ରିପାଠୀ, ବାସୁଦେବ ରଣା ପ୍ରମୁଖ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ।

## 'ବରିଷ୍ଠ ନାଗରିକଙ୍କ ସମସ୍ୟା ଶୁଣୁନାହାନ୍ତି ସରକାର'

କଟକ ଅଫିସ,୨୧।୩

କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ କେଶରପୁରଠାରେ 'ବରିଷ୍ଠଙ୍କୁ ଉପେକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସାଧାରଣ ସମ୍ପାଦକ ବିଷ୍ଣୁ ମୋହନ ଦାସସାମନ୍ତ ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକଙ୍କ ଦାବି ସମ୍ପର୍କରେ କେନ୍ଦ୍ର କିମ୍ବା ରାଜ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି। ରାଜ୍ୟର ମୋଟ ଜନସଂଖ୍ୟାର ୯.୩ ପ୍ରତିଶତ ହେଉଛନ୍ତି ବରିଷ୍ଠ ନାଗରିକ। ହେଲେ ସେମାନଙ୍କ ମୌଳିକ ଆବଶ୍ୟକତା ଏବଂ ସମସ୍ୟା ପ୍ରତି ସରକାର ସଚେତନ ନାହାନ୍ତି ବୋଲି ଦାସସାମନ୍ତ କହିଥିଲେ। ସଂଘର ସଭାପତି ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଚାଉଳିଆଗଞ୍ଜ ବରିଷ୍ଠ ନାଗରିକ ସଂଘର ସଭାପତି ସ୍ୱରାଜ କୁମାର ମହାନ୍ତି ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକମାନେ ସମାଜରେ ହତାଦର ହେଉଛନ୍ତି । ସେମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ମାସିକ ଅତି କମ୍‌ରେ ୨୦୦୦ ଟଙ୍କା ହେବା ଆବଶ୍ୟକ ବୋଲି ମହାନ୍ତି କହିଥିଲେ। ମର୍କତନଗର ବରିଷ୍ଠ ନାଗରିକ ସଂଘର ସଭାପତି ବଙ୍କିମ ଚନ୍ଦ୍ର ମହାନ୍ତି, ସିଆର୍‌ଆର୍‌ଆଇର ଅଲେଖ ଚନ୍ଦ୍ର ହୋତା, ସାର୍ତ୍ତୋଳ ସଂଘର ଶରତ ଚନ୍ଦ୍ର ମହାପାତ୍ର, ମର୍କତନଗର ବରିଷ୍ଠ କଲ୍ୟାଣ ସମିତିର ଜୟଦୁର୍ଗା ପ୍ରସନ୍ନ ଆଚାଯରଥ୍ୟ, ଅପର୍ଣ୍ଣାନଗର ସଂଘର ଡ. ଟହଲି ଚରଣ ମହାନ୍ତି, ଅରୁଣୋଦୟନଗର ସଂଘର ସମରେନ୍ଦ୍ର ଘୋଷ, ରାଉସାପାଟଣାର ଅତୁଲ ଚନ୍ଦ୍ର ନନ୍ଦୀ ଓ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇସିଏଆଇ-ରେଭେନ୍ସା ଚୁକ୍ତିନାମା

**ବାଣିଜ୍ୟ ଓ ବୃତ୍ତିଗତ ଶିକ୍ଷାର ମାନ ବୃଦ୍ଧି ପାଇଁ ପ୍ରୟାସ**

କଟକ ଅଫିସ, ୨୧।୩

ରାଜ୍ୟରେ ବାଣିଜ୍ୟ ଏବଂ ବୃତ୍ତିଗତ ଶିକ୍ଷାର ମାନ ବୃଦ୍ଧି ଓ ପ୍ରସାର ନିମନ୍ତେ ଭାରତୀୟ କଷ୍ଟ ଆକାଉଣ୍ଟାଣ୍ଟସ୍ ପ୍ରତିଷ୍ଠାନ (ଆଇସିଏଆଇ) ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟ ମଧ୍ୟରେ ସୋମବାର ଏକ ଚୁକ୍ତିନାମା (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆକାଉଣ୍ଟାଣ୍ଟସ୍ ପ୍ରତିଷ୍ଠାନର ଅଧକ୍ଷ ପି. ରାଜୁ ଆୟର ଏବଂ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଭକ୍ତ ଚରଣ ପ୍ରଧାନ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ପ୍ରତିଷ୍ଠାନର ଉପାଧକ୍ଷ ବିଜେନ୍ଦ୍ର ଶର୍ମା ଦେଶ ବିକାଶରେ ବାଣିଜ୍ୟ ଶିକ୍ଷା ଏବଂ ଅର୍ଥନୀତିର ପ୍ରଗତି ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ । କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ନିରନ ମିଶ୍ର, ସିଜେକେ ଚାପ୍ଟରର ଅଧକ୍ଷ ଲଳିତ କୁମାର ମିଶ୍ର, ସିଜେକେ ଚାପ୍ଟରର ପ୍ରତିଷ୍ଠାତା ଅଧକ୍ଷ ମିହିର କୁମାର ମହାପାତ୍ର, ପ୍ରଶାନ୍ତ କୁମାର ନନ୍ଦ, ସୁରେଶ ଚନ୍ଦ୍ର ନନ୍ଦ, ଚନ୍ଦ୍ରଜିତ ପରିଡ଼ା ଏବଂ ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଡ. ତୁଷାର କୁମାର ପାଣି ଧନ୍ୟବାଦ ଦେଇଥିଲେ।



ରେଭେନ୍ସା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ସମ୍ମିଳନୀ କକ୍ଷରେ ଆଇସିଏଆଇ ଓ ରେଭେନ୍ସା ମଧ୍ୟରେ ଚୁକ୍ତିନାମା କରାଯାଉଛି।

## ୧୦ ଦିନିଆ ଛତୁ ପ୍ରଶିକ୍ଷଣ ଶିବିର

ବାଙ୍କୀ, ୨୧।୩ (ସ୍ୱ.ପ୍ର.)

ଡମପଡ଼ା ବ୍ଲକ ଢଁସର ଗ୍ରାମ ରାଜୀବ ସେବା ସଦନ ପ୍ରାଙ୍ଗଣରେ ସୋମବାରଠାରୁ ୧୦ଦିନିଆ ଛତୁ ଚାଷ ତାଲିମ ଶିବିର ଆରମ୍ଭ ହୋଇଛି। ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା ଓ ଜୀବିକା ମିଶନ, ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରକୁ ଓରମାସର କଟକ ଜିଲା ମୁଖ୍ୟ ବିପିନ ରାଉତ ଉଦ୍‌ଘାଟନ କରିଥିଲେ। ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଛତୁ ଚାଷ ଦ୍ୱାରା କିପରି ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସୁକାନ୍ତ ଛାଟୋଇ, ଅମିତ କୁମାର ମହାନ୍ତି, ଅକ୍ଷୟ କୁମାର ଭଞ୍ଜ, ହରପ୍ରିୟା ସାହୁ, ଏମ.ଏସ୍.ପ୍ରିୟଙ୍କା, ମାନିନୀ ପ୍ରିୟଦର୍ଶିନୀ, ପ୍ରତିମା ବେହେରା, ପିଙ୍କି ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ୩୫ଜଣଙ୍କୁ ତାଲିମ ଦେଇଥିଲେ।